* RNI REGD NO: 42041/83
* www.sakalaepaper.com
* /sakalanews
* /sakalanews
* www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-282 ♦BHUBANESWAR ♦MONDAY ♦8 APRIL 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୮୨ ♦ଭୁବନେଶ୍ୱର ♦ସୋମବାର ♦୮ ଏପ୍ରିଲ୍ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦




ରେକର୍ଡ ଭାଙ୍ଗିବ 'ପୁଷ୍ପା-୨'

▸ପୃଷ୍ଠା ୧୪ ଦେଖନ୍ତୁ...

# ନରପିଶାଚ
## ସ୍ତ୍ରୀକୁ ହତ୍ୟା ପରେ କଲା ୨୨୪ ଖଣ୍ଡ





■ ଲଣ୍ଡନ, ୭।୪ (ଏଜେନ୍ସି): ବ୍ରିଟେନରୁ ବିଚଳିତ କରିବା ଭଳି ଏକ ମାମଲା ସାମ୍ନାକୁ ଆସିଛି। ଏଠାକାର ନିକୋଲସ ମେଟସନ (୨୮) ଜଘନ୍ୟ ହତ୍ୟାକାଣ୍ଡ ଘଟାଇଛି। ସେ ନୃଶଂସତାର ସମସ୍ତ ସୀମାକୁ ପାର କରିଯାଇଛି। ହତ୍ୟା ପରେ ନିଜ ସ୍ତ୍ରୀ ହାଲି ବ୍ରେମଲି (୨୬)ଙ୍କ ମୃତଦେହକୁ ୨୨୪ ଖଣ୍ଡ କରିଛି। ପରେ ଏହାକୁ ୭ ଦିନ ପର୍ଯ୍ୟନ୍ତ ଫ୍ରିଜ୍‌ରେ ରଖି ବନ୍ଧୁଙ୍କ ସହାୟତାରେ ବାହାରେ ନେଇ ଫୋପାଡ଼ିଛି। ଏଥିପାଇଁ ବନ୍ଧୁଙ୍କୁ ୫ ହଜାର ଟଙ୍କା ଦେଇଥିଲା। ଗତ ବର୍ଷ ମାର୍ଚ୍ଚ ମାସରେ ଏହି ହତ୍ୟାକାଣ୍ଡ ଘଟିଥିଲା। ହତ୍ୟାର ବର୍ଷକ ପରେ ସେ ଗତ ୫ ତାରିଖରେ ମେଟସନ କୋର୍ଟରେ ପତ୍ନୀଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିଲା। ଏବେ ସେ ଜେଲ୍‌ରେ ଦିନ କଟାଉଛି। ରିପୋର୍ଟ ଅନୁଯାୟୀ ହତ୍ୟାକାଣ୍ଡ ପୂର୍ବରୁ ପତ୍ନୀଙ୍କ ଗୃହପାଳିତ ପଶୁ ହାମଷ୍ଟରକୁ ନିକୋଲାସ ନୃଶଂସ ଭାବେ ମାରିଥିଲା। ତାକୁ ମାଇକ୍ରୋୱେଭରେ ଭର୍ତ୍ତି କରି ଜିଅନ୍ତା ଜାଳି ଦେଇଥିଲା। ପତ୍ନୀ ମରିଗଲେ କ'ଣ ଲାଭ ମିଳିବ? ମରିବା ପରେ ସ୍ତ୍ରୀ ଡରାଇବ କି ନାହିଁ ତାହା ଜାଣିବା ପାଇଁ ଅନ୍‌ଲାଇନରେ ସର୍ଚ୍ଚ କରିଥିଲା।

ପୁଲିସ ପକ୍ଷରୁ କୋର୍ଟରେ କୁହାଯାଇଛି ଯେ ଏ ପର୍ଯ୍ୟନ୍ତ ହତ୍ୟାକାଣ୍ଡର କାରଣ ସ୍ପଷ୍ଟ ହୋଇନାହିଁ। କିନ୍ତୁ ଉଭୟଙ୍କ ଛାଡ଼ପତ୍ର ହେବାର ଥିଲା। ଏହା ପୂର୍ବରୁ ହାଲି ଗାଏବ ହୋଇ ଯାଇଥିଲେ। ୨୦୨୩ ମାର୍ଚ୍ଚ ୧୭ରେ ତାଙ୍କୁ ▸ପୃଷ୍ଠା-୯

**ପାଣ୍ଡିଆନଙ୍କ ଦୃଢ଼ୋକ୍ତି** ରେକର୍ଡ ବ୍ୟବଧାନରେ ବିଜୟ ଲାଭ କରିବ ବିଜୁ ଜନତା ଦଳ

# ତିନି ଚତୁର୍ଥାଂଶ ଆସନରେ ମହାବିଜୟ

- ୧୪୭ ବିଧାନସଭା ଓ ୨୧ ଲୋକସଭା ଆସନରେ ଲଢ଼ୁଛନ୍ତି ନିଜେ ନବୀନ ପଟ୍ଟନାୟକ
- ନିର୍ବାଚନରେ ଲୋକସଭା ଓ ବିଧାନସଭା ଲାଗି ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ କରିବାକୁ ଆହ୍ୱାନ
- ରେକର୍ଡ ବିଜୟ ସହିତ ରେକର୍ଡ ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ ପଦରେ ଅଭିଷିକ୍ତ ହେବେ ନବୀନ
- ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ପରେ ଶ୍ରମିକମାନଙ୍କ ମଜୁରୀ ୧୦୦ ଟଙ୍କା ବୃଦ୍ଧି ପାଇଛି
- ଶ୍ରମିକଙ୍କ ମଜୁରୀ ୧୧ ଟଙ୍କାରୁ ୨୫ ଟଙ୍କାକୁ ବୃଦ୍ଧି କରିବାକୁ ବିଜୁବାବୁ ନେଇଥିଲେ ନିଷ୍ପତ୍ତି
- ନୂଆ ସଶକ୍ତ 'ନବୀନ ଓଡ଼ିଶା' ନିର୍ମାଣରେ ଶ୍ରମିକମାନଙ୍କ ଭୂମିକା ସବୁଠୁ ଗୁରୁତ୍ୱପୂର୍ଣ୍ଣ





■ ଭୁବନେଶ୍ୱର, ୭।୪ (ସମିସ): ଆଗାମୀ ନିର୍ବାଚନରେ ୧୪୭ ବିଧାନସଭା ଆସନ ମଧ୍ୟରୁ ତିନି ଚତୁର୍ଥାଂଶ ଆସନରେ ରେକର୍ଡ ବ୍ୟବଧାନରେ ବିଜୟୀ ହେବ ବିଜେଡି। ଅନୁରୂପ ଭାବରେ ଲୋକସଭା ନିର୍ବାଚନରେ ମଧ୍ୟ ବିଜୁ ଜନତା ଦଳ ଗତ ଥରଠାରୁ ବେଶ୍ ଭଲ ପ୍ରଦର୍ଶନ କରିବ। ବିପୁଳ ବିଜୟ ସହ ୬ଷ୍ଠଥର କ୍ରମାଗତ ମୁଖ୍ୟମନ୍ତ୍ରୀ ଭାବରେ ନବୀନ ପଟ୍ଟନାୟକ ରେକଡର୍ କରିବେ ବୋଲି କହିଛନ୍ତି ବିଜୁ ଜନତା ଦଳର ବରିଷ୍ଠ ନେତା ତଥା '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ଭୁବନେଶ୍ୱରଠାରେ ଅନୁଷ୍ଠିତ ବିଜୁ ଶ୍ରମିକ ସାମ୍ମୁଖ୍ୟର ରାଜ୍ୟସ୍ତରୀୟ ସମ୍ମିଳନୀରେ ଯୋଗଦେଇ ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ବିଜୁ ଜନତା ଦଳ ପୁନର୍ବାର ସରକାର ଗଠନ କରିବ ଓ ରାଜ୍ୟର ବିକାଶ ଧାରା ଆହୁରି ଆଗକୁ ଅଗ୍ରସର ହେବ। ଏଥିପାଇଁ ରାଜ୍ୟର ଲୋକମାନେ ଦୁଇଟି ଆଶୀର୍ବାଦ ଦେବା ଦରକାର। ଗୋଟିଏ ବିଧାନସଭା ପାଇଁ ଓ ଅନ୍ୟଟି ଲୋକସଭା ପାଇଁ। ରାଜ୍ୟର ୧୪୭ ବିଧାନସଭା ଓ ୨୧ ଲୋକସଭା ଆସନରେ ନିଜେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଠିଆ ହୋଇଛନ୍ତି। ଶଙ୍ଖ ଚିହ୍ନ ଠିଆ ହୋଇଛି। ତେଣୁ କିଏ ପ୍ରାର୍ଥୀ ହୋଇଛି ତାହାକୁ ନ ଦେଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଓ ଶଙ୍ଖ ଚିହ୍ନକୁ ଦେଖିବାକୁ ଆହ୍ୱାନ ଦେଇଛନ୍ତି ଶ୍ରୀ ପାଣ୍ଡିଆନ।

ବିଜୁ ଶ୍ରମିକ ସାମ୍ମୁଖ୍ୟର ଗଣ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ପାଣ୍ଡିଆନ୍ କହିଛନ୍ତି ଯେ ଆମର ଶ୍ରମିକ ଭାଇ ଭଉଣୀମାନେ ମୁଖ୍ୟମନ୍ତ୍ରୀଙ୍କ ସବୁ ଯୋଜନାର ମୂଳ ଆଧାର। ରାଜ୍ୟର ଭିତ୍ତିଭୂମିରେ ଅଭୂତପୂର୍ବ ରୂପାନ୍ତରଣ ଆସିଛି। ଏହା କେବଳ ସମ୍ଭବ ହୋଇଛି ଆମର ଶ୍ରମିକମାନଙ୍କ ଅଧ୍ୟବସାୟ ହେତୁ। ମୁଖ୍ୟମନ୍ତ୍ରୀ ଯେଉଁ ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା ଗଠନ ପାଇଁ ସ୍ୱପ୍ନ ଦେଖିଛନ୍ତି ତାହା ଆମର ଶ୍ରମିକମାନେ ହିଁ ପୂରଣ କରିବେ। ସେଥିପାଇଁ ମୁଖ୍ୟମନ୍ତ୍ରୀ ସବୁବେଳେ ଶ୍ରମିକମାନଙ୍କୁ ପ୍ରାଥମିକତା ଓ ସମ୍ମାନ ଦେଇ ଆସିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପିତା ▸ପୃଷ୍ଠା-୯

## ବଦଳିଲା ପାଗର ମିଜାଜ୍



■ ଭୁବନେଶ୍ୱର, ୭।୪ (ସମିସ): ରାଜ୍ୟରେ ବଦଳିଲା ପାଗର ମିଜାଜ। ୪ ଦିନର ଅଗ୍ନିବର୍ଷା ଖରା ପରେ ରବିବାର ଅପରାହ୍ଣରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ଦିନ ବେଳା ଯଦିଓ କିଛି ପରିମାଣରେ ଗୁଳୁଗୁଳି ଅନୁଭୂତ ହୋଇଛି; ଅପରାହ୍ଣରେ ରାଜ୍ୟର ଏକାଧିକ ସ୍ଥାନରେ କାଳବୈଶାଖୀ ଜନିତ ବର୍ଷା ଯୋଗୁଁ ଗରମ ଗୁଳୁଗୁଳିରୁ ମୁକ୍ତି ମିଳିଛି। ଅନ୍ୟପଟେ ଗତ ଦୁଇ ଦିନ ମଧ୍ୟରେ ରାଜ୍ୟର ୨୦ରୁ ଉର୍ଦ୍ଧ୍ୱ ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଥିବା ବେଳେ ରବିବାର କେବଳ ମାଲକାନଗିରିକୁ ଛାଡ଼ି ଦେଲେ ବାକି ସାରା ରାଜ୍ୟରେ ତାପମାତ୍ରା ୪୦ ଡିଗ୍ରୀ ତଳେ ରହିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ରାଜ୍ୟ ଉପରେ ବର୍ତ୍ତମାନ ଏକ ପଶ୍ଚିମା ଝଡ଼ ସକ୍ରିୟ ହୋଇଥିବା ବେଳେ ବାୟୁମଣ୍ଡଳର ଉପରିଭାଗରେ ଏକ ନିମ୍ନଚାପରେଖା ସୃଷ୍ଟି ହୋଇଛି। ଏହାସହ ଉପକୂଳ ଓଡ଼ିଶାରେ ଏକ ଗୁରୁଚାପବଳୟ ମଧ୍ୟ ସକ୍ରିୟ ରହିଛି। ଏଥିପାଇଁ ରାଜ୍ୟକୁ ପ୍ରଚୁର ମାତ୍ରାରେ ଜଳୀୟବାଷ୍ପ ପୂର୍ଣ୍ଣ ବାୟୁ ପ୍ରବେଶ କରୁଛି। ତେଣୁ ରାଜ୍ୟରେ ବିଜୁଳି ଘଡ଼ଘଡ଼ି ସହ ଝଡ଼ବର୍ଷା ପାଇଁ ପାଗ ଅନୁକୂଳ ହୋଇଛି।

**ଉପକୂଳ ଓଡ଼ିଶାରେ ଗୁରୁଚାପ ବଳୟ ସକ୍ରିୟ**

**ସୋମବାର ୧୧ ଜିଲ୍ଲାରେ ବିଜୁଳି-ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା**

ଘଡ଼ଘଡ଼ି ଓ ବର୍ଷା ଯୋଗୁଁ ଶନିବାର ତୁଳନାରେ ରାଜ୍ୟରେ ଅଧିକାଂଶ ସ୍ଥାନରେ ତାପମାତ୍ରା ୩-୫ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇଛି। ଅନୁରୂପ ଭାବରେ ଅଧିକାଂଶ ସ୍ଥାନରେ କାଳବୈଶାଖୀ ଜନିତ ବର୍ଷା ଓ ଘଡ଼ଘଡ଼ି ହେବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ ଜାରି କରିଛି। ସୋମବାର କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ଼, ସୋନପୁର, ସମ୍ବଲପୁର, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କନ୍ଧମାଳ, କଳାହାଣ୍ଡି ଓ ଅନୁଗୁଳରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ରହିଛି। ଏହି ଜିଲ୍ଲାଗୁଡ଼ିକରେ ବର୍ଷା ସାଙ୍ଗକୁ ପବନର ବେଗ ମଧ୍ୟ ୩୦-୪୦ କିମି ବେଗରେ ବହିବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ତେଣୁ ରାଜ୍ୟରେ ତାପମାତ୍ରା ଆଉ ୨-୩ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ହ୍ରାସ ହେବାର ସମ୍ଭାବନା ରହିଛି। ତେବେ ମଙ୍ଗଳବାରଠାରୁ ପୁଣି ଥରେ ତାପମାତ୍ରା ବୃଦ୍ଧି ହୋଇପାରେ ବୋଲି କୁହାଯାଉଛି।

ରବିବାର ମାଲକାନଗିରିରେ ତାପମାତ୍ରା ୪୧.୧ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଅନ୍ୟପଟେ କାଳବୈଶାଖୀ ଜନିତ ବର୍ଷା ଯୋଗୁଁ ରାଜ୍ୟର ସମସ୍ତ ଜିଲ୍ଲାର ଜିଲ୍ଲାପାଳଙ୍କୁ ଏସ୍‌ଆରସିଙ୍କ କାର୍ଯ୍ୟାଳୟ ପକ୍ଷରୁ ସତର୍କ କରାଯାଇଛି। ବିଶେଷ କରି ୟେଲୋ ଆଲର୍ଟ ଜାରି ହୋଇଥିବା ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ସବୁ ପ୍ରକାର ପରିସ୍ଥିତିର ମୁକାବିଲା ପାଇଁ ପରାମର୍ଶ ଦିଆଯାଇଛି।

# ବିଜେଡିରେ ଦୁଇ ଜାତୀୟ ଦଳର ରାଜ୍ୟ ଉପସଭାପତି

## ଶଙ୍ଖ ଫୁଙ୍କିଲେ ଗଣେଶ୍ୱର



**କେନ୍ଦ୍ରାପଡ଼ାର ୫୦ରୁ ଉର୍ଦ୍ଧ୍ୱ ପଞ୍ଚାୟତର ସହସ୍ରାଧିକ କଂଗ୍ରେସ କର୍ମକର୍ତ୍ତା ସାମିଲ**

■ ଭୁବନେଶ୍ୱର,୭।୪ (ସମିସ): ପୂର୍ବତନ ମନ୍ତ୍ରୀ ଓ ପିସିସି ଉପସଭାପତି ଗଣେଶ୍ୱର ବେହେରା ରବିବାର ବିଧିବଦ୍ଧ ଭାବରେ ବିଜେଡିରେ ଯୋଗ ଦେଇଛନ୍ତି। ଶ୍ରୀ ବେହେରାଙ୍କ ସମେତ ଶତାଧିକ କଂଗ୍ରେସ କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ଶଙ୍ଖଭବନଠାରେ ବିଧିବଦ୍ଧ ବିଜେଡିରେ ସାମିଲ ହୋଇଛନ୍ତି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ପକ୍ଷରୁ ଗଣେଶ୍ୱରଙ୍କୁ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ▸ପୃଷ୍ଠା-୯

**ସଭା ସପକ୍ଷ ବାତାବରଣ ରାଜ୍ୟରେ ସୃଷ୍ଟି କରିଛି ଏକ ଅଭୂତପୂର୍ବ ପରିବେଶ । ପ୍ରତିଦିନ ଦୁଇ ଜାତୀୟ ଦଳ କଂଗ୍ରେସ ଓ ବିଜେପିର ବହୁ ନେତା ଦଳ ଛାଡ଼ି ବିଜେଡିରେ ଯୋଗ ଦେଉଛନ୍ତି । ଗତ ଏକ ମାସ ମଧ୍ୟରେ ରାଜ୍ୟସ୍ତରରୁ ପଞ୍ଚାୟତସ୍ତର ପର୍ଯ୍ୟନ୍ତ ହଜାର ହଜାର ନେତା କଂଗ୍ରେସ ଓ ବିଜେପି ତ୍ୟାଗ କରିଛନ୍ତି ଏବଂ ବିଜେଡିରେ ଯୋଗ ଦେଇଛନ୍ତି । ଏହି କ୍ରମରେ ଆଜି ଗୋଟିଏ ଦିନରେ କଂଗ୍ରେସର ରାଜ୍ୟ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ଓ ବିଜେପି ଉପସଭାନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର ବିଜେଡିରେ ବିଧିବଦ୍ଧ ଭାବରେ ଯୋଗ ଦେଇଛନ୍ତି ।**

## ନବୀନ ନିବାସରେ ଲେଖାଶ୍ରୀ

■ ଭୁବନେଶ୍ୱର, ୭।୪ (ସମିସ): ବିଜେପି ଉପସଭାପତି ଡଃ ଲେଖାଶ୍ରୀ ସାମନ୍ତସିଂହାର ତୁଟାଇଛନ୍ତି ତାଙ୍କ ଦଳ ସହ ସମ୍ପର୍କ। ନିଜ ପଦ ଓ ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେଇ ଲେଖାଶ୍ରୀ ବିଧିବଦ୍ଧ ଭାବରେ ବିଜେଡିରେ ସାମିଲ ହୋଇଛନ୍ତି। ଶଙ୍ଖ ଭବନରେ ଦଳର ସାଧାରଣ ସମ୍ପାଦକ ତଥା ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ, ସାଂସଦ ଡଃ ସସ୍ମିତ ପାତ୍ର, ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ପ୍ରମୁଖ ଲେଖାଶ୍ରୀଙ୍କୁ ସ୍ୱାଗତ କରିଛନ୍ତି। ଡଃ ସାମନ୍ତସିଂହାର ରାଜ୍ୟ ରାଜନୀତିରେ ଜଣେ ପରିଚିତ ନାମ। ▸ପୃଷ୍ଠା-୯



ବିଜେଡିରେ ସାମିଲ ପରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ନେଲେ ଆଶୀର୍ବାଦ

ବିଜେପିରେ ରହି ଓଡ଼ିଶାବାସୀଙ୍କ ସେବା କରିବା ସମ୍ଭବ ନୁହେଁ

ଓଡ଼ିଶାର ଅସ୍ମିତା ପାଇଁ ଅବିଶ୍ରାନ୍ତ ପରିଶ୍ରମ କରୁଛନ୍ତି ମୁଖ୍ୟମନ୍ତ୍ରୀ

## ଲୋକକଥା



କମଳୁ କମଳା ଛାଡ଼ି ଚାଲିଯାନ୍ତି
ବଢ଼ାଏ ନେତୃତ୍ୱ ବ୍ୟଥା,
ଯେତେ ଲୁଚାଇଲେ ଲୁଚିବ ବା କାହିଁ
ହାଟରେ ଗଡ଼ୁଚି କଥା !
ଉଜୁଡ଼ି ଯିବକି ସଭା ?
ଅସନ୍ତୋଷ ନିଆଁ ଜଳେ ହୁତୁହୁତୁ
କର୍ମୀଏ ଉଲୁକୁମଣ୍ଡା !!

**ଭାଙ୍ଗୁଛି ଦମ୍ଭ**

# 'ବର୍ଜ୍ୟ' ଗୋଟାଉଛି ରାଜ୍ୟ ବିଜେପି

■ ଭୁବନେଶ୍ୱର, ୭।୪ (ସମିସ): ୧୪୭ ଆସନରେ ଏକାକୀ ଲଢ଼ି ସରକାର ଗଢ଼ିବାକୁ ଦମ୍ଭ ଦେଖାଉଥିବା ରାଜ୍ୟ ବିଜେପି ନେତାଙ୍କ ତୁଣ୍ଡରୁ ଆଉ ସ୍ୱର ବାହାରୁ ନାହିଁ। ବିଜେଡିରୁ ବହିଷ୍କୃତ, ନିଲମ୍ବିତ ଓ ଅଲୋଡ଼ା ବର୍ଜ୍ୟଙ୍କୁ ଏକାଠି କରି ନିର୍ବାଚନ ଲଢ଼ିବାକୁ ବିଜେପିର ରଣନୀତି ଏବେ ଫେଲ୍ ମାରିବାକୁ ବସିଛି। ଆମଦାନୀ ଅଲୋଡ଼ା ନେତାଙ୍କ ଯୋଗୁଁ ଉପକୂଳରୁ ଉପାନ୍ତ ସବୁଠି ଦଳରେ ସୃଷ୍ଟି ହୋଇଛି ଅସନ୍ତୋଷ ଓ ବିଦ୍ରୋହ। ରାଜ୍ୟ ନେତୃତ୍ୱଙ୍କ ଏକଦେଶଦର୍ଶୀ ନୀତି, ଦଳର ଅସ୍ପଷ୍ଟ ଆଭିମୁଖ୍ୟ, ନିଷ୍ଠାପର ନେତା ଓ କର୍ମୀଙ୍କୁ ଉପେକ୍ଷା, ମହିଳାଙ୍କୁ ଅସମ୍ମାନ ପ୍ରତିବାଦରେ ପ୍ରତିଦିନ ଜଣକ ପରେ ଜଣେ ଟାଣୁଆ ନେତା ଦଳ ଛାଡ଼ୁଛନ୍ତି। ରାଜ୍ୟରେ ନାମାଙ୍କନ ବିଜ୍ଞପ୍ତି ପ୍ରକାଶ ପାଇବା ପୂର୍ବରୁ ବିଜେପିରେ ଏ ପ୍ରକାର ଅସମଞ୍ଜସ୍ୟ ସ୍ଥିତି; ଯୁଦ୍ଧ ପୂର୍ବରୁ ଆତ୍ମସମର୍ପଣ ବୋଲି ରାଜନୈତିକ ସମୀକ୍ଷକମାନେ ମନେ କରୁଛନ୍ତି।

**ସବୁ ନିର୍ବାଚନ ମଣ୍ଡଳୀରେ ଦଳୀୟ ପ୍ରାର୍ଥୀଙ୍କୁ ବିରୋଧ**

- ଦଳ ପାଇଁ କାମ କରୁଥିବା ନେତାଙ୍କୁ କ୍ରମାଗତ ଉପେକ୍ଷା
- ବିଜେପି ଛାଡ଼ୁଛନ୍ତି ଜଣକ ପରେ ଜଣେ ଟାଣୁଆ ନେତା
- ଭୃଗୁ, ପ୍ରକାଶ, ଇରାନୀଙ୍କ ପରେ ଏବେ ଲେଖାଶ୍ରୀ
- ପୂର୍ବରୁ ଦଳ ଛାଡ଼ିଛନ୍ତି ରଘୁନାଥ, ସୁକାନ୍ତ, ରବି ପାଣି

ସମ୍ବଲପୁର, ଖୋର୍ଦ୍ଧା, ବେଗୁନିଆ, ଧର୍ମଶାଳା, କଟକ-ଚୌଦ୍ୱାର, ଜଟଣୀ, ବଡ଼ମ୍ବା, ଛତ୍ରପୁର, ମହାକାଳପଡ଼ା, ରେଢ଼ାଖୋଲ, ଦେବଗଡ଼, ବରଗଡ଼, ନୂଆପଡ଼ା, ଗଞ୍ଜାମ, ଜୟଦେବ ଆଦି ନିର୍ବାଚନମଣ୍ଡଳୀରେ ଘୋଷିତ ପ୍ରାର୍ଥୀ ପ୍ରବଳ ବିରୋଧର ସମ୍ମୁଖୀନ ହୋଇଛନ୍ତି। ଏପରିକି ଘୋଷିତ ପ୍ରାର୍ଥୀଙ୍କୁ ଦଳର ସ୍ଥାନୀୟ ସଙ୍ଗଠନ ଗ୍ରହଣ କରିପାରୁ ନାହାନ୍ତି। ରାଜ୍ୟ ନେତୃତ୍ୱ ବିରୋଧରେ କର୍ମୀ ଓ ସ୍ଥାନୀୟ ନେତା ବିଦ୍ରୋହ ଘୋଷଣା କରିଛନ୍ତି। ରାବଣର ଅଶୋକବାଟିକା ହନୁମାନ ଧ୍ୱଂସ କରିବା ପରି ବିଦ୍ରୋହୀ କର୍ମୀ ରାଜ୍ୟ କାର୍ଯ୍ୟାଳୟ ପରିସରରେ ଫୁଲକୁଣ୍ଡଠାରୁ ଆରମ୍ଭ କରି ଚୌକି ମେଜ ପର୍ଯ୍ୟନ୍ତ ଭଙ୍ଗାରୁଜା କରିଛନ୍ତି। ଅନ୍ୟପକ୍ଷରେ ଜଗତସିଂହପୁର, ନୟାଗଡ଼, ଅନୁଗୋଳ, ଖୋର୍ଦ୍ଧା, ଯାଜପୁର ଜିଲ୍ଲାରେ ଅବଶିଷ୍ଟ ଆସନର ସମ୍ଭାବ୍ୟ ପ୍ରାର୍ଥୀଙ୍କୁ ନେଇ ଦଳରେ ଅସନ୍ତୋଷର ନିଆଁ ହୁତୁହୁତୁ ଜଳିବା ଆରମ୍ଭ କରିଛି।

ରାଜ୍ୟ ବିଜେପି ନେତୃତ୍ୱଙ୍କ ଅହଂକାର ଓ ଏକଜିଦିଆ ମନୋଭାବ ଦଳର ନିଷ୍ଠାପର କର୍ମୀ ଓ ନେତାମାନଙ୍କ ମଧ୍ୟରେ ସୃଷ୍ଟି କରିଛି ତୀବ୍ର ଅସନ୍ତୋଷ। ବିଜେଡିର କିଛି ପରିତ୍ୟକ୍ତ ଛିନ୍ନମୂଳ ନେତାଙ୍କୁ ଦଳରେ ସାମିଲ କରି ରାଜ୍ୟ ନେତୃତ୍ୱ ଦେଖୁଥିବା ସଫଳତାର ଦିବାସ୍ୱପ୍ନକୁ ତାଙ୍କରି ଦଳର କର୍ମୀ ଓ ନେତାମାନେ ବି ଗ୍ରହଣ କରିପାରୁ ନାହାନ୍ତି। ଭର୍ତ୍ତୃହରି ମହତାବ, ପ୍ରଶାନ୍ତ ଜଗଦେବ, ପ୍ରଦୀପ ପାଣିଗ୍ରାହୀ, ଅରବିନ୍ଦ ଢ଼ାଲି, ଆକାଶ ଦାସ ନାୟକ, ସିଦ୍ଧାନ୍ତ ମହାପାତ୍ର, ଅରିନ୍ଦମ ରାୟ, ଅନୁଭବ ମହାନ୍ତି ପ୍ରମୁଖଙ୍କୁ ଦଳରେ ସାମିଲ କରି ବିଜେପି ରାଜ୍ୟ ନେତୃତ୍ୱ ଓ ପରାମର୍ଶଦାତାମାନେ ଗଡ଼ ଜିଣିବା ପରି ମଣୁଛନ୍ତି। ମାତ୍ର ବିଡ଼ମ୍ବନା ହେଉଛି, ସେହି ବିଜେପିର ତୁଙ୍ଗ ନେତାମାନେ ରାଜ୍ୟ ନେତୃତ୍ୱ ଗ୍ରହଣ କରୁଥିବା ପଦକ୍ଷେପକୁ ସ୍ୱୀକାର କରିପାରୁ ନାହାନ୍ତି। ସାଧାରଣ କର୍ମୀମାନେ ମଧ୍ୟ ରାଜ୍ୟ ନେତୃତ୍ୱର ପଦକ୍ଷେପ ବିରୋଧରେ ପ୍ରତିବାଦ କରିବାକୁ ରାଜଧାନୀରେ ପହଞ୍ଚି ଯାଇଛନ୍ତି। ଧର୍ମଶାଳାର ହିମାଂଶୁ ସାହୁ, ଛତ୍ରପୁରର ବନମାଳୀ ସେଠୀ, ଖୋର୍ଦ୍ଧାର କାଳୁ ଖଣ୍ଡାୟତରାୟ, ଜଟଣୀର ସନ୍ତୋଷ ଜେନା, କଟକ-ଚୌଦ୍ୱାରରୁ ନମିତା ମଞ୍ଜରୀ ସାହୁଙ୍କ ସହ ବିଭିନ୍ନ ନିର୍ବାଚନମଣ୍ଡଳୀର ନେତା ଓ କର୍ମୀ ରାଜଧାନୀରେ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଘେରାଉ କରିଛନ୍ତି। କାର୍ଯ୍ୟାଳୟ ଫାଟକରେ ତାଲା ପକାଇ ହଙ୍ଗାମା କରିଛନ୍ତି। ଘୋଷିତ ପ୍ରାର୍ଥୀ ଓ ରାଜ୍ୟ ନେତୃତ୍ୱ ବିରୋଧରେ ସ୍ଲୋଗାନ ଦେଇ ଟିକଟ ▸ପୃଷ୍ଠା-୯







ସକାଳ
www.sakalaepaper.com

## କେଜ୍ରିୱାଲଙ୍କ ଗିରଫକୁ ବିରୋଧ

# ଆପ୍ ନେତାଙ୍କ ସାମୂହିକ ଉପବାସ

ନୂଆଦିଲ୍ଲୀ, ୭ ।୪ (ଏଜେନ୍ସି)

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଗିରଫକୁ ବିରୋଧ କରି ଆମ୍ ଆଦମୀ ପାର୍ଟି (ଆପ୍) ନେତା ରବିବାର ସାରା ଦେଶରେ ସାମୂହିକ ଉପବାସ କରିଛନ୍ତି। ଦଳର ବଡ଼ ନେତା ଦିଲ୍ଲୀର କେଜ୍ରିୱାଲଙ୍କ ସମର୍ଥନରେ ପ୍ରଦର୍ଶନ ହୋଇଛି। ଦିଲ୍ଲୀ ମଦ ନୀତି ଦୁର୍ନୀତି ମାମଲାରେ ଗତ ୨୧ ତାରିଖରେ ଗିରଫ କେଜ୍ରିୱାଲଙ୍କୁ ତୁରନ୍ତ ମୁକ୍ତ କରିବାକୁ ସେମାନେ ଦାବି କରିଛନ୍ତି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତାଙ୍କୁ ମିଥ୍ୟା ମାମଲାରେ ଫସାଇ ଦେଇଛି ବୋଲି ଅଭିଯୋଗ କରାଯାଇଛି। ସାମାଜିକ ଗଣମାଧ୍ୟମରେ ଆପ୍ ପକ୍ଷରୁ ଏବଂ ସି ଅରବିନ୍ଦ ଚାପର ବଶବର୍ତ୍ତୀ ହୋଇ ଅରବିନ୍ଦ କେଜ୍ରିୱାଲଙ୍କ ନାମ ନେଇଛନ୍ତି। ଦିଲ୍ଲୀର ୨ କୋଟି ଲୋକ ଏହା ଜାଣିବା ଉଚିତ। ଦିଲ୍ଲୀ ମନ୍ତ୍ରୀ ଆତିଶୀ କହିଛନ୍ତି ଯେ ତଦନ୍ତକାରୀ ଏଜେନ୍ସି ଆପ୍ ନେତାଙ୍କ ମନି ଟ୍ରେଲ (ଟଙ୍କା ପ୍ରବାହ) ଲିଙ୍କର ସୂଚନା ଦେବାରେ ବିଫଳ ହୋଇଛି। ମାତ୍ର ବିଜେପିକୁ ଟଙ୍କା ଦିଆଯାଇଛି। ମଦ ବ୍ୟବସାୟୀ ପ୍ରତିବାଦ ଉପବାସରେ ଅଂଶଗ୍ରହଣ କରିଥିବା ପ୍ରମୁଖ ଆପ୍ ନେତାମାନେ ହେଲେ, ଦିଲ୍ଲୀ ବିଧାନସଭାର ବାଚସ୍ପତି ରାମନିବାସ ଗୋଏଲ, ଉପବାଚସ୍ପତି ରାଖୀ ବିଲା, ଗୋପାଳ ରାୟ, ଇମ୍ରାନ ହୁସେନ । ହରିୟାଣା, ରାଜସ୍ଥାନ, ଉତ୍ତରପ୍ରଦେଶ, ଗୁଜରାଟ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ତାମିଲନାଡୁ ଆଦି ରାଜ୍ୟରେ ଆପ୍




■ ଦେଶ ବିଦେଶରେ ବିକ୍ଷୋଭ ପ୍ରଦର୍ଶନ
■ ଅରବିନ୍ଦଙ୍କ ଦୁର୍ନୀତି ମଡେଲ ଦେଖାଇଲା ବିଜେପି

ନେତା ଓ ସମର୍ଥକମାନେ ଏବଂ ବିଦେଶରେ ଥିବା ଆପ୍ ସମର୍ଥକମାନେ ଆଜି ସାମୂହିକ ଉପବାସ କରିଛନ୍ତି। ଅନ୍ୟପକ୍ଷରେ ବିଜେପି କେଜ୍ରିୱାଲଙ୍କ ଦୁର୍ନୀତି ମଡେଲ ଦେଖାଇଛି। ଦିଲ୍ଲୀ ବିଜେପି ଅଧ୍ୟକ୍ଷ ବୀରେନ୍ଦ୍ର ସଚଦେବା ଏବଂ ଅନ୍ୟ ନେତାମାନେ 'ମଦରୁ କାଚର ଘର' ଅଭିଯାନ ଅଧୀନରେ ଆପ୍ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେ କେଜ୍ରିୱାଲଙ୍କ ଘରର ମଡେଲ ପ୍ରଦର୍ଶନ କରି ଏହାକୁ ଦୁର୍ନୀତିର ମଡେଲ କହିଥିଲେ। ଏହା ବ୍ୟତୀତ ଦଳ ଏକ ବ୍ୟାନରରେ ମଦ ବୋତଲ ଉପରେ ସଞ୍ଜୟ ସିଂହଙ୍କ ଫଟୋ ଲଗାଇ ପ୍ରଦର୍ଶନ କରିଥିଲା।

ଜନ୍ତରମନ୍ତରଠାରେ ଏକତ୍ରିତ ହୋଇ ସକାଳୁ ସନ୍ଧ୍ୟା ଯାଏଁ ଉପବାସ କରିଛନ୍ତି। ବିଦେଶରେ ରହୁଥିବା ଭାରତୀୟ ମଧ୍ୟ ଏହି ବିକ୍ଷୋଭ ପ୍ରଦର୍ଶନରେ ସାମିଲ ହୋଇଛନ୍ତି। ବୋଷ୍ଟନର ହାଭାର୍ଡ ସ୍କୋୟାର, ଲସ୍ ଆଞ୍ଜେଲସ୍‌ର ହଲିଉଡ ସାଇନ, ୱାଶିଂଟନ ଡିସିର ଭାରତୀୟ ଦୂତାବାସ ବାହାରେ, ନ୍ୟୁୟର୍କର ଟାଇମ ସ୍କୋୟାର, ଟୋରୋଣ୍ଟୋ, ଲଣ୍ଡନ ଏବଂ ମେଲ୍‌ବୋର୍ଣ୍ଣରେ କୁହାଯାଇଛି ଯେ ଏକଛତ୍ରଶାସନ ବିରୋଧରେ ସାରା ଦେଶ ଏକାଠି ହୋଇଛି। ସମସ୍ତେ ମିଶି ଦେଶର ପୁଅ ପାଇଁ ସ୍ୱର ଉତ୍ତୋଳନ କରିବାକୁ ଆହ୍ୱାନ ଦିଆଯାଇଛି। ଆପ୍ ନେତା ସଞ୍ଜୟ ସିଂହ କହିଛନ୍ତି ଯେ ଇଡି-ସିବିଆଇ ପାଖରେ ୪୫୬ ସାକ୍ଷୀ ଅଛନ୍ତି। ଆରୋପପତ୍ରରେ ୫୦ ହଜାର ପୃଷ୍ଠା ରହିଛି। ୪୫୬ ସାକ୍ଷୀଙ୍କ ମଧ୍ୟରୁ କେବଳ ୪ ଜଣ ଶରଥ ରେଡ୍ଡୀ, ମଗୁନ୍ତ ରେଡ୍ଡୀ, ରାଘବ ରେଡ୍ଡୀ ଶରଥ ରେଡ୍ଡୀ ଏହି ଟଙ୍କା ବିଜେପିକୁ ଦେଇଛନ୍ତି।

ସେହିଭଳି ପଞ୍ଜାବର ଆପ୍ ନେତା ଓ ସମର୍ଥକମାନେ ଖଟକର କାଲାନଠାରେ ସାମୂହିକ ଉପବାସ କରିଛନ୍ତି । ଖଟକର କାଲାନ ହେଉଛି ସହିଦ ଭଗତ ସିଂହଙ୍କ ପୈତୃକ ଗ୍ରାମ। ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ ଖଟକର କାଲାନଠାରେ ପହଞ୍ଚି ଏହି ପ୍ରତିବାଦ ଉପବାସରେ ଅଂଶଗ୍ରହଣ କରିଥିଲେ। ଜନ୍ତରମନ୍ତର

## ବେଙ୍ଗାଲୁରୁବାସୀଙ୍କ ଡବଲ୍ ଦୁର୍ଦ୍ଦଶା

# ଜଳାଭାବ ବେଳେ ଗ୍ରୀଷ୍ମ ଲହର



ବେଙ୍ଗଲୁରୁ, ୭ ।୪(ଏଜେନ୍ସି): ଦ୍ୱୈତ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି ଆଇଟି ନଗରୀ ବେଙ୍ଗଲୁରୁର ବାସିନ୍ଦା। ନଗରୀର କେତେକ ଅଞ୍ଚଳରେ ଜଳ ଯୋଗାଣ ସମସ୍ୟା ତ ଲାଗିରହିଛି, ଭୂତଳ ଜଳସ୍ତର ବହୁ ତଳକୁ ଖସିଯାଇଥିବାରୁ ଲୋକେ ସ୍ନାନ ଓ ରୋଷେଇ କରିବାକୁ ମଧ୍ୟ ପାଣି ପାଉନାହାନ୍ତି। ଏବେ ଜଳକଷ୍ଟ ସହ ଗ୍ରୀଷ୍ମ ଲହରର ପ୍ରକୋପରେ ଜନଜୀବନ ଅସହ୍ୟ ହୋଇପଡ଼ିଛି। ଗତ କିଛି ଦିନ ଧରି ଏଠାରେ ଦିନର ସର୍ବୋଚ୍ଚ ତାପମାତ୍ରା ୩୮ ଡିଗ୍ରୀ ସେଲସିୟସରୁ ଅଧିକ ରହୁଛି। ଏପ୍ରିଲ ମାସରେ ବେଙ୍ଗଲୁରୁର ସର୍ବୋଚ୍ଚ ତାପମାତ୍ରା ୨୦୧୬ରେ ୩୯.୨ ଡିଗ୍ରୀ ସେଲସିୟସ୍ ଥିଲା ଯାହା ଏଯାଏ ଅତୁଟ ଏକ ରେକର୍ଡ। ସମ୍ଭବତଃ ଚଳିତ ବର୍ଷ ସେ ରେକର୍ଡ ଭାଙ୍ଗିବ। ନଗରରେ ଏପ୍ରିଲର ସ୍ୱାଭାବିକ ତାପମାତ୍ରାଠାରୁ ପ୍ରାୟ ୩ଡିଗ୍ରୀ ଅଧିକ ରହିଛି ବର୍ତ୍ତମାନର ତାପମାତ୍ରା। ରାତିର ତାପମାତ୍ରା ମଧ୍ୟ ବଢ଼ିଛି। ଏହାର କାରଣ ବୁଝାଇବାକୁ ଚାହିଁ ପାଣିପାଗ ବିଜ୍ଞାନୀ ଡ. ଏନ୍ ପୁଭିଆରାସନ କହିଛନ୍ତି, ଗତବର୍ଷ ଉତ୍ତରପୂର୍ବ ମୌସୁମୀରେ ବେଙ୍ଗଲୁରୁରେ ସ୍ୱାଭାବିକଠାରୁ କମ୍ ବର୍ଷା ହୋଇଥିଲା। ଜଳବାୟୁ ପରିବର୍ତ୍ତନ ଓ ଏଲନିନୋ କାରଣରୁ ଗତବର୍ଷ ଶୀତଦିନେ ମଧ୍ୟ ବର୍ଷା ନଥିଲା। ଦ୍ରୁତ ସହରୀକରଣ ଓ ବ୍ୟାପକ ସ୍ତରରେ କୋଠାବାଡ଼ି, ସଡ଼କାଦି ନିର୍ମାଣ କାରଣରୁ ସିମେଣ୍ଟ କଂକ୍ରିଟର ଜଙ୍ଗଲ ପାଲଟିଥିବା ନଗରାଞ୍ଚଳରେ ତାପମାତ୍ରା ବଢ଼ିବାରେ ଲାଗିଛି। ତେବେ ଆସନ୍ତା ୧୪ ତାରିଖ ଆଡ଼କୁ ଗ୍ରୀଷ୍ମକାଳୀନ ବର୍ଷା ହେବା ଆଶା କରାଯାଉଛି।

## ସିବିଆଇ ନେଲା କେରଳ ଛାତ୍ରଙ୍କ ଆତ୍ମହତ୍ୟା ମାମଲା

# ୨୯ ଘଣ୍ଟା ଧରି ଦିଆଯାଇଥିଲା ନିର୍ଯାତନା

ୱାୟନାଡ, ୭ ।୪(ଏଜେନ୍ସି): କେରଳ ୱାୟନାଡରେ ପଶୁ ଚିକିତ୍ସା ବିଜ୍ଞାନର ଛତ୍ର ସିଦ୍ଧାର୍ଥନ ଜେଏସ ବରିଷ୍ଠ ଛାତ୍ରଙ୍କ ର୍‌ୟାଗିଂ ସହିନପାରି ହଷ୍ଟେଲରେ ଆତ୍ମହତ୍ୟା କରିଥିଲେ। ଫେବୃଆରୀ ୧୮ରେ ତାଙ୍କ ମୃତ ଶରୀର ହଷ୍ଟେଲର ବାଥରୁମରୁ ମିଳିଥିଲା। କେରଳ ପୁଲିସ ଏହି ଆତ୍ମହତ୍ୟା ମାମଲାର ତଦନ୍ତ କରୁଥିଲା। କେରଳ ପୁଲିସ ରିପୋର୍ଟରେ ଲେଖିଛି ଯେ ର୍‌ୟାଗିଂ ବାହାନାରେ ସିଦ୍ଧାର୍ଥନଙ୍କୁ ଫେବୃଆରୀ ୧୬ ଦିନ ୯ଟାରୁ ଫେବୃଆରୀ ୧୭ ଅପରାହ୍ନ ୨ଟା ଟାଏ ଦୀର୍ଘ ୨୯ଘଣ୍ଟା ଧରି ଅମାନୁଷିକ ନିର୍ଯ୍ୟାତନା ଦିଆଯାଇଥିଲା। ତାଙ୍କୁ ହାତରେ ଓ ବେଲ୍ଟରେ ପ୍ରହାର କରାଯାଇଥିଲା। ମାନସିକ ଚାପ



ସହିନପାରି ଫେବୃଆରୀ ୧୮ ଅପରାହ୍ନ ୧୨ଟା ୩୦ରୁ ଗୋଟାଏ ୪୫ ମିନିଟ ମଧ୍ୟରେ ସିଦ୍ଧାର୍ଥନ ହଷ୍ଟେଲ ବାଥରୁମରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିଲେ। ସିଦ୍ଧାର୍ଥନଙ୍କ ମୃତ୍ୟୁକୁ ନେଇ ତୁମୁଳ ରାଜନୈତିକ ଆଲୋଡ଼ନ ଦେଖାଦେବାରୁ ମୁଖ୍ୟମନ୍ତ୍ରୀ ପି ବିଜୟନ ମାମଲାର ତଦନ୍ତଭାର ସିବିଆଇକୁ ଦେବା ନିମନ୍ତେ ନିଷ୍ପତ୍ତି ନେଇଥିଲେ। ତଦନୁଯାୟୀ କେରଳ ସରକାରଙ୍କ ଦ୍ୱାରା ପ୍ରେରିତ ଏହି ମାମଲାକୁ ସିବିଆଇ ହାତକୁ ନେଇ ଏଫଆଇଆର ପୁନଃପଞ୍ଜୀକୃତ କରି ତଦନ୍ତ ଆରମ୍ଭ କରିଛି। ଏହି ମାମଲାରେ ୨୦ ଜଣଙ୍କୁ ସନ୍ଦିଗ୍ଧ ତାଲିକାରେ ରଖାଯାଇଛି ଓ ମାମଲାରେ ସେମାନଙ୍କ ସଂପୃକ୍ତି ନେଇ ସିବିଆଇ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି। ସନ୍ଦିଗ୍ଧଙ୍କ ମଧ୍ୟରେ ଷ୍ଟୁଡେଣ୍ଟସ ଫେଡେରେସନ୍ ଅଫ୍ ଇଣ୍ଡିଆ(ଏସଏଫଆଇ)ର କେତେଜଣ ସଦସ୍ୟ ଅଛନ୍ତି ବୋଲି କୁହାଯାଉଛି। ଏସ,ଫଆଇ ହେଉଛି କେରଳର ଶାସକ ଦଳ ସିପିଏମର ଛାତ୍ର ଶାଖା।

# କାନାଡ଼ା ଅଭିଯୋଗକୁ ଭାରତର ଖଣ୍ଡନ

ନୂଆଦିଲ୍ଲୀ, ୭।୪ (ଏଜେନ୍ସି): ପୁଣିଥରେ ଭାରତ କାନାଡାକୁ ଦୃଢ଼ ଜବାବ ଦେଇଛି। ଏହି କାନାଡ଼ା ନିର୍ବାଚନରେ ହସ୍ତକ୍ଷେପ ନେଇ ଲଗାଯାଇଥିବା ଅଭିଯୋଗକୁ ଆଧାରହୀନ କହି ଖଣ୍ଡନ କରିଦିଆଯାଇଛି। ବିଦେଶ ମନ୍ତ୍ରାଳୟର ପ୍ରବକ୍ତା ରଣଧୀର ଜୟସ୍ୱାଲ କହିଛନ୍ତି ଯେ ଅନ୍ୟ ଦେଶର ଗଣତାନ୍ତ୍ରିକ ପ୍ରକ୍ରିୟାରେ ଦଖଲ ଦେବା ଭାରତର ନୀତି ନୁହେଁ। କିନ୍ତୁ କାନାଡ଼ା ଏପରି କରୁଛି। ବାରମ୍ବାର ଭାରତର ଆଭ୍ୟନ୍ତରୀଣ ମାମଲାରେ ଦଖଲ ଦେଉଛି। ସୂଚନାଯୋଗ୍ୟ ଯେ ଗତ ବର୍ଷ ସେପ୍ଟେମ୍ବରରେ ଜାରି ଏକ ରିପୋର୍ଟରେ କାନାଡାର ୨୦୧୯ ଏବଂ ୨୦୨୧ ନିର୍ବାଚନରେ ଚୀନ୍ ଦଖଲ ଦେଇଥିବା ଜଣାପଡ଼ିଥିଲା। ଟ୍ରୁଡୋଙ୍କ ବିଜୟରେ ଚୀନ୍ ସହାୟତା କରିଥିଲା। ଏହାକୁ ନେଇ ଅନେକ ବିବାଦ ସୃଷ୍ଟି ହୋଇଥିଲା।

# ଚଳଚ୍ଚିତ୍ର ନିର୍ମାତା ଗଙ୍ଗୁ ରାମ୍‌ସେଙ୍କ ପରଲୋକ

ମୁମ୍ବାଇ, ୭।୪ (ଏଜେନ୍ସି): ସୁପ୍ରସିଦ୍ଧ ଚଳଚ୍ଚିତ୍ର ନିର୍ମାତା, ନିର୍ଦ୍ଦେଶକ ତଥା ସିନେମାଟୋଗ୍ରାଫର ଗଙ୍ଗୁ ରାମସେଙ୍କ ରବିବାର ସକାଳେ ପରଲୋକ ହୋଇଛି। ମୃତ୍ୟୁବେଳକୁ ତାଙ୍କୁ ୮୩ ବର୍ଷ ହୋଇଥିଲା। ସେ ମାସେ ହେଲା ଅସୁସ୍ଥ ଥିଲେ। ମୁମ୍ବାଇର କୋକିଲାବେନ ହସ୍ପିଟାଲରେ ତାଙ୍କର ଚିକିତ୍ସା ଚାଲିଥିଲା। ଗଙ୍ଗୁ ରାମସେ ୭ ଭାଇଙ୍କ ସଂସ୍ଥା 'ରାମସେ ବ୍ରଦର୍ସ'ରେ ସାମିଲ ଥିଲେ। ସମସ୍ତେ ଚଳଚ୍ଚିତ୍ର ନିର୍ମାତା ଏଫ.ୟୁ ରାମସେଙ୍କ ପୁଅ ଥିଲେ। ୭ ଭାଇ ମିଶି ଚଳଚ୍ଚିତ୍ର ପ୍ରସ୍ତୁତ କରୁଥିଲେ। ଗଙ୍ଗୁ ତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ। ସେ ସିନେମାଟୋଗ୍ରାଫି କାମ ଦେଖୁଥିଲେ। ଏହି ସଂସ୍ଥା ଭୂତ ଚଳଚ୍ଚିତ୍ର ପାଇଁ ପ୍ରସିଦ୍ଧି ଅର୍ଜନ କରିଥିଲା। ୧୯୭୨ରେ ଏହି ଟିମ୍‌ର ପ୍ରଥମ ଚଳଚ୍ଚିତ୍ର 'ଦୋ ଗଜ୍ ଜମିନ' ମୁକ୍ତିଲାଭ କରିଥିଲା। ପରେ ଅନ୍ଧେରା, ଦରବାଜା, ଔର କୌନ, ସବୁତ, ଗେଷ୍ଟ ହାଉସ, ଦହଶତ, ପୁରାନା ମନ୍ଦିର, ତହଖାନା, ଭିରାନା, ପୁରାନି ହବେଲି, ଧୁନ୍ଦ ଭଳି ଫିଲ୍ମ ବନାଇ ଥିଲା। 'ରାମସେ ବ୍ରଦର୍ସ' 'ହରର ସୋ' ଆୟୋଜନ କରି ମଧ୍ୟ ଚର୍ଚ୍ଚାରେ ଥିଲା। ଏହା ୧୯୯୩-୨୦୦୧ ପର୍ଯ୍ୟନ୍ତ ଚାଲିଥିଲା।



# ମୁଖ୍‌ତାର ଘରେ ଅଖିଲେଶ



ଗାଜିପୁର, ୭।୪ (ଏଜେନ୍ସି): ସମାଜବାଦୀ ପାର୍ଟି (ଏସ୍‌ପି) ମୁଖ୍ୟ ଅଖିଲେଶ ଯାଦବ ରବିବାର ମାଫିଆ ମୁଖ୍‌ତାର ଅନ୍‌ସାରୀର ପରିବାର ସଦସ୍ୟଙ୍କୁ ଭେଟିଛନ୍ତି। ତାଙ୍କ ହେଲିକପ୍ଟର ଅନ୍‌ସାରରୀ ଘରଠାରୁ କିଛି ଦୂରରେ ଥିବା ସହିଦ ଇଣ୍ଟର କଲେଜରେ ଅବତରଣ କରିଥିଲା। ପରେ ଅନ୍ୟମାନଙ୍କ ସହ ମାଫିଆ ଘରକୁ ଯାଇ ପ୍ରାୟ ୪୫ ମିନିଟ ପର୍ଯ୍ୟନ୍ତ ରହିଥିଲେ। ମୁଖ୍‌ତାରର ଭାଇ ଅଫଜଲ ଏବଂ ପୁଅ ଉମର ତାଙ୍କୁ ସ୍ୱାଗତ କରିଥିଲେ। ଘରୁ ବାହାରିବା ପରେ ସାମ୍ବାଦିକଙ୍କୁ ପ୍ରତିକ୍ରିୟା ଦେଇ ସରକାରଙ୍କୁ ସମାଲୋଚନା କରିଥିଲେ। ସରକାରଙ୍କୁ ଉପରେ ବିଶ୍ୱାସ ନ ଥିବା ଉଲ୍ଲେଖ କରି ସୁପ୍ରିମକୋର୍ଟ ବିଚାରପତିଙ୍କ ତତ୍ତ୍ୱାବଧାନରେ ମାମଲାର ତଦନ୍ତ ହେଲେ ସତ ସାମ୍ନାକୁ ଆସିବ ବୋଲି କହିଥିଲେ।

# ୭ ବିଦେଶୀ ଛାତ୍ରଙ୍କୁ ଛାତ୍ରାବାସ ଛାଡ଼ିବାକୁ କହିଲା ୟୁନିଭର୍ସିଟି

ଅହମଦାବାଦ, ୭।୪ (ଏଜେନ୍ସି): ନମାଜ ବିବାଦ ପରେ ଅହମଦାବାଦ ସ୍ଥିତ ଗୁଜରାଟ ୟୁନିଭର୍ସିଟି ପ୍ରଶାସନ ୭ ପୂର୍ବତନ ଛାତ୍ରଙ୍କୁ ଛାତ୍ରାବାସ (ହଷ୍ଟେଲ) ଛାଡ଼ିବାକୁ କହିଛି। ପଢ଼ା ଶେଷ ହେବା ସତ୍ତ୍ୱେ ଏମାନେ କୌଣସି ନା କୌଣସି ବାହାନା କରି ହଷ୍ଟେଲରେ ରହିଥିଲେ। ଏମାନଙ୍କ ମଧ୍ୟରେ ଆଫଗାନିସ୍ତାନର ୬ ଜଣ ଏବଂ ଆଫ୍ରିକାର ଜଣେ ଛାତ୍ର ସାମିଲ ଅଛନ୍ତି। ଗୁଜରାଟ ୟୁନିଭର୍ସିଟି ଆଫଗାନିସ୍ତାନ ଦୂତାବାସକୁ ଏହାର ସୂଚନା ଦେଇଛି। ଏହା ସହିତ ଛାତ୍ରଙ୍କ ଯିବା ବ୍ୟବସ୍ଥା ମଧ୍ୟ କରିଦେଇଛି। ସୂଚନାଯୋଗ୍ୟ ଯେ ଗତ ୧୬ ତାରିଖରେ ଏଠାରେ ନମାଜ ପଢ଼ିବାକୁ ନେଇ ବିଦେଶୀ ଏବଂ ଭାରତୀୟ ଛାତ୍ରଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଏହା ପରେ ସବୁ ବିଦେଶୀ ଛାତ୍ରଙ୍କୁ ଅନ୍ୟ ହଷ୍ଟେଲକୁ ସ୍ଥାନାନ୍ତର କରାଯାଇଥିଲା। ଏହି ମାମଲାରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସରକାର ନିର୍ଦ୍ଦେଶ ଦେଇଥିଲେ।

## ଗିରଫ ଟିଏମ୍‌ସି ନେତାଙ୍କ ପତ୍ନୀଙ୍କ ଅଭିଯୋଗ

# ଏନ୍‌ଆଇଏ ଟିମ୍ ବିରୋଧରେ ଏତଲା

କୋଲକାତା, ୭।୪ (ଏଜେନ୍ସି)

ପଶ୍ଚିମବଙ୍ଗ ପୂର୍ବ ମେଦିନପୁର ଜିଲ୍ଲା ଭୁପତିନଗରରୁ ଗିରଫ ଟିଏମ୍‌ସି ନେତା ମନୋବ୍ରତ ଜାନାଙ୍କ ପତ୍ନୀ ମୋନୀ ଜାନା ଏନ୍‌ଆଇଏ ଅଧିକାରୀଙ୍କ ବିରୋଧରେ ଏତଲା ରୁଜୁ କରାଇଛନ୍ତି। ଏନ୍‌ଆଇଏ ଟିମ୍ ଯାଞ୍ଚ ଆଳରେ ଶୁକ୍ରବାର ଘରେ ଜୋର ଜବରଦସ୍ତ ପ୍ରବେଶ କରିଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ଅଧିକାରୀଙ୍କ ଉପରେ ମାର୍‌ପିଟ, ଖରାପ ବ୍ୟବହାର ଏବଂ ଘରେ ଭଙ୍ଗାରୁଜା କରିଥିବା ଅଭିଯୋଗ ଲଗାଇଛନ୍ତି। ଭୁପତିନଗର ଥାନାରେ ଆଇପିସିର ଧାରା ୩୨୫, ୩୪, ୩୫୪, ୩୫୪ (ବି), ୪୨୭, ୪୪୮, ୫୦୯ ଅଧୀନରେ ଅଭିଯୋଗ ରୁଜୁ କରାଯାଇଛି। ପୁଲିସ ମାମଲାର ତଦନ୍ତ କରୁଛି। ଅନ୍ୟପକ୍ଷରେ ସମସ୍ତ ଅଭିଯୋଗକୁ ଏନ୍‌ଆଇଏ ପକ୍ଷରୁ ଖଣ୍ଡନ କରିଦିଆଯାଇଛି। ଏଜେନ୍ସି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରି କୁହାଯାଇଛି ଯେ ବେଆଇନ ଭାବେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଟିମ୍ କଲକତା ହାଇକୋର୍ଟଙ୍କ ନିର୍ଦ୍ଦେଶରେ ୨୦୨୨ ବୋମା ବିସ୍ଫୋରଣ ମାମଲାର ତଦନ୍ତ ପାଇଁ ଯାଇଥିଲା। ଟିଏମ୍‌ସି ନେତା ବଲାଇ ଚରଣ ମେଇତି ଏବଂ ମନୋବ୍ରତ ଜାନା ଏହି ମାମଲାର ମୁଖ୍ୟ ଷଡ଼ଯନ୍ତ୍ରକାରୀ। ୫ ତାରିଖ ରାତରେ ଭୂପିତନଗରର ୫ ସ୍ଥାନରେ ଚଢ଼ଉ କରାଯାଇଥିଲା। ଏହି ସମୟରେ ସିଆରପିଏଫ ଏବଂ ମହିଳା କନଷ୍ଟେବଳ ଉପସ୍ଥିତ ଥିଲେ। ଲୋକେ ଏମାନଙ୍କୁ କାର୍ଯ୍ୟାନୁଷ୍ଠାନ ନେବାକୁ ଦେଇ ନ ଥିଲେ। ଗିରଫ କରି ନେବା ସମୟରେ ବାଡ଼ି ଧରି ଟିମ୍ ସାମ୍ନାରେ ଛିଡ଼ା ହୋଇ ରହିଥିଲେ। ପରେ ପଥରମାଡ଼ କରିଥିଲେ। ଅନ୍ୟପକ୍ଷରେ ପୁରୁଲିଆରେ ଏକ ଜନସଭାକୁ ସମ୍ବୋଧନ କରି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କେନ୍ଦ୍ରୀୟ ଏଜେନ୍ସିର ଭୂମିକା ଉପରେ ପ୍ରଶ୍ନ ଉଠାଇଛନ୍ତି। ରାମନବମୀରେ ଚକୋଲେଟ ବୋମା ଫୁଟିଲେ ବି ଏନ୍‌ଆଇଏ ଆସିଯିବ ବୋଲି କହିଛନ୍ତି। ବିଜେପି ଏହାକୁ ପ୍ରସଙ୍ଗ ବନାଉଛି ବୋଲି କହିଛନ୍ତି।




# ମୂଷା ଖାଇଦେଲେ ୯ କେଜି ଗଞ୍ଜେଇ, ୧୦ କେଜି ଭାଙ୍ଗ

ଧାନବାଦ, ୭ ।୪(ଏଜେନ୍ସି): ଝାଡଖଣ୍ଡର ଧାନବାଦ ଜିଲ୍ଲାର ରାଜଗଞ୍ଜ ପୁଲିସ ଥାନାର ଭାରପ୍ରାପ୍ତ ଅଧିକାରୀ ଗତକାଲି ସେସନ୍ସ କୋର୍ଟରେ ଜଜଙ୍କୁ କହିଥିଲେ ଯେ ୬ବର୍ଷ ତଳେ ୨୦୧୮ ଡିସେମ୍ବର ୧୪ ତାରିଖରେ ଅଭିଯୁକ୍ତ ଶମ୍ଭୁ ପ୍ରସାଦ ଅଗ୍ରୱାଲ ଓ ତାଙ୍କ ପୁତ୍ରଙ୍କଠାରୁ ଜବତ କରାଯାଇ ଥାନା ମାଲଖାନାରେ ରଖାଯାଇଥିବା ୯କିଲୋ ଗଞ୍ଜେଇ ଓ ୧୦ କିଲୋ ଭାଙ୍ଗ ମୂଷାମାନେ ଖାଇ ନଷ୍ଟ କରିଦେଇଛନ୍ତି। ଏହି ମାମଲାର ବିଚାର କରୁଥିବା ଜଜ୍ ଜବତ ସାମଗ୍ରୀ(ଗଞ୍ଜେଇ ଓ ଭାଙ୍ଗ) କୋର୍ଟରେ ଏପ୍ରିଲ ୬ତାରିଖରେ ଦାଖଲ କରିବାକୁ ତଦନ୍ତକାରୀ ଅଫିସରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ତଦନ୍ତକାରୀ ଅଫିସର ଜୟପ୍ରକାଶ ପ୍ରସାଦ ଗତକାଲି ଅଦାଲତରେ ହାଜର ହୋଇ ରାଜଗଞ୍ଜ ପୁଲିସ ଷ୍ଟେସନର ଭାରପ୍ରାପ୍ତ ଅଧିକାରୀଙ୍କ ପତ୍ର କୋର୍ଟରେ ଦାଖଲ କରିଥିଲେ। ଥାନା ଭାରପ୍ରାପ୍ତ ଅଧିକାରୀଙ୍କ ସେହି ପତ୍ରରେ ଲେଖାଥିଲା ଯେ ଜବତ ସାମଗ୍ରୀ ମୂଷା ସମ୍ପୂର୍ଣ୍ଣ ଖାଇ ନଷ୍ଟ କରିଦେଇଛନ୍ତି। ଅଭିଯୁକ୍ତଙ୍କ ଓକିଲ କୋର୍ଟଙ୍କୁ କହିଥିଲେ ଜବତ ସାମଗ୍ରୀ କୋର୍ଟରେ ଦାଖଲ କରିବାକୁ ପୁଲିସ୍ ଅସମର୍ଥ ହୋଇଥିବାରୁ ଜଣାପଡୁଛି ଯେ ତାଙ୍କ ମହକିଲଙ୍କୁ ମିଥ୍ୟା ମକଦ୍ଦମାରେ ଫସାଯାଇଛି।

## ଦେଶରେ ସକ୍ରିୟ ଅଙ୍ଗପ୍ରତ୍ୟଙ୍ଗ ର୍‌ୟାକେଟ

# ଚୋରାଚାଲାଣ ହେଉଛି କିଡ୍‌ନୀ-ଲିଭର

ଜୟପୁର, ୭।୪ (ଏଜେନ୍ସି)

ଅନେକ ସମୟରେ ବିଭିନ୍ନ ଡାକ୍ତରଖାନାରେ କିଡ୍‌ନୀ (ବୃକକ) ଏବଂ ଲିଭର (ଯକୃତ)ର ସଫଳ ଅସ୍ତ୍ରୋପଚାର ହୋଇଥିବା ନେଇ ଖବର ପ୍ରକାଶ ପାଇଥାଏ। ଡାକ୍ତରୀ ଟିମ୍ ଅକ୍ଲାନ୍ତ ପରିଶ୍ରମ କରି ଜୀବନ ବଞ୍ଚାଇ ଥିବା କୁହାଯାଇଥାଏ। ବର୍ଷେ ମଧ୍ୟରେ ରାଜସ୍ଥାନର ଅନେକ ଘରୋଇ ଡାକ୍ତରଖାନା ଏଭଳି ଦାବି କରିଥିଲେ। ଏବେ ଏହି ସବୁ ଦାବି କାଠଗଡ଼ାକୁ ଟାଣି ହୋଇଯାଇଛି। ଏହି ସବୁ ଅସ୍ତ୍ରୋପଚାର ଉପରେ ପ୍ରଶ୍ନ ଉଠୁଛି। ରାଜ୍ୟରେ ଅଙ୍ଗପ୍ରତ୍ୟଙ୍ଗ ର୍‌ୟାକେଟ ଚାଲିଛି। କିଡ୍‌ନୀ-ଲିଭର ଚୋରାଚାଲାଣ କରାଯାଉଛି। ଦୁର୍ନୀତି ବିରୋଧୀ ବ୍ୟୁରୋ (ଏସିବି)ର ଯାଞ୍ଚରୁ ଏହି ତଥ୍ୟ ସାମ୍ନାକୁ ଆସିଛି। ସବାଇ ମାନ ସିଂହ (ଏସଏମଏସ) ହସ୍ପିଟାଲରେ ଟଙ୍କା ନେଇ ଅଙ୍ଗ ପ୍ରତିରୋପଣର ଜାଲ୍ ଏନଓସି ଦେଇଥିବା ଲୋକକୁ ଏସିବି ଗିରଫ କରିଛି। ତଦନ୍ତରୁ ଜଣାପଡ଼ିଛି ଯେ ଗତ ୮ ମାସ ହେଲା ଅଙ୍ଗ ପ୍ରତିରୋପଣ ପାଇଁ ବନା ଯାଇଥିବା ଡାକ୍ତରଙ୍କ କମିଟିର କୌଣସି ବୈଠକ ବସିନାହିଁ। ଏହି କିମିଟି ହିଁ ଅଙ୍ଗ ପ୍ରତିରୋପଣ ପାଇଁ ଏନଓସି ପ୍ରଦାନ କରିଥାଏ। ଗତ ରବିବାର ରାତିରେ ଏସିବି ଏସଏମଏସ ହସ୍ପିଟାଲରେ ଚଢ଼ଉ କରି ଜାଲ୍ ଏନଓସି ଦେଇଥିବା ସହାୟକ ପ୍ରଶାସନିକ ଅଧିକାରୀ ଗୌରବ ସିଂହ ଏବଂ ଇଏଚସିସି ହସ୍ପିଟାଲର ଅର୍ଗାନ ଟ୍ରାନ୍ସପ୍ଲାଣ୍ଟ କୋଅଡିନେଟର ଅନିଲ ଯୋଶୀଙ୍କୁ ଗିରଫ କରିଥିଲା। ୭୦ ହଜାର ଟଙ୍କା ସହିତ ୩ ଜାଲ୍ ଏନଓସି ମଧ୍ୟ ଜବତ କରାଯାଇଥିଲା। ଏହା ପରେ ସେହିଦିନ ରାତିରେ ଗୌରବ ଏବଂ ଯୋଶୀଙ୍କ ଘରେ ଓ ଅନ୍ୟ ଠିକଣାରେ ମଧ୍ୟ ତଲାସୀ ନିଆଯାଇଥିଲା। ଏହି ଗିରଫରୁ ଜଣାପଡ଼ିଥିଲା ଯେ ଫୋର୍ଟିସ ହସ୍ପିଟାଲର ସଂଯୋଜକ (କୋଅର୍ଡିନେଟର) ବିନୋଦ ସିଂହ କିଛି ଦିନ ତଳେ ଟଙ୍କା ଦେଇ ଜାଲ୍ ପ୍ରମାଣପତ୍ର ନେଇଥିଲେ। ଏସିବି ତାଙ୍କୁ ମଧ୍ୟ ଗିରଫ କରିଛି। ଏହା ପରେ ସରକାର ଇଏଚସିସି ହସ୍ପିଟାଲର ଅର୍ଗାନ ଟ୍ରାନ୍ସପ୍ଲାଣ୍ଟ ଲାଇସେନ୍ସକୁ ନିଲମ୍ବିତ କରିଦେଇଛନ୍ତି।

ଏସିବି ଡିଆଇଜି ଡ. ରବି କହିଛନ୍ତି ଯେ ଯାଞ୍ଚ ସମୟରେ ଗୌରବଙ୍କ ଘରୁ ୧୫୦ରୁ ଅଧିକ ଜାଲ୍ ପ୍ରମାଣପତ୍ର ମିଳିଛି। ଏଥିରୁ ତିନୋଟି ପ୍ରମାଣପତ୍ର ନେପାଳ ଲୋକଙ୍କର ଥିଲା। ଏଥିରୁ ସ୍ପଷ୍ଟ ହୋଇଥିଲା ଯେ ବାହାର ଲୋକଙ୍କଠାରୁ ଅଙ୍ଗପ୍ରତ୍ୟଙ୍ଗ କିଣାବିକା କରାଯାଉଛି।



ଡାକ୍ତରଖାନାରେ ହେଉଛି ବେଆଇନ ପ୍ରତିରୋପଣ

## ନେପାଳ-କାମ୍ବୋଡିଆକୁ ଲମ୍ବିଛି ଚେର

# ଋଣରେ ବୁଡ଼ିଥିବା ଲୋକଙ୍କୁ କରୁଥିଲେ ନିଶାଣ

ଚଣ୍ଡିଗଡ଼:ହରିୟାଣା କିଡନୀ (ବୃକକ) ପ୍ରତିରୋପଣ ର୍‌ୟାକେଟର ଲିଙ୍କ୍ ନେପାଳ-କାମ୍ବୋଡ଼ିଆକୁ ବ୍ୟାପିଛି। ରାଜସ୍ଥାନ ଏସିବିକୁ ଏହାର ପ୍ରମାଣ ମିଳିଛି। ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ନେପାଳ-କମ୍ବୋଡିଆ ଲୋକଙ୍କ ପ୍ରମାଣପତ୍ର ଏସିବି ହାତରେ ଲାଗିଛି। ଏହି ର୍‌ୟାକେଟର ମାଷ୍ଟରମାଇଣ୍ଡ ଝାଡ଼ଖଣ୍ଡର ମହମ୍ମଦ ମୁର୍ତାଜା ଅନ୍‌ସାରୀ ଏବେ ଫେରାର ରହିଛି। ସେ ହରିୟାଣାରେ ଲୁଚିଥିବା ଏସିବି ସନ୍ଦେହ କରୁଛି। ଦାତା ଏବଂ ଗ୍ରହୀତାଙ୍କ ମଧ୍ୟରେ ସେ ମଧ୍ୟସ୍ଥି ଭାବେ କାମ କରୁଥିଲା। ସେ ପ୍ରଥମେ ଦିଲ୍ଲୀର ଏକ ଘରୋଇ ହସ୍ପିଟାଲରେ ଅନୁବାଦକ ଭାବେ କ୍ୟାରିୟର ଆରମ୍ଭ କରିଥିଲା। ବାଂଲାଦେଶର କିଛି ଲୋକ ମଧ୍ୟ ଏହାର ଜାଲରେ ଫସି ଥିଲେ। ରାଜସ୍ଥାନ ଏସିବି ୩ ଜଣଙ୍କୁ ଗିରଫ କରିବା ପରେ ଏହି ର୍‌ୟାକେଟର ଖୁଲାସା ହୋଇଥିଲା। ଏସିବିର ସୂଚନା ଆଧାରରେ ଗୁରୁଗ୍ରାମ ପୁଲିସ, ସିଏମ ଫ୍ଲାଇଂ ସ୍କ୍ୱାର୍ଡ ଏବଂ ସ୍ୱାସ୍ଥ୍ୟ ମନ୍ତ୍ରାଳୟର ଅଧିକାରୀଙ୍କୁ ଟିମ୍ ସେକ୍ଟର ୩୯ରେ ଥିବା ଏକ ଗେଷ୍ଟ ହାଉସରେ ଚଢ଼ଉ କରି ୫ ଜଣ ବାଂଲାଦେଶୀଙ୍କୁ ଗିରଫ କରିଥିଲା। ମାମଲାର ତଦନ୍ତରେ ସାମିଲ ଜଣେ ଅଧିକାରୀ କହିଛନ୍ତି ଯେ ଏହି ର୍‌ୟାକେଟର ମୁଖ୍ୟ ଗରିବ ଏବଂ ଋଣରେ ବୁଡ଼ିଥିବା ଲୋକଙ୍କୁ ନିଶାଣ କରୁଥିଲେ। ଏମାନଙ୍କୁ ବାଂଲାଦେଶରୁ ଗୁରୁଗ୍ରାମ ଅଣା ଯାଉଥିଲା। ପରେ ଜୟପୁରରେ କିଡ୍‌ନୀ ପ୍ରତିରୋପଣର ବ୍ୟବସ୍ଥା କରାଯାଉଥିଲା। ରାଜସ୍ଥାନର ୧୦ ଏବଂ ମୁମ୍ବାଇର ୨ ହସ୍ପିଟାଲର ସହ ଅନସାରୀର ଲିଙ୍କ ଥିଲା।



ବିଜୁ ଶ୍ରମିକ ସାମ୍ମୁଖ୍ୟର ରାଜ୍ୟସ୍ତରୀୟ ସମ୍ମିଳନୀ

# 'ମୁଖ୍ୟମନ୍ତ୍ରୀ ନବୀନ ଦେଶରେ ନମ୍ବର ୱାନ୍'





**ଭୁବନେଶ୍ୱର, ୭ ।୪(ସମିସ):** ରବିବାର ଓଡ଼ିଶା ବିଜୁ ଶ୍ରମିକ ସାମ୍ମୁଖ୍ୟର ରାଜ୍ୟସ୍ତରୀୟ ସମ୍ମିଳନୀ ଭୁବନେଶ୍ୱର ସ୍ଥିତ ମୁଖ୍ୟ କାର୍ଯ୍ୟାଳୟ ଠାରେ ଆୟୋଜିତ ହୋଇଯାଇଛି। ଏହି ସମ୍ମିଳନୀରେ ସାରା ରାଜ୍ୟରୁ ବିଭିନ୍ନ ଶ୍ରମିକ ସଂଗଠନର ପ୍ରାୟ ଦୁଇ ହଜାରରୁ ଅଧିକ ନେତୃମଣ୍ଡଳୀ ଓ କର୍ମକର୍ତ୍ତା ଯୋଗ ଦେଇଥିଲେ। 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ସମ୍ମିଳନୀକୁ ଉଦ୍‌ଘାଟନ କରିବା ସହିତ ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ରୂପାନ୍ତରୀକରଣରେ ପ୍ରକୃତ ଭୂମିକାରେ ଲୁହ ଲହୁ ଦେଇ ସମସ୍ତ ଯୋଜନାକୁ ସଫଳତାର ଶୀର୍ଷରେ ପହଞ୍ଚାଉଥିବା ଶ୍ରମିକ ଭାଇ ଓ ଭଉଣୀମାନଙ୍କୁ କୃତଜ୍ଞତା ଜଣାଇଥିଲେ। ଏହି ସମ୍ମିଳନୀରେ ସଭାପତିତ୍ୱ କରି ବିଜୁ ଶ୍ରମିକ ସାମୁଖ୍ୟର ମହାସଚିବ ତଥା କଟକ ମେୟର ଶ୍ରୀ ସୁବାସ ସିଂହ କହିଥିଲେ ଯେ ଓଡ଼ିଶାରେ ପାଖାପାଖି ୨ କୋଟି ଶ୍ରମିକ କାର୍ଯ୍ୟରତ ଅଛନ୍ତି। ମୁଖ୍ୟମନ୍ତ୍ରୀ ସେମାନଙ୍କ ପାଇଁ ବିଭିନ୍ନ ପ୍ରକାର ସହାୟତା ଯୋଜନା ପ୍ରଣୟନ କରିଛନ୍ତି। ଜୀବନଜୀବିକା କ୍ଷେତ୍ରରେ କଲ୍ୟାଣକାରୀ ଯୋଜନା ଭାବରେ ସାରା ଦେଶରେ ଓଡ଼ିଶା ଏକ ନମ୍ବର ହୋଇରହିଛି। ଆମ ମୁଖ୍ୟମନ୍ତ୍ରୀ ମଧ୍ୟ ୧ନଂ ମୁଖ୍ୟମନ୍ତ୍ରୀ ଭାବରେ ପୁରସ୍କୃତ ହୋଇଛନ୍ତି। ଓଡ଼ିଶାରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ଯୋଜନା ଯଥା- ଲକ୍ଷ୍ମୀବସ୍, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଆଦି ଶ୍ରମିକ ମାନଙ୍କ ପାଇଁ ସହାୟକ ହୋଇପାରିଛି। ଶ୍ରମିକମାନଙ୍କ ସର୍ବନିମ୍ନ ମଜୁରି ଦୈନିକ ୭୦ଟଙ୍କା ବୃଦ୍ଧି କରିବାକୁ ପ୍ରସ୍ତାବ ଦିଆଯାଇଥିଲା। କିନ୍ତୁ ମୁଖ୍ୟମନ୍ତ୍ରୀ ଦୈନିକ ଏକକାଳୀନ ୧୦୦ ଟଙ୍କାରୁ ଉର୍ଦ୍ଧ୍ୱ ବୃଦ୍ଧିକରି ଏକ ଉଦାହରଣ ସୃଷ୍ଟି କରିଛନ୍ତି। ଆଗକୁ ମଧ୍ୟ ଆପଣ ମାନଙ୍କ ସହାୟତାରେ ମୁଖ୍ୟମନ୍ତ୍ରୀଙ୍କ ହାତ ମୁଠାକୁ ଟାଣ କରିବା ସହିତ ଶକ୍ତିବୃଦ୍ଧି କରିବା ପାଇଁ ଶ୍ରୀ ସିଂହ ଆହ୍ୱାନ ଦେଇଛନ୍ତି।

ଅନୁରୂପ ଭାବରେ ବିଜୁ ଶ୍ରମିକ ସାମୁଖ୍ୟର କାର୍ଯ୍ୟକାରୀ ସଭାନେତ୍ରୀ ମୋନିଦୀପା ସର୍ଖେଲ୍,

**ଶ୍ରମିକ ସଶକ୍ତିକରଣରେ ଓଡ଼ିଶା ସମଗ୍ର ଦେଶରେ ଅନନ୍ୟ ଉଦାହରଣ**

**ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୨ ହଜାରରୁ ଉର୍ଦ୍ଧ୍ୱ କର୍ମକର୍ତ୍ତାଙ୍କ ଯୋଗଦାନ**

ସାମ୍ମୁଖ୍ୟର ଉପଦେଷ୍ଟା ତଥା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡେଇ, ବିଧାୟକ ସୁଶାନ୍ତ ରାଉତ, ଭୁବନେଶ୍ୱର ଲୋକସଭା ପ୍ରାର୍ଥୀ ମନ୍ମଥ ରାଉତରାୟ, ସାମ୍ମୁଖ୍ୟର ଉପ-ସଭାପତି ବୈଦ୍ୟନାଥ ଦାସ, ପଞ୍ଚାନନ ସେନାପତି, ସମ୍ପାଦକ ରାଜେନ୍ଦ୍ର ଦାସ, ଗୋଲେଖ ଚନ୍ଦ୍ର ନାୟକ, ଶ୍ରୀକାନ୍ତ ପଟ୍ଟନାୟକ, ଦୁର୍ଗା ସାମନ୍ତରାୟ, ରାଜ୍ୟ ଉପଦେଷ୍ଟା ରାଜୀବ ମହାନ୍ତି, ଯୋଗେନ୍ଦ୍ର ସ୍ୱାଇଁ, ପ୍ରଦ୍ୟୁମ୍ନ ସାମଲ, ଚୈତନ୍ୟ ସାହାଣି, ନିରଞ୍ଜନ ପାତ୍ର ଓ ସାମୁଖ୍ୟର ଅନ୍ୟାନ୍ୟ ପଦାଧିକାରୀ ବକ୍ତବ୍ୟ ରଖିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରମିକମାନଙ୍କ କଲ୍ୟାଣ ପାଇଁ ଐତିହାସିକ ନିଷ୍ପତ୍ତି ନେଇଛନ୍ତି। ସାରା ବିଶ୍ୱର ଶିଳ୍ପ ସଂସ୍ଥା ଓଡ଼ିଶାକୁ ଆସିବା ଆମ ଶ୍ରମିକମାନଙ୍କ ସଶକ୍ତିକରଣକୁ ଦର୍ଶାଉଛି। କରୋନା ସମୟରେ ଶ୍ରମିକ ମାନଙ୍କର ଅବଦାନ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିବ। ଓଡ଼ିଶାରେ କାର୍ଯ୍ୟରତ ଲକ୍ଷାଧିକ ଠିକା କର୍ମଚାରୀଙ୍କ ଦରମା ୨୫% ବୃଦ୍ଧି କରିବା ଓ ୫ବର୍ଷରୁ ଉର୍ଦ୍ଧ୍ୱ କାର୍ଯ୍ୟରତ ଶ୍ରମିକଙ୍କୁ ଏକ ହଜାର ଟଙ୍କା ସ୍ୱତନ୍ତ୍ର ବୋନସ୍ ପ୍ରଦାନ କରିବା, ବୁଣାକାର ଓ କେନ୍ଦୁପତ୍ର ତୋଳାଳି ମାନଙ୍କର ସବୁପ୍ରକାର ସାମାଜିକ ସୁରକ୍ଷା ବୃଦ୍ଧି କରାଯାଇଛି। ଓଡ଼ିଶାର ସବୁସ୍ତରର ଶ୍ରମିକ ମାନଙ୍କୁ ପ୍ରଶିକ୍ଷଣ ଦେଇ ଦେଶ ଓ ବିଦେଶରେ ଓଡ଼ିଶା ପୁରସ୍କୃତ ହୋଇଆସୁଛି। ନିର୍ମାଣ ଶ୍ରମିକ ମାନଙ୍କୁ ସର୍ବାଧିକ ସୁରକ୍ଷା ପ୍ରଦାନକରି ମୁଖ୍ୟମନ୍ତ୍ରୀ ସମଗ୍ର ଦେଶରେ ଉଦାହରଣ ସୃଷ୍ଟି କରିଛନ୍ତି। ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ମାଧ୍ୟମରେ ବର୍ତ୍ତମାନ ସୁଦ୍ଧା ୪୨ଲକ୍ଷ ୪୮ ହଜାର ଶ୍ରମିକ ମାନଙ୍କୁ ପଞ୍ଜିକୃତ କରାଯାଇ ବିଭିନ୍ନ ଯୋଜନା ମାଧ୍ୟମରେ ୩୫୨୪ କୋଟିରୁ ଅଧିକ ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ଓଡ଼ିଶାରେ କାର୍ଯ୍ୟରତ ପ୍ରାୟ ୧୦ଲକ୍ଷ ଶ୍ରମିକଙ୍କ ସହ ମିଶନ ଶକ୍ତି, ଅଙ୍ଗନବାଡି, ଆଶା, ପାଚିକା, କୃଷି କ୍ଷେତ୍ରରେ, ସ୍ୱାସ୍ଥ୍ୟ କ୍ଷେତ୍ରରେ ସବୁ ପ୍ରକାର ଶ୍ରମିକମାନଙ୍କ ଭତ୍ତା ବୃଦ୍ଧି ସହ କଲ୍ୟାଣକାରୀ ଯୋଜନାରେ ସାମିଲ କରାଯାଇଛି। ବିଜୁ ଶ୍ରମିକ ସାମ୍ମୁଖ୍ୟ ସମସ୍ତ ସ୍ତରର ଶ୍ରମିକ ଶ୍ରେଣୀ ଭାଇମାନଙ୍କୁ ସଂଗଠିତକରି ସାମାଜିକ ସୁରକ୍ଷା ପହଞ୍ଚାଇବାରେ ଏକ ବଳିଷ୍ଠ ଭୂମିକା ଗ୍ରହଣ କରିଛି ବୋଲି ମଞ୍ଚରେ ଉପସ୍ଥିତ ନେତୃବୃନ୍ଦ ପ୍ରକାଶ କରିଥିଲେ। ସାମ୍ମୁଖ୍ୟର ଭୁବନେଶ୍ୱର ସଭାପତି ତଥା ବିଶିଷ୍ଟ ଶ୍ରମିକନେତା ନବ କିଶୋର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ୫ ସଂସଦୀୟ କ୍ଷେତ୍ର ପାଇଁ ବିଜେଡିର ସଂଯୋଜକ ନିଯୁକ୍ତ

■ ଚନ୍ଦ୍ରଶେଖରଙ୍କୁ ବ୍ରହ୍ମପୁର, ପ୍ରତାପଙ୍କୁ କେନ୍ଦ୍ରାପଡ଼ା, ସୁଜିତ୍‌ଙ୍କୁ କଳାହାଣ୍ଡି
■ ଭଦ୍ରକ ଦାୟିତ୍ୱରେ ସାଂସଦ ଦେବାଶିଷ, ପୁରୀ ପାଇଁ ଶୁଭାଶିଷ ଖୁଣ୍ଟିଆ

**ଭୁବନେଶ୍ୱର,୭ ।୪(ସମିସ):** ଆଗାମୀ ନିର୍ବାଚନ ପରିପ୍ରେକ୍ଷୀରେ ୫ଟି ସଂସଦୀୟ କ୍ଷେତ୍ର ପାଇଁ ସଂଯୋଜକଙ୍କୁ ନିଯୁକ୍ତ କରିଛି ବିଜେଡି। ଦଳର ବରିଷ୍ଠ ଓ ସାଂଗଠନିକ ଦକ୍ଷତା ଥିବା ଅଭିଜ୍ଞ ନେତାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରିଛନ୍ତି। ବିଜେଡି ଉପସଭାପତି ତଥା ଇସ୍ତାହାର କମିଟିର ଅଧ୍ୟକ୍ଷ ଚନ୍ଦ୍ରଶେଖର ସାହୁଙ୍କୁ ବ୍ରହ୍ମପୁର ସଂସଦୀୟ କ୍ଷେତ୍ର ପାଇଁ ସଂଯୋଜକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟଙ୍କୁ ଭଦ୍ରକ, ପ୍ରତାପ ଜେନାଙ୍କୁ କେନ୍ଦ୍ରାପଡ଼ା, ସୁଜିତ କୁମାରଙ୍କୁ କଳାହାଣ୍ଡି ଓ ଶୁଭାଶିଷ ଖୁଣ୍ଟିଆଙ୍କୁ ପୁରୀ ସଂସଦୀୟ କ୍ଷେତ୍ର ପାଇଁ ସଂଯୋଜକ ଭାବେ ଦାୟିତ୍ୱ ଦିଆଯାଇଛି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଏହି ୫ ଜଣ ବରିଷ୍ଠ ନେତାଙ୍କୁ ଏହି ଗୁରୁ ଦାୟିତ୍ୱ ଦେଇଥିବା ବେଳେ ଏମାନେ ଆଗାମୀ ନିର୍ବାଚନରେ ଦଳର ଶୀର୍ଷ ନେତୃତ୍ୱ ଓ ପ୍ରାର୍ଥୀଙ୍କ ସମେତ କର୍ମକର୍ତ୍ତାଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ଦଳକୁ ବିଜୟୀ କରିବା ଦିଗରେ କାର୍ଯ୍ୟ କରିବେ।

# ଅମିତ ମଲ୍ଲିକ ଖଣ୍ଡପଡ଼ା ବିଜେଡି ପର୍ଯ୍ୟବେକ୍ଷକ



**ଭୁବନେଶ୍ୱର, ୭ ।୪(ସମିସ):** ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖଣ୍ଡପଡ଼ା ବିଧାନସଭା କ୍ଷେତ୍ର ପାଇଁ ପର୍ଯ୍ୟବେକ୍ଷକ ରୂପେ ଅମିତ ମଲ୍ଲିକଙ୍କୁ ନିଯୁକ୍ତି ଦେଇଛନ୍ତି। ବର୍ତ୍ତମାନ ଶ୍ରୀ ମଲ୍ଲିକ ଦଳର ମୁଖପାତ୍ର ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି ଓ ନିର୍ବାଚନକୁ ଦୃଷ୍ଟିରେ ରଖି ଦଳ ତାଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେଇଛନ୍ତି। ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବିଧାନସଭା କ୍ଷେତ୍ର ରାଜନୈତିକ ଦୃଷ୍ଟିକୋଣରୁ ଏକ ଗୁରୁତ୍ୱପୂର୍ଣ୍ଣ ଆସନ ହୋଇଥିବା ବେଳେ ଅମିତଙ୍କ କାର୍ଯ୍ୟଦକ୍ଷତା ଉପରେ ଦଳ ଆସ୍ଥା ସ୍ଥାପନ କରିଛି। ଏହି ଦାୟିତ୍ୱ ପାଇଁ ଶ୍ରୀ ମଲ୍ଲିକ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ, '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ସାଧାରଣ ସମ୍ପାଦକ ତଥା ସାଂସଦ ମାନସ ରଞ୍ଜନ ମଙ୍ଗରାଜଙ୍କୁ

**୪ ନେତାଙ୍କୁ ସମ୍ପାଦକ ଦାୟିତ୍ୱ**

କୃତଜ୍ଞତା ଜଣାଇଛନ୍ତି। ଅନୁରୂପ ଭାବରେ ଦଳର ୪ ନେତାଙ୍କୁ ରାଜ୍ୟ ସମ୍ପାଦକ ଭାବରେ ନିଯୁକ୍ତି ଦିଆଯାଇଛି। ଶଶିଭୂଷଣ ମହାନ୍ତି, ମିଟୁ ଦାଶ, ରଞ୍ଜନ କୁମାର ପୋଲାଇ ଓ ଲକ୍ଷ୍ମଣ କୁମାର ମେହେରଙ୍କୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଦଳର ନୂତନ ସମ୍ପାଦକ ଭାବରେ ନିଯୁକ୍ତି ଦେଇଛନ୍ତି। ଏ ସଂକ୍ରାନ୍ତରେ ଦଳ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି।

# ବାଲେଶ୍ୱର ପୁଲିସ୍ ପଞ୍ଝାରେ ମନ୍ଦିର ଲୁଟେରା ଗ୍ୟାଙ୍ଗ୍



**ବାଲେଶ୍ୱର, ୭ ।୪ (ସମିସ):** ଜିଲ୍ଲାର ବିଭିନ୍ନ ମନ୍ଦିରରୁ ଲୁଟ୍‌ପାଟ୍ କରି ନିଦ ହଜାଇ ଦେଇଥିବା ଏକ ଲୁଟେରା ଗ୍ୟାଙ୍ଗ୍ ବାଲେଶ୍ୱର ପୁଲିସ ପଞ୍ଝାରେ ପଡ଼ିଛି। ଜିଲ୍ଲାର ୨୫ରୁ ଉର୍ଦ୍ଧ୍ୱ ମନ୍ଦିରରେ ଚୋରି କରିଥିବା ଏହି ଗ୍ୟାଙ୍ଗ୍‌ର ୪ ସଦସ୍ୟଙ୍କ ସମେତ ମୋଟ ୭ ଜଣଙ୍କୁ ପୁଲିସ ଗିରଫ କରିଛି। ତେବେ ଏହି ଗ୍ୟାଙ୍ଗ୍‌ର ଆଉ କିଛି ସଦସ୍ୟ ବାହାରେ ଥିବାରୁ ତଦନ୍ତରେ ବାଧା

**୪ ଲୁଟେରା, ୩ କ୍ରେତା ଗିରଫ**
**କାର୍, ଦୁଇଟି ବାଇକ ଓ ଚୋରି ସାମଗ୍ରୀ ଜବତ**

ଉପୁଜିବା ଆଶଙ୍କା କରି ପୁଲିସ ଗିରଫ ଅଭିଯୁକ୍ତମାନଙ୍କ ନାମ ଗଣମାଧ୍ୟମକୁ କହିନାହିଁ। ସେମାନଙ୍କଠାରୁ ଚୋରିରେ ବ୍ୟବହୃତ ଗୋଟିଏ କାର୍, ଦୁଇଟି ବାଇକ୍ ସହ ବିଭିନ୍ନ ମନ୍ଦିର ସାମଗ୍ରୀ ଜବତ ହୋଇଛି। ଆଜି ଜିଲ୍ଲା ପୁଲିସ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ଉପରୋକ୍ତ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଗତ ୫ ତାରିଖରେ ଚାନ୍ଦିପୁର ଏବଂ ସଦର ଥାନା ଅଧୀନରେ ଥିବା କେତେକ ମନ୍ଦିରରୁ ଚୋରି ନେଇ ଅଭିଯୋଗ ପରେ ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ତଦନ୍ତ ଆରମ୍ଭ କରିଥିଲା। ସଦର ଏସଡିପିଓ ଡ. ଶଶାଙ୍କ ଶେଖର ନାୟକଙ୍କ ତତ୍ତ୍ୱାବଧାନରେ ସଦର ଥାନା ଅଧିକାରୀ, ସୋର ଥାନା ଅଧିକାରୀ, ଶିମୁଳିଆ ଥାନା ଅଧିକାରୀ, ଖନ୍ତାପଡ଼ା ଥାନା ଅଧିକାରୀ ଏବଂ ସାଇବର ଟିମ୍ ମିଳିତ ଭାବେ ତଦନ୍ତ ଆରମ୍ଭ କରିଥିଲେ। ଏହି ସମୟରେ ପୁଲିସ ୪ ଜଣଙ୍କୁ ଗିରଫ କରିଥିଲା। ତେବେ ସେମାନଙ୍କୁ ରିମାଣ୍ଡରେ ଆଣିବା ପରେ ବାଲେଶ୍ୱର



ସମେତ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ମନ୍ଦିରରୁ ଚୋରିରେ ସେମାନଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଥିଲା। ଲୁଟେରାମାନେ ଚୋରି ମନ୍ଦିର ସାମଗ୍ରୀ ବାଲେଶ୍ୱର ଜିଲ୍ଲା ବସ୍ତା ଏବଂ ସହରରେ ତିନିଜଣ ବ୍ୟକ୍ତିଙ୍କୁ ବିକିଥିବା ପୁଲିସ ଜାଣିବାକୁ ପାଇଥିଲେ। ପରେ ପୁଲିସ ସେହି ୩ କ୍ରେତାଙ୍କୁ ଗିରଫ କରିଥିଲା। ଏହି ଲୁଟେରାମାନେ ଜନଗହଳିଠାରୁ ଦୂରରେ ଥିବା ମନ୍ଦିରକୁ ଟାର୍ଗେଟ୍ କରୁଥିଲେ। ଚୋରି ହୋଇଥିବା ସାମଗ୍ରୀରୁ ବର୍ତ୍ତମାନ ପର୍ଯ୍ୟନ୍ତ ୮୦ ପ୍ରତିଶତ ସାମଗ୍ରୀ ଜବତ ହୋଇଛି। ଚାନ୍ଦିପୁର ଥାନା ଅଧୀନ ଝଗଡ଼ପାଢ଼ୀଠାରେ ଥିବା ହନୁମାନ ମନ୍ଦିର, ଶିବ ମନ୍ଦିର, ରେମୁଣାର ଶିବ ମନ୍ଦିର, ଖନ୍ତାପଡ଼ା ଥାନା ଅଧିନ ନୂଆଗଡ଼ିଆସ୍ଥିତ ହନୁମାନ ମନ୍ଦିର, ଶିମୁଳିଆ ଥାନା ଅଧୀନ ଶ୍ରୀକୃଷ୍ଣପୁର ଏବଂ ନରହରିପୁର ଅଞ୍ଚଳର ଦୁଇଟି ହନୁମାନ ମନ୍ଦିର, ସଦର ଥାନା ଅର୍ନ୍ତଗତ ପରିଖୀ ସ୍ଥିତ ଶିବ ମନ୍ଦିର, ହର୍ଷପୁରାସ୍ଥିତ ଅନନ୍ତ ନାରାୟଣ ମନ୍ଦିର, ସୋର ସ୍ଥିତ ନୀଳକଣ୍ଠ ମହାଦେବ ମନ୍ଦିର, ଦାଣକାଳୀ ମନ୍ଦିର, ଲକ୍ଷ୍ମୀନାରାୟଣ ମନ୍ଦିର, ମଙ୍ଗଳା ମନ୍ଦିର, ନୀଳଗିରି ଥାନା ଅନ୍ତର୍ଗତ ଅଯୋଧ୍ୟାସ୍ଥିତ ତାରିଣୀ ମନ୍ଦିର, କମର୍ଦ୍ଦାର ତାରିଣୀ ମନ୍ଦିର, ସିଂଲା ଅଞ୍ଚଳର ନିତାଇ ଗୌରୀ ମଠ ଆଦି ୨୫ଟି ମନ୍ଦିରରୁ ଏହି ଚୋରି ହୋଇଥିଲା। ଏନେଇ ଜିଲ୍ଲାର ବିଭିନ୍ନ ଥାନାରେ ୧୯ଟି ମାମଲା ରୁଜୁ ହୋଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ରେମୁଣା ଥାନା ଅଧିକାରୀ ଦୟାନିଧି ଦାସ, ଖନ୍ତାପଡ଼ା ଥାନା ଅଧିକାରୀ ବିରଞ୍ଚି ସାହୁଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

**ନିର୍ବାଚନ ପାଇଁ ଯାଞ୍ଚ କଡ଼ାକଡ଼ି**

# କାର୍‌ରୁ ୬ଲକ୍ଷ ଟଙ୍କାର ଅଳଙ୍କାର ଜବତ

**ବାରିପଦା,୭ ।୪(ସମିସ):** ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ମିଳିତ ଭାବେ ଯାଞ୍ଚ ପ୍ରକ୍ରିୟାକୁ କଡ଼ାକଡ଼ି କରାଯାଇଛି। ରବିବାର ପ୍ରଶାସନ ପକ୍ଷରୁ ଯାଞ୍ଚ ଚାଲିଥିବା ବେଳେ ଏକ କାର୍‌ରୁ ୬ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଅଳଙ୍କାର ଜବତ ହୋଇଛି। ଅବାଧ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନ ପରିଚାଳନା ପାଇଁ ବାରିପଦା ସହରକୁ ପ୍ରବେଶ ଓ ପ୍ରସ୍ଥାନ ପଥରେ କଡ଼ାକଡ଼ି ଭାବେ ଯାଞ୍ଚ ହେଉଛି। ବାରିପଦାରୁ ପଡ଼ୋଶୀ ପଶ୍ଚିମବଙ୍ଗକୁ ସଂଯୋଗ କରୁଥିବା ରାଜ୍ୟ ରାଜପଥ ୧୯ନଂ.ର କଇଁଫୁଲିଆ ଛକ ନିକଟରେ ପୁଲିସ, ଆଞ୍ଚଳିକ ପରିବହନ ବିଭାଗ ଏବଂ ସିଟି ଜିଏସଟି ଓ ଫ୍ଲାଇଂ ଟିମ ମିଳିତ ଯାଞ୍ଚ ସମୟରେ ଏକ କାର୍‌ରୁ ସୁନା ଓ ରୁପା ଅଳଙ୍କାର ଜବତ କରାଯାଇଥିଲା। ନିର୍ବାଚନ ସମୟରେ ନଗଦ ଟଙ୍କା, ମାଦକଦ୍ରବ୍ୟ, ବିସ୍ଫୋରକ ସାମଗ୍ରୀ, ମାରଣାସ୍ତ୍ର ଓ ଉପହାରମୂଳକ ସାମଗ୍ରୀ ଚାଲାଣକୁ ରୋକିବା ପାଇଁ ନିର୍ବାଚନ କମିସନରଙ୍କ ନିର୍ଦ୍ଦେଶରେ ଉପରୋକ୍ତ ଯାଞ୍ଚ ଚାଲିଛି। ତେବେ ଲକ୍ଷାଧିକ ଟଙ୍କାର ସୁନାରୁପା ଅଳଙ୍କାର କାର୍‌ରୁ ଜବତ ହେବା ପରେ ସନ୍ଦେହ ସୃଷ୍ଟି ହୋଇଛି। କାର ଓ ଅଳଙ୍କାରଗୁଡ଼ିକ ବିଭାଗ ପକ୍ଷରୁ ଜବତ କରି ରଖାଯାଇଥିବା ବେଳେ ଅଧିକ ତଦନ୍ତ ଚାଲିଛି।



ବାରିପଦାର ଜଣେ ବ୍ୟବସାୟୀଙ୍କୁ ଏ ନେଇ ସିଟି ଜିଏସଟି ଓ ଫ୍ଲାଇଂ ଟିମ ଯୁକ୍ତିଯୁକ୍ତ ପ୍ରମାଣ ଉପସ୍ଥାପନ ପାଇଁ ନୋଟିସ ଜାରି କରିଛନ୍ତି। ତେବେ ଅଳଙ୍କାରଗୁଡ଼ିକ ସେ ବାରିପଦାରୁ ଶୁଳିଆପଦା ଅଞ୍ଚଳର ଏକ ହାଟକୁ ବ୍ୟବସାୟ ଉଦ୍ଦେଶ୍ୟରେ ନେଉଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏହାର କାଗଜପତ୍ର ଉପସ୍ଥାପନ ପାଇଁ ବିଭାଗ ପକ୍ଷରୁ କୁହାଯାଇଛି। ଏହି ଘଟଣାକୁ ନେଇ ମୟୂରଭଞ୍ଜ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ 'ଏକ୍ସ'ରେ ଯାଞ୍ଚ ଓ ତଦନ୍ତ ସମୟର ଫଟୋ ଓ ସମସ୍ତ ବିବରଣୀ ପୋଷ୍ଟ କରି ସମସ୍ତଙ୍କୁ ସତର୍କ କରାଇଛନ୍ତି।

■ ଘରେ ପଶି ସଶସ୍ତ୍ର ଡକାୟତି

# ଡାକ୍ତର ଦମ୍ପତିଙ୍କୁ ହାଣି ଲୁଟିନେଲେ ୧୦ଲକ୍ଷର ଗହଣା

**ବଳଙ୍ଗା, ୭ ।୪ (ସମିସ):** ପୁରୀ ଜିଲ୍ଲା ବଳଙ୍ଗା ଥାନା ସରସ୍ୱତୀପୁର ପଞ୍ଚାୟତ ଦକ୍ଷିଣସାହି ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଏକ ବଡ଼ଧରଣର ଡକାୟତି ହୋଇଛି। ଗାଁରେ ରହୁଥିବା ଡାକ୍ତର ଦମ୍ପତିଙ୍କ ଘରେ ପଶି ଡକାୟତମାନେ ତାଙ୍କୁ ହାଣିବା ସହ ୧୦ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଲୁଟି ନେଇଛନ୍ତି। ଡକାୟତିର ଶିକାର ହୋଇଥିବା ଦମ୍ପତି ହେଲେ, ହୋମିଓପାଥିକ ଡାକ୍ତର ରବୀନ୍ଦ୍ରନାଥ ମହାପାତ୍ର ଓ ତାଙ୍କ ପତ୍ନୀ। ସକାଳୁ ଏହି ଘଟଣା ଜଣାପଡ଼ିବା ପରେ ପିପିଲି ଆରକ୍ଷୀ ଉପଖଣ୍ଡ ଅଧିକାରୀ ବିରଞ୍ଚିନାରାୟଣ ପତି, ଥାନା ଅଧିକାରୀ ଦିବ୍ୟରଞ୍ଜନ ପଣ୍ଡା ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଥିଲେ। ଏହାସହ ଆହତ ଦମ୍ପତିଙ୍କୁ ଚିକିତ୍ସା ଲାଗି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅପରପକ୍ଷେ, ଏହି ଘଟଣା ଆଜି ପଦାକୁ ଆସିବା ପରେ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳି ଯାଇଛି।

ମିଳିଥିବା ସୂଚନାନୁଯାୟୀ, ଶନିବାର ବିଳମ୍ବିତ ରାତିରେ ୫ରୁ ୬ଜଣ ଦୁର୍ବୃତ୍ତ ମୁହଁରେ କଳାକପଡ଼ା ବାନ୍ଧି ଡାକ୍ତର ମହାପାତ୍ରଙ୍କ ଘରେ ପଶିଥିଲେ। ସେମାନେ ସାଥିରେ ଆଣିଥିବା ଗ୍ୟାସ୍-କଟର୍ ସାହାଯ୍ୟରେ ଗ୍ରୀଲ୍ କାଟି ଝରକା ବାଟେ ତାଙ୍କ ଘରେ ପଶିଥିଲେ। ସେମାନଙ୍କ ଶବ୍ଦ ଶୁଣି ଡାକ୍ତର ଦମ୍ପତିଙ୍କ ନିଦ ଭାଙ୍ଗି ଯାଇଥିଲା। ଡାକ୍ତର ମହାପାତ୍ର ଓ ତାଙ୍କ ପତ୍ନୀ ଦୁର୍ବୃତ୍ତମାନଙ୍କୁ ବିରୋଧ କରିବାକୁ ଚେଷ୍ଟା କରିବାରୁ ସେମାନେ ତାଙ୍କୁ ଏକ ମାରଣାସ୍ତ୍ରରେ ହାଣିବା ସହ ପରିବାରର ସମସ୍ତ ସଦସ୍ୟଙ୍କୁ ଏକ ଘରେ ପୂରାଇ ଚାବି ପକାଇ ଦେଇଥିଲେ। ପରେ ଆଲମିରା ଭାଙ୍ଗି ୧୦ ଲକ୍ଷ ଟଙ୍କାର ସୁନା ଓ ରୁପା ଅଳଙ୍କାର ସହ ନଗଦ ଟଙ୍କା ଲୁଟି ନେଇଥିଲେ।

# ୫ ବାଘ ଚମଡ଼ା ଜବତ, ୬ ଗିରଫ



**ପାରଳାଖେମୁଣ୍ଡି, ୭ ।୪ (ସମିସ) :** ଗଜପତି ଜିଲ୍ଲାରେ ବନ ବିଭାଗର ସ୍ୱତନ୍ତ୍ର ଟାସ୍କ ଫୋର୍ସ ଦ୍ୱାରା ବାଘ ଓ ଅନ୍ୟାନ୍ୟ ବନ୍ୟପ୍ରାଣୀ ଚମଡ଼ା ଜବତ ହୋଇଛି। ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀ ଏସ୍.ଆନନ୍ଦଙ୍କ ନିର୍ଦ୍ଦେଶ କ୍ରମେ ଏକ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲେ । ଏହି ଚଢଉ ବେଳେ ୫ ବାଘ, ଗୋଟିଏ କଟାସ ଓ ଗୋଟିଏ ବଣ ବିରାଡ଼ି ଚମଡ଼ା ସହ ୨୬.୧ କେଜି ପରିମାଣର ବଜ୍ରକାପ୍ତା କାତି ଜବତ ହୋଇଛି। ଘଟଣାରେ ସମ୍ପୃକ୍ତ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

**ସୁନେଲି ସ୍ୱପ୍ନ ଧୂସର**

# ଶୀତଳଭଣ୍ଡାରରେ ଉପକୂଳ ରାଜପଥ

**ଭୁବନେଶ୍ୱର, ୭ ।୪(ସମିସ):** ୨୦୨୪ ଶେଷ ସୁଦ୍ଧା ଓଡ଼ିଶାର ଜାତୀୟ ରାଜପଥ ପ୍ରକଳ୍ପ ଅଧୀନସ୍ଥ ରାସ୍ତା ସବୁ ଆମେରିକା ଭଳି ଚକାଚକ୍ ହୋଇଯିବ। ଓଡ଼ିଶାର ସବୁଠାରୁ ବୃହତ୍ ଜାତୀୟ ରାଜପଥ ପ୍ରକଳ୍ପ ହେବ ଉପକୂଳ ରାଜପଥ। ବେଳାଭୂମି ତଟରେ ପ୍ରଶସ୍ତ ରାସ୍ତା ଯିବ। ପର୍ଯ୍ୟଟନ କ୍ଷେତ୍ରରେ ଓଡ଼ିଶା ନୂଆ ଦିଗନ୍ତ ସ୍ପର୍ଶ କରିବ। ଏହାସହ ଉପକୂଳ ଅଞ୍ଚଳ ବିକାଶର ନୂଆଧାରାରେ ସାମିଲ ହେବ। ଗମନାଗମନ ଯେତିକି ସହଜ ହେବ, ପର୍ଯ୍ୟଟନ କ୍ଷେତ୍ର ସେତିକି ସମୃଦ୍ଧ ହେବ। ଦୀର୍ଘ ୮ବର୍ଷ ତଳେ କେନ୍ଦ୍ର ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରୀ ଓଡ଼ିଶାବାସୀଙ୍କୁ ଦେଖାଇଥିଲେ ଏପରି ଏକ ସୁନେଲି ସ୍ୱପ୍ନ। ହେଲେ ଏହି ସବୁ ଘୋଷଣାକୁ ୮ ବର୍ଷ ବିତିଯାଇଛି, ମାତ୍ର ଉପକୂଳ ରାଜପଥ ପାଇଁ ନକ୍ସା ମଧ୍ୟ ଚୂଡ଼ାନ୍ତ ହୋଇପାରିଲାନି। ଓଡ଼ିଶାବାସୀଙ୍କୁ ସ୍ୱପ୍ନ ଦେଖାଇ କେନ୍ଦ୍ର ସରକାର ଓ ତାଙ୍କ ମନ୍ତ୍ରୀ ଏହି ପ୍ରକଳ୍ପକୁ ଭୁଲି ଯାଇଛନ୍ତି ବୋଲି ଏବେ ଅଭିଯୋଗ ଉଠିଲାଣି।

ଗୋପାଳପୁରରୁ ଦୀଘା ପର୍ଯ୍ୟନ୍ତ ପ୍ରସ୍ତାବିତ ଉପକୂଳ ରାଜପଥ ପ୍ରକଳ୍ପ ପ୍ରାୟ ୪୪୦ କିମି କରାଯିବାକୁ ନିଷ୍ପତ୍ତି ହୋଇଥିଲଶ। କିନ୍ତୁ ଏକ୍ସପର୍ଟ ଆପ୍ରାଇଜାଲ୍ କମିଟି(ଇଏସି) ଚିଲିକା, ବାଲୁଖଣ୍ଡ ଓ ଭିତରକନିକାଠାରୁ ଦୂରରେ ରାଜପଥ ନେବାକୁ ପରାମର୍ଶ ଦେଇଥିଲେ। ଏହାପରେ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀଠାରୁ ବାହାରି ରତନପୁର ଦେଇ ଦୀଘା ପର୍ଯ୍ୟନ୍ତ(୩୮୨ କିମି) ଉପକୂଳ ରାଜପଥ ରହିବା ପାଇଁ ସ୍ଥିର ହୋଇଥିଲା। ହେଲେ ଜଗତସିଂହପୁରରେ କୌଣସି ସମସ୍ୟା ନଥାଇ ଓ ହଳଦିଆ ଖୁଣ୍ଟ ପୋତାଯିବା ପରେ ମଧ୍ୟ ଚଞ୍ଚକତା କରାଯାଇ ସମୁଦ୍ରଠାରୁ ପ୍ରାୟ ୨୫ କିମି ଦୂରରେ ରାଜପଥ ନିଆଯିବାକୁ ନକ୍ସା-୩ରେ ଦର୍ଶାଯାଇଥିଲା। ଯାହାକୁ ନେଇ ଦୀର୍ଘ ମାସ ହେବ 'ଉପକୂଳ ରାଜପଥ କ୍ରିୟାନୁଷ୍ଠାନ କମିଟି' ଆନ୍ଦୋଳନ ଜାରି ରଖିଛି। କମିଟିର ଆନ୍ଦୋଳନ ପ୍ରଭାବରେ ନକ୍ସା-୩କୁ ବାତିଲ ମଧ୍ୟ କରାଯାଇଛି। କାରଣ ଏହି ପ୍ରକଳ୍ପ ବେଳାଭୂମି ତଟରେ ଯିବା ଦ୍ୱାରା ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବ। ଏହାଦ୍ୱାର ଉପକୂଳ ଅଞ୍ଚଳର ଲୋକମାନଙ୍କ ଆର୍ଥିକ ଅଭିବୃଦ୍ଧି ହେବ। ସ୍ଥାନୀୟ ବାସିନ୍ଦାଙ୍କୁ ବିଭିନ୍ନ ଉପାୟରେ ରୋଜଗାର ମିଳିବ। ହେଲେ କାହା ସ୍ୱାର୍ଥରେ ଏଠାରୁ ୨୫ କିମି ଦୂରରେ ରାଜପଥ ନିଆଯାଉଛି। ତାକୁ ସ୍ଥାନୀୟ ବାସିନ୍ଦା ପ୍ରଶ୍ନ କରିଛନ୍ତି। ସଂସଦରେ ସାଂସଦ ମାନସ ମଙ୍ଗରାଜ ମଧ୍ୟ ଏ ସଂକ୍ରାନ୍ତୀୟ ପ୍ରଶ୍ନ ରାଜ୍ୟସଭାରେ ଉତ୍‌ଥାପନ କରି ତୁରନ୍ତ ଉପକୂଳ ରାଜପଥ କାମ ଆରମ୍ଭ କରାଯାଉ ବୋଲି ଦାବି କରିଛନ୍ତି।



■ ଖୁବ୍‌ଶୀଘ୍ର ନକ୍ସା ଚୂଡ଼ାନ୍ତ ନହେଲେ ତୀବ୍ରରୂପ ନେବ ଆନ୍ଦୋଳନ
■ ରାଜ୍ୟସଭାରେ ସ୍ୱର ଉଠାଇଥିଲେ ସାଂସଦ ମାନସ ମଙ୍ଗରାଜ

ନିକଟ ଅତୀତରେ କେନ୍ଦ୍ର ଭୂପୃଷ୍ଠ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ଏନ୍‌ଏଚ୍-୧୬ର ଚଣ୍ଡୀଖୋଲଠାରୁ ଭଦ୍ରକ ଉପଖଣ୍ଡ ପର୍ଯ୍ୟନ୍ତ ୬ ଲେନିଂ ଓ ଏନ୍‌ଏଚ୍-୪୯ର ବାହାରଗୋଡ଼ା ସିଂଘରା ଖଣ୍ଡର ୪ ଲେନିଂ ରାସ୍ତାର ଲୋକାର୍ପଣ ସହ ବିଭିନ୍ନ ପ୍ରକଳ୍ପ ନିମନ୍ତେ ଭୂମି ପୂଜନ କରିଛନ୍ତି। ହେଲେ ଉପକୂଳବାସୀଙ୍କ ସ୍ୱପ୍ନ ଆଉ ଆଶାର ପ୍ରକଳ୍ପ ଉପକୂଳ ରାଜପଥ ଏହାରି ଭିତରେ ସାମିଲ ହୋଇପାରି ନାହିଁ। ଫଳରେ ଉପକୂଳ ଓଡ଼ିଶାର ହଜାର ହଜାର ଜନସାଧାରଣଙ୍କ ଭିତରେ ଅସନ୍ତୋଷର ବହ୍ନ କୁହୁଳିବାରେ ଲାଗିଛି। ଖୁବ୍‌ଶୀଘ୍ର ଏହା ବିସ୍ଫୋରକ ରୂପ ନେବ ବୋଲି ବାଲିକୁଦା, ଏରସମା ଓ ଅସ୍ତରଙ୍ଗର ୮୦ରୁ ଉର୍ଦ୍ଧ୍ୱ ପଞ୍ଚାୟତରେ ଲୋକଙ୍କ ଦ୍ୱାରା ଗଠିତ 'ଉପକୂଳ ରାଜପଥ କ୍ରିୟାନୁଷ୍ଠାନ କମିଟି' ପକ୍ଷରୁ କୁହାଯାଉଛି।

ଅନ୍ୟପକ୍ଷରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ରାଜ୍ୟ ସରକାରଙ୍କ ତରଫରୁ ଉପକୂଳବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପୂର୍ବ ପ୍ରସ୍ତାବିତ୍ ନକ୍ସା-୨ ଅନୁସାରେ ରାଜପଥ ନେବାକୁ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି।ଏତେ ସବୁ ସତ୍ତ୍ୱେ ଓଡ଼ିଶାବାସୀଙ୍କ ପ୍ରତି କେନ୍ଦ୍ର ସରକାର ଚରମ ଅବେହଳା ପ୍ରଦର୍ଶନ କରୁଛନ୍ତି। ଖୁବଶୀଘ୍ର ନକ୍ସା ଚୂଡ଼ାନ୍ତ ନହେଲେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଏନ୍‌ଏଚ୍‌ଏଆଇର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, କନସଲଟାନ୍ସି କମ୍ପାନୀ ପକ୍ଷରୁ ନୂଆ ନକ୍ସା ପ୍ରସ୍ତୁତ ସରିଛି। ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ରାସ୍ତା ଯିବା ନେଇ ନୂଆ ନକ୍ସାରେ ଦର୍ଶାଯାଇଛି। ମନ୍ତ୍ରଣାଳୟକୁ ମଞ୍ଜୁରୀ ନିମିତ୍ତ ପଠାଯାଇଛି। ଖୁବ୍‌ଶୀଘ୍ର ମଞ୍ଜୁରୀ ମିଳିଲେ କାମ ଆରମ୍ଭ ହେବ ବୋଲି ସେ କହିଛନ୍ତି।

## ଫୁଲବାଣୀ ଓ ଜି.ଉଦୟଗିରି ବିଧାନସଭା ନିର୍ବାଚନମଣ୍ଡଳୀ

# ଏଥର ହେବ ତ୍ରିମୁଖୀ ଲଢ଼େଇ








**ଫୁଲବାଣୀ,୭ ।୪(ସମିସ):** କନ୍ଧମାଳ ଜିଲ୍ଲାର ତିନୋଟି ବିଧାନସଭା ଆସନ ମଧ୍ୟରୁ ଫୁଲବାଣୀ ଓ ଜି.ଉଦୟଗିରିରେ ତ୍ରିମୁଖୀ ଲଢ଼େଇ ପାଇଁ କ୍ଷେତ୍ର ପ୍ରସ୍ତୁତ ହୋଇଛି। ଇତିମଧ୍ୟରେ ଏହି ଦୁଇ ଆସନ ପାଇଁ ତିନି ପ୍ରମୁଖ ଦଳ ସେମାନଙ୍କ ପ୍ରାର୍ଥୀଙ୍କ ନାମତାଲିକା ଘୋଷଣା କରିଛନ୍ତି। ଫୁଲବାଣୀରୁ ପ୍ରତିଭା କହଁର କଂଗ୍ରେସ ପ୍ରାର୍ଥୀ ହୋଇଥିବା ବେଳେ ବିଜେପି ଉମାଚରଣ ମଲିକଙ୍କୁ ଓ ବିଜେଡି ଜୟଶ୍ରୀ କହଁରଙ୍କୁ ପ୍ରାର୍ଥୀ କରିଛି। ସମୁଦାୟ ୧, ୯୮, ୮୩୯ ଭୋଟର୍ ଥିବା ଏହି ଆସନରେ ୧୯୮୫ ମସିହା ପରଠାରୁ କଂଗ୍ରେସ ବିଜୟୀ ହୋଇ ନାହିଁ। ୨୦୦୦ ମସିହାରୁ ଏହା ବିଜେଡି ଅକ୍ତିଆରରେ ରହିଛି। ବିଜେପି କେବେ ବି ଏଠି ବିଜୟ ସ୍ୱାଦ ଚାଖିନି। ଗତ ନିର୍ବାଚନରେ ବିଜେଡି ପ୍ରାର୍ଥୀ ଅଙ୍ଗଦ କହଁର ବିପୁଳ ଭୋଟ ପାଇ ବିଜୟୀ ହୋଇଥିଲେ। ବିଜେପିର ଦେବ ନାରାୟଣ ପ୍ରଧାନ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ କଂଗ୍ରେସ ପ୍ରାର୍ଥୀ କିଶୋର କହଁର ତୃତୀୟ ସ୍ଥାନରେ ରହିଥିଲେ। ବିଜେଡି ପ୍ରତ୍ୟେକଥର ନୂଆ ପ୍ରାର୍ଥୀ ଦେଇଆସୁଛି। ଚଳିତଥର ମଧ୍ୟ ଏହି ଫର୍ମୁଲା ଦୋହରାଇଛି ଦଳ। ଗତ ସମସ୍ତ ନିର୍ବାଚନରେ ଏହି ଫର୍ମୁଲା ଦଳ ପାଇଁ ଲାଭଜନକ ସାବ୍ୟସ୍ତ ହୋଇଛି ମଧ୍ୟ।

ସେହିଭଳି ଜି. ଉଦୟଗିରି ଆସନ ପାଇଁ ମଧ୍ୟ ତିନି ଦଳ ନିଜର ପ୍ରାର୍ଥୀ ଘୋଷଣା କରିସାରିଛନ୍ତି। ବିଜେଡି ବର୍ତ୍ତମାନର ବିଧାୟକ ତଥା ଉପବାଚସ୍ପତି ସାଲୁଗା ପ୍ରଧାନଙ୍କୁ ପୁଣି ପ୍ରାର୍ଥୀ କରିଥିବା ବେଳେ କଂଗ୍ରେସ ପୁରୁଖା ନେତା ପ୍ରଫୁଲ୍ଲ ପ୍ରଧାନଙ୍କୁ ପ୍ରାର୍ଥୀ କରିଛି। ଅପରପକ୍ଷରେ ବିଜେପି ପ୍ରାର୍ଥୀ ହୋଇଛନ୍ତି ମାନଗୋବିନ୍ଦ ପ୍ରଧାନ। ଏହି ନିର୍ବାଚନମଣ୍ଡଳୀରେ ସମୁଦାୟ ୨, ୦୬୪୦୬ ଭୋଟର ଅଛନ୍ତି। ସାଲୁଗା ଏଥରକୁ ମିଶାଇ ଚତୁର୍ଥଥର ପାଇଁ ଦଳୀୟ ପ୍ରାର୍ଥୀ ହୋଇଛନ୍ତି। ସୂଚନାଯୋଗ୍ୟ, ଏହି ଆସନରୁ ସ୍ୱାଧୀନତା ପରଠାରୁ ୨୦୦୦ ମସିହା ପର୍ଯ୍ୟନ୍ତ କେବଳ ୧୯୭୭କୁ ବାଦ୍ ଦେଇ ପ୍ରତ୍ୟେକଥର କଂଗ୍ରେସ ବିଜୟୀ ହୋଇଛି। ୧୯୮୦ ରୁ ୧୯୯୫ ପର୍ଯ୍ୟନ୍ତ କ୍ରମାଗତ ଚାରିଥର ପାଇଁ ନାଗାର୍ଜୁନ ପ୍ରଧାନ ବିଧାୟକ ହେବା ସହ ମନ୍ତ୍ରୀ ବି ହୋଇଥିଲେ। ୨୦୦୦ରେ ପ୍ରଥମଥର ପାଇଁ ବିଜେଡିର ସାଲୁଗା ଏହି ଆସନକୁ କଂଗ୍ରେସ ହାତରୁ ଛଡ଼ାଇ ଆଣିବା ପାଇଁ ସକ୍ଷମ ହୋଇଥିଲେ। ତେବେ ପୁଣି ୨୦୦୪ରେ କଂଗ୍ରେସ ଆସନ ଫେରିପାଇଥିଲା। ଅପରପକ୍ଷରେ ୨୦୦୯ ନିର୍ବାଚନରେ କନ୍ଧମାଳ ଦଙ୍ଗା ପରବର୍ତ୍ତୀ ପରିସ୍ଥିତିରେ ଏହି ଆସନରେ ପ୍ରଥମ ଓ ଶେଷଥର ପାଇଁ ବିଜେପି ବିଜୟୀ ହୋଇଥିଲା। ପୁଣି ୨୦୧୪ରେ କଂଗ୍ରେସ ଓ ୨୦୧୯ରେ ବିଜେଡି ବିଜୟୀ ହୋଇଥିଲା। ଗତ ତିନିଥର ହେଲା ଲଢ଼େଇ ମୁଖ୍ୟତଃ ବିଜେଡି ଓ କଂଗ୍ରେସ ମଧ୍ୟରେ ହେଉଛି।

## ପୁରୀ ବିଧାନସଭା ନିର୍ବାଚନମଣ୍ଡଳୀ

# ଜୟନ୍ତଙ୍କ ଉପରେ ଭାରିପଡ଼ିବେ ଗୁରୁପୁତ୍ର!

**ପୁରୀ,୭ ।୪(ସମିସ):** ପୁରୀ ଜିଲ୍ଲାର ଏକ ପ୍ରମୁଖ ନିର୍ବାଚନମଣ୍ଡଳୀ ପୁରୀ। ଏହି ଆସନକୁ ହାତେଇବା ଲାଗି ପ୍ରମୁଖ ରାଜନୈତିକ ଦଳ ଆପ୍ରାଣ ଉଦ୍ୟମ କରିଆସିଛନ୍ତି। ହେଲେ ପ୍ରଥମେ ଜନତା ଦଳ ଏବଂ ପରେ ବିଜୁ ଜନତା ଦଳର ପ୍ରାର୍ଥୀ ଏଠାରେ ନିଜର ଦବ୍‌ଦବା ଜାହିର କରିଆସିଛନ୍ତି। ୧୯୯୫ରୁ ୨୦୧୯ ପ୍ରାୟ ୨୫ ବର୍ଷ ଧରି ଏହାକୁ ନିଜ କବ୍‌ଜାରେ ରଖିଥିଲେ ଦିବଂଗତ ନେତା ମହେଶ୍ୱର ମହାନ୍ତି। ହେଲେ ୨୦୧୯ ନିର୍ବାଚନରେ ଅଳ୍ପ କିଛି ଭୋଟ ବ୍ୟବଧାନରେ ମହେଶ୍ୱରଙ୍କ ହାତରୁ ଏହି ଆସନଟି ଖସି ଯାଇଥିଲା। ରାଜନୀତିରେ ମହେଶ୍ୱରଙ୍କ ଶିଷ୍ୟ ଭାବେ ଜଣାଶୁଣା ଜୟନ୍ତ ଷଡ଼ଙ୍ଗୀ ବିଜେପିରୁ ପ୍ରାର୍ଥୀ ହୋଇ ନିର୍ବାଚିତ ହୋଇଥିଲେ। ଇତିମଧ୍ୟରେ ୫ ବର୍ଷ ବିତିଯାଇଛି। ଭୋଟର୍ ବି ପ୍ରାର୍ଥୀଙ୍କ ଦକ୍ଷତାକୁ ମାପି ସାରିଛନ୍ତି। ହାତପାହାନ୍ତାରେ ୨୦୨୪ ନିର୍ବାଚନ। ବିଜେପି ପୁଣିଥରେ ଜୟନ୍ତଙ୍କ ଉପରେ ଭରସା କରିଥିବା ବେଳେ ମହେଶ୍ୱରଙ୍କ ଅବର୍ତ୍ତମାନରେ ଏଥର ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି ତାଙ୍କ ପୁଅ ସୁନୀଲ। ତେବେ ଏଥର ଜୟନ୍ତଙ୍କ ଉପରେ ଗୁରୁପୁତ୍ର ଭାରିପଡ଼ିବେ ବୋଲି ଚର୍ଚ୍ଚା ହେଉଛି।

ବର୍ତ୍ତମାନ ସୁଦ୍ଧା ପୁରୀରୁ କଂଗ୍ରେସ କାହାରି ନାଁ ଘୋଷଣା କରିନାହିଁ। ତେଣୁ ପ୍ରମୁଖ ରାଜନୈତିକ ଦଳ ମଧ୍ୟରୁ ବିଜେଡିରୁ ମହେଶ୍ୱରଙ୍କ ପୁଅ ସୁନୀଲ ଏବଂ ବିଜେପିରୁ ଜୟନ୍ତ ଷଡ଼ଙ୍ଗୀ ପ୍ରାର୍ଥୀ ହୋଇଛନ୍ତି। ଏହି ଦୁଇଜଣଙ୍କ ମଧ୍ୟରେ ସୁନୀଲ ରାଜନୀତି ମଇଦାନରେ ଜଣେ ନବାଗତ ଚେହେରା। ଅବଶ୍ୟ ବାପାଙ୍କ ସହ ରାଜନୀତିକୁ ଅତି ପାଖରୁ ଦେଖିଛନ୍ତି। ଓଡ଼ିଶା ରାଜନୀତିରେ ତାଙ୍କ ବାପା ଏକ ପରିଚିତ ଚେହେରା ଥିଲେ। ଏକାଧିକ ବିଭାଗର ମନ୍ତ୍ରୀ, ବାଚସ୍ପତି ସାଙ୍ଗକୁ ବିଭିନ୍ନ କମିଟିରେ ତାଙ୍କୁ




ସ୍ଥାନ ମିଳିଥିଲା। ତେଣୁ ତାଙ୍କର ଦାୟାଦ ହିସାବରେ ସୁନୀଲଙ୍କର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ସୁନୀଲ ଜଣେ ଉଚ୍ଚ ଶିକ୍ଷିତ ଏବଂ ଯୁବ ଚେହେରା। ରାଜ୍ୟ ଯୁବ ବିଜେଡିର ଉପସଭାପତି ମଧ୍ୟ ରହିଛନ୍ତି। ତେଣୁ ଛାତ୍ର ଏବଂ ଯୁବଗୋଷ୍ଠୀଙ୍କୁ ସଙ୍ଗଠିତ କରିବାରେ ତାଙ୍କର ସେମିତି କୌଣସି ଅସୁବିଧା ନାହିଁ। ଅନ୍ୟପକ୍ଷରେ ମହେଶ୍ୱରଙ୍କ ପରଲୋକ ପରେ ସମସ୍ତଙ୍କର ସହାନୁଭୂତି ସୁନୀଲଙ୍କ ଉପରେ ରହିଛି। ସ୍ୱଚ୍ଛ ଭାବମୂର୍ତ୍ତିର ସୁନୀଲ ଧୀର, ସ୍ଥିର ଏବଂ ନମ୍ର ଭାବେ ଲୋକଙ୍କ ସମସ୍ୟା ଶୁଣି ଯଥାସମ୍ଭବ ସମାଧାନ ପାଇଁ ବିଭିନ୍ନ ଉଦ୍ୟମ କରିଆସିଛନ୍ତି। ସମସ୍ତଙ୍କୁ ସାଥୀରେ ନେଇ ଆଗକୁ ବଢ଼ିବାରେ ବିଶ୍ୱାସ ରଖିଥିବା ସୁନୀଲ ତାଙ୍କ ପ୍ରଚାରକୁ ବି ଜୋର୍‌ଦାର କଲେଣି। ବିଶେଷକରି ପୁରୀର ବିକାଶ ହିଁ ସୁନୀଲଙ୍କର ବଡ଼ ପୁଞ୍ଜି। ରାଜ୍ୟ ସରକାର ପୁରୀକୁ ବିଶ୍ୱସ୍ତରୀୟ ଐତିହ୍ୟ ସହରରେ ପରିଣତ କରିବା ଲାଗି ନିରବଚ୍ଛିନ୍ନ ଉଦ୍ୟମ ଜାରି ରଖିଛନ୍ତି। ଯେଉଁଥିପାଇଁ ବଡ଼ ବଡ଼ ମେଗା ପ୍ରକଳ୍ପ ପୁରୀ ମାଟିରେ ଛିଡ଼ା ହୋଇଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ, ରାଜ୍ୟର ପ୍ରଥମ ଟ୍ରମ୍ପେଟ ବ୍ରିଜ୍ (ଶ୍ରୀସେତୁ), ୩ଟି ଅତ୍ୟାଧୁନିକ ମାର୍କେଟ୍ କମ୍ପ୍ଲେକ୍ସ, ବହୁତଳ ବିଶିଷ୍ଟ ପାର୍କିଂ, ମେଡିକାଲ କଲେଜ, ଶ୍ରୀମାର୍ଗ, ତୀର୍ଥ ପୁଷ୍କରିଣୀର ସୌନ୍ଦର୍ଯ୍ୟକରଣ, ରାସ୍ତାଘାଟର ସମ୍ପ୍ରସାରଣ, କ୍ରୀଡ଼ା ଭିତ୍ତିଭୂମିର ବିକାଶ ଭଳି ଅନେକ କାମ ପୁରୀ ପାଇଁ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସେହିପରି ଆନ୍ତର୍ଜାତୀୟ ବିମାନବନ୍ଦର ମଧ୍ୟ ପୁରୀରେ ନିର୍ମାଣ ହେବାକୁ ଯାଉଛି। ଏସବୁକୁ ପୁଞ୍ଜି କରି ଭୋଟରଙ୍କୁ ଭେଟୁଛନ୍ତି ସୁନୀଲ।

ଅପରପକ୍ଷେ ଗତ ୨୦୧୯ରେ ମହେଶ୍ୱରଙ୍କଠାରୁ ଅଳ୍ପ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିବା ଜୟନ୍ତଙ୍କୁ ଦ୍ୱିତୀୟଥର ଲାଗି ପୁରୀରୁ ପ୍ରାର୍ଥୀ କରିଛି ବିଜେପି। ହେଲେ ୫ ବର୍ଷ କାର୍ଯ୍ୟକାଳ ମଧ୍ୟରେ ପୁରୀ ପାଇଁ ସେ କ'ଣ କରିଛନ୍ତି, ତାଙ୍କ ଦଳ ବିଜେପି ପୁରୀ ବିକାଶରେ କେତେଦୂର ସହଯୋଗ ଦେଇଛି; ଏ ସବୁର ହିସାବ ରଖିଛନ୍ତି ଭୋଟର। ଜୟନ୍ତ ବି ୨୦୨୪ ନିର୍ବାଚନକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି। ଦଳ ତାଙ୍କ ଉପରେ ଭରସା କରିଥିବାରୁ ସେ ମଧ୍ୟ ଦଳକୁ ନିରାଶ କରିବେ ନାହିଁ ବୋଲି କହୁଛନ୍ତି। ଏହାରି ଭିତରେ ଏବେ ପୁରୀ ବିଧାନସଭା ନିର୍ବାଚନମଣ୍ଡଳୀରେ ଗୋଟିଏ କଥା ଚର୍ଚ୍ଚା ହେଉଛି ଏଥର ଜୟନ୍ତ ଷଡ଼ଙ୍ଗୀଙ୍କ ଉପରେ ଭାରି ପଡ଼ିବେ ତାଙ୍କ ରାଜନୈତିକ ଗୁରୁ ମହେଶ୍ୱର ମହାନ୍ତିଙ୍କ ପୁତ୍ର ସୁନୀଲ। ଆଉ ଏହି ଭାରି ପଡ଼ିବାର ମୁଖ୍ୟ କାରଣ ରହିବ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପୁରୀରେ ହୋଇଥିବା ବିକାଶମୂଳକ କାର୍ଯ୍ୟ।

# ଖଣ୍ଡପଡ଼ା ବିଜେପିରେ ତେଜିଲା ଅସନ୍ତୋଷ

**ଖଣ୍ଡପଡ଼ା,୭ ।୪ (ସମିସ):** ଖଣ୍ଡପଡ଼ା ବିଧାନସଭା ଆସନ ପାଇଁ ବିଜେପି ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କୁ ଦଳୀୟ ଟିକଟ ଦେବା ପରେ ଦଳ ଏଠି ଦୁଇଫାଳ ହୋଇଯାଇଛି। ଇଂ ଅର୍ଚ୍ଚନା ଦାଶଙ୍କ ଗୋଷ୍ଠୀ ଏଥିରେ ତୀବ୍ର ଅସନ୍ତୋଷ ପ୍ରକାଶ



କରିବା ସହ ରାଜ୍ୟ ନେତୃତ୍ୱଙ୍କ ବିରୋଧରେ ବିକ୍ଷୋଦ୍‌ଗାର କରିଛନ୍ତି। ଏହି ଆସନ ଉପରେ ପୁନର୍ବିଚାର କରି ପ୍ରାର୍ଥୀ ବଦଳା ନଗଲେ, ଆଗାମୀ ଦିନରେ ଦଳକୁ ଏହା ମହଙ୍ଗା ପଡ଼ିବ ବୋଲି ଶ୍ରୀମତୀ ଦାଶଙ୍କ ସମର୍ଥକମାନେ ଖୋଲାଖୋଲି ଧମକ ଦେଇଛନ୍ତି। ଏହି ଗୋଷ୍ଠୀର ଅଭିଯୋଗ ହେଲା, ବିଜେପିର ଜଣେ ଶୃଙ୍ଖଳିତ କର୍ମୀ ହିସାବରେ ୭ ବର୍ଷ ଧରି ଶ୍ରୀମତୀ ଦାଶ ଦଳର ପ୍ରଚାରପ୍ରସାର କରିବା ସହ ବୁଥ୍‌ସ୍ତରୀୟ କାର୍ଯ୍ୟକ୍ରମ କରି ଆସୁଥିଲେ। କିନ୍ତୁ ତାଙ୍କୁ ଉପେକ୍ଷା କରି କିଛି ଦିନ ତଳେ ମିଶିଥିବା ଦୁଷ୍ମନ୍ତଙ୍କୁ ଟିକଟ ଦେଇ ଦଳ ଶ୍ରୀମତୀ ଦାଶଙ୍କ ପ୍ରତି ଅନ୍ୟାୟ କରିଛି।

ଗତ ୨୦୧୯ ସାଧାରଣ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବରେ ଦୁଷ୍ମନ୍ତ ସ୍ୱାଇଁ ନିର୍ବାଚନ ଲଢ଼ିଥଲେ। କିଛି ଦିନ ତଳେ ନିଜ ସମର୍ଥକଙ୍କ ସହ ବିଜେପିରେ ମିଶିଥିଲେ ଦୁଷ୍ମନ୍ତ। ଦଳ ତାଙ୍କ ଉପରେ ଆସ୍ଥା ପ୍ରକଟ କରି ଟିକଟ ମଧ୍ୟ ଦେଇଛି। ତେବେ ଦୀର୍ଘ ଦିନ ଧରି ଦଳ ସହିତ ଥିବା ଓ ୨୦୨୪ ସାଧାରଣ ନିର୍ବାଚନରେ ଦଳୀୟ ପ୍ରାର୍ଥୀ ହେବା ପାଇଁ ଆଶା ବାନ୍ଧିଥିବା ଶ୍ରୀମତୀ ଦାଶଙ୍କୁ ବିଜେପି ଧୋକ୍କା ଦେଇଥିବା ସେ ବିଭିନ୍ନ ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଛନ୍ତି। ଯିଏ ଦଳ ପାଇଁ ନିରନ୍ତର ଭାବେ କାର୍ଯ୍ୟ କରି

**ଟିକଟ୍ ବଣ୍ଟନକୁ ନେଇ ନେତା-କର୍ମୀ ଖପ୍ପା**

**ଦଳୀୟ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଲେ ବିଜେପି ନେତ୍ରୀ ଇଂ ଅର୍ଚ୍ଚନା ଦାଶ**

ଆସୁଛନ୍ତି, ତାଙ୍କୁ ଦଳୀୟ ଟିକଟ ଦେବା ପରିବର୍ତ୍ତେ ଦଳର ଆଭିମୁଖ୍ୟ ସହିତ ଜଡ଼ିତ ନଥିବା ଆମଦାନୀ ନେତାଙ୍କୁ କିପରି ଟିକଟ ଦିଆଯାଇଛି ବୋଲି ସେ ସିଧାସଳଖ ପ୍ରଶ୍ନ କରିଛନ୍ତି।

ଅନ୍ୟପକ୍ଷରେ ଏଭଳି ପରିସ୍ଥିତିରେ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀରେ ବିଜେପିରେ ବିଦ୍ରୋହର ନିଆଁ ପ୍ରତ୍ୟେକ ପଞ୍ଚାୟତରେ ଦେଖିବାକୁ ମିଳିଛି। ମୁଣ୍ଡ ଉପରେ ନିର୍ବାଚନ ଥିବା ବେଳେ ଏହି ଦଳୀୟ କନ୍ଦଳ ବିଜେପିକୁ ମହଙ୍ଗା ପଡ଼ିବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

## ନବରଙ୍ଗପୁର ବିଧାନସଭା ଆସନ

# ରୋଚକ ହେବ ଖୁଡ଼ୀ-ପୁତୁରା ଲଢ଼େଇ

**ନବରଙ୍ଗପୁର, ୭ ।୪(ସମିସ):** ଚଳିତ ୨୦୨୪ ନିର୍ବାଚନରେ ନବରଙ୍ଗପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ଖୁଡ଼ୀ-ପୁତୁରା ମଧ୍ୟରେ ହେବ ଲଢ଼େଇ। କଂଗ୍ରେସ ପକ୍ଷରୁ ଲଢ଼ି ୯ ଥର ସାଂସଦ ହୋଇ ଇତିହାସ ରଚିଥିବା ସ୍ୱର୍ଗତ ଖଗପତି ପ୍ରଧାନୀଙ୍କ ସାନ ଭାଇ ତଥା ନବରଙ୍ଗପୁର ଜିଲ୍ଲାର ପ୍ରଥମ ଜିଲ୍ଲା ପରିଷଦ ଅଧ୍ୟକ୍ଷ ସ୍ୱର୍ଗତ ଗୋପୀନାଥ ପ୍ରଧାନୀଙ୍କ ପୁଅ ହେଉଛନ୍ତି ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ। ସଦାଶିବଙ୍କ ସ୍ତ୍ରୀ କୌଶଲ୍ୟା ପ୍ରଧାନୀ ଏଥର ବିଜେଡିର ବିଧାୟିକା ପ୍ରାର୍ଥୀ। ଅନ୍ୟପଟେ ସ୍ୱର୍ଗତ ଖଗପତି ପ୍ରଧାନୀଙ୍କ ପୁଅ ତଥା ଜିଲ୍ଲା ପରିଷଦ ସଭ୍ୟ ତ୍ରିନାଥ ପ୍ରଧାନୀଙ୍କ ପୁଅ ହେଉଛନ୍ତି ଏଥରର କଂଗ୍ରେସ ପ୍ରାର୍ଥୀ ଦିଲ୍ଲୀପ ପ୍ରଧାନୀ। ତେଣୁ ନବରଙ୍ଗପୁର ଆସନ ଏଥର ଖୁଡ଼ୀ-ପୁତୁରାଙ୍କ ମଧ୍ୟରେ ଲଢ଼େଇ ଦେଖିବାକୁ ଯାଉଛି ବୋଲି ଚର୍ଚ୍ଚା ଜୋର୍ ଧରିଛି।




୨୦୧୯ରେ ସରକାରୀ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇ ରାଜନୈତିକ କ୍ୟାରିୟର୍ ଆରମ୍ଭ କରିଥିଲେ ସଦାଶିବ ପ୍ରଧାନୀ। ପ୍ରଥମଥର ନିର୍ବାଚନ ଲଢ଼ି ନିର୍ବାଚନରେ ନବରଙ୍ଗପୁର ବିଧାୟକ ଭାବେ ବିଜୟୀ ହୋଇଥିଲେ। ଏଥର କିନ୍ତୁ ବିଜେଡି ତାଙ୍କୁ ଟିକଟ ନ ଦେଇ ତାଙ୍କ ଧର୍ମପତ୍ନୀ କୌଶଲ୍ୟାଙ୍କ ଉପରେ ଭରସା କରିଛି। ଅନ୍ୟପଟେ ୨୦୨୨ ପଞ୍ଚାୟତ ନିର୍ବାଚନରେ ପାତ୍ରପୁଟ ସମିତି ସଭ୍ୟ ଭାବେ ଲଢ଼ି ବିଜୟୀ ହୋଇଥିଲେ ଦିଲ୍ଲୀପ ପ୍ରଧାନୀ। ପରବର୍ତ୍ତୀ ସମୟରେ ତେନ୍ତୁଲିଖୁଣ୍ଟି ବ୍ଲକ ଅଧ୍ୟକ୍ଷ ପଦ ପାଇଁ ମଧ୍ୟ ଆଶାୟୀ ରହି ଗୋଟିଚାଳନା କରିଥିଲେ। କିନ୍ତୁ ଅଙ୍କ ତାଙ୍କର ସାଥ୍ ଦେଇନଥିଲେ। ସେବେଠାରୁ ଦିଲ୍ଲୀପ ନବରଙ୍ଗପୁର ବିଧାନସଭା ଆସନରୁ ନିର୍ବାଚନ ଲଢ଼ିବା ପାଇଁ ମନସ୍ଥ କରିଥିଲେ। ଏବେ ସେ କଂଗ୍ରେସ ପକ୍ଷରୁ ନବରଙ୍ଗପୁର ବିଧାନସଭା ପ୍ରାର୍ଥୀ ଭାବରେ ଲଢ଼େଇ କରୁଛନ୍ତି। ଗୋଟିଏ ପରିବାରର ଖୁଡ଼ୀ-ପୁତୁରା ଦୁଇ ନୂଆ ମୁହଁ ପ୍ରମୁଖ ଦୁଇ ଦଳର ପ୍ରାର୍ଥୀ ହୋଇ ନିର୍ବାଚନ ଲଢ଼ିବା ଏକପ୍ରକାର ରୋଚକ ହେବ ବୋଲି କୁହାଯାଉଛି।

## ଚମ୍ପୁଆ ବିଧାନସଭା ଆସନ

# ନିର୍ଣ୍ଣାୟକ ଭୂମିକା ନିର୍ବାହ କରନ୍ତି ସ୍ୱାଧୀନ

**କେନ୍ଦୁଝର/ଚମ୍ପୁଆ, ୭ ।୪ (ସମିସ):** କେନ୍ଦୁଝରର ଜିଲ୍ଲାର ଅଣସଂରକ୍ଷିତ ଆସନ ଭାବେ ପରିଚିତ ଖଣିଖାଦନଭରା ଚମ୍ପୁଆ ରାଜ୍ୟ ରାଜନୀତିରେ ବେଶ ମହତ୍ୱ ରଖେ। ବିଭିନ୍ନ ଦଳ ଏଠାରେ ପ୍ରାର୍ଥୀ ଦେଉଥିଲେ ମଧ୍ୟ ସ୍ୱାଧୀନ ପ୍ରାର୍ଥୀ ଏଠାରେ ନିର୍ଣ୍ଣାୟକ ଭୂମିକା ନିଅନ୍ତି। ଏପରିକି ଏହି ଆସନରେ ୩ଥର ସ୍ୱାଧୀନ ପ୍ରାର୍ଥୀ ବିଜୟୀ ହୋଇଥିବା ବେଳେ ୨୦୧୪ରେ ପ୍ରମୁଖ ଲଢ଼େଇ ମଧ୍ୟ ସ୍ୱାଧୀନ ପ୍ରାର୍ଥୀଙ୍କ ମଧ୍ୟରେ ହୋଇଥିଲା। ତେବେ ୨୦୧୯ରେ ସବୁ ଅଙ୍କ ଓଲଟି ଯାଇଥିଲା। ଦଳୀୟ ପ୍ରାର୍ଥୀ ଭାବେ ବିଜେଡି ବିଜୟୀ ହୋଇଥିବା ବେଳେ ସ୍ୱାଧୀନ ପ୍ରାର୍ଥୀଙ୍କ ଅଙ୍କ କାମ କରିନଥିଲା।



ବଡ଼ବିଲ ପୌରପାଳିକା, ଯୋଡ଼ା ପୌରପାଳିକା, ଚମ୍ପୁଆ ଏନ୍‌ଏସିର ୧୧ଟି ୱାର୍ଡ, ଯୋଡ଼ା ବ୍ଲକ୍‌ର ୧୯ଟି ପଞ୍ଚାୟତ ଅଞ୍ଚଳ, ଚମ୍ପୁଆ ବ୍ଲକର ୧୭ ପଞ୍ଚାୟତକୁ ନେଇ ଚମ୍ପୁଆ ବିଧାନସଭା ନିର୍ବାଚନ ମଣ୍ଡଳୀ ଗଠିତ। ୩ଟି ସହରାଞ୍ଚଳର ଓ ୩୬ଟି ପଞ୍ଚାୟତ ରହିଛି ଏହି ନିର୍ବାଚନ ମଣ୍ଡଳୀରେ। ୨୦୦୦ ମସିହାରେ ଏଠାରେ ସ୍ୱାଧୀନ ଭାବେ ସହରାଇ ଓରାମ ଜିତିଥିବା ବେଳେ ୨୦୦୪ରେ କଂଗ୍ରେସରୁ ଧନୁର୍ଜୟ ସିଦ୍ଧୁ ଜିତିଥିଲେ। ୨୦୦୯ରେ ଏହି ନିର୍ବାଚନମଣ୍ଡଳୀ ବେଶ୍ ଚର୍ଚ୍ଚାରେ ରହିଥିଲା। ୮ଜଣ ଦଳୀୟ ପ୍ରାର୍ଥୀ ଓ ୧୪ଜଣ ସ୍ୱାଧୀନ ପ୍ରାର୍ଥୀଙ୍କ ସହ ମୋଟ ୨୨ଜଣ ପ୍ରାର୍ଥୀ ଏଠାରେ ନିର୍ବାଚନ ଲଢ଼ିଥିଲେ। ଦୁଇ ସ୍ୱାଧୀନ ପ୍ରାର୍ଥୀ ଜିତୁ ପଟ୍ଟନାୟକ, କୁଶ ଆପଟ୍ଟ ଓ କଂଗ୍ରେସ ପ୍ରାର୍ଥୀ ସନାନତ ମହାକୁଡ଼ଙ୍କ ସହ ମେଣ୍ଟରୁ ବିଜେପି ପ୍ରାର୍ଥୀ ମୁରଲୀ ମନୋହର ଶର୍ମାଙ୍କ ମଧ୍ୟରେ ପ୍ରମୁଖ ଲଢ଼େଇ ହୋଇଥିଲା। କିନ୍ତୁ କଂଗ୍ରେସ ପ୍ରାର୍ଥୀଙ୍କୁ ହରାଇ ସ୍ୱାଧୀନ ପ୍ରାର୍ଥୀ ଜିତୁ ପଟ୍ଟନାୟକ ବିଜୟୀ ହୋଇଥିଲେ। ୨୦୧୪ରେ ବିଜେଡିରୁ ପ୍ରାର୍ଥୀ ହୋଇଥିଲେ ବିଶିଷ୍ଟ ହାସ୍ୟାଭିନେତା ପପୁ ପମ୍‌ପମ୍। କିନ୍ତୁ ପପୁଙ୍କୁ ମାତ୍ର ୧୦,୨୩୩ ଖଣ୍ଡ ଭୋଟରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ଏଠାରେ ଦୁଇ ସ୍ୱାଧୀନ ପ୍ରାର୍ଥୀ ସନାତନ ମହାକୁଡ଼ ଓ କୁଶ ଆପଟ୍ଟଙ୍କ ମଧ୍ୟରେ ଲଢ଼େଇ ହୋଇଥିଲା। ୪୫.୫୦ ପ୍ରତିଶତ ଭୋଟ ସହିତ ମୋଟ ୬୯, ୬୩୫ ଖଣ୍ଡ ଭୋଟ ପାଇ ସନାତନ ମହାକୁଡ଼ ୧୪, ୬୭୮ ଖଣ୍ଡ ଭୋଟ ବ୍ୟବଧାନରେ କୁଶ ଆପଟ୍ଟଙ୍କୁ ପରାସ୍ତ କରିଥିଲେ। ବିଜେପି ପ୍ରାର୍ଥୀ ଗିରୀଶ ମହାନ୍ତ ୭୦୭୦ ଖଣ୍ଡ, କଂଗ୍ରେସ ପ୍ରାର୍ଥୀ କ୍ଷେତ୍ରମୋହନ ମହାନ୍ତ ମାତ୍ର ୨୩୩୨ ଖଣ୍ଡ ଭୋଟ ପାଇବାକୁ ସକ୍ଷମ ହୋଇଥିଲେ। ୨୦୧୯ ନିର୍ବାଚନରେ ଚମ୍ପୁଆ ଆସନଟି ବିଜେଡି ହାତକୁ ଯାଇଥିଲା। ବିଜେଡିର ମୀନାକ୍ଷୀ ମହାନ୍ତ ୮୯, ୫୨୫ ଖଣ୍ଡ ଭୋଟ ପାଇଥିବା ବେଳେ ବିଜେପି ପ୍ରାର୍ଥୀ ମୁରଲୀ ମନୋହର ଶର୍ମା ୬୩, ୧୧୭ ଖଣ୍ଡ ଭୋଟ ପାଇ ୨୬, ୪୦୮ ଭୋଟ ବ୍ୟବଧାନରେ ହାରି ଯାଇଥିଲେ। ୨୦୧୯ରେ କଂଗ୍ରେସର ଦଳୀୟ ପ୍ରାର୍ଥୀ ଯଦୁମଣି ବାରିକ ମାତ୍ର ୪୨୧୭ ଖଣ୍ଡ ଭୋଟ ପାଇବାକୁ ସକ୍ଷମ ହୋଇଥିଲେ।

କିନ୍ତୁ ୨୦୨୪ ପାଇଁ ଏ ପର୍ଯ୍ୟନ୍ତ ୩ ପ୍ରମୁଖ ଦଳ ନିଜ ନିଜର ପ୍ରାର୍ଥୀ ତାଲିକା ଝୁଲାଇ ରଖିଛନ୍ତି। ସେହିପରି ସ୍ୱାଧୀନ ପ୍ରାର୍ଥୀଙ୍କ ଭୂମିକା ସ୍ପଷ୍ଟ ହୋଇପାରିନି। ଫଳରେ ନେତା, କର୍ମୀ ଓ ଜନତାଙ୍କ ଭିତରେ ଉତ୍କଣ୍ଠା ବୃଦ୍ଧି ପାଇବାରେ ଲାଗିଛି। ତେବେ ପ୍ରାର୍ଥୀ ତାଲିକା ଓ ନାମଙ୍କନ ଦାଖଲ ପରେ ଜଣାପଡ଼ିବା ଅଙ୍କ ଓଲଟପାଲଟ କରିବାରେ କାହାର ଭୂମିକା କେତେ ରହିବ, ଜଣାପଡ଼ିବ।

ସୂଚନାଯୋଗ୍ୟ, ଏହି ନିର୍ବାଚନମଣ୍ଡଳୀରେ ୮୧ଟି ସହରାଞ୍ଚଳ ବୁଥ୍ ହେବାକୁ ଯାଉଥିବା ବେଳେ ୧୭୧ଗୋଟି ଗ୍ରାମାଞ୍ଚଳ ବୁଥ। ୧,୧୪,୬୧୩ଜଣ ପୁରୁଷ, ୧, ୧୫, ୯୧୨ ଜଣ ମହିଳା ଏବଂ ୭ଜଣ ଅନ୍ୟାନ୍ୟ ଭୋଟରଙ୍କ ସହିତ ମୋଟ ୨, ୩୦, ୫୩୨ ଜଣ ଭୋଟର ସେମାନଙ୍କର ମତସାବ୍ୟସ୍ତ କରିବାକୁ ଯାଉଛନ୍ତି।

## ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀ

# ଉପନିର୍ବାଚନର ପୁନରାବୃତ୍ତି

**ବାଲେଶ୍ୱର,୭ ।୪(ସମିସ):** ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ(୩୮) ଏବେ ସରଗରମ ହେବାରେ ଲାଗିଲାଣି। ପ୍ରଥମେ ବିଜେପି ବିଧାୟକ ପ୍ରାର୍ଥୀ ଭାବେ ମାନସ ଦତ୍ତଙ୍କ ନାମ ପ୍ରକାଶ କରିଥିବା ବେଳେ ବିଜେଡି ସ୍ୱରୂପ ଦାସଙ୍କ ନାମରେ ମୋହର ମାରିଛି। ଉଭୟ ପ୍ରାର୍ଥୀ ଗତ ଉପନିର୍ବାଚନରେ ମୁହାଁମୁହିଁ ହୋଇଥିଲେ। ତେଣୁ ଚଳିତ ନିର୍ବାଚନ ଲଢ଼େଇ ଉପନିର୍ବାଚନର ପୁନରାବୃତ୍ତି ହେବ ବୋଲି ଚର୍ଚ୍ଚା ହେଉଛି।

ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ବାଚନ ମଣ୍ଡଳୀ। ଏହି ନିର୍ବାଚନୀମଣ୍ଡଳୀରେ ୨୦୧୯ ନିର୍ବାଚନରେ ବିଜେପିର ପ୍ରାର୍ଥୀ ମଦନମୋହନ ଦତ୍ତ ବିଜୟୀ ହୋଇଥିଲେ। କିନ୍ତୁ ଅଚାନକ ତାଙ୍କ ପରଲୋକ ହେବାରୁ ୨୦୨୦ରେ ଉପନିର୍ବାଚନ ହୋଇଥିଲା। ଉପନିର୍ବାଚନରେ ବିଜେପି ହାତରୁ ଆସନ ଛଡ଼ାଇ ଆଣିଥିଲା ବିଜେଡି। ବିଜେଡିର ସ୍ୱରୂପ କୁମାର ଦାସ ନୂଆ କରି ପ୍ରାର୍ଥୀ ହୋଇ ବିଜୟୀ ହୋଇଥିଲେ। ଏପରିକି ବିଜେପି ମଦନଙ୍କ ପୁଅ ମାନସଙ୍କ ପ୍ରାର୍ଥୀ କରିଥିଲେ ମଧ୍ୟ ଅନୁକମ୍ପା ଭୋଟ କାମ ଦେଇନଥିଲା। ତେବେ ଚଳିତ ସାଧାରଣ ନିର୍ବାଚନରେ ଏହି ଦୁଇ ଜଣଙ୍କ ମଧ୍ୟରେ ପୁନଃ ଟକ୍କର୍ ଦେଖିବାକୁ ମିଳିବ। ମୁଖ୍ୟମନ୍ତ୍ରୀ ଖୋଦ୍ ବାଲେଶ୍ୱର ଦାୟିତ୍ୱ ନେବା କହିବା ପରେ ବାଲେଶ୍ୱର ପାଇଁ ବହୁ ଯୋଜନା କରିବା ସହ କୋଟିକୋଟି ଟଙ୍କର ବିଭିନ୍ନ ପ୍ରକଳ୍ପମାନ କରିଛନ୍ତି। ରାସ୍ତାଘାଟଠାରୁ ଆରମ୍ଭ କରି ପୋଲ, ଶିକ୍ଷା, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବହୁ ଅଗ୍ରଗତି ହୋଇଛି। ମିସନ ଶକ୍ତି ମହିଳାଙ୍କୁ ସ୍ୱାବଲମ୍ବୀ, ଲକ୍ଷ୍ମୀ ବସ୍ ସେବା ଆଦି ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ବିଜେଡିକୁ ଆଗରେ ରଖିଛି।

ବାଲେଶ୍ୱର ପୌରପରିଷଦର ୩୧ଟି ୱାର୍ଡ, ସଦର ବ୍ଲକ୍‌ର ୩୭ଟି ପଞ୍ଚାୟତକୁ ନେଇ ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀ ଗଠିତ। ଏକଦା ଏହି ଆସନରେ




ନିର୍ଣ୍ଣାୟକ ଭୂମିକା ନେଇଥିବା ଭେଟେରାନ୍ ରାଜନେତା ଅରୁଣ ଦେ ଏଠାରୁ ୫ଥର ବିଧାୟକ ହୋଇଥିବା ବେଳେ ଜୀବନ ପ୍ରଦୀପ ଦାସ ୩ ଥର ବିଧାୟକ ହୋଇଛନ୍ତି। ଶେଷଥର ପାଇଁ ଅରୁଣ ୨୦୦୪ରେ ଓଡ଼ିଶା ଗଣପରିଷଦ (ଓଜିପି)ରୁ ଜିତିଥିବା ବେଳେ ୨୦୧୪ରେ କଂଗ୍ରେସ ପ୍ରାର୍ଥୀ ହୋଇ ହାରିଯାଇଥିଲେ। ଜୀବନ ୨୦୦୦ରେ ବିଜେପିରୁ, ୨୦୦୯ ଓ ୧୪ରେ ବିଜେଡିରୁ ବିଧାୟକ ହୋଇଥିଲେ। ୨୦୧୯ରେ ଏହି ଆସନରୁ ବିଜେପିର ମଦନମୋହନ ଦତ୍ତ ବିଜୟୀ ହୋଇଥିଲେ। ମଦନ ଏଥିରେ ୪୭.୨୬ ପ୍ରତିଶତ ହାରରେ ୭୪, ୮୧୫ ଖଣ୍ଡ ଭୋଟ ପାଇଥିବା ବେଳେ ବିଜେଡି ପ୍ରାର୍ଥୀ ଜୀବନ ପ୍ରଦୀପ ଦାସ ୩୮.୭୯ ପ୍ରତିଶତ ହାରରେ ୬୧, ୪୦୯ ଖଣ୍ଡ ଭୋଟ ପାଇଥିଲେ। ତେବେ ମଦନଙ୍କ ପରଲୋକ ପରେ ୨୦୨୦ରେ ହୋଇଥିବା ଉପନିର୍ବାଚନରେ ବିଜେଡିର ସ୍ୱରୂପ କୁମାର ଦାସ ୫୧.୮ ପ୍ରତିଶତ ହାରରେ ୮୪, ୦୯୭ଖଣ୍ଡ ଭୋଟ ପାଇଥିବା ବେଳେ ବିଜେପିର ମଦନଙ୍କ ପୁଅ ମାନସ ଦତ୍ତ ୪୩.୫୮ ପ୍ରତିଶତ ହାରରେ ୭୦, ୭୪୬ଖଣ୍ଡ ଭୋଟ ପାଇଥିଲେ। ଏହାଛଡ଼ା କଂଗ୍ରେସର ମମତା କୁଣ୍ଡୁ ୩.୦୭ପ୍ରତିଶତ ହାରରେ ମାତ୍ର ୪, ୯୮୩ଖଣ୍ଡ ଭୋଟ ପାଇଥିବା ବେଳେ ନୋଟାକୁ ୭ଶହ ଖଣ୍ଡ ଭୋଟ ଯାଇଥିଲା।

୨୦୨୪ ନିର୍ବାଚନ ପାଇଁ ମାନସ ଓ ସ୍ୱରୂପଙ୍କ ନାଁ ଘୋଷଣା ହୋଇଥିବା ବେଳେ କଂଗ୍ରେସ କିମ୍ବା ଅନ୍ୟ ଦଳର ପ୍ରାର୍ଥୀଙ୍କ ନାଁ ଆଗକୁ ଆସିନାହିଁ। ଚଳିତ ନିର୍ବାଚନରେ ଏହି ନିର୍ବାଚନମଣ୍ଡଳୀରେ ମୋଟ ୨ଲକ୍ଷ ୨୭ହଜାର ୭୧୨ଜଣ ଭୋଟର ଥିବା ବେଳେ ସେଥିମଧ୍ୟରୁ ପୁରୁଷ ଭୋଟର ସଂଖ୍ୟା ୧, ୧୫, ୨୩୮ ଜଣ ରହିଥିବା ବେଳେ ମହିଳା ଭୋଟର ସଂଖ୍ୟା ୧, ୧୨, ୧୯୨ଜଣ ରହିଛନ୍ତି। ସେହିଭଳି ୬୧ଜଣ ଅନ୍ୟ ଭୋଟର ରହିଛନ୍ତି। ଏଥିପାଇଁ ମୋଟ ୨୦୦ଟି ବୁଥ୍ ହୋଇଛି।

# ମଉଳା ପଦ୍ମକୁ ଆତ୍ମଘାତୀ ଚିନ୍ତା

**■ ନେତାଙ୍କ କଳିରେ ବଳି ପଡୁଛନ୍ତି ସାଧାରଣ କର୍ମୀ**
**■ ବିଜେଡି ଓ କଂଗ୍ରେସ ଲିଙ୍କ୍‌ରେ ଅନେକ ଅସନ୍ତୁଷ୍ଟ ନେତା**

**ବଲାଙ୍ଗିର, ୭ ।୪ (ସମିସ):** ବଲାଙ୍ଗିର ବିଜେପିକୁ ଏବେ ଆତ୍ମଘାତୀ ଚିନ୍ତା ଘାରିଛି। ଟିକଟ ନ ପାଇ ଅପମାନ ଓ ପ୍ରତିଶୋଧର ନିଆଁରେ ଜଳୁଥିବା ଏହି ଆତ୍ମଘାତୀମାନେ ବିଜେପିକୁ ଅକଳରେ ପକାଇବେ ବୋଲି ଚର୍ଚ୍ଚା ଏବେ ବଲାଙ୍ଗିର ଜିଲ୍ଲାରେ ଜୋର୍ ଧରିଛି। ଜିଲ୍ଲାର ପ୍ରାୟ ସମସ୍ତ ବିଧାନସଭା ନିର୍ବାଚନମଣ୍ଡଳୀରେ ପୃଥକପୃଥକ ସମାନ୍ତରାଳ ଗୋଷ୍ଠୀ ରହିଥିବା ବେଳେ ଏହା ଦଳୀୟ ପ୍ରାର୍ଥୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଏହାକୁ ପ୍ରଶମନ କରିବା ମଧ୍ୟ ବର୍ତ୍ତମାନ ପରିସ୍ଥିତିରେ ମୁଣ୍ଡିଆଳ ନେତାଙ୍କ ପାଇଁ ଏତେଟା ସହଜ ନ ଥିବା ବେଳେ ଏହା ଆଗକୁ ପ୍ରାର୍ଥୀଙ୍କ ପାଇଁ ବୁମେରାଂ ସାଜିବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ରଖୁଛନ୍ତି।

ବଲାଙ୍ଗିର ଜିଲ୍ଲାରେ ରହିଛି ପାଞ୍ଚଟି ବିଧାନସଭା ନିର୍ବାଚନମଣ୍ଡଳୀ। ପ୍ରତି ନିର୍ବାଚନରେ ଅନ୍ତତଃ ଗୋଟିଏ ଆସନରେ ବିଜେପିର ପ୍ରାର୍ଥୀ ବିଜୟୀ ହୋଇ ବିଧାନସଭା ଯାଇଥାନ୍ତି। ପୂର୍ବରୁ ଲଗାତାର କନକବର୍ଦ୍ଧନ ସିଂହଦେଓ ଯାଉଥିବା ବେଳେ ଗତ ନିର୍ବାଚନରେ ସେ ପରାଜିତ ହୋଇଥିଲେ। ତଥାପି ଲୋଇସିଂହା ଆସନରୁ ମୁକେଶ ମହାଲିଙ୍ଗ ଜିତି ବିଜେପିର ସମ୍ମାନ ରଖିଥିଲେ। ଚଳିତ ନିର୍ବାଚନରେ କିନ୍ତୁ ସମୀକରଣରେ ଅନେକ ପରିବର୍ତ୍ତନ ହୋଇଛି। ଜିଲ୍ଲାର ପ୍ରାୟ ସମସ୍ତ ନିର୍ବାଚନମଣ୍ଡଳୀରେ ବିଜେପିର ସଂଗଠନ ଭାଗ ଭାଗ ହୋଇଥିବା ଚର୍ଚ୍ଚା ହେଉଛି।

ପାଟଣାଗଡ଼କୁ ଛାଡ଼ିଦେଲେ ଦଳର ତୃଣମୂଳସ୍ତର ନେତା ଓ ଉପର ସ୍ତରର ନେତାଙ୍କ ମଧ୍ୟରେ ସମନ୍ୱୟର ଅଭାବ ଦେଖିବାକୁ ମିଳିଛି। ଲୋଇସିଂହା ବିଧାନସଭା ନିର୍ବାଚନମଣ୍ଡଳୀରେ ଉଭୟ ବିଧାୟକ ଓ ସାଂସଦଙ୍କ ଅଲଗା ଗୋଷ୍ଠୀ ରହିଥିବା ଦେଖିବାକୁ ମିଳିଛି। କିଛିଦିନ ପୂର୍ବରୁ ବିଧାୟକ ମୁକେଶ ମହାଲିଙ୍ଗ ନିଜସ୍ୱ ବିଧାୟକ ପାଣ୍ଠିର କାମ ନିଜ କର୍ମୀମାନଙ୍କୁ ଦେବା ବଦଳରେ କିଛି ଠିକାଦାରଙ୍କୁ ୧୦ ପ୍ରତିଶତ ପିସି ନେଇ ବିକୁଥିବା ଦଳର କିଛି କର୍ମୀ ଅଭିଯୋଗ କରିଥିଲେ। ଏଥିରେ ସାଂସଦ ସଙ୍ଗୀତା କୁମାରୀ ସିଂଦେଓଙ୍କ ପ୍ରତିନିଧି ମଧ୍ୟ ରହିଥିଲେ। ବିଧାୟକ ହେବା ପରେ ଶ୍ରୀ ମହାଲିଙ୍ଗ ଦଳର ସଂଗଠନକୁ ଧ୍ୟାନ ଦେଇ ନ ଥିବା ମଧ୍ୟ ଅଭିଯୋଗ କରିଥିଲେ।



ଏଥିରୁ ଏହା ସ୍ପଷ୍ଟ ଯେ ବିଧାୟକ ଓ ସାଂସଦ ଗୋଷ୍ଠୀ ପୃଥକ ରହିଛି। ଏହାର ଫାଇଦା ନେବା ପାଇଁ ବିଜେଡି ଗୋଟିଚାଳନା କରୁଥିବା ଚର୍ଚ୍ଚା ହେଉଛି।

ସେହିପରି ବଲାଙ୍ଗିର ବିଧାନସଭାରେ ମଧ୍ୟ ସମାନ ସ୍ଥିତି। କିଛି ମାସ ପୂର୍ବରୁ ନୂତନ ଭାବେ ଦାୟିତ୍ୱ ନେଇଥିବା ରାଜ୍ୟ ସଭାପତିଙ୍କୁ ସ୍ୱାଗତ କରିବା ପାଇଁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗତ ନିର୍ବାଚନର ପ୍ରାର୍ଥୀ ଅନନ୍ତ ଦାସ ଓ ଚଳିତ ନିର୍ବାଚନର ପ୍ରାର୍ଥୀ ଗୋପାଳଜୀ ପାଣିଗ୍ରାହୀ ପରସ୍ପର ହାତାହାତି ହୋଇଥିଲେ, ଯାହା ସାରା ରାଜ୍ୟ ଦେଖିଥିଲା। ଏଥିରୁ ସ୍ପଷ୍ଟ ଯେ ଉଭୟଙ୍କ ପୃଥକ୍ ଗୋଷ୍ଠୀ ରହିଛି। ସେହିପରି ଟିଟିଲାଗଡ଼ରେ ଟିକଟ ପାଇଥିବା ନବୀନ ଜୈନଙ୍କର ମଧ୍ୟ ସାଂସଦ ଶ୍ରୀମତୀ ସିଂଦେଓଙ୍କ ସହ ସେମିତି ମଧୁର ସମ୍ପର୍କ ନ ଥିବା ଚର୍ଚ୍ଚା ହେଉଛି। ସାଂସଦ ତାଙ୍କର ଜଣେ ଅନୁଗତ ମୁକେଶ ଜୈନଙ୍କୁ ଟିକଟ ମିଳିବା ପାଇଁ ଇଚ୍ଛା କରିଥିବା ବେଳେ ନବୀନ ବାଜି ମାରିଥିଲେ। ଫଳରେ ଉଭୟ ସାଂସଦ ଓ ବିଧାୟକ ପ୍ରାର୍ଥୀ ପରସ୍ପର ପାଇଁ ଆତ୍ମଘାତୀ ପାଲଟି ପାରନ୍ତି।

ଅପରପକ୍ଷେ କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନମଣ୍ଡଳୀରେ ଗତ ନିର୍ବାଚନରେ ବିଜେପି ଭଲ ପ୍ରଦର୍ଶନ କରିଥିଲା। ବିଜେପି ପ୍ରାର୍ଥୀ ଲକ୍ଷ୍ମଣ ବାଗ ମାତ୍ର ୧୨୭ ଖଣ୍ଡ ଭୋଟରେ ପରାଜିତ ହୋଇଥିଲେ। ଚଳିତ ନିର୍ବାଚନରେ ଶ୍ରୀ ବାଗଙ୍କ ଉପରେ ଦଳ ଭରସା କରି ପୁଣି ତାଙ୍କୁ ପ୍ରାର୍ଥୀ କରିଛି। ହେଲେ ସାଂସଦଙ୍କ ଅନୁଗତ କୁହାଯାଉଥିବା ଜିଲ୍ଲା ସଭାପତି ଶିବାଜି ମହାନ୍ତି କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ରରୁ ଟିକଟ ପାଇଁ ଆଶାୟୀ ଥିଲେ। ଅପରପକ୍ଷରେ ଶ୍ରୀ ମହାନ୍ତି ଓ ଶ୍ରୀ ବାଗଙ୍କ ସମର୍ଥକ ମଧ୍ୟରେ ଶୀତଳ ଯୁଦ୍ଧ ସବୁବେଳେ ଲାଗି ରହିଥିବାରୁ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଶ୍ରୀ ମହାନ୍ତି ଘାତକ ସାଜିପାରନ୍ତି। ପାଟଣାଗଡ଼ ନିର୍ବାଚନ ମଣ୍ଡଳୀରେ କନକ ବର୍ଦ୍ଧନ ସିଂହଦେଓଙ୍କୁ କିଛି କର୍ମୀ ତାଙ୍କୁ ନାପସନ୍ଦ କରୁଥିବାରୁ ସେମାନେ ନିର୍ବାଚନରେ ଅନ୍ୟ ଦଳ ସହ ହାତ ମିଳାଇ ଆତ୍ମଘାତୀ କାର୍ଯ୍ୟ କରିବା ସମ୍ଭାବନାକୁ ମଧ୍ୟ ଏଡ଼ାଇ ଦିଆଯାଇନପାରେ।

**କଳାହାଣ୍ଡି ଲୋକସଭା ଆସନ**

## ଭାଗ୍ୟ ପରୀକ୍ଷା କରିବେ ତିନି ନୂଆ ଚେହେରା

**ଭବାନୀପାଟଣା, ୭ ।୪ (ସମିସ):** କଳାହାଣ୍ଡି ଲୋକସଭା ଆସନ ହାତେଇବା ପାଇଁ ତିନି ପ୍ରମୁଖ ରାଜନୈତିକ ଦଳ ବିଜେଡି, ବିଜେପି ଓ କଂଗ୍ରେସର ସାଂସଦ ପ୍ରାର୍ଥୀମାନେ ପ୍ରଚାରରେ ବାହାରିଛନ୍ତି। ୨୦୨୪ ନିର୍ବାଚନ ପରିପ୍ରେକ୍ଷୀରେ ଲୋକସଭା ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ତିନି ଦଳର ପ୍ରାର୍ଥୀ ସମ୍ପୂର୍ଣ୍ଣ ନୂଆ ଚେହେରା। ଯଦିଓ ତିନି ଜଣଙ୍କ ରାଜନୈତିକ ପୃଷ୍ଠଭୂମି ରହିଛି କିନ୍ତୁ ସାଂସଦ ପ୍ରାର୍ଥୀ ରୂପେ ନିଜକୁ ପ୍ରତିପାଦନ କରି ଭୋଟରଙ୍କ କେତେ ନିକଟତର ହେଉଛନ୍ତି ତାହା ବଡ଼ ପ୍ରଶ୍ନ ହୋଇଛି।

ତ୍ରିମୁଖୀ ଲଢ଼େଇରେ ବିଜେଡି ପ୍ରାର୍ଥୀ ଲମ୍ବୋଦର ନିଆଲ, ବିଜେପିର ମାଳବିକା କେଶରୀ ଦେଓ ଏବଂ କଂଗ୍ରେସରୁ ଦ୍ରୌପଦୀ ମାଝୀ ନିଜ ନିଜର ଶକ୍ତି ପ୍ରଦର୍ଶନ କରିବେ। ତିନି ପ୍ରାର୍ଥୀଙ୍କ ମଧ୍ୟରୁ ବିଜେଡି ପ୍ରାର୍ଥୀ ଲମ୍ବୋଦର ଯାଦବ ଭୋଟ ଉପରେ ଭରସା କରିଥିବା ବେଳେ କଳାହାଣ୍ଡି ରାଜ ପରିବାରର ବୋହୂ ମାଳବିକା ଦେବୀ ବିଜେପିର ଦଳୀୟ ଭୋଟ ବ୍ୟତୀତ ଜିଲ୍ଲାରେ ଥିବା ରାଜାଘରିଆ ଭୋଟ ନିଜ ଆଡ଼କୁ ଯିବ ବୋଲି ବଡ଼ ଭରସା କରିଛନ୍ତି। ସେହିପରି କଂଗ୍ରେସ ପ୍ରାର୍ଥୀ ଆଦିବାସୀଙ୍କ ଭୋଟକୁ ପୁଞ୍ଜି ଭାବି ଆଶାବାଦୀ ଅଛନ୍ତି। କଳାହାଣ୍ଡି ଲୋକସଭା ଆସନରେ ବିଶେଷ ଭାବେ ଆଦିବାସୀ ଓ ଯାଦବଙ୍କ ଭୋଟହାର ଅଧିକ। ରାଜାଘରିଆ ଭୋଟ ସେ ତୁଳନାରେ ଯଥେଷ୍ଟ ନାହିଁ ବୋଲି ଜଣାଯାଇଛି। ତଥାପି ମାଳବିକା କେଶରୀ ଦେଓ ଯେଉଁ ରାଜ ପରିବାରରୁ ଆସିଛନ୍ତି ତାଙ୍କ ସ୍ୱାମୀ ଅର୍କକେଶରୀ ଦେଓ ୨୦୧୪ ମସିହାରେ ବିଜେଡିରୁ ଟିକଟ ପାଇ ପ୍ରଥମ ଥର ପାଇଁ ସାଂସଦ ହୋଇଥିଲେ। ପୂର୍ବରୁ ସେହି ପରିବାରର ବିକ୍ରମ କେଶରୀ ଦେଓ ୩ ଥର ଓ ପ୍ରତାପ କେଶରୀ ଦେଓ ୬ ଥର ସାଂସଦ ହୋଇଥିଲେ। ଗତ ୨୦୧୪ ନିର୍ବାଚନରେ ଅର୍କକେଶରୀ ନିର୍ବାଚିତ ହୋଇଥିଲେ ମଧ୍ୟ ୫ ବର୍ଷ କାଳ ଲୋକଙ୍କ ସହିତ







ଜଡ଼ିତ ହୋଇ ରହିବା କଳାକୌଶଳକୁ ଆପଣେଇ ପାରି ନଥିଲେ। ଫଳରେ ୨୦୧୯ ନିର୍ବାଚନରେ ବିଜେଡି ପକ୍ଷରୁ ତାଙ୍କୁ ଟିକଟ ମିଳି ନଥିଲା। ଏଥର ନିର୍ବାଚନ ସମୟରେ ସେ ବିଜେପିରେ ଯୋଗଦେଇ ଟିକଟ ପାଇବା ଅପେକ୍ଷାରେ ରହିଥିଲେ। କିନ୍ତୁ ବିଜେପି ମହିଳା କାର୍ଡ ଖେଳି ତାଙ୍କ ଧର୍ମପତ୍ନୀ ମାଳବିକାଙ୍କୁ ପ୍ରାର୍ଥୀ କରିବାକୁ ନିଷ୍ପତ୍ତି ନେଇଛି। ଅନ୍ୟପକ୍ଷରେ, ୭ଟି ବିଧାନସଭା ନିର୍ବାଚନମଣ୍ଡଳୀର ଦଳୀୟ ପ୍ରାର୍ଥୀ ମାଳବିକାଙ୍କୁ କେତେ ସାଥ ଦେଉଛନ୍ତି ଦେଖିବାକୁ ରହିଛି। 'ମୋଦି କ୍ରେଜ୍' ସତ୍ତ୍ୱେ ନୂଆ ଚେହେରା ରାଣୀଙ୍କୁ ନେଇ ରାଜନୈତିକ ରଣାଙ୍ଗନରେ ବିଜେପି କେମିତି ସଫଳ ହେବ, ତାହା ବଡ଼ ପ୍ରଶ୍ନବାଚୀ ହୋଇଛି।

**ନିର୍ଣ୍ଣାୟକ ହେବ ଆଦିବାସୀ, ଯାଦବ ଓ ରଜାଘରିଆ ଭୋଟ**

ବିଜେଡି ପ୍ରାର୍ଥୀଙ୍କ କ୍ଷେତ୍ରରେ ନିର୍ବାଚନ ପାଇଁ ପ୍ରସ୍ତୁତିରେ ଏତେଟା କଷ୍ଟ ଉଠାଇବାକୁ ପଡୁନାହିଁ ବୋଲି ପ୍ରାର୍ଥୀ ଲମ୍ବୋଦର ନିଆଲ ପ୍ରକାଶ କରିଛନ୍ତି। କାରଣ ମୁଖ୍ୟମନ୍ତ୍ରୀ କଳାହାଣ୍ଡି ସଂସଦୀୟ କ୍ଷେତ୍ରକୁ ପୂର୍ଣ୍ଣମାତ୍ରାରେ ଭଲ ପାଉଛନ୍ତି। ବିକାଶମୂଳକ କାର୍ଯ୍ୟ କରି କଳାହାଣ୍ଡି ଓ ନୂଆପଡ଼ାବାସୀଙ୍କ ପ୍ରିୟ ମଣିଷ ଭାବେ ସମସ୍ତଙ୍କ ହୃଦୟରେ ସ୍ଥାନ ପାଇ ସାରିଛନ୍ତି। ତେଣୁ ଲୋକଙ୍କ ନିକଟରେ ବିକାଶର ବାର୍ତ୍ତା ହିଁ ପହଞ୍ଚିବା ଦରକାର ବୋଲି ସେ କହିଛନ୍ତି। ୪ ଲକ୍ଷ ୫୦ ହଜାରରୁ ଊର୍ଦ୍ଧ୍ୱ ଯାଦବ ଭୋଟ ନିଆଲଙ୍କ ପାଇଁ ସବୁଠାରୁ ବଡ଼ ଶକ୍ତି। ଲମ୍ବୋଦର ଖୋଦ୍ ଉତ୍କଳ ଯାଦବ ମହାସଭାର ମହାସଚିବ ଥିବାରୁ ସେ ତାଙ୍କ ବିଜୟ ନେଇ ଆଶାବାଦୀ। ସରପଞ୍ଚ ଓ ସମିତି ସଭ୍ୟ ଭାବେ ସେ ନିର୍ବାଚିତ ହୋଇ ନିଜ ରାଜନୈତିକ ଜୀବନ ନୂଆପଡ଼ା ଜିଲ୍ଲାର ବୋଡେନ ବ୍ଲକରୁ ଆରମ୍ଭ କରି ଆଜି ସାଂସଦ ପ୍ରାର୍ଥୀ ହେବାର ସୁଯୋଗ ପାଇଛନ୍ତି। କେବଳ ସେତିକି ନୁହେଁ, ନୂଆପଡ଼ା ଜିଲ୍ଲା ବିଜେଡିର ସାଧାରଣ ସମ୍ପାଦକ ଦାୟିତ୍ୱ ମୁଣ୍ଡାଇଛନ୍ତି। ବିପୁଳ ଜନସମର୍ଥନ ପାଇବା ଆଶା ରଖି ନିର୍ବାଚନ ପ୍ରଚାରରେ ଲାଗି ପଡ଼ିଛନ୍ତି।

କଂଗ୍ରେସର ସାଂସଦ ପ୍ରାର୍ଥୀ ଦ୍ରୌପଦୀ ମାଝୀଙ୍କ ସମ୍ପର୍କରେ କୁହାଗଲେ, ପ୍ରଥମେ ଦୁର୍ଗମ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଥୁଆମୂଳ ରାମପୁର ବ୍ଲକର ଚିତ୍ର ଆଖିରେ ନାଚିଯାଏ। ସେଭଳି ଏକ ଅବିକଶିତ ବ୍ଲକ୍‌ରୁ ୧୯୯୭ରୁ ରାଜନୈତିକ ଜୀବନ ଆରମ୍ଭ କରିବା ଓ ସମିତି ସଭ୍ୟ, ଜିଲ୍ଲା ପରିଷଦ ସଦସ୍ୟା, ସରପଞ୍ଚ ହେବା ସହ ବ୍ଲକ୍ ଅଧକ୍ଷା ରୂପେ ନିଜର ବ୍ୟକ୍ତିତ୍ୱ ସମ୍ମାନ ବୃଦ୍ଧି କରି ଲୋକଙ୍କ ମାନସପଟରେ ଏବେ ବି ସଦା ସତେଜ ରହିଛନ୍ତି। ଶିକ୍ଷାଗତ ଯୋଗ୍ୟତା ମାଟ୍ରିକ ଫେଲ, କିନ୍ତୁ ତାଙ୍କର କର୍ମତତ୍ପର ମନ ହିଁ ସେ କେବେ ଭାବି ନଥିବା ପଦରେ ପ୍ରାର୍ଥୀ ହେବାକୁ ତାଙ୍କୁ ସୁଯୋଗ ଦେଇଛି। କଳାହାଣ୍ଡି ଲୋକସଭା ଆସନରୁ ଦ୍ରୌପଦୀ କଂଗ୍ରେସର ପ୍ରାର୍ଥୀ ହେବା ପଛର ମହାନାୟକ ହେଉଛନ୍ତି ପୂର୍ବତନ ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଭକ୍ତ ଚରଣ ଦାସ। ଭକ୍ତ ଲଗାତାର ଦୁଇଥର ପରାଜୟକୁ ସାମ୍ନା କରିବା ପରେ ତୃତୀୟଥର ଆଉ ରିସ୍କ ନେବାକୁ ଉଚିତ ମଣିନାହାନ୍ତି ବୋଲି ରାଜନୈତିକ ମହଲ କହୁଛି। ତେଣୁ କେସିଙ୍ଗା ଅଞ୍ଚଳର ପୁରୁଖା କଂଗ୍ରେସ ନେତା ଦୌଡ଼ରେ ଥିଲେ ମଧ୍ୟ ଦ୍ରୌପଦୀଙ୍କ ଭାଗ୍ୟରେ ଜୁଟିଛି ସାଂସଦ ଟିକଟ। ଯେଉଁଠି ଭକ୍ତଙ୍କ ଭଳି ନେତା ଟଳି ପଡୁଛନ୍ତି ଦ୍ରୌପଦୀଙ୍କ କ୍ଷେତ୍ରରେ କି ପ୍ରକାର ଗଣିତ ଭକ୍ତ ଦାସ କରିଛନ୍ତି, ତାହାର ଆଗ ପଛ ଜଣାପଡୁନାହିଁ ବୋଲି ଏହି ମହଲର କହିବା କଥା। କଳାହାଣ୍ଡି ଜିଲ୍ଲାରେ ଯଦି ଆଦିବାସୀଙ୍କ ଭୋଟ ଦ୍ରୌପଦୀ ହାତେଇପାରନ୍ତି, ତେବେ ସେ ନିଜ ସମ୍ମାନ ରକ୍ଷା କରିବାରେ ସକ୍ଷମ ହେବେ।

**ନର୍ଲା: ଅଡୁଆରେ ପଡ଼ିବେ କି ବିଜେପି ସାଂସଦ ପ୍ରାର୍ଥିନୀ**

## ରାଣୀଙ୍କୁ ବାଟ ଓଗାଳିବ ନର୍ଲା ରେଳ ଷ୍ଟପେଜ୍!

**ଭବାନୀପାଟଣା,୭ ।୪ (ସମିସ):** କଳାହାଣ୍ଡି ଲୋକସଭା ଆସନର ରାଜନୈତିକ ତାତି ଭିତରେ ଏବେ ଜନସାଧାରଣ ପୂର୍ବର ପ୍ରମୁଖ ଦାବିଗୁଡ଼ିକର ପୋଷ୍ଟମର୍ଟମ୍ କରି ପ୍ରାର୍ଥୀଙ୍କୁ ଅଡୁଆରେ ପକାଉଛନ୍ତି। ଏବେ ଏହି ଅଡୁଆ ଭିତରେ ପଡ଼ିଛନ୍ତି ବିଜେପିର ସାଂସଦ ପ୍ରାର୍ଥିନୀ ରାଣୀ ମାଳବିକା ଦେଓ।

ପୂର୍ବରୁ ନର୍ଲାରୋଡ ଓ ରୁପ୍ରାରୋଡରେ ରହଣୀ ହେଉଥିବା ଏକ୍ସପ୍ରେସ ଟ୍ରେନ୍ ସବୁ କରୋନା କାଳରୁ ଆଉ ଏହି ଦୁଇଟି ଷ୍ଟେସନ୍‌ରେ ଅଟକୁ ନାହିଁ। ଫଳରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ବାରମ୍ବାର ସାଂସଦ ବସନ୍ତ ପଣ୍ଡାଙ୍କ ପାଖରେ ଦାବି ହେବା ସହ ଆନ୍ଦୋଳନ ମଧ୍ୟ ହୋଇଛି। ତେବେ ସାମାନ୍ୟ ଟ୍ରେନ ଷ୍ଟପେଜ୍ କରାଇବାରେ ବିଫଳ ହୋଇଥିଲେ ବିଜେପି ସାଂସଦ। ଗତ ମାର୍ଚ୍ଚରେ ପ୍ରଧାନମନ୍ତ୍ରୀ ମୋଦୀ ଭିଡିଓ କନଫରେନ୍ସ ମାଧ୍ୟମରେ ନର୍ଲାରେ ହେବାକୁ ଥିବା ଲୋକମୋଟିଭ କାରଖାନା ପାଇଁ ଶିଳାନ୍ୟାସ କରି ସାରିଛନ୍ତି। ହେଲେ ନର୍ଲାରୋଡ୍ ଓ ରୁପ୍ରାରୋଡ୍ ରେଳ ଷ୍ଟେସନରେ ଆଗରୁ ରହିଥିବା ଗୁରୁତ୍ୱପୂର୍ଣ୍ଣ ଏକ୍ସପ୍ରେସ ଟ୍ରେନ୍‌ଗୁଡ଼ିକର ରହଣୀକୁ ଅଣଦେଖା କରାଯାଇଛି। ଏଥିପାଇଁ ନର୍ଲାରୋଡ୍ ଷ୍ଟେସନ୍ ପରିସରରେ ହୋଇଥିବା ଶିଳାନ୍ୟାସ ଉତ୍ସବରେ ଲୋକେ ଟ୍ରେନ ଷ୍ଟପେଜ୍‌କୁ ନେଇ ପାଟିତୁଣ୍ଡ ମଧ୍ୟ କରିଥିଲେ। ଅନ୍ୟପକ୍ଷରେ, ୨୦୨୪ ନିର୍ବାଚନରେ ସାଂସଦ ଶ୍ରୀ ପଣ୍ଡାଙ୍କ ଟିକଟ କାଟି ରାଜପରିବାରର ବୋହୂ ତଥା ପୂର୍ବତନ ସାଂସଦ ଅର୍କ କେଶରୀ ଦେଓଙ୍କ ଧର୍ମପତ୍ନୀ ମାଳବିକା କେଶରୀ ଦେଓଙ୍କୁ କଳାହାଣ୍ଡି ଲୋକସଭା ପ୍ରାର୍ଥୀ କରିଛି ବିଜେପି। ଟିକଟ ପାଇବା ପରେ ରାଣୀ ମାଳବିକା ନିର୍ବାଚନମଣ୍ଡଳୀର ବିଭିନ୍ନ ଅଞ୍ଚଳ ଗସ୍ତ କରୁଛନ୍ତି। ଆଗକୁ ସେ ନର୍ଲା ଅଞ୍ଚଳ ମଧ୍ୟ ଗସ୍ତ କରିବେ। ଏପଟେ ପ୍ରଧାନମନ୍ତ୍ରୀ ମୋଦୀ ଦେଶ ପାଇଁ ଯେତେ ଯାହା କାମ କରିଥାଆନ୍ତୁ ପଛକେ ନର୍ଲାରୋଡ ଓ ରୁପ୍ରାରୋଡରେ କରୋନା ପୂର୍ବରୁ ରହୁଥିବା ଟ୍ରେନ୍‌ଗୁଡ଼ିକର ଷ୍ଟପେଜ ଦିଆନଯିବାରୁ ଅଞ୍ଚଳର ଜନସାଧାରଣ କ୍ଷୁବ୍ଧ ଅଛନ୍ତି। ବିଜେପି ଯଦି ମୋଦୀ କ୍ରେଜରେ ଭୋଟ ପାଇବାର ଅଛି ତାହେଲେ ନର୍ଲାରୋଡ ଓ ରୁପ୍ରାରୋଡ ଷ୍ଟେସନ୍‌ରେ ବିଶାଖାପାଟନମ- ନିଜାମୁଦ୍ଦିନ ସୁପରଫାଷ୍ଟ ସମତା ଏକ୍ସପ୍ରେସ, ଏଲେପି- ଧାନବାଦ ଓ ବିଲାସପୁର- ତିରୁପତି ଏକ୍ସପ୍ରେସର ପୂର୍ବବତ ରହଣୀ ଦିଆଯାଉ ବୋଲି ପୁନଃ ଦାବି ହେଉଛି। ଏହାସହ ୨୦୧୪ ନିର୍ବାଚନରେ ନିର୍ବାଚିତ ହୋଇ କଳାହାଣ୍ଡି ସାଂସଦ ହୋଇଥିବା ଅର୍କକେଶରୀ ମଧ୍ୟ ଅଞ୍ଚଳର ବିକାଶ ପାଇଁ ବିଶେଷ ଧ୍ୟାନ ଦେଇନଥିଲେ। ସେ କୌଣସି କାରଣରୁ ବିଜେଡ଼ି ଛାଡ଼ି ବିଜେପିକୁ ଆସି ନିଜ ଧର୍ମପତ୍ନୀଙ୍କ ପାଇଁ ଟିକଟ ହାତେଇବାରେ ସକ୍ଷମ ହୋଇଛନ୍ତି। ଅର୍କ କେଶରୀଙ୍କ ୫ ବର୍ଷର କାର୍ଯ୍ୟକାଳରେ କଳାହାଣ୍ଡିର ଆଖିଦୃଶିଆ ବିକାଶ ହୋଇନଥିବା କୁହାଯାଉଛି। ଏସବୁ କାରଣ ଯୋଗୁଁ ବିଜେପିର କଳାହାଣ୍ଡି ସାଂସଦ ପ୍ରାର୍ଥିନୀଙ୍କୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି ନର୍ଲା ଅଞ୍ଚଳର ଜନସାଧାରଣ। କଳାହାଣ୍ଡି ଲୋକସଭା ନିର୍ବାଚନ କ୍ଷେତ୍ରର ଜନତା ୯ ଥର ରାଜ ପରିବାରକୁ ସାଂସଦ ଭାବେ ନିର୍ବାଚିତ କରି ସାରିଛନ୍ତି। କିନ୍ତୁ ବିକାଶ ଡଙ୍ଗାର ମଙ୍ଗ ସେମାନେ ଠିକ୍ ଢଙ୍ଗରେ ଧରି ଗତିଶୀଳ କରିପାରି ନ ଥିବା ଅଭିଯୋଗ ହେଉଛି। ଏପଟେ ଉଠିଛି ୨୦୧୯ ରେ ବିଜୟୀ ହୋଇଥିବା ବିଜେପି ଲୋକସଭା ସାଂସଦ ବସନ୍ତ ପଣ୍ଡାଙ୍କ ବିଫଳତାର ସୂଚୀପତ୍ର। ତେଣୁ ଏହି ତୀବ୍ର ଅସନ୍ତୋଷର ପ୍ରତିଫଳନ ଚଳିତ ନିର୍ବାଚନରେ ଦେଖିବାକୁ ମିଳିବ ବୋଲି ରାଜନୈତିକ ସମୀକ୍ଷକମାନେ ଆକଳନ କରୁଛନ୍ତି।

**ବିଜେଡିର ଅଭେଦ୍ୟ ଗଡ଼ ବିଞ୍ଝାରପୁର**

## ଏଥର ବି ପ୍ରମିଳା-ବବିତା ଲଢ଼େଇ

**ଯାଜପୁର, ୭ ।୪(ସମିସ):** ଯାଜପୁର ଜିଲ୍ଲାର ପ୍ରତ୍ୟେକଟି ବିଧାନସଭାର କ୍ଷେତ୍ର ରାଜ୍ୟ ରାଜନୀତିରେ ବେଶ ଗୁରୁତ୍ୱବହନ କରେ। କେବଳ ଜିଲ୍ଲାର ଜନତା ନୁହଁନ୍ତି, ସାରା ରାଜ୍ୟର ଜନତା ଯାଜପୁର ଜିଲ୍ଲା ରାଜନୀତି ଉପରେ ନଜର ରଖିଥା'ନ୍ତି। ଏହି ଜିଲ୍ଲାର ଏକ ଅଣକଂଗ୍ରେସ ଓ ଅଣବିଜେପି ଆସନ ଭାବେ ବେଶ୍ ପରିଚିତ ବିଞ୍ଝାରପୁ। ଏହା ଗତ ୨୪ ବର୍ଷ ଧରି ବିଜେଡିର ଅଭେଦ୍ୟ ଗଡ଼ ପାଲଟିଛି। ଆଉ ଏହି ଆସନର ଅପ୍ରତିଦ୍ୱନ୍ଦ୍ୱୀ ନେତ୍ରୀ ପାଲଟିଛନ୍ତି ରାଜ୍ୟ ରାଜନୀତିର ଭେଟେରାନ୍ ନାରୀନେତ୍ରୀ ପ୍ରମିଳା ମଲ୍ଲିକ।





ବିଞ୍ଝାରପୁର ବ୍ଲକ ଓ ଦଶରଥପୁର ବ୍ଲକର ୧୨ଟି ପଞ୍ଚାୟତକୁ ନେଇ ଗଠିତ ଏହି ନିର୍ବାଚନ ମଣ୍ଡଳୀର ପ୍ରଥମ ବିଧାୟକ ହେଉଛନ୍ତି ପଦ୍ମନାଭ ରାୟ। ପ୍ରଥମେ ଅସଂରକ୍ଷିତ ଥିବା ଏହି ଆସନରୁ ପଦ୍ମନାଭ ରାୟ, ବାଙ୍କବିହାରୀ ଦାସ ଓ ଚିତ୍ତରଞ୍ଜନ ନାୟକ ପ୍ରଥମ ୩ଟି ନିର୍ବାଚନରେ ବିଜୟୀ ହୋଇଥିଲେ। ୧୯୬୭ରେ ଏହି ଆସନଟି ତଫସିଲଭୁକ୍ତ ଜାତି ବର୍ଗଙ୍କ ପାଇଁ ସଂରକ୍ଷିତ ହୋଇଥିଲା। ଏହାପରଠାରୁ କଂଗ୍ରେସର ଗଡ଼ ଥିଲା ଏହି ଆସନରେ। ୧୯୯୦ ମସିହାରେ ପ୍ରମିଳା ମଲ୍ଲିକ ଜନତା ଦଳରୁ ପ୍ରଥମେ ମହିଳା ବିଧାୟିକା ଭାବେ ନିର୍ବାଚିତ ହୋଇଥିଲେ। ଏହା ପରେ ସ୍ୱର୍ଗତ ଅର୍ଜୁନ ଦାସ କଂଗ୍ରେସରୁ ୧୯୯୫ରେ ନିର୍ବାଚିତ ହୋଇଥିଲେ। ତେବେ ୨୦୦୦ରେ ବିଜୁ ଜନତା ଦଳ ପ୍ରତିଷ୍ଠା ବର୍ଷଠାରୁ ପ୍ରମିଳା ମଲ୍ଲିକ ଏପର୍ଯ୍ୟନ୍ତ ୫ ଥର ବିଧାୟିକା ହେଲେଣି ଏହି ଅସନରୁ। ଗତ ୨୪ବର୍ଷ ମଧ୍ୟରେ ବିଜେଡିର ଅଭେଦ୍ୟ ଗଡ଼ ପାଲଟିଛି ଏହି ଆସନ। ପ୍ରମିଳାଙ୍କୁ ଟକ୍କର୍ ଦେବାରେ ବିରୋଧୀ ମଧ୍ୟ ମହିଳା ପ୍ରାର୍ଥୀ ଭାବେ ବବିତା ମଲ୍ଲିକଙ୍କୁ ଏହି ଆସନରେ ଲଢ଼େଇ କରାଉଛନ୍ତି। କିନ୍ତୁ ସଫଳ ହୋଇପାରୁନାହାନ୍ତି। ପ୍ରମିଳା ରାଜ୍ୟର ଜଣେ ଟାଣୁଆ ନାରୀନେତ୍ରୀ ଭାବେ ବେଶ୍ ଜଣାଶୁଣା। ଏକାଧିକଥର ମନ୍ତ୍ରୀ ହେବାର ସୁଯୋଗ ଦେଇଛି ବିଜୁ ଜନତା ଦଳ। ଏଥିସହ ନିକଟରେ ବିଧାନସଭାର ବାଚସ୍ପତି ଆସନ ଦେଇଥିଲା ଦଳ। ତାଙ୍କ ଉପରେ ଦଳ ଆସ୍ଥା ପ୍ରକଟ କରି ଏଥର ପୁଣି ପ୍ରାର୍ଥୀ କରିଛି।

ଅନ୍ୟପକ୍ଷରେ ପ୍ରମିଳାଙ୍କୁ ଟକ୍କର୍ ଦେବାକୁ ବବିତା ମଲ୍ଲିକଙ୍କୁ ବିଜେପି ପ୍ରାର୍ଥୀ କରିଛି। ଗତ ୨୦୦୯ରେ ବବିତା କଂଗ୍ରେସରୁ ପ୍ରାର୍ଥୀ ହୋଇ ୩୧, ୮୬୧ ବ୍ୟବଧାନରେ ପରାଜିତ ହୋଇଥିବା ବେଳେ ୨୦୧୪ରେ ୩୮, ୧୯୦ ବ୍ୟବଧାନରେ ହାରିଥିଲେ। ତେବେ ୨୦୧୯ରେ ବବିତା ବିଜେପିରୁ ପ୍ରାର୍ଥୀ ହୋଇ ୧୧, ୨୨୬ ଭୋଟ ବ୍ୟବଧାନରେ ପରାଜିତ ହୋଇଥିଲେ। ଏଥିରେ ପ୍ରମିଳା ମୋଟ ୫୫.୧୮ ପ୍ରତିଶତ ଅର୍ଥାତ ୭୯, ୦୮୭ ଖଣ୍ଡ ଭୋଟ ପାଇଥିବାବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପିର ବବିତା ମଲ୍ଲିକ ୪୦.୬ ପ୍ରତିଶତ ଅର୍ଥାତ ୫୭, ୮୬୧ ଖଣ୍ଡ ଭୋଟ ପାଇ ପରାସ୍ତ ହୋଇଥିଲେ। ସେହିପରି କଂଗ୍ରେସର ଦଳୀୟ ପ୍ରାର୍ଥୀ ମନୋରଞ୍ଜନ ଦାସ ଅମାନତ ହରାଇ ମାତ୍ର ୨.୮ ପ୍ରତିଶତ ଅର୍ଥାତ ୩, ୯୯୭ ଖଣ୍ଡ ଭୋଟ ପାଇଥିଲେ। ଗତ ୩ଟି ନିର୍ବାଚନରେ ପ୍ରମିଳା-ବବିତା ଲଢ଼େଇ ଦେଖିଆସୁଥିବା ବିଞ୍ଝାରପୁର ଭୋଟର ଏଥର ମଧ୍ୟ ପ୍ରମିଳା-ବବିତା ରୋଚକ ଲଢ଼େଇକୁ ସାମ୍ନା କରିବେ। ତେବେ ବିଜେଡିର ଗଡ଼ ସାଜିଥିବା ଏହି ଆସନରେ ପ୍ରମିଳା ଷଷ୍ଠ ଥର ବିଧାୟକ ହେବାକୁ ଅଣ୍ଟା ଭିଡ଼ି ସାରିଲେଣି। ଦେଖିବାର କଥା ବବିତାଙ୍କ ରଣନୀତି ତାଙ୍କୁ ରୋକିବାକୁ କେତେ ସକ୍ଷମ ହେଉଛି।

**ପାଟଣାଗଡ଼ ନିର୍ବାଚନମଣ୍ଡଳୀ**

## ପୁଣି 'ଜାଏଣ୍ଟ କିଲର୍' ସରୋଜ ଓ ଭେଟେରାନ୍ କନକ

**ବଲାଙ୍ଗିର,୭ ।୪(ସମିସ):** ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଚଳିତ ନିର୍ବାଚନରେ ଦେଖିବ ବଡ଼ ଲଢ଼େଇ। ତିନି ପ୍ରମୁଖ ଦଳ କଂଗ୍ରେସ, ବିଜେଡି ଓ ବିଜେପି ଦଳୀୟ ପ୍ରାର୍ଥୀ ଘୋଷଣା କରିଥିବା ବେଳେ କିଛି ଅସନ୍ତୁଷ୍ଟ ସ୍ୱାଧୀନ ଭାବେ ମଧ୍ୟ ଲଢ଼ିବାକୁ ଘୋଷଣା କରିଛନ୍ତି। ଏମିତିରେ ବର୍ତ୍ତମାନର ବିଜେଡି ବିଧାୟକ ସରୋଜ ମେହେର ନିଜ ଆସନ ବଜାୟ ରଖିବାକୁ ଉଦ୍ୟମ କରୁଥିବା ବେଳେ ବିଜେପିର ହେଭିୱେଟ୍ କନକବର୍ଦ୍ଧନ ସିଂଦେଓ ପ୍ରତ୍ୟାବର୍ତ୍ତନ ଆଶାରେ ରହିଛନ୍ତି। ଏହି ଦୁଇ ନେତାଙ୍କ ସମ୍ମୁଖରେ କଂଗ୍ରେସ ନୂଆ ଚେହେରାକୁ ଛିଡ଼ା କରିଛି। ଫଳରେ ଲଢ଼େଇ ରୋଚକ ହେବ ବୋଲି ଆଲୋଚନା ହେଉଛି।

**ପଞ୍ଚାୟତ ଓ ପୌର ନିର୍ବାଚନରେ ଦଳକୁ ବଡ଼ ବିଜୟ ଦେଇଥିଲେ ସରୋଜ**

ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ ସବୁବେଳେ ବିଭିନ୍ନ ରାଜନୈତିକ କାର୍ଯ୍ୟକ୍ରମକୁ ନେଇ ଚର୍ଚ୍ଚାରେ ରହିଥାଏ। ଏହି ଆସନରୁ ବିଜେପିର ଆଗ ଧାଡ଼ିର ନେତା ତଥା ପୂର୍ବତନ ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଲଗାତାର ବିଜୟୀ ହୋଇ ଆସୁଥିଲେ। କିନ୍ତୁ ଗତ ନିର୍ବାଚନରେ ଶ୍ରୀ ସିଂଦେଓଙ୍କ ସବୁ ସମୀକରଣ ଓଲଟପାଲଟ ହୋଇଯାଇଥିଲା।





ପ୍ରଥମଥର ପାଇଁ ନିର୍ବାଚନ ଲଢ଼ିଥିବା ସରୋଜ ମେହେରଙ୍କୁ ବିଜେଡି ପ୍ରାର୍ଥୀ କରିଥିବା ବେଳେ ସେ 'ଜାଏଣ୍ଟ କିଲର୍' ସାବ୍ୟସ୍ତ ହୋଇଥିଲେ। ଶ୍ରୀ ମେହେର କନକବର୍ଦ୍ଧନ ସିଂହଦେଓଙ୍କୁ ପ୍ରାୟ ୧୧ ହଜାର ଭୋଟ ବ୍ୟବଧାନରେ ପରାସ୍ତ କରିଥିଲେ। ଏହି ନିର୍ବାଚନରେ ବିଜେଡି ପ୍ରାର୍ଥୀ ସରୋଜ ମେହେରଙ୍କୁ ୮୮, ୭୫୬ ଖଣ୍ଡ ଭୋଟ ମିଳିଥିବା ବେଳେ କନକବର୍ଦ୍ଧନଙ୍କୁ ମିଳିଥିଲା ୭୭,୦୦୩ ଖଣ୍ଡ ଭୋଟ। ସେହିପରି କଂଗ୍ରେସ ପ୍ରାର୍ଥୀ ରମେଶ ପୁରୋହିତଙ୍କୁ ୩୦, ୨୫୩ ଖଣ୍ଡ ଭୋଟ ମିଳିଥିଲା।

ଗତ ପଞ୍ଚାୟତ ଓ ପୌର ନିର୍ବାଚନରେ ଦଳକୁ ବଡ଼ ବିଜୟ ଦେବାରେ ବିଧାୟକ ଶ୍ରୀ ମେହେରଙ୍କ ବଡ଼ ଭୂମିକା ଥିବାରୁ ଦଳ ତାଙ୍କ ଉପରେ ଭରସା କରି ଉପମୁଖ୍ୟସଚେତକ ପଦବୀର ଗୁରୁ ଦାୟିତ୍ୱ ମଧ୍ୟ ଦେଇଥିଲା। ତାଙ୍କ ନିର୍ବାଚନମଣ୍ଡଳୀରେ ଥିବା ପାଟଣାଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦରେ ବିଜେଡି କ୍ଲିନ୍ ସ୍ୱିପ୍ କରିଥିବା ବେଳେ ପଞ୍ଚାୟତ ନିର୍ବାଚନର ମଧ୍ୟ ଦଳ ଭଲ ପ୍ରଦର୍ଶନ କରିଥିଲା। ବେଲପଡ଼ା ଓ ପାଟଣାଗଡ଼ ବ୍ଲକ ବିଜେଡି ଦଖଲରେ ରହିଥିଲା। ଫଳରେ ୨୦୨୪ ନିର୍ବାଚନ ପାଇଁ ସ୍ୱାଭାବିକ ଭାବେ ବିଜେଡି ପୁଣି ସରୋଜ ମେହେରଙ୍କ ଉପରେ ଭରସା କରିଛି।

ବିଜେପି ପୁଣି ଭେଟେରାନ କନକବର୍ଦ୍ଧନ ସିଂହଦେଓଙ୍କୁ ଟିକଟ ଦେଇଥିବା ବେଳେ କଂଗ୍ରେସ ପୁଣି ଜଣେ ନୂଆ ଚେହେରା ସାମ୍ନାକୁ ଆଣିଛି। ଦଳ ଅନୀଲ ମେହେରଙ୍କୁ ପ୍ରାର୍ଥୀ କରିଥିବା ବେଳେ ଗତ ନିର୍ବାଚନରେ ଛିଡ଼ା ହୋଇଥିବା ପ୍ରାର୍ଥୀ ରମେଶ ପୁରୋହିତଙ୍କ ଉପରେ ଭରସା କରିପାରିନାହିଁ। ଶ୍ରୀ ପୁରୋହିତଙ୍କ ତୃଣମୂଳସ୍ତରରେ ଭଲ ସଂଗଠନ ରହିଛି। ଏହାର ପ୍ରଭାବ କଂଗ୍ରେସ ଭୋଟ ଉପରେ ପଡ଼ିପାରେ ବୋଲି ରାଜନୈତିକ ବିଶାରଦମାନେ କହୁଛନ୍ତି। ଅପରପକ୍ଷେ କିଛି ଚିହ୍ନାମୁହଁ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିବାକୁ ମଧ୍ୟ ସଜାବଜ ହେଉଛନ୍ତି। ତେବେ ଏସବୁ ମଧ୍ୟରେ କିଏ ପାଟଣାଗଡ଼ ଶିରପା ପିନ୍ଧିବ, ତାକୁ ନେଇ ରାଜନୀତି ସରଗରମ ହୋଇଛି। ସରୋଜ ପୁଣି ନିଜ ଦବଦବା ବଜାୟ ରଖିବେ ନା କନକବର୍ଦ୍ଧନ ପ୍ରତ୍ୟାବର୍ତ୍ତନ କରିବେ; ସେନେଇ ଅଙ୍କକଷା ଚାଲିଥିବାବେଳେ ଅନୀଲ ମେହେର ଓ ସ୍ୱାଧୀନ ପ୍ରାର୍ଥୀମାନେ ଏହି ଗଣିତ ବିଗାଡ଼ିବାରେ ପ୍ରମୁଖ ଭୂମିକା ନେଇପାରନ୍ତି ବୋଲି ମଧ୍ୟ ଚର୍ଚ୍ଚା ହେଉଛି। ଏହିଭଳି କିଛି ରାଜନୈତିକ ଦୃଶ୍ୟପଟ୍ଟକୁ ନେଇ ପାଟଣାଗଡ଼ରେ ରାଜନୀତି ତାତି ବଢ଼ିବାରେ ଲାଗିଛି।

# ରେଢ଼ାଖୋଲ ମାଟିରେ ସାଂସଦ ପ୍ରାର୍ଥୀ ପ୍ରଣବ ପ୍ରକାଶଙ୍କୁ ବିପୁଳ ସ୍ୱାଗତ





**ସମ୍ବଲପୁର/ରେଢ଼ାଖୋଲ, ୭।୪(ସମିସ)**

ସମ୍ବଲପୁର ଲୋକସଭା ପ୍ରାର୍ଥୀ ହେବାପରେ ବିଜେଡି ରାଜ୍ୟ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ରେଢ଼ାଖୋଲକୁ ରବିବାର ଦ୍ୱିତୀୟ ଗସ୍ତ ରହିଥିଲା। ସନ୍ଧ୍ୟା ୫ଟାରେ ପ୍ରଥମେ ସେ ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ କଦଳିଗଡ଼ ଗ୍ରାମପଞ୍ଚାୟତରେ ଥିବା କବି ଭୀମଭୋଇଙ୍କ ପ୍ରାପ୍ତିପୀଠ ମଧୁପୁର ଯାଇଥିଲେ। ଚଉଷଠି ସିଦ୍ଧିଙ୍କ ମହିମା ଆଶ୍ରମଠାରେ ବିଶ୍ୱପିତା ଅଲେଖ ମହାପ୍ରଭୁ, ସନ୍ଥକବି ଭୀମଭୋଇଙ୍କ ବାଲ୍ୟଲୀଳା ଓ ଅଖଣ୍ଡ ମହାଯଜ୍ଞରେ ଯୋଗ ଦେଇଥିଲେ। ଅଖଣ୍ଡ ବ୍ରହ୍ମ ଧ୍ୱନିସ୍ଥାପନ, ନାମ ଭଜନ, ଏକୋଇଶି ଶାଖା ଝାଡ଼ବତି ପ୍ରଜ୍ୱଳନ, ବାଲ୍ୟଲୀଳା ଅର୍ପଣ ଭଳି କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁର ଲୋକସଭା ପ୍ରାର୍ଥୀ ଘୋଷଣା ପରେ ପ୍ରଣବ ପ୍ରକାଶ ମଧୁପୁର ଗ୍ରାମର ଭୀମଭୋଇଙ୍କ ପ୍ରାପ୍ତିପୀଠ, ଭୀମଭୋଇଙ୍କ ବାଲ୍ୟଲୀଳା ଓ ଅଖଣ୍ଡ ମହାଯଜ୍ଞରେ ପ୍ରଥମ ଥର ଆସିଥିଲେ। ଏହି ଅବସରରେ ପ୍ରଥମେ ସାଧୁସନ୍ଥ ଓ ଗ୍ରାମବାସୀଙ୍କ ଦ୍ୱାରା ଭବ୍ୟ ସ୍ୱାଗତ କରାଯାଇଥିଲା। ଏକ ବିରାଟ ଶୋଭାଯାତ୍ରାରେ ପ୍ରାପ୍ତିପୀଠକୁ ପାଛୋଟି ନିଆଯାଇଥିଲା। ସେଠାରେ ସେ ପ୍ରାପ୍ତିପୀଠରେ ଦୀପ ପ୍ରଜ୍ୱଳନ କରି ପ୍ରାପ୍ତିସ୍ଥଳ ଦର୍ଶନ କରି ସାଧୁସନ୍ଥଙ୍କଠାରୁ ଆଶୀର୍ବାଦ ନେଇଥିଲେ। ସହସ୍ରାଧିକ ମହିଳାଙ୍କ ହୁଳହୁଳି ସମେତ ସଂକୀର୍ତ୍ତନ, ଖଞ୍ଜଣି ଭଜନରେ ପ୍ରକମ୍ପିତ



ହୋଇଉଠୁଥିଲା ଭୀମଭୋଇଙ୍କ ପ୍ରାପ୍ତିସ୍ଥଳ। ଏହା ସହିତ ମହିମା ଧର୍ମାବଲମ୍ବୀ ସାଧୁସନ୍ଥ ଓ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ସହିତ ମିଶି କିଛି ସମୟ ଆଲୋଚନା କରିଥିଲେ। ଏହି ଉତ୍ସବରେ ତାଙ୍କ ସହିତ ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ, ରେଢ଼ାଖୋଲ ବ୍ଲକ ବିଜେଡି ସଭାପତି ଉଦିତ ତ୍ରିପାଠୀ, ନଗର ସଭାପତି ସିଦ୍ଧାର୍ଥ ପ୍ରଧାନ ପ୍ରମୁଖଙ୍କ ସମେତ ସମସ୍ତ ବିଜେଡି ପଦାଧିକାରୀ ଓ ବିଜେଡି କର୍ମୀମାନେ ସାମିଲ ହୋଇଥିଲେ। ସଭାପତି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସମ୍ପାଦକ ନରହରି ପ୍ରଧାନ, ସାଧୁ ଶେଷଦେବ ଦାସ, ମହେନ୍ଦ୍ର ଦାସ, ଖୁସିରାମ ତ୍ୟାଗୀ, ଦେବେନ୍ଦ୍ର ଦାସ, ସୁଶାନ୍ତ ପ୍ରଧାନ, ଭୀମଭୋଇଙ୍କ ଭକ୍ତ ପାର୍ଥ ପ୍ରଧାନ, ଦୟାନିଧି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସନ୍ଥକବି ଭୀମଭୋଇଙ୍କ ବାଲ୍ୟଲୀଳା ଓ ଅଖଣ୍ଡ ମହାଯଜ୍ଞରେ ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ କହିଥିଲେ, ମୁଁ ରେଢ଼ାଖୋଲବାସୀଙ୍କ ସେବା କରିଆସୁଛି, ଆଗକୁ ମଧ୍ୟ ସେବା କରିବି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁ ନିର୍ଦ୍ଦେଶ ଦେବେ ତାହା ମୁଁ ପାଳନ କରିବି। ସମ୍ବଲପୁର ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଏହି ଉତ୍ସବକୁ ଆସିଥିବାରୁ ଆମେ ସମସ୍ତେ ଉତ୍ସାହିତ ଅଛୁ ବୋଲି ପ୍ରତିକ୍ରିୟା ଦେଇଥିଲେ। ଏହି ଉତ୍ସବରେ ରେଢ଼ାଖୋଲ ବ୍ଲକ ବିଜେଡି ସଭାପତି ଉଦିତ ତ୍ରିପାଠୀ କହିଥିଲେ, ଆସନ୍ତା ନିର୍ବାଚନରେ ପ୍ରଣବପ୍ରକାଶଙ୍କ ବିଜୟ ହେବା ସୁନିଶ୍ଚିତ। ତାଙ୍କୁ ଆମେ ଲୋକସଭା ପ୍ରାର୍ଥୀ ଭାବରେ ପାଇ ଉତ୍ସାହିତ ଅଛୁ। ନିର୍ବାଚନରେ ଆମେ କଠିନ ପରିଶ୍ରମ କରି ଘରକୁ ଘର ଯିବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶମୂଳକ ଯୋଜନାକୁ ଘରେ ଘରେ ପହଁଚାଇବୁ ବୋଲି ପ୍ରତିକ୍ରିୟା ଦେଇଥିଲେ। ସେହିପରି ସନ୍ଧ୍ୟାରେ ମାରୱାଡ଼ି ଯୁବାମଞ୍ଚ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ସମ୍ବଲପୁରର ବିକାଶ ଏକମାତ୍ର ଲକ୍ଷ୍ୟ: ପ୍ରଣବ ପ୍ରକାଶ

**ସମ୍ବଲପୁର, ୭।୪(ସମିସ):** ବ୍ୟକ୍ତିଗତ ଭାବେ ମାରୱାଡି ଯୁବାମଞ୍ଚ ସହିତ ଭଲ ସମ୍ପର୍କ ରହିଛି। ମୋତେ ପ୍ରତିଟି କ୍ଷେତ୍ରରେ ସହଯୋଗ କରି ଆସୁଛନ୍ତି। ଏବେ ସମ୍ବଲପୁର ବିକାଶରେ ମଧ୍ୟ ସହଯୋଗ କରିବେ। ମିଳିମିଶି ବିକାଶ କାମକୁ ଅଗେଇ ନେବା। ଯୁବାବର୍ଗଙ୍କ ଭୂମିକା ସମାଜ ଗଠନରେ ମୁଖ୍ୟ ଦାୟିତ୍ୱ ରହିଥାଏ ବୋଲି ଆଜି ଏକ ଘରୋଇ ହୋଟେଲରେ ଆୟୋଜିତ ମାରୱାଡି ଯୁବମୋର୍ଚ୍ଚା କାର୍ଯ୍ୟକ୍ରମରେ ଯୋଗଦେଇ ବିଜେଡି ରାଜ୍ୟ ସଂଗଠନ ସାଜିଛନ୍ତି। ମାରୱାଡ଼ି ଯୁବା ମଞ୍ଚ ସବୁବେଳେ ଲୋକଙ୍କ ସେବା କରୁଥିବା ବେଳେ ସମାଜସେବାରେ ଏକ ଅଗ୍ରଣୀ ଅନୁଷ୍ଠାନ ଭାବରେ ବେଶ୍ ପରିଚିତ। ମାରୱାଡ଼ି ଯୁବା ମଞ୍ଚ ଏକ ସାମାଜିକ ଅନୁଷ୍ଠାନ ଭାବେ କାମ କରିବା ସହିତ ସମାଜକୁ ସବୁବେଳେ ନୂଆ ବାର୍ତ୍ତା ଦେଇଥାନ୍ତି। ରାଜ୍ୟ ବାହାରେ ମଧ୍ୟ ସଂଗଠନ ରହିଛି। ଆପଣମାନଙ୍କ ରାଜ୍ୟରେ ବଡ ଅବଦାନ ରହିଛି। ତେଣୁ ସେମାନଙ୍କର ଆବଶ୍ୟକତାକୁ ନେଇ ଯଥେଷ୍ଟ ଆଗରୁ ମାରୱାଡ଼ି ଯୁବାମଞ୍ଚ ପାଇଁ ରାଜ୍ୟ ସରକାର



ସମ୍ପାଦକ ତଥା ସମ୍ବଲପୁର ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ କହିଛନ୍ତି। ସେ ଆହୁରି କହିଥିଲେ ଯେ ମାରୱାଡି ଯୁବାମଞ୍ଚ ସମାଜରେ ଅନେକ ସେବା କାର୍ଯ୍ୟ କରି ଆସୁଛି। ସେମାନେ ଅନ୍ୟଙ୍କ ପାଇଁ ଉଦାହରଣ ଚିନ୍ତିତ ଓ କାମ କରୁଛନ୍ତି। ଆଗକୁ ମଧ୍ୟ କରିବେ ବୋଲି କହିଥିଲେ। ମାରୱାଡି ଯୁବା ମଞ୍ଚ ପାଇଁ ବ୍ୟକ୍ତିଗତ ଭାବେ କାମ କରିବି ବୋଲି କହିଥିଲେ। ମାରୱାଡି ଯୁବାମଞ୍ଚ ପକ୍ଷରୁ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

## ଫୁଲଝରଣରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ

# ଗୁଣାତ୍ମକ ସ୍ୱାସ୍ଥ୍ୟସେବା ସହ ଶିକ୍ଷା ଓ ସୂଚନାକୁ ଗୁରୁତ୍ୱ

**ଯୁଯୁମୁରା, ୭।୪(ସମିସ):** ବିଶ୍ୱବ୍ୟାପୀ ଶାନ୍ତି, ନିରାପତ୍ତା ଏବଂ ଜୀବନଶୈଳୀକୁ ପ୍ରୋତ୍ସାହିତ କରାଯାଇ ଜନସ୍ୱାସ୍ଥ୍ୟ ଭଳି 'ମୋ ସ୍ୱାସ୍ଥ୍ୟ, ମୋ ଅଧିକାର'କୁ ପ୍ରତିଟି ସ୍ତରରେ ଗୁରୁତ୍ୱ ଦେବାକୁ ଆଜି ବିଶ୍ୱ ସ୍ୱାସ୍ଥ୍ୟ ଦିବସରେ ମତପ୍ରକାଶ




ପାଇଛି। ସମ୍ବଲପୁର ଜିଲ୍ଲା ରେଡ୍‌କ୍ରସ ପକ୍ଷରୁ ଫୁଲଝରଣ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ୭୬ତମ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ରେଡ୍‌କ୍ରସର ଆଜୀବନ ସଦସ୍ୟ ସମାଜସେବୀ ଡା.ରାଜାରାମ ଷଡଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱାସ୍ଥ୍ୟ ହେଉଛି ଆମର ବଡ ସମ୍ପତ୍ତି ଓ ନିଜର ମୌଳିକ ଅଧିକାର। ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଭଳି ସ୍ୱାସ୍ଥ୍ୟ ଶିକ୍ଷା ଓ ସୂଚନାର ଉପଲବ୍ଧତା ଉପରେ ଜୋର ଦେଇ ଦୈନନ୍ଦିନ ଜୀବନ ଚର୍ଚ୍ଚା ଓ ଜୀବନକୌଶଳରେ ପରିବର୍ତ୍ତନ ଆଣି ଏକ ସୁସ୍ଥ ସମାଜରେ ଭାଗିଦାରିତା ରଖିବାକୁ ଗୁରୁତ୍ୱ ଦେଇଥିଲେ। ବିଦ୍ୟାଳୟର ନିର୍ଦ୍ଦେଶକ କୁଳଧର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲ୍ଲା ରେଡ୍‌କ୍ରସର ଅବୈତନିକ ସମ୍ପାଦକ ଜୟ ଜର୍ଜ ମୁଖ୍ୟଅତିଥି ଭାବେ ଯୋଗଦେଇ ଏକ ସୁସ୍ଥ ସମାଜ ଗଠନ ପାଇଁ ଉନ୍ନତ ଜୀବନଯାପନ ପାଇଁ ନିଜସ୍ତରରୁ ଉଦ୍ୟମ ଆରମ୍ଭ ହେଲେ ମିଳିମିଳା, ହାଡଫୁଟି, ପୋଲିଓ, ଯକ୍ଷ୍ମା ଓ କୁଷ୍ଠ ଭଳି ଦୂରାରୋଗ୍ୟ ବ୍ୟାଧିକୁ ପ୍ରତିରୋଧ କରାଯିବା ଭଳି ଆମ ପାଖରେ ଅନେକ ଉଦାହରଣ ରହିଛି। ତେଣୁ ତୃଣମୂଳ ସ୍ତରରୁ ସ୍ୱାସ୍ଥ୍ୟ ସଚେତନତା ଜରୁରୀ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ରେଡ୍‌କ୍ରସର ପ୍ରମିଳା ବେହେରା ଯୋଗଦେଇ ପିଲାଟି ଦିନରୁ ଖାଦ୍ୟପେୟ ଓ ଜୀବନଧାରଣକୁ ବିନିଯୋଗ କରିବା ଅଭ୍ୟାସ ଦ୍ୱାରା ଆମେ ବିଭିନ୍ନ ରୋଗକୁ ଏଡ଼ାଇ ସମାଜରେ ସୁସ୍ଥ୍ୟ ମଣିଷ ଭାବେ ଠିଆ ହୋଇପାରିବା ବୋଲି କହିଥିଲେ। ପ୍ରାରମ୍ଭରେ ସମାଜସେବୀ ଚନ୍ଦ୍ର ଶେଖର ଓଝା ସ୍ୱାଗତ ଭାଷଣ ଦେଇଥିବାବେଳେ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଅଚଳ

**କୁଚିଣ୍ଡା, ୭।୪(ସମିସ):** କୁଚିଣ୍ଡା ପଞ୍ଚାୟତ ସମିତି ଅଧିନସ୍ଥ ବକ୍ସମା ଗ୍ରାମପଞ୍ଚାୟତ ସ୍କୁଲ ସମ୍ମୁଖରେ ଥିବା ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଅଚଳ ହୋଇପଡ଼ିଛି। ଛାତ୍ରଛାତ୍ରୀ ତଥା ବାଟୋଇମାନେ କିପରି ବିଶୁଦ୍ଧ ଥଣ୍ଡା




ଜଳ ଟିକେ ପାଇବେ ସେ ନେଇ ତତ୍କାଳୀନ ସରପଞ୍ଚ ଅରୁଣ କୁମାର ବାଘଙ୍କ ପ୍ରଚେଷ୍ଟାରେ ୨୩ ନଭେମ୍ବର ୨୦୧୬ ମସିହାରେ ଦେଢ଼ଲକ୍ଷ ଟଙ୍କା ବିନିମୟରେ ଉକ୍ତ ପ୍ରକଳ୍ପଟି ନିର୍ମିତ ହୋଇଥିଲା। ତେବେ ତାହା ଦୀର୍ଘଦିନ ହେଲା ଅଚଳ ହୋଇପଡ଼ିରହିଛି। ଏବେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଆରମ୍ଭ ହୋଇଥିବାବେଳେ ଛାତ୍ରଛାତ୍ରୀ ତଥା ବାଟେଇମାନେ ଥଣ୍ଡା ପାନୀୟ ଜଳ ପାଇଁ ତହଲବିକଳ ହେଉଛନ୍ତି। ଏ ନେଇ ବକ୍ସମା ଗ୍ରାମପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବର୍ଷାରାଣୀ ବିଶ୍ୱାଳଙ୍କୁ ପଚରାଯିବାରୁ ଅଚଳ ହୋଇପଡ଼ିଥିବା ଉକ୍ତ ପ୍ରକଳ୍ପକୁ ସଚଳ କରିବାକୁ ଚେଷ୍ଟା କରିବି ବୋଲି କହିଛନ୍ତି।

# ରାଜ୍ୟସ୍ତରୀୟ କବି, କବୟିତ୍ରୀ ସମ୍ମିଳନୀ

**ଜମନକିରା, ୭।୪(ସମିସ):** ମୁକ୍ତେଶ୍ୱର ସାହିତ୍ୟ ସଂସଦ ଓ ସୁବର୍ଣ୍ଣ ସ୍ମୃତି ଜମନକିରା ଆନୁକୂଲ୍ୟରେ ଜମନକିରା କଲେଜ ଅଡିଟୋରିୟମ୍‌ଠାରେ ଷଷ୍ଠତମ ରାଜ୍ୟସ୍ତରୀୟ କବି, କବିୟିତ୍ରୀ ସମ୍ମିଳନୀ ତଥା କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ସଂସଦ ସଭାପତି ମୁରଲୀଧର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି



ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସାହିତ୍ୟ ଏକାଡେମୀ ସଦସ୍ୟ ପ୍ରଫୁଲ୍ଲ ମହାପାତ୍ର ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜମନକିରା କଲେଜ ଓଡ଼ିଆ ଅଧ୍ୟାପିକା ଡ. ତୃପ୍ତିମୟୀ ମିଶ୍ର ଓ ବରିଷ୍ଠ କବି ହୃଦାନନ୍ଦ ଶର୍ମା ଯୋଗଦେଇଥିଲେ। କବିତା ଆସରକୁ କବି ତ୍ରିଲୋକ୍ୟନାଥ ମହାପାତ୍ର ସଞ୍ଚାଳନ କରିଥିବାବେଳେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ କବି, କବୟିତ୍ରୀମାନେ କବିତା ପାଠ କରିଥିଲେ। ଚଳିତବର୍ଷ ମୁକ୍ତେଶ୍ୱର ସାହିତ୍ୟ ସମ୍ମାନରେ କବି ହୃଦାନନ୍ଦ ଶର୍ମା, ଶତ୍ରୁଘ୍ନ ରଣା, ଦୁତିଆ ଭୋଇ, ଦ୍ୱିତୀୟରାଜ ମହନ୍ତ ଓ ଗୋଲବଦନ ବିଶ୍ୱାଳଙ୍କୁ ପ୍ରଦାନ କରାଯାଇଥିବାବେଳେ ସୁବର୍ଣ୍ଣ ସ୍ମୃତି ସମ୍ମାନରେ କବୟିତ୍ରୀ ପଙ୍କଜିନି ରାଉତ, କୁନି ଦେହୁରୀ, ଗୀତାରଣୀ ସାହୁ ଓ ସ୍ନେହଲତା ରଣାଙ୍କୁ ସମ୍ମାନିତ କରାଯାଇଛି। ଏହି କବିତା ପାଠ ମହୋତ୍ସବର ଆବାହକ ସୁବର୍ଣ୍ଣ ସ୍ମୃତି ପ୍ରତିଷ୍ଠାତା ତଥା ମୁକ୍ତେଶ୍ୱର ସାହିତ୍ୟ ସଂସଦ ସମ୍ପାଦକ ବ୍ୟଙ୍ଗକବି ପ୍ରମୋଦ ନାୟକ ଥିବାବେଳେ ଉପସଭାପତି ଲୋକକବି ନନ୍ଦଲାଲ ସାହୁ ସହଯୋଗ କରିଥିଲେ। ଏଥିରେ ଓଡ଼ିଶାର ବିଭିନ୍ନ ଜିଲ୍ଲା ସମେତ ପଡ଼ୋଶୀ ରାଜ୍ୟର କବିମାନେ ସାମିଲ ହୋଇଥିଲେ।

# ସାହାସପୁରରେ ଅଷ୍ଟପ୍ରହରୀ ନାମଯଜ୍ଞ



**ମାନେଶ୍ୱର, ୭।୪(ସମିସ):** ମାନେଶ୍ୱର ବ୍ଲକ ଅନ୍ତର୍ଗତ ସାହାସପୁର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଦୁଇଦିନ ଧରି ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ୫ ତାରିଖ କଳସ ସ୍ଥାପନ ୬ ତାରିଖ ଅଧିବାସ ଓ ୭ ତାରିଖ ହୋମଯଜ୍ଞ ସହିତ ଦିନ ୨ ଟାରେ ପୂର୍ଣ୍ଣାହୁତି ପଡ଼ି ନାମଯଜ୍ଞ ଉଦଯାପିତ ହୋଇଥିଲା। ଏହି ଅବସରରେ ନଗର କୀର୍ତ୍ତନ ସହିତ ବୈଠୁକି ଅନୁଷ୍ଠିତ ହୋଇଥିଲା। ସତ୍ୟନାରାୟଣ ମେଣ୍ଡଲୀ ଓ ତାଙ୍କ ପତ୍ନୀ ସସ୍ମିତା ମେଣ୍ଡଲୀ କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ରଞ୍ଜନ ପାଣିଗ୍ରାହୀ, ବିଭୁତି ପାଣିଗ୍ରାହୀ, ସୂର୍ଯ୍ୟକୁମାର ପାଢ଼ୀ, ଅଭିନାଶ ହୋତା ପ୍ରମୁଖ ପୂଜାକାର୍ଯ୍ୟ ପରିଚାଳନା କରିଥିଲେ। ଏଥିରେ କୁର୍ଲା, ହଳଦୀ ମୁରା, ଅରେଗୁଡ଼ି, ଅର୍ଡକ୍ଷ, ଗିଣ୍ଡୋଲାପାଲି ୫ ଟି କୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ। ନାମଯଜ୍ଞ କମିଟିର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବାମରାରେ ଏସ୍‌ୟୁସିଆଇର ବୈଠକ

# ଦୁର୍ନୀତି, ବେରୋଜଗାର, ଦରଦାମ ବୃଦ୍ଧି ପାଇଁ ବିଜେପି ଦାୟୀ

**ବାମରା, ୭।୪(ସମିସ):** ସମ୍ବଲପୁର ଜିଲ୍ଲା ବାମରା ବ୍ଲକରେ ଏସୟୁସିଆଇର ବିଭିନ୍ନ ଗ୍ରାମରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ୨୦୨୪ ଦେଶର ସାଧାରଣ ନିର୍ବାଚନରେ ଦଳ ପକ୍ଷରୁ ସମ୍ବଲପୁର ଲୋକସଭା ଆସନରେ ପ୍ରାର୍ଥୀ ନବକିଶୋର ପ୍ରଧାନ ବୈଠକରେ ସଭାପତିତ୍ୱ କରିଥିଲେ। ବାମରା ବ୍ଲକର କୁଟାରୀମାଲ ଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। କୁଟାରୀମାଲ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ଜଣାଶୁଣା ଚାଷୀ ନେତା ଲକ୍ଷ୍ମୀ ନାରାୟଣ ଛତ୍ରିଆଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା। ରାଜ୍ୟ କମିଟି ସଦସ୍ୟ ତଥା କେନ୍ଦ୍ରୀୟ ଶ୍ରମିକ ସଂଗଠନ ଏ ଆଇ ୟୁ ଟି ୟୁ ସି ର ରାଜ୍ୟ ସମ୍ପାଦକ ଜୟସେନ ମେହେର, ଶ୍ରମିକ ନେତା ବିଷ୍ଣୁ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଦେଶରେ ଚାଲିଥିବା ଦୁର୍ନୀତି, ଭ୍ରଷ୍ଟାଚାର, ଦରଦାମ



ବୃଦ୍ଧି, ବେକାରୀ ସମସ୍ୟା, ଚାଷୀ-ଶ୍ରମିକ ମାରଣ ନୀତି ଆଦି ବିରୁଦ୍ଧରେ ଲଗାତାର ଗଣଆନ୍ଦୋଳନ ସଂଗଠିତ କରିଚାଲିଥିବା ଏସ୍ ୟୁ ସି ଆଇ ପ୍ରାର୍ଥୀଙ୍କୁ ବିଜୟ କରିବାକୁ ବକ୍ତା ମାନେ ଆହ୍ୱାନ ଦେଇଥିଲେ। ସମ୍ପ୍ରତି ଦଳ ବଦଳ ରାଜନୀତି ପ୍ରମାଣ କରିଛି ଯେ ଏହିସବୁ ପୁଞ୍ଜିବାଦୀ ସପକ୍ଷରେ, ଇଲେକ୍ଟୋରାଲ ବଣ୍ଡ ଭଳି କଳା ଟଙ୍କାର ପରିଣତି। ଏହା ଫଳରେ ଦେଶର ୯୦ ଭାଗ ସାଧାରଣ ଲୋକଙ୍କର ଜୀବନ ଜୀବିକା ବିପର୍ଯ୍ୟସ୍ତ ହେବାକୁ ଯାଉଛି। ତେଣୁ ଏଥିରୁ ମୁକ୍ତି ପାଇଁ ଜାତି-ଧର୍ମ-ଅଞ୍ଚଳ-ଭାଷା। ନିର୍ବିଶେଷରେ ଦେଶର ଏକତା ଓ ଗଣଆନ୍ଦୋଳନକୁ ଶକ୍ତିଶାଳୀ କରିବାପାଇଁ ଏସ୍ ୟୁ ସି ଆଇ ପ୍ରାରଥୀଙ୍କୁ ବିଜୟି କରିବାକୁ ନିବେଦନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ହରିହର ଟପ୍ପୋ, ମମତା ମହାନନ୍ଦ, ବିକ୍ରମ ଟପ୍ପୋ, ବିନୋଦ କାହାଳୀ ପ୍ରମୁଖ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ନିଜର ବକ୍ତବ୍ୟ ରଖିଥିଲେ। ଏଥିରେ ଶତାଧିକ ଶ୍ରମିକ, ଚାଷୀ, ମହିଳା ଓ ବୁଦ୍ଧିଜୀବୀ ଯୋଗଦେଇଥିଲେ।

# ବେଲୁନ ବଞ୍ଚାଇଦେଲା କାରଯାତ୍ରୀଙ୍କ ଜୀବନ

**ମାନେଶ୍ୱର, ୭।୪(ସମିସ):** ଧମା ଥାନା ଅନ୍ତର୍ଗତ ସାହାସପୁର ଖୁସି ହୋଟେଲ ନିକଟ ବୁଲାଣିରେ କାର ଓ ହାଇୱା ମଧ୍ୟରେ ସାମନାସାମିନି ଧକ୍କା ରେ କାର ଚୁରମାର ହୋଇଯାଇଛି। ହେଲେ ଶୋଭାଗ୍ୟ ବସତ କାହାରି ଜୀବନ ହାନି ଘଟି ନାହିଁ। ଓଡି ୦୫- ଏଏଚ- ୧୮୦୫ ନମ୍ବର କାର ଟି ବଲାଙ୍ଗିର ଜିଲ୍ଲାରୁ ସମ୍ବଲପୁର ଆସୁଥିବା ବେଳେ ଅପର ପଟୁ ଓଡି ୧୬ - ଏମ-୦୫୧୧ ହାଇୱା ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। କାରରେ ଗୋଟିଏ ପରିବାର ର ତିନିଜଣ ବସିଥିବା ବେଳେ କାରର ବେଲୁନ ଯୋଗୁ ଜୀବନ ବଞ୍ଚି ଯାଇଛି। ହେଲେ ପଛ ସିଟରେ ବସିଥିବା ମହିଳା ସାମାନ୍ୟ ଆହତ ହୋଇଛନ୍ତି। ଗ୍ରାମବାସୀ ଆହତଙ୍କୁ ଉଦ୍ଧାର କରି ଏମ୍ବୁଲାଏନ୍ସ ସାହାଯ୍ୟରେ ଡାକ୍ତର ଖାନା ପଠେଇ ଥିଲେ। ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା।

# ବିଭିନ୍ନ ସ୍ଥାନରେ ଜଳଛତ୍ର ଉଦ୍‌ଘାଟିତ

**କୁଚିଣ୍ଡା, ୭।୪(ସମିସ):** କୁଚିଣ୍ଡା ଏନ୍‌ଏସି ପକ୍ଷରୁ ଜନଗହଳିପୂର୍ଣ୍ଣ ଉପଜିଲ୍ଲାପାଳଙ୍କ ସରକାରୀ ବାସଭବନ ସମ୍ମୁଖରେ, ବସ୍ ରହଣି ବରଗଛମୂଳେ ଓ ଘୋଷା ଟ୍ରାଫିକ୍ ଛକ ଆଦି ୩ଟି ସ୍ଥାନରେ ପ୍ରଥମ ପର୍ଯ୍ୟାୟରେ ଏନ୍‌ଏସି ପକ୍ଷରୁ ଜଳଛତ୍ର ଆରମ୍ଭ ହୋଇଛି। ଏନ୍‌ଏସି ଇଓ ଗୌରବ ପ୍ରଧାନ ଆହୁରି ୯ ଟି ଜଳଛତ୍ର ଖୋଲାଯିବ ବୋଲି ସୂଚନା ଦେଇଛନ୍ତି। ଏହି ଅବସରରେ ପଞ୍ଚାୟତ କର୍ମଚାରୀ ତଥା ଜନସାଧାରଣ ଉପସ୍ଥିତ ଥିଲେ।

# ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

**ରେଙ୍ଗାଲି, ୭।୪(ସମିସ):** ଠେଲକୋଲୋଇ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମାଧୁରୀ ମିଶ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ତ୍ରିଲୋଚନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ



ଅତିଥି ଭାବେ ପଦ୍ମନାଭ ନାୟକ, ଦୁର୍ଗା ପ୍ରସାଦ ସାହୁ ଏବଂ ରେଙ୍ଗାଲି ବ୍ଲକର ଶିକ୍ଷକ ସଂଘ ସଭାପତି ସରୋଜ କୁମାର ସାହୁ ଉପସ୍ଥିତ ଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ସସ୍ମିତା ସାହୁ ମଞ୍ଚ ପରିଚାଳନା କରିଥିଲେ। ରେଙ୍ଗାଲି ବ୍ଲକର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ ଏସ୍‌ଏମ୍‌ସି ମେମ୍ବର ଉପସ୍ଥିତ ଥିଲେ। ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ଆସିଥିବା କର୍ମଚାରୀମାନେ ବିଦାୟୀ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପ୍ରୋଭିଜିନାଲ ପେନସନ ପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ସମସ୍ତେ ମିଶି ଗାଁ ପରିକ୍ରମା କରିଥିଲେ।

# ବିଭିନ୍ନ ସ୍କୁଲରେ ଟାବ୍‌ଲେଟ୍ ବଣ୍ଟନ

**ଜମନକିରା, ୭।୪(ସମିସ):** ପ୍ରାଥମିକ ଶିକ୍ଷାରେ ଉନ୍ନତମାନର ଶିକ୍ଷାଦାନ ତଥା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସହିତ ସହଜରେ ଯୋଡ଼ିହେବା ହେବା ପାଇଁ ସରକାର ପ୍ରତ୍ୟେକ ବିଦ୍ୟାଳୟ ମାନଙ୍କୁ ଟାବ୍‌ଲେଟ୍ ବଣ୍ଟନ କରୁଛନ୍ତି। ଏହି ଅବସରରେ ଜମନକିରା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟମାନଙ୍କୁ ଗୋଟିଏ ଲେଖାଁଏ ସାମସଙ୍ଗ କମ୍ପାନୀର ଟାବ୍‌ଲେଟ୍ ବଣ୍ଟନ କରାଯାଇଥିଲା। ବିଦ୍ୟାଳୟମାନଙ୍କର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଟାବ୍‌ଲେଟ୍ ଗ୍ରହଣ କରି ଖୁସି ପ୍ରକଟ କରିଥିଲେ।

# ସମଲେଇଙ୍କ ଦର୍ଶନ କରି ଆଶୀର୍ବାଦ ନେଲେ ସୁଦର୍ଶନ

**ସମ୍ବଲପୁର, ୭।୪(ସମିସ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟଙ୍କ ରେଙ୍ଗାଲି ବିଧାନସଭା ପ୍ରାର୍ଥୀ ଭାବେ ସୁଦର୍ଶନ ହରିପାଲଙ୍କୁ ମନୋନୀତ କରିଛନ୍ତି। ଆଜି ସୁଦର୍ଶନ ମାଁ ସମଲେଇଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ତାଙ୍କ ସହିତ ସମର୍ଥକମାନେ ଉପସ୍ଥିତ ଥିଲେ। ଏହି ଅବସରରେ ସୁଦର୍ଶନ ହରିପାଲ କହିଛନ୍ତି, ମୋ ପରି ଏକ ଗରିବ ପରିବାର ପିଲାକୁ ଭରସା କରି ମୁଖ୍ୟମନ୍ତ୍ରୀ ଅଭିଭକ୍ତ ରେଙ୍ଗାଲିର ବିଜେଡି ପ୍ରାର୍ଥୀ କରିଥିବାରୁ ମୁଁ ତାଙ୍କୁ ଧନ୍ୟବାଦ ଅର୍ପଣ କରୁଛି। ରେଙ୍ଗାଲି ନିର୍ବାଚନମଣ୍ଡଳୀର ସବୁ ଦଳୀୟ କାର୍ଯ୍ୟକର୍ତାଙ୍କ ସହଯୋଗରେ ଓ ଜନତାଙ୍କ ସମର୍ଥନରେ ନିଶ୍ଚିତ ବିଜୟୀ ହେବି



ବୋଲି କହିଛନ୍ତି। ସୂଚନା ଅନୁସାରେ ସୁଦର୍ଶନ ହରିପାଲ ବର୍ତ୍ତମାନ ଧନକଉଡ଼ା ଜୋନ-୨ ର ଜିଲ୍ଲାପରିଷଦ ସଭ୍ୟ ଅଛନ୍ତି। ବହୁଦିନ ହେବ ରେଙ୍ଗାଲି ଆସନ ପାଇଁ ବହୁ ଦଳୀୟ ଆଶାୟୀ ଲବି କରିବା ସହ ଟିକେଟ ପାଇଁ ଆଶାୟୀ ରହିଥିଲେ। ହେଲେ ଦଳ ପକ୍ଷରୁ ସୁଦର୍ଶନଙ୍କୁ ଟିକେଟ୍ ଦିଆଯାଇଛି। ଗତ ନିର୍ବାଚନରେ ରେଙ୍ଗାଲି ନିର୍ବାଚନ ବିଜେପି ହାତକୁ ଯାଇଥିଲା। ହେଲେ ୨୦୨୨ ପଞ୍ଚାୟତ ନିର୍ବାଚନରେ ବିଜେଡିର ବୃହତ ବିଜୟ ହୋଇଥିଲା। ଜିଲ୍ଲା ପରିଷଦରେ ବିଜୟୀ ହୋଇଥିଲା। ଏହାର ଫଳାଫଳ ଦେଖିଲେ ଆଗାମୀ ସାଧାରଣ ନିର୍ବାଚନରେ ମଧ୍ୟ ବିଜେଡି ଭଲ କରିବ ବୋଲି ଦଳର ନେତାମାନେ ଦୃଢୋକ୍ତି ବାଢ଼ିଛନ୍ତି।

# ଗାଇସିଲେଟ୍ ବ୍ଲକରେ ଖୋଲିଲା ଜଳଛତ୍ର



ସକାଳ ପ୍ରଭାବ

**ଗୁଦେରପାଲି, ୭ ।୪(ସମିସ):** ଦିନ ୧୧ଟା ବାଜିଲେ ୪୧ ଡିଗ୍ରୀ ସେଲସିୟସ ତାପମାତ୍ରା ରହୁଥିବା ବେଳେ ଆକାଶରୁ ଅଗ୍ନି ବର୍ଷା ହେଉଛି। ଏପରି ଘଡିସନ୍ଧି ମୁହୂର୍ତ୍ତରେ ଗାଇସିଲେଟ ବ୍ଲକର କୌଣସି ଗୋଟିଏ ବି ପଞ୍ଚାୟତରେ ଜଳଛତ୍ର ଟିଏ ଖୋଲାଯାଇ ନ ଥିଲା। ଯେଉଁଥିପାଇଁ ବାଟୋଇମାନେ ବାଧ ହୋଇ ପକେଟରୁ ଟଙ୍କା ଖର୍ଚ୍ଚକରି ଦୋକାନରୁ ବୋତଲ ପାଣି କିଣି ପିଉଥିବା ଦେଖିବାକୁ ମିଳୁଥିଲା। ଏ ବିଷୟରେ 'ସକାଳ'ରେ ଗାଇସିଲେଟ ବ୍ଲକରେ ଜଳଛତ୍ରର ଦେଖାନାହିଁ 'ପିଇବା ପାଣି ପାଇଁ ବାଟୋଇ ଡହଳବିକଳ ଶୀର୍ଷକ ଖବର ପ୍ରକାଶିତ ହେଲା ପରେ ପଞ୍ଚାୟତିରାଜ ବିଭାଗର ନିଦ ଭାଙ୍ଗିଛି ଏବଂ ଗାଇସିଲେଟ ବ୍ଲକରେ ଜଳଛତ୍ର ଖୋଲାଯାଇଛି। ଗାଇସିଲେଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମଣ ମାଝୀ ବାଟୋଇ ମାନଙ୍କ ପାନୀୟ ଜଳ କଷ୍ଟକୁ ହୃଦୟଙ୍ଗମ କରି ସଙ୍ଗେସଙ୍ଗେ ତାଙ୍କ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇ ବୁରୋମୁଣ୍ଡା, ତାଲପାଲି ଏବଂ ଗୁଦେରପାଲି ପଞ୍ଚାୟତ ସମେତ ଅନ୍ୟାନ୍ୟ ପଞ୍ଚାୟତରେ ମଧ ଯୁଦ୍ଧକାଳୀନ ଭିତ୍ତିରେ ଜଳଛତ୍ର ମାନ ଖୋଲିଛନ୍ତି। ଯେଉଁଥିପାଇଁ ହଜାର ହଜାର ବାଟୋଇ ପାନୀୟ ଜଳକଷ୍ଟରୁ ରକ୍ଷା ପାଇପାରିବେ।

## ଟିକଟ ପାଇଁ କଂଗ୍ରେସରେ ଟଙ୍କା କାରବାର ଅଭିଯୋଗ

# ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିବେ ପାଣ୍ଡବ

ବରଗଡ଼, ୭ ।୪(ସମିସ)

ବରଗଡ଼ ଗସ୍ତରେ ଆସିଥିବା ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ସ୍ୱଚ୍ଛ ଚିନ୍ତାଧାରା ଓ ଜନମଙ୍ଗଳ ବିଚାରାଧାରା ରାଜନୀତି ପ୍ରତି ଆକର୍ଷିତ ହୋଇ ୧୯୮୨ରେ କଂଗ୍ରେସରେ ଯୋଗ ଦେଇଥିବା ପାଣ୍ଡବ କର୍ଣ୍ଣ ଚଳିତ ନିର୍ବାଚନରେ ସ୍ୱାଧୀନ ଭାବରେ ମଇଦାନକୁ ଓହ୍ଲାଇବେ ବୋଲି ଘୋଷଣା କରିଛନ୍ତି। ଛାତ୍ର କଂଗ୍ରେସରୁ ଆରମ୍ଭ କରି ଯୁବ କଂଗ୍ରେସ କର୍ମୀ ଭାବେ ତୃଣମୂଳସ୍ତରରେ କାମକରି ଆସିଛନ୍ତି। ଦୀର୍ଘ ୪୫ ବର୍ଷ ଧରି କଂଗ୍ରେସରେ ଶୃଙ୍ଖଳିତ ଭାବେ କାର୍ଯ୍ୟ କରୁଥିବାବେଳେ ତାଙ୍କ ସମସାମୟିକ ନେତାମାନେ ଆଜି ବିଧାୟକ, ସାଂସଦ ହୋଇସାରିଥିବାବେଳେ କେବଳ ପଶ୍ଚିମ ଓଡ଼ିଶା ଏବଂ ଗରିବ ପରିବାରରୁ ପ୍ରତିନିଧିତ୍ୱ କରୁଥିବାରୁ କଂଗ୍ରେସ ବାରମ୍ବାର ଉପେକ୍ଷା କରିବା ସହିତ ସମସ୍ତ ଯୋଗ୍ୟତାସତ୍ତ୍ୱେ ପୁଣିଥରେ ମୋତେ ଦଳୀୟ ଟିକଟରୁ ବଞ୍ଚିତ କରିଛି ବୋଲି କହିଛନ୍ତି। ଟଙ୍କାନେଇ ଟିକଟ ଦେଇଥିବା ନେତାମାନେ ଦଳକୁ ବଦନାମ କରିବା ସହିତ ତୃଣମୂଳସ୍ତରର




କର୍ମୀଙ୍କୁ ହେୟଜ୍ଞାନ କରିଥିବାରୁ ମୁକ୍ତକଣ୍ଠରେ ବିରୋଧ କରୁଛି ଏବଂ ଦଳ ତାଙ୍କ ନିଷ୍ପତ୍ତି ନବଦଳାଇଲେ କଂଗ୍ରେସ ଦଳ ତ୍ୟାଗ କରି ବରଗଡ଼ ବିଧାନସଭା ଆସନରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିବି ବୋଲି ବରଷ୍ଠ କଂଗ୍ରେସ ନେତା ପାଣ୍ଡବ କର୍ଣ୍ଣ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଛାତ୍ର କଂଗ୍ରେସ, ଯୁବ କଂଗ୍ରେସ, ଜିଲ୍ଲା କଂଗ୍ରେସ ତଥା ଓବିସି ସେଲର ବିଭୁ ପଦପଦବୀରେ ରହି ଆସିଥିବା ଶ୍ରୀ କର୍ଣ୍ଣ ବରଗଡ଼ ବିଧାନସଭା ସଭା ପାଇଁ ଆଶାୟୀ ଥିବାବେଳେ ଦଳ ତାଙ୍କୁ ବାରମ୍ବାର ଅଣଦେଖା କରିଥିବା ଅଭିଯୋଗ କରିଛନ୍ତି। ଆଜିର ଏହି ପ୍ରେସ୍‌ମିଟରେ କଂଗ୍ରେସ ସେବାଦଳର ପୂର୍ବତନ ଜିଲ୍ଲା ସଭାପତି ଗଣେଶ ରାଉତ, ଜିଲ୍ଲା କଂଗ୍ରେସ ଓବିସି ସେଲର ଉପସଭାପତି ପ୍ରମୋଦ ମହାକୁର, ଅତାବିରା ବ୍ଲକ କଂଗ୍ରେସ ସଭାପତି କୁନୁ ମହାପାତ୍ରଙ୍କ ସମେତ ସ୍ୱେଚ୍ଛାସେବୀ ପବିତ୍ର ଦେହେରୀ ମଞ୍ଚାସୀନ ଥିବାବେଳେ କୋସଲ ଏକାଡେମୀର ମାମି ମିଶ୍ର, କଲ୍ୟାଣ ସ୍ୱେଚ୍ଛାସେବୀ ସଂଗଠନର ସଭାନେତ୍ରୀ ନିତେଶ୍ୱରୀ ପ୍ରଧାନ, ଶିକ୍ଷକ ନେତା କରୁଣାକର ସାହୁ, ବାସମତୀ ବନଛୋର, ମମତା, ଗୀତାଞ୍ଜଳି ପ୍ରଧାନ, ପ୍ରୀତି ଦାସ, ବରଗଡ଼ ଓବିସି ମଞ୍ଚର ମନୋଜ ଭୋଇ, ମୁସଲିମ ସମାଜର ଦିଲ ମହମ୍ମଦ ଅଲ୍ଲୀ ଖାନ, ବରଗଡ଼ ଶିଖ ସମାଜର ସରବଜିତ ସିଂ, ମୃତ୍ୟୁଞ୍ଜୟ କର୍ଣ୍ଣ, ହର୍ଷବର୍ଦ୍ଧନ କର୍ଣ୍ଣ, ସଞ୍ଜୀବ କରନ, ଅକ୍ଷୟ କରନ ପ୍ରମୁଖ କଂଗ୍ରେସ କର୍ମକର୍ତ୍ତାମାନେ ଉପସ୍ଥିତ ରହି ଶ୍ରୀକର୍ଣ୍ଣଙ୍କୁ ସମର୍ଥନ ଜଣାଇଥିଲେ।

# ବିଧାୟକଙ୍କୁ ଶୁଭେଚ୍ଛା ଜଣାଇଲା ଭୁଲିଆ ସମାଜ



**ବରଗଡ଼, ୭ ।୪(ସମିସ):** ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କୁ ଜିଲ୍ଲା ଭୁଲିଆ ସମାଜ ତରଫରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରୀ ଆଚାର୍ଯ୍ୟଙ୍କୁ ବରଗଡ଼ ବିଧାନସଭା ପାଇଁ ବିଜେଡି ପ୍ରାର୍ଥୀ ଘୋଷଣା କରିଥିବାବେଳେ ବରଗଡ଼ର ବିକାଶ ପାଇଁ ଜଣେ ଦକ୍ଷ ଓ ଯୁବନେତାଙ୍କ ଉପରେ ଆସ୍ଥା ଓ ବିଶ୍ୱାସ ପ୍ରକଟ କରିଥିବାରୁ ଜିଲ୍ଲା ଭୁଲିଆ ସମାଜ ତରଫରୁ ଆନନ୍ଦ ପ୍ରକାଶ ପାଇବା ସହ ଦେବେଶଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଏହି ଅବସରରେ ଜିଲ୍ଲା ଭୁଲିଆ ସମାଜର ଏକ ପ୍ରତିନିଧି ମଣ୍ଡଳୀ ଶ୍ରୀ ଆଚାର୍ଯ୍ୟଙ୍କ ବାସଭବନକୁ ଯାଇ ଭେଟିବା ସହ ଭୁଲିଆ ସମାଜ ପାଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ମଧ ଦୃଷ୍ଟି ଆକର୍ଷଣ କରିଥିଲେ। ଶ୍ରୀ ଆଚାର୍ଯ୍ୟ ଜିଲ୍ଲା ଭୁଲିଆ ସମାଜର ଆଶୀର୍ବାଦ କାମନା କରିବା ସହ ସହଯୋଗ କାମନା କରିଥିଲେ।

# ଚୋରଙ୍କୁ ଧରି ପୁଲିସ ଜିମାରେ ଦେଲେ ଗ୍ରାମବାସୀ

**ବରଗଡ଼, ୭ ।୪(ସମିସ):** ବରଗଡ଼ ଜିଲ୍ଲାର ସୋହେଲା ଓ ଭଟଲି ବ୍ଲକରେ ଯେଉଁ ପରିମାଣରେ ପାତାଲ୍ ବୋରିଂରେ ଚାଷ ହେଉଛି ସେହି ବ୍ଲକରେ ଚାଷୀର ଖେତରେ ଥିବା ପାତାଲ୍ ବୋରିଂର ମୋଟର, ସୋଲାର ପ୍ୟାନେଲ ତଥା କେବୁଲ୍ ଚୋରି ଚାଷୀ ମାନଙ୍କ ମୁଣ୍ଡ ବ୍ୟଥାର କାରଣ ପାଲଟିଛି। ପ୍ରାକୃତିକ ଦୁର୍ବିପାକ, ରୋଗ ପୋକ ତଥା ବିଦ୍ୟୁତ୍ ବିଭାଗର ଲୋ ଭୋଲଟେଜ ସମସ୍ୟା ବ୍ୟତୀତ ପାତାଲ ବୋରିଂର ମୋଟର୍ ଚୋରିରେ ଚାଷୀ କେତେ ଉତ୍ପତ୍ତ ସୋହେଲା ବ୍ଲକ ଅନ୍ତର୍ଗତ ଶ୍ରୀଗିଡା ଗ୍ରାମରେ ତାହା ଦେଖିବାକୁ ମିଳିଛି। ଗ୍ରାମର ଚାଷୀମାନେ ନିଜସ୍ୱ ଉଦ୍ୟମରେ ଦୁଇ ଜଣ ଚୋରକୁ ଧରି ସୋହେଲା ପୁଲିସ କୁ ଜିମା ଦେଇଥିବା ସୂଚନା ମିଳିଛି। ଏହି ଦୁଇ ଜଣ ଚୋର ଶ୍ରୀଗିଡା ଗ୍ରାମର ପ୍ରସାନ୍ତ ସା (୨୨) ଏବଂ ଲଳିତ ସିଂ (୪୨) ବୋଲି ଜଣାପଡ଼ିଛି। ସୋହେଲା ବ୍ଲକର ଶ୍ରୀଗିଡା, ଜଟଲା ବାଇପାଲି, ସରକଣ୍ଡା ଆଦି ଗାଁ ତଥା ବରଗଡ଼ ବ୍ଲକର ଉଲବା, ବଗାଇବିରା ଗାଁ ରେ ଗୋଟିଏ ବର୍ଷ ମଧ୍ୟରେ ଶତାଧିକ ସମର୍ସିବୁଲ୍ ମୋଟର, ସୋଲାର ପ୍ୟାନେଲ, କେବୁଲ ତଥା ବିଦ୍ୟୁତ ଚାଳିତ ପାଣିପମ୍ପ ଚୋରି ହୋଇସାରିଛି। ଏପ୍ରିଲ ୨ ତାରିଖ ରାତିରେ ଶ୍ରୀଗିଡା ଗ୍ରାମର ମୁକେଶ ପଧାନ ଙ୍କ ସୋଲାର ପ୍ୟାନେଲ ଚୋରିହେବା ପରେ ଗାଁ ର ଯୁବ ଚାଷୀମାନେ ଚତୁରତାର ସହ ଚକରକେନ୍ଦ ଛକରେ ଥିବା ଏକ କବାଡି ଖାନାରେ ଗୁପ୍ତ ଭାବରେ ତନଖି କରି ଜାଣିବାକୁ ପାଇଲେ ଯେ ଚୋରି ହୋଇଥିବା ସୋଲାର ପ୍ୟାନେଲ ସେହିଠାରେ ବିକ୍ରି ହୋଇଛି ଏବଂ ଶ୍ରୀଗିଡା ଗ୍ରାମର ପ୍ରସାନ୍ତ ସା ଏବଂ ଲଳିତ ସିଂ ବିକ୍ରି କରିଥିବା ଜାଣିବାପରେ ଆଜି ସକାଳେ ଚାଷୀମାନେ ଗାଁ ର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଉଭୟ ଚୋରଙ୍କୁ ବାନ୍ଧି ପଚରା ଉଚୁରା କଲା ପରେ ସେମାନେ ଚୋରି କରିଥିବା ସ୍ୱୀକାର କରିବା ପରେ ଉଭୟଙ୍କୁ ପୁଲିସକୁ ଜିମା ଦେଇଥିଲେ।



# ବରମଚାରୀ ନାମଯଜ୍ଞରେ ଯୋଗଦେଲେ ବିଧାୟକ



**ବରଗଡ଼, ୭ ।୪(ସମିସ):** ବରଗଡ଼ ପୌର ପରିଷଦ ଅଧୀନ ବରମଚାରି ଠାରେ ଅନୁଷ୍ଠିତ ନାମଯଜ୍ଞରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଯୋଗଦେଇ ନାମ ସଙ୍କୀର୍ତ୍ତନ କରିବା ସହ ପୂଜା ଅର୍ଚ୍ଚନା କରିଥିଲେ। ଏହି ଅବସରରେ ବରଗଡ଼ ଟାଉନ ବିଜେଡି ସଭାପତି କିଶୋର ମିଶ୍ର, ବରିଷ୍ଠ ଆଇନଜୀବୀ ମାନଭଞ୍ଜନ ତ୍ରିପାଠୀ, ସ୍ଥାନୀୟ କାଉନସିଲରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ। ଏହି ଯଜ୍ଞରେ ସହରର ବିଭିନ୍ନ ୱାର୍ଡର ସଙ୍କୀର୍ତ୍ତନ ମଣ୍ଡଳୀ ସମେତ ଆଖ ପାଖଗ୍ରାମର ବହୁ ସଙ୍କୀର୍ତ୍ତନ ଦଳ ଯୋଗଦେଇ ନାମ ସଙ୍କୀର୍ତ୍ତନ କରିଥିଲେ। ସମସ୍ତ ସଙ୍କୀର୍ତ୍ତନ ଭକ୍ତଙ୍କ ପାଇଁ ପ୍ରସାଦ ବଣ୍ଟନ ମଧ କରାଯାଇଥିଲା।

# ତିନି ପର୍ଯ୍ୟାୟରେ ପୁଲିସ ବାହିନୀର ଫ୍ଲାଗମାର୍ଚ୍ଚ

**ବରପାଲି, ୭ ।୪(ସମିସ):** ବରପାଲି ଅଞ୍ଚଳରେ ପୁଲିସ ବାହିନୀର ସାଧାରଣଙ୍କ ବିଶ୍ୱାସ ଭାଜନରେ ଆଣିବା ଓ ସୁସମ୍ପର୍କ ସ୍ଥାପନା ସୂଚନା ଦେବା ସହ ଆଗାମୀ ନିର୍ବାଚନକୁ ଶୃଙ୍ଖଳିତ ଭାବରେ ପରିଚାଳନା ଉଦ୍ଦେଶ୍ୟ ନେଇ ବରଗଡ଼ ଜିଲ୍ଲା ଆରକ୍ଷୀ ଅଧିକାରୀ ଏସ୍ ପ୍ରହଲ୍ଲାଦ ମୀନାଙ୍କ ନିର୍ଦ୍ଦେଶ କ୍ରମେ ବରପାଲି ଥାନା ଅଞ୍ଚଳରେ ପୁଲିସ ବାହିନୀର ତିନୋଟି ପର୍ଯ୍ୟାୟରେ ଫ୍ଲାଗ ମାର୍ଚ୍ଚ କରିଛନ୍ତି। ବରପାଲି ଥାନା ଅଧିକାରୀ ଜୟାରସ୍ମୀ ସେଠୀଙ୍କ ତତ୍ତ୍ୱାଧାନରେ ବ୍ଲକ ଅନ୍ତର୍ଗତ ବିଜ୍ଞାପିତ ଅଞ୍ଚଳ ପରିଷଦ, ସତଲମା, ଭଟିଗାଁ, ଆଗଲପୁର, ବନ୍ଧପାଲି ଅଞ୍ଚଳରେ ପୁଲିସର ଫ୍ଲାଗମାର୍ଚ୍ଚ ଅନୁଷ୍ଠିତ ହୋଇଥିଲା। ଏଥିରେ ୨ ପ୍ଲାଟୁନ ଫୋର୍ସ ସମେତ ୨ଜଣ ସବ୍ ଇନ୍ସପେକ୍ଟର, ୨ ଜଣ ଏଏସ୍ଆଇଙ୍କ ସମେତ ଅର୍ନ୍ତଗତ ଫାଣ୍ଡି ମାନଙ୍କର ସମସ୍ତ ପୁଲିସ କର୍ମଚାରୀ ମାନେ ପରିକ୍ରମାରେ ସାମିଲ ହୋଇଥିଲେ।

# କେଦାରନାଥ କଳା ସାହିତ୍ୟ ସଂସଦର ବୈଠକ

**ଅମ୍ବାଭୋନା, ୭ ।୪(ସମିସ):** ଅମ୍ବାଭୋନା ସ୍ଥିତ କେଦାରନାଥମନ୍ଦିର ପରିସରରେ ରବିବାର ଶଶୀଭୂଷଣ ପାଣିଗ୍ରାହୀଙ୍କ ସଭାପତିତ୍ୱରେ କେଦାରନାଥ କଳା ସାହିତ୍ୟ ସଂସଦର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସଂସଦର ଗ୍ରନ୍ଥାବଳୀ ପର୍ଯ୍ୟାଲୋଚନା ଦିବସ ମଧ ଆଜି ମହାସମାରୋହରେ ପାଳନ କରାଯାଇଥିଲା। ଏଥିରେ ଶୁକ୍ର ଦେହେରୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଏହିଅବସରରେ ଗଙ୍ଗାଧର ମେହେରଙ୍କ ଗ୍ରନ୍ଥାବଳୀର ଅଂଶବିଶେଷ ତପସ୍ୱିନୀ କାବ୍ୟ ଆଲୋଚନା କରାଯାଇଥିଲା। ଏହି ଆଲୋଚନାରେ ରମେଶ ପସାୟତ, ଗଜେନ୍ଦ୍ର ଦାଶ ଅଂଶଗ୍ରହଣ କରିଥିଲେ। ତପସ୍ୱିନୀର ବିଭିନ୍ନ ପଦର ସଙ୍ଗୀତ ଗୁଡିକ ପରିବେଷଣ କରାଯାଇଥିଲା। ମୁଖ୍ୟଶିଳ୍ପୀ ରବିନାରାୟଣ ବେହେରା, ସମ୍ପାଦକ ଯୋଗେଶ୍ୱର ରଥ କାର୍ଯ୍ୟକ୍ରମର ପୂର୍ଣ୍ଣତା ଘୋଷଣା ପୂର୍ବକ ଗଙ୍ଗାଧରିୟ ଅଭିନବ ଶୈଳୀର ଚରମ ନମୁନା ଯେ 'ତପସ୍ୱିନୀ' ଏହାର ଆଲୋଚନା କରିଥିଲେ। ବ୍ରହ୍ମଚାରୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଅମ୍ବାଭୋନା ଅଞ୍ଚଳରେ ପୁଲିସର ଫ୍ଲାଗମାର୍ଚ୍ଚ

**ଅମ୍ବାଭୋନା, ୭ ।୪(ସମିସ):** ସାଧାରଣ ନିର୍ବାଚନକୁ ଆଉ ଦେଢ଼ମାସ ବାକି। ୨୦୨୪ ବିଧାନ ସଭା ଓ ଲୋକସଭା ନିର୍ବାଚନ ପାଇଁ ଆରକ୍ଷୀ ବିଭାଗ ତରଫରୁ ତତ୍ପରତା ଦେଖିବାକୁ ମିଳିଛି। ସାଧାରଣ ନିର୍ବାଚନ ପ୍ରକ୍ରିୟାକୁ ମୁକ୍ତ, ଅବାଧ ଓ ନିରପେକ୍ଷ କରାଯିବାକୁ ନିର୍ବାଚନ ଆୟୋଗ ପକ୍ଷରୁ ଆଚରଣ ବିଧି ମଧ ଲାଗୁ ହୋଇସାରିଛି। ଏହି ପରିପ୍ରେକ୍ଷୀରେ ବରଗଡ଼ ଲୋକସଭା ଆସନ ଓ ଭଟଲି ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଓ ଦଳୀୟ କର୍ମୀଙ୍କ ମଧ୍ୟରେ ରାଜନୈତିକ ଉଷ୍ମତା ଲାଗିରହିଛି। ରବିବାର ଅମ୍ବାଭୋନା ପୁଲିସ ତରଫରୁ ଭୁକ୍ତା - ପ୍ରକାଶପୁର, ରୁଚିଦା, ଟିଟୋଲି, ବଡ଼ଧରା, କଣ୍ଡପଲା, କପାଶିରା, ଅମ୍ବାଭୋନା ଆଦି ଗ୍ରାମରେ ଫ୍ଲାଗମାର୍ଚ୍ଚ କରାଯାଇଛି। ସେନ୍‌ସିଟିଭ ଜୋନ୍‌ମାନଙ୍କରେ ପୁଲିସ ବିଭାଗ ତରଫରୁ କଡ଼ା ନଜର ରଖାଯିବାକୁ ପଦକ୍ଷେପ ନିଆଯାଇଛି।

## ୧୯ ବର୍ଷରୁ କମ୍ ବୟସର କ୍ରିକେଟ ପ୍ରତିଯୋଗିତା

# କ୍ରିଷ୍ଣା ବିକାଶ କ୍ରିକେଟ କ୍ଲବ୍ ବିଜୟୀ

ବରଗଡ଼, ୭ ।୪(ସମିସ)

ସ୍ଥାନୀୟ କ୍ରିଷ୍ଣା ବିକାଶ ଗ୍ରାଉଣ୍ଡରେ ଜିଲ୍ଲା କ୍ରିକେଟ ଆସୋସିଏସନ୍ ପକ୍ଷରୁ ଚାଲିଥିବା ୧୯ ବର୍ଷରୁ କମ୍ ବୟସର କ୍ରିକେଟ ପ୍ରତିଯୋଗିତାରେ ଆଜିର ମ୍ୟାଚ୍ ବରଗଡ଼ କ୍ରିଷ୍ଣା ବିକାଶ କ୍ରିକେଟ କ୍ଲବ୍ ଓ ସୋହେଲା ଆଥ୍‌ଲେଟିକ ଆସୋସିଏସନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କ୍ରିଷ୍ଣା ବିକାଶ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲେ। ଦଳ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୨୦ ଓଭରରେ ଅଜୟ ଉପ୍ରେତି ଙ୍କ ଅପରାଜିତ ୬୭ ରନ, ଶୁଭଙ୍କର ମଲ୍ଲ ଙ୍କ ୩୯ ରନ, ସୌମ୍ୟରଞ୍ଜନ ପ୍ରଧାନ ଙ୍କ ୨୩ ରନ, ସିନଚନ ଦାଶଙ୍କ ୧୬ ରନ ଫଳରେ ୨୦୯/୬ ରନ କରିଥିଲେ। ସୋହେଲା ପକ୍ଷରୁ ଅମିତ୍ ସୁନା ୩୦/୨ ୱିକେଟ, ଏସଏସ ଅଙ୍କିତ ୪୨/୧ ୱିକେଟ ନେଇଥିଲେ। ବିକାଶ ଦଳର ୨୦୯/୬ ରନର ପିଛା କରି ସୋହେଲା ଦଳ ବ୍ୟାଟିଂ ଆରମ୍ଭ କରି ୨୦ ଓଭର ରେ ମାତ୍ର ୭୬ ରନ୍ କରି ଅଲ୍ ଆଉଟ୍ ହୋଇଯାଇଥିଲେ। ଦଳ ପକ୍ଷରୁ ମହମ୍ମଦ ସହିଦ୍ ସର୍ବାଧିକ ୨୦ ରନ, ପ୍ରଜ୍ଞା ପ୍ରୟାସ ପଟେଲ ୩୦ ରନ କରିଥିଲେ। କ୍ରିଷ୍ଣା ବିକାଶ ପକ୍ଷରୁ ଅର୍ଜୁନ କୁଁଅର ୧୨/୩ ୱିକେଟ, ବିନୟ ଶର୍ମା ୧୫/୧ ୱିକେଟ, ଏସ୍ ଚୈତନ୍ୟ ୫/୧ ୱିକେଟ, ଅଜୟ ଉପ୍ରେତି ୧୩/୧ ୱିକେଟ ନେଇଥିଲେ। ଫଳରେ କ୍ରିଷ୍ଣା ବିକାଶ କ୍ରିକେଟ କ୍ଲବ୍ ମ୍ୟାଚକୁ ୧୩୩ ରନରେ ଜିତି ନେଇଥିଲା। ଆଜିର ଅମ୍ପାୟର ଥିଲେ ଭରତ ଚେତନ ପଣ୍ଡା ଓ ସୁଜିତ୍ କୁମାର ଥଇତ। ମନୋଜ ପାତ୍ର ସ୍କୋରର ଥିଲେ।







ସକାଳ
THE SAKALA

## ନିର୍ବାଚନ ପରିଦୃଶ୍ୟରେ ଭୋଟରଙ୍କ ଦ୍ୱନ୍ଦ୍ୱ

# ସୁସ୍ଥ ଜନାଦେଶ ସମସ୍ତଙ୍କ ଦାୟିତ୍ୱ

ସତରେ ଜଣେ ଭୋଟର କେତେ ମାନସିକ ଚାପରେ ରହେ, କେବେ ବିଚାର କରିଛନ୍ତି? ଆମ ଭିତରୁ ଅଧିକାଂଶ ଭାବନ୍ତି, ନିର୍ବାଚନ ବେଳ ଆସିଲେ ଭୋଟରଙ୍କ କେତେ କାଟ୍‌ତି! ନେତାମାନେ ଦୁଆରକୁ ଆସି ଜୁହାର କରିବେ, ଭଲମନ୍ଦ ପଚାରିବେ, ଖାଇବା ପିଇବା ଜିନିଷ ଆପଣା ଛାଏଁ ପହଞ୍ଚିଯିବ । ଟଙ୍କା ପଇସା ମଧ୍ୟ ଆସିବ! ବସ୍ତିବାସିନ୍ଦା ହେଲେ ତ ଆହୁରି କେତେ ଆଶ୍ୱାସନା ମିଳିବ । ତୁମ ସାଇ ରାସ୍ତା ପକ୍କା ହେଇଯିବ, ତୁମ ବସ୍ତିର ଡ୍ରେନ ନୂଆ ତିଆରି ହେବ, ଆଉ ତା' ଉପରେ କଂକ୍ରିଟ ଘୋଡ଼ଣି ପଡ଼ି ଧାଡ଼ିଏ ଫୁଲ କୁଣ୍ଡ ଥୁଆ ହେବ । ବସ୍ତିର ଚେହେରା ବଦଳିଯିବ । ସବୁ ଗାଆଁରେ, ସବୁ ସହରରେ, ସବୁ ଆଦିବାସୀ ଇଲାକାରେ ଏହିଭଳି କେତେକଣ ସ୍ୱପ୍ନର କାହାଣୀ ବୁଣା ହେବ! ମଜାକଥା ହେଉଛି ଯେ ଯୋଉ ରାଜନୀତି ଦଳ କ୍ଷମତାରେ ଅଛନ୍ତି ସେମାନେ ଆସି କହିଯିବେ ସେମାନେ ଅଞ୍ଚଳ ପାଇଁ କ'ଣ କ'ଣ କରିଛନ୍ତି, ଆଉ ବିରୋଧୀ ଦଳର ନେତା ଆସି କହିବେ ଯେ ସରକାରୀ ଦଳରେ ସବୁ ଭକ୍ଷକ ଗୋଷ୍ଠୀ । ବିରୋଧୀ ଦଳ ଶାସନକୁ ଆସିଲେ ଦୁର୍ନୀତିଖୋର ସବୁ ନେତାଙ୍କୁ ଜେଲରେ ପୂରେଇଦେବେ । ନିର୍ବାଚନ ସବୁ ଦଳର କୁଜି ନେତା ଆଉ ସାଇ ନେତାମାନଙ୍କର ତ ପୁଷମାସ! ଖାଇପିଇ ମସ୍ତି କରି ଦଳଦଳ ହେଇ ଖାଲି ଜିନ୍ଦାବାଦ କରୁଥିବେ! ଭୋଟ ଗୀତ ବଜେଇ ବଜେଇ ଲୋକଙ୍କ କାନ ଗାଉଦା କରିବା କଥା । ରାତି ହେଲେ ଧୂମ ଖାନାପିନା ।

ସତରେ ନିର୍ବାଚନରେ ସମସ୍ତେ ଖୁସି । ଦଳ, ନେତା, କର୍ମୀ, କୁଜି ନେତା, ଗାଆଁ ସରପଞ୍ଚ, ସାଇ ମୁଖିଆ ସମସ୍ତେ । ସହଜେ ଆଜିକାଲି ଭୋଟ ମଧ୍ୟ ସାତ/ଆଠ ପର୍ଯ୍ୟାୟରେ ହେଉଛି । ତେଣୁ ସମସ୍ତେ ଲାଗିଯା'ନ୍ତି ଆପ୍ରାଣ ଉଦ୍ୟମରେ । କେମିତି ସବୁ ଭୋଟର ପାଖରେ ନେତା ଆଉ ପ୍ରାର୍ଥୀଙ୍କ ବାର୍ତ୍ତା ପହଞ୍ଚିବ । ସେଥିପାଇଁ ରାଲି, ସଭା, ରୋଡ ଶୋ, କର୍ମୀସଭା, ସାମ୍ବାଦିକ ସମ୍ମିଳନୀ ଆଉ ଗଣମାଧ୍ୟମ ମଞ୍ଚଙ୍କୁ ଖୋଷାମତି । ଆଉ ଦରକାର ପଡ଼ିଲେ ନାଲିଆଖି ତଥା ଅନ୍ୟାନ୍ୟ ବହୁ ପରୀକ୍ଷିତ ବଶୀକରଣ ଉପାୟ ସବୁ!

ଆପଣ ଲକ୍ଷ୍ୟ କରିଥିବେ, ଏସବୁ କୋଳାହଳ ମଧ୍ୟରେ ବିଚରା ସାଧାରଣ ଭୋଟର ଜଣେ କିମିତି ଆକଳନ କରିବ, କିଏ ତା'ର 'ଭୋଟ୍'ର ଅସଲି ହକଦାର? ଯିଏ ତାଙ୍କ ଅଞ୍ଚଳ ପାଇଁ, ରାଜ୍ୟ ପାଇଁ ଆଉ ଦେଶ ପାଇଁ ଭଲ କାମ କରିଛି ସିଏ, ନା ଯିଏ କାମ କଲା ଦଳର କୁତ୍ସାରଟନା କରି, ହାତଗୁଞ୍ଜା ଦେଇ, ନାଲି ଆଖି ଦେଖାଇ ଧମକେଇ ଯାଇଛି, ନା ଜାତି ଭାଇ ଓ ବିରାଦରି ବାଲା ନିୟମ କରେଇ ଯାହା ପାଇଁ ତାଗିଦ୍ କରିଛନ୍ତି? ସତରେ ଭୋଟରଙ୍କ ଅକଲ ଗୁଡ୍ଡୁମ୍ ହେବନି କିପରି? କରିବେ କ'ଣ? ଯେଉଁ ଦଳ କ୍ଷମତାରେ ଥାଇ ରାସ୍ତାଘାଟ, ସ୍କୁଲ, କଲେଜ, ଡାକ୍ତରଖାନା, ଚାକିରୀ କଥା ସବୁ ବୁଝିଛନ୍ତି, ସେମାନେ ପୁଣିଥରେ ଶାସନକୁ ଆସିଲେ ଅସୁବିଧା କେଉଁଠି? ବୁଝେଇବ କିଏ? ପ୍ରଚାରରୁ ଅବସର ମିଳିଲେ ତ? ରାଜନୀତି ଅର୍ଥ ଓ କ୍ଷମତାର ଖେଳ! ତେବେ ଯିଏ କ୍ଷମତାରେ ରହି କାମ କରିଛି ଲୋକଙ୍କ ପାଇଁ, ରାଜ୍ୟ ପାଇଁ ଆଉ ଦେଶ ପାଇଁ, ତା' ବିରୁଦ୍ଧରେ ସବୁ ବିରୋଧୀ ଲାଗିଯାଉଛନ୍ତି । କଳେବଳେକୌଶଳେ ସେଇ ଦଳଟାକୁ ତଳକୁ ଖସାଇବାକୁ ପଡ଼ିବ! ସେ ଯେତେ ଭଲ କାମ କରିଥାଉ ପଛେ, ତାଙ୍କ ନାଆଁରେ ସତମିଛ ଚୁଗୁଲି କରି ବଦନାମ କରିବା କଥା ତ? ସେଥିପାଇଁ ଆଜିକାଲି ଡିଜିଟାଲ ଗଣମାଧ୍ୟମରେ କେତେ ପ୍ରଯୁକ୍ତି ବିଦ୍ୟା ବାହାରିଛି । ସଜ ମାଛରେ ପୋକ ପକେଇ ଦେବେ ପରା! ବଡ଼ ବଡ଼ ନେତାଙ୍କର ଅବିକଳ ଭିଡିଓ ଚିତ୍ର ଓ ସ୍ୱାଭାବିକ କଥାବାର୍ତ୍ତାର କଥାକୁ ନେଇ ଏମିତି ବିଭ୍ରାନ୍ତକାରୀ ଭିଡିଓ ବାର୍ତ୍ତା ନିର୍ମାଣ ହୋଇପାରୁଛି ଯେ ଏଭଳି ଅସ୍ତ୍ର ବିରୋଧରେ ସମ୍ପୃକ୍ତ ଦଳ କିଛି ପ୍ରତିରୋଧ କଲା ପୂର୍ବରୁ ଏହି ଚୁଗୁଲି ବାରତା ଲକ୍ଷ ଲକ୍ଷ ଲୋକଙ୍କ ସ୍ମାର୍ଟଫୋନ୍‌ରେ ପହଞ୍ଚି ଯାଉଛି । ୟୁଟ୍ୟୁବ୍ ଓ ଏକ୍ସ ମଞ୍ଚରେ ସେହି ଅବସ୍ଥା । ସେଇଥିପାଇଁ ତ କେନ୍ଦ୍ର ସରକାର ନିକଟରେ ବାଧ୍ୟ ହୋଇ ସବୁ ଡିଜିଟାଲ୍ ଗଣମାଧ୍ୟମକୁ ଏଭଳି କୁତ୍ସାରଟନା ବିରୁଦ୍ଧରେ ତତ୍କାଳ ପଦକ୍ଷେପ ନେଇ ବିଭ୍ରାନ୍ତକାରୀ ବାର୍ତ୍ତାଗୁଡ଼ିକୁ ହଟାଇବାକୁ ଆଦେଶ ଦେଇଛନ୍ତି ।

ଆଜିକାଲି ତ ସୂଚନା ପ୍ରଯୁକ୍ତି ବିଦ୍ୟାର ଯୁଗ । ଭୋଟରମାନଙ୍କ ପାଖକୁ ସ୍ୱୟଂଚାଳିତ ବ୍ୟବସ୍ଥାରେ ଭିଡିଓ ତଥା ଅଡିଓ ବାର୍ତ୍ତା ଅନବରତ ପ୍ରେରଣ ଚାଲିଛି । ଏପଟେ ସାମ୍ନାସାମ୍ନି ପ୍ରଚାର ମଧ୍ୟ ଜୋର ଧରୁଛି । ନିର୍ବାଚନ ଯେତେ ପାଖେଇବ ସଭା, ସମିତି, ରାଲି ଆଦି ବାତାବରଣକୁ ଆହୁରି ଗରମ କରିବ । ଜଣେ ସାଧାରଣ ଭୋଟର ତା'ର ଜୀବିକା ଓ ପେଟପାଟଣା କଥା ବୁଝିବ ନା ରାସ୍ତାରେ କୋଳାହଳମୟ ନିର୍ବାଚନୀ ପଟୁଆର ପୃଷ୍ଠଭୂମିରେ ସମାଜ ପାଇଁ, ରାଜ୍ୟ ପାଇଁ ଆଉ ଦେଶ ପାଇଁ ରଚନାତ୍ମକ ବାର୍ତ୍ତାଟିଏ ଖୋଜିବ । ମୁକ୍ତ ଓ ଅବାଧ ନିର୍ବାଚନ ନାଁରେ ନିର୍ଦ୍ଦିଷ୍ଟ କେତେକ ଦଳଙ୍କ ଟଙ୍କା, ଠେଙ୍ଗା ଓ ବଶୀକରଣ ରଣନୀତିର ସତେଯେମିତି ନଈବଢ଼ି ମାଡ଼ି ଆସିଛି । ଶିକ୍ଷିତ ଓ ସମ୍ଭ୍ରାନ୍ତ ଭୋଟରମାନଙ୍କ କଥା ତ ଛାଡ଼! ସେମାନେ ଅଧିକାଂଶ ସହଜରେ ଭୋଟ ଦେବାକୁ ଯାଆନ୍ତିନି । କାରଣ ପଚାରିଲେ ସେ ଭିତରୁ କେତେକ କହନ୍ତି ଏ ରାଜନୈତିକ ଦଳମାନଙ୍କର କାନଫଟା ଘୋଷଣାରୁ କ୍ଷମତାକୁ ଆସିଲେ କିଏ କ'ଣ କରିବ ସ୍ପଷ୍ଟ ଜାଣି ହେଉନାହିଁ । ନେତାମାନେ ତ ଗାଁଗଣ୍ଡା ଓ ଜନଗହଳି ବସ୍ତି ଆଡ଼େ ଧାଉଁଛନ୍ତି । ଆମେ କାହାକୁ ପଚାରି ବୁଝିବୁ? ଏମିତି ତ ଦଳୀୟ ନିର୍ବାଚନ ଇସ୍ତାହାର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇପାରୁନି । ସ୍ଥାନୀୟ କର୍ମୀ ଓ ନେତାଙ୍କୁ ପଚାରିଲେ ଆଉ ଟିକିଏ ଅପେକ୍ଷା କରନ୍ତୁ ବୋଲି କହୁଛନ୍ତି । ତେଣେ ପ୍ରାର୍ଥୀ ଚୟନ ମଧ୍ୟ ଶେଷ ସେକେଣ୍ଡ ପର୍ଯ୍ୟନ୍ତ ଚାଲିଛି । ଖବରକାଗଜ, ରେଡିଓ ଓ ଟିଭିରେ ନିରପେକ୍ଷ ସମ୍ବାଦ ଓ ଆଲୋଚନା ଖୋଜିବା ଦୁରୁହ ବ୍ୟାପାର ହେଲାଣି । ଏ ଶ୍ରେଣୀର ଭୋଟରମାନେ ଓଲଟା ପଚାରନ୍ତି, ସୁସ୍ଥ ଜନାଦେଶ କ'ଣ କେବଳ ଭୋଟରଙ୍କ ଦାୟିତ୍ୱ? ନା ରାଜନୈତିକ ଦଳ ଓ ନେତାମାନଙ୍କର କିଛି ଏଥିରେ କରିବାର ଅଛି । ନିର୍ବାଚନ କମିଶନ୍ ତ ଭୋଟ ମେସିନ୍ ଆଉ ପୁଲିସ ସୁରକ୍ଷା ବଳର ପ୍ରବନ୍ଧନରେ ବ୍ୟସ୍ତ । ଯେଉଁ ନିର୍ବାଚନ ଦିନକରେ ହେଉଥିଲା, ତାହା ଏବେ ଦେଢ଼ମାସ ଲାଗୁଛି । ଅବଶ୍ୟ ଦୀର୍ଘବର୍ଷ ଧରି ସ୍ଥିର ଓ ବିକାଶମୂଳକ ଶାସନ ଦେଇ ଆସିଥିବା ଦଳଙ୍କ ପାଇଁ ତାଙ୍କର କରିଥିବା କାର୍ଯ୍ୟସୂଚୀ ହିଁ ଯଥାର୍ଥରେ ତାଙ୍କର ନିର୍ବାଚନୀ ଇସ୍ତାହାର । ଏଭଳି କ୍ଷେତ୍ରରେ ଭୋଟରଙ୍କ ଦ୍ୱନ୍ଦ୍ୱ ରହେ ନାହିଁ ।

ମୋଟ ଉପରେ କହିବାକୁ ଗଲେ ନିରପେକ୍ଷ ଭୋଟରମାନେ ନିଜେ ନିଜେ ପରିଶ୍ରମ କରି ଗୋଟିଏ ଦଳର ଭବିଷ୍ୟତ ଶାସନ ଆଭିମୁଖ୍ୟ ଓ ଯୋଜନା ଜାଣିବାକୁ ଉଦ୍ୟମ ନ କଲେ ତାକୁ ଆଉ କେହି ଏ ସମ୍ପର୍କରେ ସାହାଯ୍ୟ କରିବା ପାଇଁ ବୋଧେ ନାହାନ୍ତି । ଏଇଥିପାଇଁ ବୋଧେ ଅଧିକାଂଶ ଶିକ୍ଷିତ ଓ ସମ୍ଭ୍ରାନ୍ତ ଭୋଟର ନିର୍ବାଚନକୁ ଖଣ୍ଡିଆ ଭୂତ ବୋଲି ଭାବି ଡରି ଯାଇ ଦୂଷିତ ପ୍ରଭାମଣ୍ଡଳରୁ ଦୂରେଇ ରହନ୍ତି । ବାକି ଅନ୍ୟ ସବୁ ସାଧାରଣ ଭୋଟରଙ୍କ ଭୋଟ ହାତେଇବା ପାଇଁ ନେତା ଯେ କ'ଣ ନ କରନ୍ତି ତାହା ଆମେ ସମସ୍ତେ ଊଣା ଅଧିକେ ଜାଣୁ । ତେଣୁ ପବିତ୍ର ନିର୍ବାଚନ ଗଙ୍ଗାରେ ଆବିଳତା ଯଦି ଗଙ୍ଗୋତ୍ରିରୁ ହିଁ ଆସେ ତେବେ ସୁଅ ତଳପଟେ ସ୍ରୋତ ପରିଷ୍କାର କରିବା ଅର୍ଥ କିଛି ନୁହେଁ । ବିଶେଷକରି ବିରୋଧୀ ଦଳମାନେ ଭୋଟରଙ୍କ ସ୍ୱାର୍ଥ ରକ୍ଷା ପାଇଁ ଯାହା କରିବା କଥା, ତାହା କରିବାର ଆଗ୍ରହ ସେମାନଙ୍କଠାରେ ଦେଖାଯାଉନାହିଁ ।

ସହଜେ ତ ଭୋଟରଙ୍କୁ ଅଧିକାଂଶ ରାଜନୈତିକ ଦଳଙ୍କର ଶାସନ ପରିକଳ୍ପନାର ନୀଳନକ୍ସା ଜଣାପଡ଼େ ନାହିଁ । ଏତଦ୍‌ବ୍ୟତୀତ ଦଳଡିଆଁ ସର୍କସର ବହୁଳ ଘଟଣା ଭୋଟରଙ୍କ ଦ୍ୱନ୍ଦ୍ୱ ଅଧିକ ବଢ଼ାଉଛି । ଏହି ଦଳଡିଆଁ ଅଭ୍ୟାସ ମଧ୍ୟ ନିର୍ବାଚନ ପରେ ସରକାର ଗଠନ ବେଳେ ନିର୍ବାଚିତ ଲୋକପ୍ରତିନିଧିଙ୍କୁ ଭୋଟ ଦେଇଥିବା ଜନତାଙ୍କ ସହ ବିଶ୍ୱାସଘାତ କଲା ପରି ନୁହେଁ କି? ଦଳବଦଳ ନିରୋଧୀ ଆଇନ ଥିବା ସତ୍ତ୍ୱେ ଦେଶର ସାମୂହିକ ଗଣତାନ୍ତ୍ରିକ ଭୋଟ ବ୍ୟବସ୍ଥାକୁ ଏହା କଳୁଷିତ କରୁନାହିଁ କି? ତେଣୁ ବିବେକବନ୍ତ ଭୋଟର ବିଭ୍ରାନ୍ତକାରୀ ନିର୍ବାଚନୀ ପରିଦୃଶ୍ୟର ପ୍ରତିକ୍ରିୟାରେ 'ନୋଟା' ଚିହ୍ନରେ ଭୋଟ ଦେଉଛନ୍ତି । ତଥାପି ଆମେ କହି ଚାଲିଛେ ଭାରତ ବିଶ୍ୱର ସର୍ବବୃହତ୍ ସକ୍ଷମ ଗଣତନ୍ତ୍ର । ଏହାର ଯଥାର୍ଥତା ପ୍ରତିପାଦନ ପାଇଁ ସୁସ୍ଥ ଜନାଦେଶ ପ୍ରକରଣ ଆମ ସମସ୍ତଙ୍କ ଦାୟିତ୍ୱ - ଉଭୟ ଯିଏ ଭୋଟ ଦେଉଛନ୍ତି ଓ ଯେଉଁମାନେ ଭୋଟ ମାଗୁଛନ୍ତି ।

### ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ସୁନିଦ୍ରା ଓ ସୃଜନଶୀଳତା



ଡଃ ଫକୀର ମୋହନ ସାହୁ
ଭୁବନେଶ୍ୱର, ମୋ: ୯୯୩୭୧୨୧୨୭୯

ନିଦ୍ରାକାଳୀନ ଶିକ୍ଷା ଏକପ୍ରକାର ଚମକ ସୃଷ୍ଟି କରେ । ଆମେ ସମସ୍ତେ ଜାଣୁ ଯେ, ଆମ ଶରୀର ଓ ମନର କ୍ଲାନ୍ତିହରଣ କରି ବିଶ୍ରାମ ପ୍ରଦାନ କରିବା ନିଦ୍ରାର ମୁଖ୍ୟ ଲକ୍ଷ୍ୟ । ଏ ସମୟରେ ଇନ୍ଦ୍ରିୟସମୂହ ଓ ମାଂସପେଶୀ ଶିଥିଳ ରହିଥାଏ । କିନ୍ତୁ ମସ୍ତିଷ୍କର ସକ୍ରିୟତା ପୂରାପୂରି କମି ନ ଥାଏ । ବାସ୍ତବରେ ଆମର କେତେକ ଶିକ୍ଷଣ ନିଦ୍ରା ସମୟରେ ହିଁ ଦୃଢ଼ ହୁଏ । ବିଶେଷଜ୍ଞମାନେ ଏବେ ଆବିଷ୍କାର କରିଛନ୍ତି ଯେ ଆମର ଜାଗ୍ରତ ସମୟ ତୁଳନାରେ ନିଦ୍ରାବସ୍ଥାରେ କେତେକ ସଂଯୋଗ ଦୃଢ଼ତର ହୁଏ । ଗୋଟିଏ ରାତିର ସୁନିଦ୍ରା ପୂର୍ବଦିନ ଶିକ୍ଷା କରିଥିବା ସାମଗ୍ରୀକୁ ଭଲରୂପେ ସଂଗଠିତ କରେ ଏବଂ ପୁନଃସ୍ମରଣ ପାଇଁ ସହାୟକ ହୁଏ ।

ନିଦ୍ରାକାଳୀନ ଶିକ୍ଷାର ଗୁରୁତ୍ୱ ଅନୁଶୀଳନ ପାଇଁ କିଛିବର୍ଷ ପୂର୍ବେ ଗୋଟିଏ ନିର୍ଣ୍ଣାୟକ ଅନୁସନ୍ଧାନ କରାଯାଇଥିଲା । ଜର୍ମାନୀର ଏକ ବିଶେଷଜ୍ଞଦଳ କିଛିଲୋକଙ୍କୁ ଜଟିଳ ପଦ୍ଧତିରେ ଗୋଟିଏ ସମସ୍ୟା ସମାଧାନର ପ୍ରଣାଳୀ ଶିକ୍ଷା ଦେଲେ । ଏହି ଗାଣିତିକ ସମସ୍ୟାଟି ଏତେ ଜଟିଳ ଥିଲା ଯେ ସେମାନେ ସମାଧାନର ପ୍ରଣାଳୀ ଶିକ୍ଷା କରିବା ପାଇଁ ୧୦୦ ଥର ଅଭ୍ୟାସ କଲେ ଏବଂ ଘରକୁ ଫେରିଗଲେ । ବାରଘଣ୍ଟା ପରେ ଫେରିବା ପାଇଁ ବିଶେଷଜ୍ଞମାନେ ପରାମର୍ଶ ଦେଇଥିଲେ । ଫେରିବା ପରେ ସେମାନଙ୍କୁ ପୁନଶ୍ଚ ୨୦୦ ଥର ଅଭ୍ୟାସ କରିବା ପାଇଁ ପରାମର୍ଶ ଦିଆଗଲା ଏବଂ ସେମାନେ ଅଭ୍ୟାସ କଲେ ।

ସମସ୍ୟା ସମାଧାନ ସମ୍ପର୍କରେ ଗୋଟିଏ କଥା ଗବେଷକମାନେ ଗୋପନୀୟ ରଖିଥିଲେ । ଜଟିଳ ପଦ୍ଧତିର ସମସ୍ୟା ସମାଧାନ ବ୍ୟତୀତ ଗୋଟିଏ ସରଳ ଉପାୟରେ ମଧ୍ୟ ସମସ୍ୟାଟିର ସମାଧାନ ସମ୍ଭବପର, ଏହା ଲୋକମାନଙ୍କୁ କୁହାଯାଇନଥିଲା । ପୁଣିଥରେ ଗବେଷକମାନଙ୍କ ପାଖକୁ ଫେରିବା ପରେ ଦେଖାଗଲା ଯେ କିଛି ଲୋକ ଏହି ସରଳ ଉପାୟଟି ଆବିଷ୍କାର କରିପାରିଛନ୍ତି । ଗବେଷକମାନେ ଦେଖିଲେ ଯେ ଠିକ୍ ପରିମାଣର ସୁନିଦ୍ରାର ସୁଯୋଗ ପାଇଥିବା ଲୋକମାନେ ହିଁ ପ୍ରକୃତ ସରଳ ଉପାୟଟି ଜାଣିପାରିଛନ୍ତି । ନିଧାର୍ଯ୍ୟଭାବେ ଦେଖିବାକୁ ଗଲେ ଜଣାଯିବ ଯେ ଠିକ୍ ଭାବେ ଶୋଇଥିବା ଲୋକମାନେ ସରଳ ପଦ୍ଧତିଟି ଜାଣିପାରିବାର ପ୍ରାୟ ଅଢ଼େଇଗୁଣ ସମ୍ଭାବନା ରହିଛି । ବ୍ୟକ୍ତି ଶୋଇଥିବା ଅନୁସାରେ ମଧ୍ୟ ତା'ର ମସ୍ତିଷ୍କ ଯେ ସକ୍ରିୟ ଥାଏ ଏବଂ କେତେକ ସମସ୍ୟାର ସମାଧାନ କରିପାରେ, ଏହି ଅନୁଧ୍ୟାନଟି ତା'ର ଠିକ୍ ପ୍ରାମାଣିକ ରୂପରେଖ ।

ଗୋଟିଏ ଦିନରେ ଆମେ ଯାହା ଶିକ୍ଷା କରୁ ସେ ଶିକ୍ଷଣ ଓ ଅନୁଭୂତି ମଧ୍ୟରେ ନିଦ୍ରା ଏକ ସଂଯୋଗ ସ୍ଥାପନ କରେ । ପରଦିନ ଜାଗ୍ରତ ହେବା ପୂର୍ବରୁ ଆମ ମନର ବିଭିନ୍ନ ଭାବନାବିନ୍ଦୁ ମଧ୍ୟରେ ସଂଯୋଗ ସ୍ଥାପିତ ହୁଏ । ସମ୍ଭବତଃ ଆମର ଜାଗ୍ରତ ଅବସ୍ଥାରେ ବିଭିନ୍ନ ଭାବନା ମଧ୍ୟରେ ଯେପରି ସଂଯୋଗ ଯୋଡ଼ା ହୁଏ, ନିଦ୍ରା ଅବସ୍ଥାରେ ଅଧିକ ସଫଳତାର ସହିତ ଏପରି ସଂଶ୍ଳେଷଣ ସାଧିତ ହୁଏ ।



ସୁନିଦ୍ରାର ଏପରି ଉପଯୋଗୀ ଭୂମିକା ପରିପ୍ରେକ୍ଷୀରେ ନିଦ୍ରାର ଉପଯୋଗୀ ପରିମାଣ ସମ୍ପର୍କରେ ପ୍ରଶ୍ନ ଉଠିବା ସ୍ୱାଭାବିକ । ଗବେଷଣାରୁ ଜଣାଯାଏ ଯେ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଦୃଷ୍ଟିରୁ ପ୍ରତିରାତିରେ ସାତଘଣ୍ଟାରୁ ଆଠଘଣ୍ଟାର ନିଦ୍ରା ସର୍ବାଧିକ ଉପଯୋଗିତା ଯୋଗାଏ । ଅଳ୍ପ ପରିମାଣରେ (ପ୍ରାୟ ପାଞ୍ଚ ଛ ଘଣ୍ଟା କିମ୍ବା ତା'ଠାରୁ କମ୍) ଏବଂ ମାତ୍ରାଧିକ ପରିମାଣରେ (ନ ଦଶ ଘଣ୍ଟା କିମ୍ବା ଏହାଠାରୁ ଅଧିକ) ଶୋଇବାର ଅଭ୍ୟାସଥିବା ଲୋକମାନେ କୁପରିଣତିର ଶରବ୍ୟ ହୁଅନ୍ତି ।

ଅଳ୍ପ ପରିମାଣର କିମ୍ବା ମାତ୍ରାଧିକ ନିଦ୍ରା ଯାଉଥିବା ଲୋକମାନଙ୍କର ସ୍ୱାସ୍ଥ୍ୟଗତ ସମସ୍ୟା ରହିଥାଏ । ରାତିରେ ଭଲ ନିଦ ନ ହେଲେ ହରମୋନ୍‌ଗତ ଅସ୍ଥିରତା ଜନ୍ମେ । କମ୍ ମାତ୍ରାର ନିଦ ଫଳରେ ରୋଗପ୍ରତିରୋଧ ଶକ୍ତି ବାଧାପ୍ରାପ୍ତ ହେବାର ପ୍ରମାଣ ରହିଛି ।

କେତେକ ଗବେଷକ ଯୁକ୍ତି କରନ୍ତି ଯେ ନିଦ୍ରିତ ଅବସ୍ଥାରେ ନିଦ୍ରାକୁ ବ୍ୟାଘାତ କରୁନଥିବା ମୃଦୁସ୍ୱରରେ ଉଚ୍ଚାରିତ କେତେକ କଥା ନିଦ୍ରାସମୟରେ ଅଧିକ ଗ୍ରହଣଶୀଳ ହୋଇଥାଏ । ଜଣେ ଗବେଷକ ପିଲାମାନଙ୍କର ଗ୍ରୀଷ୍ମକାଳୀନ ଶିବିରରେ ଗୋଟିଏ ସମ୍ପରୀକ୍ଷଣର ଆୟୋଜନ କଲେ । ସେ ଆଠବର୍ଷରୁ ବାରବର୍ଷ ବୟସର ୨୦ ଜଣ ପିଲାଙ୍କୁ ଅନୁଧ୍ୟାନ କଲେ । ଏମାନଙ୍କର ନିଜର ନଖ ଦାନ୍ତରେ କାମୁଡ଼ିବାର ଅଭ୍ୟାସ ରହିଥିଲା । ଏଗାର ବର୍ଷରୁ ଚଉଦ ବର୍ଷ ବୟସର ନଖ କାମୁଡୁଥିବା ଆଉ ଗୋଟିଏ ଦଳକୁ ମଧ୍ୟ ସେ ଅନୁଧ୍ୟାନ କଲେ । ଏପରି ସବୁ ପିଲାମାନେ ଶୋଇଥିବା ସମୟରେ ମୃଦୁସ୍ୱରରେ ରେକର୍ଡ କରାଯାଇଥିବା ଗୋଟିଏ ବାର୍ତ୍ତା ୩୦୦ ଥର ୫୪ଟି ରାତି କ୍ରମାଗତ ଭାବରେ ଉପସ୍ଥାପନ କରାଗଲା । ବାର୍ତ୍ତାଟି ଥିଲା 'ମୋର ଆଙ୍ଗୁଳିର ନଖଗୁଡ଼ିକ ଖୁବ୍ ପିତା' । ଗବେଷକ ତୁଳନାତ୍ମକ ବିଚାର ପାଇଁ ଆଉ କିଛି ସମବୟସୀ ପିଲାମାନଙ୍କୁ ଏପରି ନିଦ୍ରାକାଳୀନ ଅନୁଭବର ସୁଯୋଗ ଦେଇ ନଥିଲେ ।

ଗବେଷକ ଦେଖିଲେ ଯେ ନଖ କାମୁଡୁଥିବା ପିଲାମାନଙ୍କ ମଧ୍ୟରୁ ୪୦ ପ୍ରତିଶତ ପିଲା ଏପରି ଖରାପ ଅଭ୍ୟାସ ଛାଡ଼ି ଦେଇଛନ୍ତି । ନିଦ୍ରାକାଳୀନ ବାର୍ତ୍ତା ଯେ ଏପରି ପ୍ରଭାବ ସୃଷ୍ଟି କରିପାରେ ତାହାର ଏକାଧିକ ପ୍ରମାଣ ରହିଛି । ଦିଆଯାଇଥିବା ସମ୍ପରୀକ୍ଷଣଟି ତାହାର ଗୋଟିଏ ମାତ୍ର ନମୁନା । ଆମର ନିଦ୍ରା ସମୟରେ ଆମର ଅବଚେତନ ମନ ସକ୍ରିୟ ରହୁଥିବାରୁ ଏବଂ ଅବଚେତନ ମନ ସ୍ମୃତିର ଗନ୍ତାଘର ହୋଇଥିବାରୁ ବାର୍ତ୍ତା ଓ ଶିକ୍ଷା ସାମଗ୍ରୀର ଗ୍ରହଣଶୀଳତା ଓ ସଂରକ୍ଷଣ ସମ୍ଭାବନା ବୃଦ୍ଧି ପାଇବାର ସମ୍ଭାବନା ବିଜ୍ଞାନସମ୍ମତ ମନେହୁଏ । ଅନ୍ୟ ଦିଗରୁ ବିଚାରକଲେ ଉପଲବ୍ଧ ହୁଏ ଯେ ନିଦ୍ରାକାଳୀନ ଶିକ୍ଷା ଓ ପ୍ରୋତ୍ସାହନର ସୁଯୋଗ ନେଇ ଅବାଞ୍ଛିତ ବ୍ୟବହାରର ବିଲୋପସାଧନ ଏବଂ ବାଞ୍ଛନୀୟ ବ୍ୟବହାରର ଦୃଢ଼ୀକରଣ କରାଯାଇପାରେ ।

# ଲୁପ୍ତପ୍ରାୟ ପ୍ରଜାତିଙ୍କ ସୁରକ୍ଷା



ପ୍ରଣତି ଆଚାର୍ଯ୍ୟ ମିଶ୍ର
ନୟାଗଡ଼, ମୋ: ୯୪୩୭୬୪୨୯୪୭

ଜଳବାୟୁ ପରିବର୍ତ୍ତନ ଯୋଗୁଁ କ୍ଷୁଦ୍ରାତିକ୍ଷୁଦ୍ର ଜୀବ, ମନୁଷ୍ୟ ଓ ୧୦ ଲକ୍ଷରୁ ଅଧିକ ବନ୍ୟପ୍ରାଣୀ ପ୍ରଜାତି ବିଲୁପ୍ତର ଦ୍ୱାରଦେଶରେ । ବନ୍ୟପ୍ରାଣୀଙ୍କ ମଧ୍ୟରେ ପାଖାପାଖି ୧୦ ହଜାର ପ୍ରଜାତିର ପକ୍ଷୀ ଜୀବିତ ଥିଲା ବେଳେ ୧ ହଜାର ୪ଶହ ୮୦ ଟି ବିଲୁପ୍ତ ପ୍ରାୟ ଓ ୨୨୩ଟି ପ୍ରଜାତିର ପକ୍ଷୀଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି । 'ଷ୍ଟେଟ୍ ଅଫ୍ ଇଣ୍ଡିଆଜ୍ ବାର୍ଡସ୍'ର ତଥ୍ୟାନୁଯାୟୀ, କେତେକ ରାପ୍ଟର୍ ଓ ବତକଙ୍କ ସଂଖ୍ୟାରେ ସର୍ବାଧିକ ହ୍ରାସ ଦେଖିବାକୁ ମିଳିଛି । ସେହିଭଳି ଭାରତୀୟ ଘରଚଟିଆ ଓ କାଠହଣଶ ଚଢ଼େଇ ବିଲୁପ୍ତ ହେଉଛନ୍ତି ବୋଲି ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି । ବିଶେଷକରି ଗତ ଶତାବ୍ଦୀରେ ବିଜ୍ଞାନର ବିକାଶ ସହିତ ବନ୍ୟଜନ୍ତୁଙ୍କ ପ୍ରତି ବିପଦ ଦ୍ରୁତଗତିରେ ବୃଦ୍ଧି ପାଇଚାଲିଛି । ବିଶ୍ୱ ତାପମାତ୍ରା ଓ ସବୁଜ ଗୃହ ବାଷ୍ପର ପରିମାଣ ବଢ଼ିଚାଲିଥିବା କାରଣରୁ ପଶୁପକ୍ଷୀଙ୍କ ଠାରେ ବିଭିନ୍ନ ପ୍ରକାର ରୋଗ ସଂକ୍ରମଣ ବଢ଼ିବାରେ ଲାଗିଛି ।

ବନ୍ୟଜନ୍ତୁଙ୍କୁ ବିଲୁପ୍ତ ହେବା କିମ୍ବା ଶିକାରରୁ ରକ୍ଷା କରିବା ପାଇଁ ୧୮୭୩ ମସିହାରେ ଭାରତରେ ବନ୍ୟପ୍ରାଣୀ ସୁରକ୍ଷା ଆଇନ ପ୍ରଣୟନ କରାଯାଇଥିଲା, କିନ୍ତୁ ଏହା ମଧ୍ୟ ବନ୍ୟଜନ୍ତୁଙ୍କୁ, ବିଶେଷକରି ପକ୍ଷୀମାନଙ୍କୁ ଶିକାରରୁ ରକ୍ଷା କରିବାରେ ସହାୟକ ହୋଇପାରିନାହିଁ । ଦେଶ ସ୍ୱାଧୀନ ହେବା ପରେ ୧୯୫୨ ମସିହାରେ ବନ୍ୟପ୍ରାଣୀ ବୋର୍ଡ ଗଠନ କରାଯାଇଥିଲା । ଏହାପରେ ୧୯୯୧ରେ ଏହାର ପୁନର୍ଗଠନ କରାଯାଇଥିଲା । ବୋର୍ଡ ଗଠନ ହେବା ପରେ ବନ୍ୟଜନ୍ତୁଙ୍କ ସଂରକ୍ଷଣ ପାଇଁ ପ୍ରୟାସ କିଛିଟା ଗତିଶୀଳ ହୋଇଥିଲେ ମଧ୍ୟ ପଶୁ ଚୋରା ଚାଲାଣ ଓ ଶିକାର ସମ୍ପୂର୍ଣ୍ଣ ବନ୍ଦ ହୋଇପାରିନାହିଁ । ଗତ ଶତାବ୍ଦୀରେ ଚୋରା ଚାଲାଣ, ଶିକାର ଓ ପରିବେଶ ଅସନ୍ତୁଳନ ଯୋଗୁଁ ଅନେକ ବିରଳ ପକ୍ଷୀ ପୃଥିବୀରୁ ସବୁଦିନ ପାଇଁ ଲୋପ ପାଇଯାଇଛନ୍ତି । ଏଥିରେ ଡୋଡୋ, କାରୋଲିନା, ବିରଳ ପ୍ରଜାତିର ଶୁଆ, ବିଶେଷଧରଣର ପାରା, ହସୁଥିବା ପେଚା, ଲାବ୍ରାଡର ବତକ ଓ ଅନ୍ୟାନ୍ୟ ବିରଳ ପକ୍ଷୀ ରହିଛନ୍ତି ।

ଅଧିକାଂଶ ପ୍ରଜାତିର ବିଲୋପ ପଛରେ ମଣିଷର ହାତ ରହିଛି । ଉଦାହରଣ ସ୍ୱରୂପ, ୨୦୧୬ରେ ପୃଥିବୀର ଏକମାତ୍ର ସ୍ୱତନ୍ତ୍ର ଧରଣର ବେଙ୍ଗ-ଟଫିର ମୃତ୍ୟୁ ଘଟିଥିଲା । ତାକୁ ଆଟଲାଣ୍ଟା ବଟାନିକାଲ ଗାର୍ଡେନରେ ରଖାଯାଇଥିଲା । କିନ୍ତୁ ବଂଶବିସ୍ତାର ପାଇଁ ସେହି ପ୍ରଜାତିର ଆଉ ଅନ୍ୟ କୌଣସି ବେଙ୍ଗ ନଥିବାରୁ ସେହି ପ୍ରଜାତି ପୃଥିବୀ ପୃଷ୍ଠରୁ ଲୋପ ପାଇଗଲା । ଆଫ୍ରିକାରେ କ୍ୱାଗ୍ଗେ ନାମରେ ଜେବ୍ରାର ଏକ ଉପପ୍ରଜାତି ଥିଲା, ଉନବିଂଶ ଶତାବ୍ଦୀର ଶେଷ ବେଳକୁ ଶିକାରୀମାନଙ୍କ ବର୍ବରତା ପାଇଁ ସେମାନେ ସବୁଦିନ ପାଇଁ ବିଲୁପ୍ତ ହୋଇଗଲେ । ୧୯୭୧ ରେ ଇକ୍ୱାଡରରେ ଆବିଷ୍କୃତ ପିଣ୍ଟା ଦ୍ୱୀପର କଇଁଛ ଟାର୍ଟେ ମଧ୍ୟ ଆଜି ବିଲୁପ୍ତ । ବିଶ୍ୱର ଶେଷ ଥାଇଲାସିନ୍ ବେଞ୍ଜାମିନ୍ ନାମକ ଏକ ବାଘର ୧୯୩୬ ମସିହାରେ ମୃତ୍ୟୁ ଘଟିବା ସହିତ ସେହି ପ୍ରଜାତି ପୃଥିବୀ ପୃଷ୍ଠରୁ ସମ୍ପୂର୍ଣ୍ଣ ବିଲୁପ୍ତ ହୋଇଯାଇଥିଲା । ଏକ ଅଧ୍ୟୟନ ଅନୁଯାୟୀ, ଗତ ୫୦ ବର୍ଷ ମଧ୍ୟରେ ପୃଥିବୀରୁ ଶହ ଶହ ପ୍ରଜାତିର ପକ୍ଷୀ ନିଖୋଜ ହୋଇଯାଇଛନ୍ତି ଏବଂ ଅନେକଙ୍କ ବଂଶ ଆଉ ନାହାନ୍ତି ।



ଏକ ସମୟ ଥିଲା, ଯେତେବେଳେ ଭାରତରେ ବାରଶହ ପ୍ରଜାତିର ପକ୍ଷୀ ଦେଖାଯାଉଥିଲେ । କିନ୍ତୁ ବର୍ତ୍ତମାନ ସେଥିମଧ୍ୟରୁ ୫୦ରୁ ଅଧିକ ପ୍ରଜାତି ବିଲୁପ୍ତ । ଭାରତରେ ଭଦଳଭଦଳିଆ ଓ କାଠକଟା ଭଳି ପ୍ରଜାତି ବିଲୁପ୍ତ ହେବାକୁ ଯାଉଛି । ବିକାଶ ସହ ଜଡ଼ିତ ଅସ୍ଥାୟୀ ନୀତି ଏବଂ ପ୍ରକୃତି ପ୍ରତି ବଢ଼ୁଥିବା ଅସମ୍ବେଦନଶୀଳତା କାରଣରୁ ଏହା ଘଟିଥିବା କୁହାଯାଉଛି । ଆଜି ବି ଭାରତର ଅନେକ ପକ୍ଷୀଙ୍କ ବାସସ୍ଥାନ ବିପଦରେ । ଫଳରେ ଅଧିକରୁ ଅଧିକ ପକ୍ଷୀ ପ୍ରଜାତି ବିଲୁପ୍ତ ହେବାର ଆଶଙ୍କା ବଢ଼ିବାରେ ଲାଗିଛି । ବମ୍ବେ ନ୍ୟାଚୁରାଲ ହିଷ୍ଟ୍ରି ସୋସାଇଟିର ଏକ ସଦ୍ୟତମ ଅଧ୍ୟୟନ ଅନୁଯାୟୀ, ଭାରତରେ ପ୍ରାୟ ୧୦ଟି ଜୈବ ବିବିଧତା ପୂର୍ଣ୍ଣ ସ୍ଥାନ ରହିଛି, ଯାହା ବିପଦମୁକ୍ତ ନୁହେଁ । ହିମାଳୟ ପାଦଦେଶ, ପଶ୍ଚିମ ଓ ପୂର୍ବ ହିମାଳୟ, ଦକ୍ଷିଣ ଭାରତ ଏବଂ ଗଙ୍ଗା ଅବବାହିକା ଅଞ୍ଚଳ, ଭାରତୀୟ ମରୁଭୂମି ଥର, ଇନ୍ଦୁମାଲାୟା ଉପଖଣ୍ଡରେ ଅନେକ ପକ୍ଷୀଙ୍କ ଉପସ୍ଥିତି ପ୍ରତି ବିପଦ ସୃଷ୍ଟି ହୋଇଛି । ଗୋଲ୍ଡେନ୍ ଇଗଲ, ହକ୍, ସାର୍କ, ତିଲୋର, ହଂସ, ନିକୋବର ପାରାମାନଙ୍କ ଅସ୍ତିତ୍ୱ ଏବେ ବିପଦରେ ।

ଏକଦା ହିମାଚଳ ପ୍ରଦେଶ ଭାରତର ଏକ ସବୁଜ ରାଜ୍ୟ ଭାବେ ବିବେଚିତ ହେଉଥିଲା, ଯେଉଁଠାରେ ଅନେକ ପ୍ରଜାତିର ପକ୍ଷୀ ବସବାସ କରନ୍ତି । ଏବେ ସେମାନଙ୍କ ରକ୍ଷଣାବେକ୍ଷଣ ମଧ୍ୟ ଆହ୍ୱାନପୂର୍ଣ୍ଣ ହେବାରେ ଲାଗିଛି । ପ୍ରତିବର୍ଷ ମଧ୍ୟ ଏସିଆ ଓ ୟୁରୋପର ୫୪ଟି ପକ୍ଷୀ ପ୍ରଜାତି ପୋଙ୍ଗ ଡ୍ୟାମକୁ ଆସନ୍ତି । ଏହି ଅଞ୍ଚଳକୁ ଆସିବା କାରଣ ଏଠାକାର ପରିବେଶ ସବୁବେଳେ ଥଣ୍ଡା ରହିଥାଏ । ସେହିପରି ଚିଲିକା ମଧ୍ୟ ପକ୍ଷୀ ଅଭୟାରଣ୍ୟ ଭାବରେ ଜଣାଶୁଣା । କିନ୍ତୁ ଏବେ ସେଠାରେ ପୀକ୍ଷା ସଂଖ୍ୟା ହ୍ରାସ ପାଇବାରେ ଲାଗିଛି । ରାଜ୍ୟ ସରକାରମାନେ ଏ ବିଷୟରେ ନିଶ୍ଚିତ ଭାବେ ଅବଗତ ଅଛନ୍ତି, କିନ୍ତୁ ସମସ୍ୟା ଆଞ୍ଚଳିକ ହୋଇଥିବାରୁ କଟକଣ ଓ ନିୟମ ପ୍ରଭାବଶାଳୀ ହୋଇପାରୁନାହିଁ । ତେଣୁ ନିଷ୍ଠୁରତା ପରିବର୍ତ୍ତେ କରୁଣା ଓ ହିଂସା ପରିବର୍ତ୍ତେ ଅହିଂସା ଭଳି ମୂଲ୍ୟବୋଧ ପ୍ରତି ସାଧାରଣ ଲୋକଙ୍କୁ ସଚେତନ କରିବା ଅତ୍ୟନ୍ତ ଜରୁରୀ । ସେହିପରି ପକ୍ଷୀ ସଂରକ୍ଷଣ ପାଇଁ ୧୯୭୨ ମସିହାରେ କେନ୍ଦ୍ରୀୟ ପ୍ରାଣୀ ଉଦ୍ୟାନ କର୍ତ୍ତୃପକ୍ଷ ବନ୍ୟପ୍ରାଣୀ ଆଇନ ୧୯୭୨ ଅଧୀନରେ କେନ୍ଦ୍ରୀୟ ସ୍ତରରେ ପ୍ରତିଷ୍ଠା କରାଯାଇଥିଲା । ଏହାର ଉଦ୍ଦେଶ୍ୟ ହେଉଛି ଚିଡ଼ିଆଖାନାର କାର୍ଯ୍ୟକଳାପକୁ ତଦାରଖ କରିବା । ରାଜ୍ୟସ୍ତରରେ ପ୍ରାୟ ସମାନ ସ୍ତରର ସଂରକ୍ଷଣ ବୋର୍ଡ ଅଛି, କିନ୍ତୁ ସେମାନଙ୍କ ସକ୍ରିୟତାକୁ ନେଇ ବିଭିନ୍ନ ସମୟରେ ପ୍ରଶ୍ନ ଉଠୁଛି । ବିରଳ ପ୍ରଜାତିର ସଂରକ୍ଷଣ ପାଇଁ ବିଶ୍ୱବ୍ୟାପୀ ବିରଳ ପ୍ରଜାତିର ବନ୍ୟପ୍ରାଣୀଙ୍କ ଏକ ଅନ୍ତର୍ଜାତୀୟ ବାଣିଜ୍ୟ ସଙ୍ଗଠନ ମଧ୍ୟ ଗଠନ କରାଯାଇଛି, ଯାହାର କାର୍ଯ୍ୟ ହେଉଛି ବିପନ୍ନ ପ୍ରଜାତିର ବେଆଇନ ଅନ୍ତର୍ଜାତୀୟ ବାଣିଜ୍ୟକୁ ରୋକିବା । ଭାରତ ମଧ୍ୟ ଏହାର ସଦସ୍ୟ । ଅନେକ ପଶୁ ଚୋରା ଚାଲାଣ ରୋକିବା ପାଇଁ ଭାରତ ବ୍ୟାପକ ପଦକ୍ଷେପ ନେଇଛି, କିନ୍ତୁ ପକ୍ଷୀ ଓ ଅନ୍ୟାନ୍ୟ ବନ୍ୟଜନ୍ତୁଙ୍କ ସଂଖ୍ୟା ହ୍ରାସ ଏବଂ ବିପନ୍ନ ପକ୍ଷୀ ପ୍ରଜାତିର ସଂରକ୍ଷଣ ସମ୍ପୂର୍ଣ୍ଣ ହୋଇନଥିବାରୁ ତାହା ପର୍ଯ୍ୟାପ୍ତ ହୋଇପାରିନାହିଁ ।

ଏଭଳି ସ୍ଥିତିରେ ପ୍ରଶ୍ନ ଉଠୁଛି ବିରଳ ପଶୁପକ୍ଷୀ ସଂଖ୍ୟା ହ୍ରାସକୁ କିପରି ରୋକାଯାଇପାରିବ? ଜାତୀୟସ୍ତରର ବନ ଅଭୟାରଣ୍ୟ ଓ ଉଦ୍ୟାନର ସଂରକ୍ଷିତ ଅଞ୍ଚଳ ପରିସୀମା ବୃଦ୍ଧି କରାଯିବା ସହ ପକ୍ଷୀ ସଂରକ୍ଷଣ, ଶିକାର, ସୁରକ୍ଷା କ୍ଷେତ୍ରରେ ଅଧିକ ବିକାଶ, ବିରଳ ପକ୍ଷୀଙ୍କ ସଂରକ୍ଷଣ ଦିଗରେ ଅଧିକ ଧ୍ୟାନ ଦେବା, ପରିବେଶକୁ ପକ୍ଷୀମାନଙ୍କ ପାଇଁ ଅନୁକୂଳ କରିବା, ପକ୍ଷୀ ଉଦ୍ୟାନ ଆଖପାଖରେ ଥିବା ଆବାସିକ ବସ୍ତିକୁ ହଟାଇବା କିମ୍ବା ପାର୍କଗୁଡ଼ିକୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରିବା ଆଦି ପଦକ୍ଷେପ ନେବାକୁ ପଡ଼ିବ । ଏଥିସହିତ ଜଳ, ଖାଦ୍ୟ ଓ ଅନ୍ୟାନ୍ୟ ପରିବେଶ ସମସ୍ୟା ଦୂର କରିବାଠାରୁ ଆରମ୍ଭ କରି ପକ୍ଷୀଙ୍କ ବାସସ୍ଥଳୀ ସହ ଖାପ ଖୁଆଇବା ଭଳି ପରିବେଶ ସୃଷ୍ଟି, ଶିକାରୀଙ୍କୁ କଠୋର ଦଣ୍ଡ ପାଇଁ ଉପଯୁକ୍ତ ଆଇନ ପ୍ରଣୟନ, ପକ୍ଷୀଙ୍କ ପ୍ରତି ଆଦର ମୋନବୃତ୍ତିକୁ ପ୍ରୋତ୍ସାହିତ କରାଯିବା ମଧ୍ୟ ଆବଶ୍ୟକ । ପଶୁଙ୍କ ଅପେକ୍ଷା ପକ୍ଷୀମାନଙ୍କୁ ବଞ୍ଚାଇବାର ଆହ୍ୱାନ ଅଧିକ ।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

## ଗଞ୍ଜେଇ ଚାଲାଣ ମାମଲାରେ ଡିଭିଏଫ ଯବାନ ଗିରଫ

**ବୌଦ୍ଧ, ୭ ।୪(ସମିସ):** ପୁଣି ଖାକିରେ ଦାଗ। ଏସ୍‌ପିଙ୍କ ବିଶେଷ ଟିମ୍‌ର ଜଣେ ଯବାନଙ୍କୁ ଗଞ୍ଜେଇ ଚାଲାଣ ବେଳେ ବୌଦ୍ଧ ଅବକାରୀ ବିଭାଗ ଗିରଫ କରିଛି। ସଦର ଥାନା ଅନ୍ତର୍ଗତ ଦେବଗଡ଼ ଛକରେ ଯାଞ୍ଚ ବେଳେ ଏକ କାର୍‌ରେ ୫୮ କେଜି ୩୦୦ ଗ୍ରାମ ଗଞ୍ଜେଇ ନେଇ ଯାଉଥିବା ଅବସ୍ଥାରେ ଡିଭିଏଫ ଯବାନ ଡିଙ୍ଗର୍ ମାଝୀ ଧରାପଡ଼ିଛନ୍ତି।



ସୂଚନାନୁଯାୟୀ, ବୌଦ୍ଧ ଏସ୍‌ପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଥିବା ଜଣେ ଡିଭିଏଫ ଯବାନ ଡିଙ୍ଗର ମାଝୀ କାରରେ ଦେବଗଡ଼ ଅଞ୍ଚଳରୁ ଗଞ୍ଜେଇ ଆଣି ବାହାରକୁ ଚାଲାଣ କରୁଥିବା ନେଇ ଅବକାରୀ ବିଭାଗ ଖବର ପାଇ ଦେବଗଡ଼ ଅଞ୍ଚଳରେ ଚଢ଼ଉ କରିଥିଲା। ହେଲେ ଯବାନଜଣକ ଅବକାରୀ ବିଭାଗକୁ ଚକମା ଦେଇ ସେଠାରୁ ଫେରାର୍ ହୋଇଯାଇଥିଲେ। ପରେ ଅବକାରୀ ବିଭାଗ ତାଙ୍କ ପଛରେ ଗୋଡ଼ାଉଥିବା ସମୟରେ ଦେବଗଡ଼ ଛକ ନିକଟରେ ପରିବହନ ବିଭାଗ ଦ୍ୱାରା ଯାଞ୍ଚ ଚାଲିଥିବା ବେଳେ ସେଠାରେ ଯବାନଙ୍କ ଗାଡ଼ିକୁ ଅଟକାଇଥିଲେ। ଏହି ସମୟରେ ଅବକାରୀ ବିଭାଗ ଆସି ଗାଡ଼ିକୁ ଯାଞ୍ଚ କରିଥିବାବେଳେ ଗାଡ଼ିରେ ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲେ। ଗାଡ଼ିରୁ ୫୮ କେଜି ୩୦୦ ଗ୍ରାମ ଗଞ୍ଜେଇ ଜବତ କରିବା ସହିତ ଉକ୍ତ ଯବାନଙ୍କୁ ଗିରଫ କରିଥିଲେ। ରବିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

● ଘରୋଇ ବିବାଦରୁ ହତ୍ୟାକାଣ୍ଡ

## ଦାଦାଙ୍କୁ କଟୁରୀରେ ହାଣିଦେଲେ ଦୁଇ ପୁତୁରା

**ବାରିପଦା/କପ୍ତିପଦା, ୭ ।୪(ସମିସ):** ସମ୍ପର୍କରେ ଲାଗିଲା ରକ୍ତଛିଟା। ଜମିବାଡ଼ି ଭାଗବଣ୍ଟାକୁ କେନ୍ଦ୍ର କରି ନିଜ ଦାଦା ରବୀନ୍ଦ୍ର ତିରିଆଙ୍କୁ କଟୁରୀରେ ହାଣି ହତ୍ୟା କରିଛନ୍ତି ଦୁଇ ପୁତୁରା। ଏଭଳି ଏକ ଆପରାଧିକ ଘଟଣା ଘଟିଛି ମୟୂରଭଞ୍ଜ ଜିଲ୍ଲାର କପ୍ତିପଦା ଥାନା କଲୋନୀସାହି ଗ୍ରାମରେ। ରବୀନ୍ଦ୍ର ରବିବାର ସମୀବୃକ୍ଷ ନିକଟ ଚାଷ ଜମିରେ କାମ କରୁଥିବା ବେଳେ ଦୁଇ ପୁତୁରା ତାଙ୍କୁ ହାଣି ଦେଇଥିଲେ। ପୁଲିସ ସୂଚନା ପାଇ ଗ୍ରାମରେ ପହଞ୍ଚି ଅଭିଯୁକ୍ତ ଦୁଇ ପୁତୁରାଙ୍କୁ ଗିରଫ କରିଛି। ସେମାନେ ହେଲେ, ରାଜେନ୍ଦ୍ର ତିରିଆ ଓ କାହ୍ନୁଚରଣ ତିରିଆ। ପୁଲିସ ମୃତଦେହ ସମେତ କଟୁରୀ ଏବଂ ଠେଙ୍ଗାକୁ ଜବତ କରି ତଦନ୍ତ ଜାରି ରଖିଛି। ଆସନ୍ତାକାଲି ସାଇଣ୍ଟିଫିକ୍ ଟିମ୍ ପହଞ୍ଚିବା ପରେ ଅନୁସନ୍ଧାନ କରାଯାଇ ପ୍ରକୃତ ଘଟଣା ସାମ୍ନାକୁ ଆସିବ ବୋଲି ଥାନାଧିକାରୀ ପ୍ରଭଞ୍ଜନ ବେହେରା ପ୍ରକାଶ କରିଛନ୍ତି।

## ରାଜ୍ୟ ବିଜେପିକୁ ଶନି ଦଶା

# ରାଜ୍ୟ କାର୍ଯ୍ୟାଳୟ ଘେରିଲେ ବାଙ୍କୀ ଓ ଚୌଦ୍ୱାର-କଟକ କର୍ମୀ

ଭୁବନେଶ୍ୱର, ୭ ।୪(ସମିସ): ରାଜ୍ୟ ବିଜେପିର ପିଛା ଛାଡୁନି ଟିକଟ ବିବାଦ। ବିଧାନସଭା ପ୍ରାର୍ଥୀ ଘୋଷଣା ପରେ ଯେପରି ବିଜେପି ଉପରେ ପଡ଼ିଛି ଶନିଙ୍କ କୋପଦୃଷ୍ଟି। ପ୍ରତିଦିନ ବିଭିନ୍ନ ଅଞ୍ଚଳର ହଜାର ହଜାର ବିଜେପି କର୍ମୀ ରାଜ୍ୟ କାର୍ଯ୍ୟାଳୟ ସମ୍ମୁଖରେ ବିରୋଧ ପ୍ରଦର୍ଶନ କରୁଛନ୍ତି। ଫଳରେ ଅବଶିଷ୍ଟ ଆସନ ପାଇଁ ଟିକଟ ଘୋଷଣା ଆଗକୁ ବଢ଼ି ପାରୁନାହିଁ। ଗୋଟିଏ ପର୍ଯ୍ୟାୟ ଟିକଟ ଘୋଷଣା ପରେ ଦଳୀୟ ସଂଗଠନର ଢାଞ୍ଚା ଦୋହଲି ଯାଇଛି।

କାରଣ ବିଜେପି ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୧୧୨ ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା ହୋଇଥିବା ଅର୍ଦ୍ଧାଧିକ ଆସନରେ ପ୍ରାର୍ଥୀ ନିଜ ଅଞ୍ଚଳରେ ବିରୋଧର ସମ୍ମୁଖୀନ ହୋଇଛନ୍ତି। ହାରୁ ନେତା ଓ ସଙ୍ଗଠନ ନ ଥିବା ନେତାଙ୍କୁ ଟିକଟ ଦେଇ ଦଳ ଅଡୁଆରେ ପଡ଼ିଛି। ପରିଣାମ ସ୍ୱରୂପ ପ୍ରତିଟି ନିର୍ବାଚନ ମଣ୍ଡଳୀରେ ରାଜ୍ୟ ବିଜେପି ସଂଗଠନ ବହୁଧା ବିଭକ୍ତ। ସପ୍ତାହେ ହେବ ବିଜେପି କାର୍ଯ୍ୟାଳୟ ବିରୋଧୀ କବଳରୁ ମୁକ୍ତ ହୋଇପାରୁ ନାହିଁ। ରବିବାର ମଧ୍ୟ ଦୁଇଟି ନିର୍ବାଚନମଣ୍ଡଳୀରୁ ଶତାଧିକ ବିଜେପି କର୍ମୀ ଘୋଷିତ ପ୍ରାର୍ଥୀଙ୍କୁ ବିରୋଧ କରିଛନ୍ତି। ବାଙ୍କୀରୁ ତୁଷାରକାନ୍ତି ଚକ୍ରବର୍ତ୍ତୀଙ୍କୁ ବିଜେପି ପ୍ରାର୍ଥୀ କରିଛି। ହେଲେ ଏଠାରେ




ଦୀର୍ଘ ଦିନ ହେବ ସଂଗଠନର ମଙ୍ଗ ଧରିଥିବା ନେତା ଶୁଭ୍ରାଂଶୁ ମୋହନ ପାଢ଼ୀଙ୍କୁ ଉପେକ୍ଷା କରି ତୁଷାରକାନ୍ତିଙ୍କୁ ଟିକଟ ପ୍ରଦାନକୁ କର୍ମୀମାନେ ଗ୍ରହଣ କରିପାରୁ ନାହାନ୍ତି। ଶୁଭ୍ରାଂଶୁଙ୍କ ଶହ ଶହ ସମର୍ଥକ ରାଜ୍ୟ ବିଜେପି କାର୍ଯ୍ୟାଳୟ ସମ୍ମୁଖରେ ତୁଷାରକାନ୍ତିଙ୍କ ବିରୋଧରେ ନାରାବାଜି କରିଛନ୍ତି। ଏହାସହିତ ଦଳ ନେଇଥିବା ନିଷ୍ପତ୍ତି ପୁନର୍ବିଚାର କରୁ ବୋଲି ଦାବି କରିଛନ୍ତି। ଅନୁରୂପ ଭାବରେ କଟକ ଚୌଦ୍ୱାର ଆସନରୁ ଦଳ ଏଥର ନୟନ କିଶୋର ମହାନ୍ତିଙ୍କୁ ପ୍ରାର୍ଥୀ କରିବା ପରେ ଏହାକୁ କର୍ମୀମାନେ ବିରୋଧ କରିଛନ୍ତି। ନୟନକିଶୋର ୫ ଥର ପରାଜିତ ହୋଇଛନ୍ତି। ତେଣୁ ତାଙ୍କୁ ପ୍ରାର୍ଥୀ କଲେ ଦଳକୁ ଆଉଥରେ ପରାଜୟ ଭୋଗିବାକୁ ପଡ଼ିବ। ତେଣୁ ପ୍ରମୋଦ ସାହୁଙ୍କୁ କଟକ-ଚୌଦ୍ୱାରରୁ ଟିକଟ ଦେବାକୁ ତାଙ୍କ ସମର୍ଥକମାନେ ଦାବି କରିଛନ୍ତି। ଏପରିକି ପ୍ରମୋଦଙ୍କ ସମର୍ଥକ ଦଳୀୟ କାର୍ଯ୍ୟାଳୟ ସମ୍ମୁଖରେ ନୟନଙ୍କୁ କୁଶ ପୁତ୍ତଳିକା ଦାହ କରିଛନ୍ତି। ଦଳ ଯଦି ପ୍ରମୋଦ ସାହୁଙ୍କୁ ଏଠାରୁ ଟିକଟ ନ

### କାର୍ଯ୍ୟାଳୟ ସାମନାରେ ନାରାବାଜି ସହ କୁଶପୁତ୍ତଳିକା ଦାହ

ଦିଏ ତେବେ ପରିସ୍ଥିତି ଭୟଙ୍କର ହେବ ବୋଲି ବିଜେପି କର୍ମୀ ଚେତାବନୀ ଦେଇଛନ୍ତି।

ଦଳର ଆଭ୍ୟନ୍ତରୀଣ କନ୍ଦଳ ଏବେ ନିର୍ବାଚନୀ ମଣ୍ଡଳୀ ଓ ରାଜ୍ୟ ସୀମା ଅତିକ୍ରମ କରି ଦିଲ୍ଲୀରେ ପହଞ୍ଚିଛି। ଜଣକ ପରେ ଜଣେ ନେତା ଦଳ ଛାଡ଼ିବାକୁ ନେଇ ରାଜ୍ୟ ନେତୃତ୍ୱ ଅଡୁଆରେ ପଡ଼ିଛନ୍ତି। ଦଳରୁ ନେତା ଓ କର୍ମୀଙ୍କ ଇସ୍ତଫାର ପର୍ବ ଲମ୍ବି ଚାଲିଥିବାବେଳେ ଲେଖାଶ୍ରୀ ସାମନ୍ତ ସିଂହାରଙ୍କ ଭଳି ଜଣେ ଟାଣୁଆ ନାରୀ ନେତ୍ରୀ ଦଳ ଛାଡ଼ିବା ଦଳ ପାଇଁ ମହଙ୍ଗା ପଡ଼ିବ ବୋଲି କୁହାଯାଉଛି।

# କଏଦୀଙ୍କୁ କମ୍ ପଡୁଛି ଜେଲ୍ ପାଚେରି

ଭୁବନେଶ୍ୱର, ୭ ।୪(ସମିସ): ଜେଲ କର୍ମଚାରୀଙ୍କୁ ଚକ୍‌ମା ଦେଇ କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ମୁଖ୍ୟ କାରାଗାରରୁ ଦୁଇ ଜଣ ବିଚାରଧୀନ କଏଦୀ ଫେରାର୍ ହୋଇଯାଇଛନ୍ତି। ଜେଲ୍‌ର ପାଚେରି

- ■ ଭବାନୀପାଟଣା ଜେଲ୍‌ରୁ ଦୁଇ କଏଦୀ ଫେରାର ଘଟଣାର ତଦନ୍ତ ନିର୍ଦ୍ଦେଶ
- ■ ଡିଆଇଜିଙ୍କୁ ତଦନ୍ତ ଦାୟିତ୍ୱ ଦେଲେ ଜେଲ୍ ଡିଜି
- ■ ରାଜ୍ୟର ସମସ୍ତ ଜେଲ୍‌ର ପାଚେରୀ ଉଚ୍ଚତା ବଢ଼ିବ

ଡେଇଁ ସିକନ୍ଦର ଜାଲ ଏବଂ ନୀଳମଣି ବିଭାର ଫେରାର ହୋଇଯାଇଛନ୍ତି। ସେହିପରି କିଛି ଦିନ ତଳେ ଟିଟିଲାଗଡ଼ ଉପକାରାଗାରରୁ ଦୁଇଜଣ କଏଦୀ ଫେରାର୍ ହୋଇଥିଲେ। ମାସକ ମଧ୍ୟରେ ଦୁଇଟି ଜେଲ୍‌ରୁ ୪ଜଣ କଏଦୀ ଫେରାର ହେବାକୁ ଜେଲ୍ ଡିଜି ଏ.ଏମ୍ ପ୍ରସାଦ ଗୁରୁତ୍ୱର ସହ ନେଇ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଜେଲ୍ ଡିଆଇଜି ଜେଲ୍‌କୁ ଯାଇ ଟିକିନିଖି ତଦନ୍ତ କରିବେ। ଏଥିସହ ୫ ଦିନ ମଧ୍ୟରେ ତଦନ୍ତ ରିପୋର୍ଟ ଦେବାକୁ କୁହାଯାଇଛି। ରିପୋର୍ଟ ମିଳିବା ପରେ ତ୍ରୁଟି ଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ସଙ୍କେତ ଦେଇଛନ୍ତି ଜେଲ୍ ଡିଜି। ରାଜ୍ୟର ବିଭିନ୍ନ ଜେଲ୍‌ରେ କଏଦୀମାନେ ଫେରାର ହେଉଥିବାରୁ ଏହାର ସମୀକ୍ଷା କରିବେ ଜେଲ୍ ଡିଜି। ବରିଷ୍ଠ ଅଧିକାରୀଙ୍କୁ ଡାକି ଏ ବିଷୟରେ ଆଲୋଚନା କରିବେ। ଏହାପରେ କଏଦୀ ଯେପରି ଚମ୍ପଟ ନ ମାରିବେ, ତାହାର ବ୍ୟବସ୍ଥା କରିବେ। ଆହୁରି ମଧ୍ୟ, କଏଦୀମାନେ ପାଚେରି ଡେଇଁ ପଳାଉଥିବାରୁ ଜେଲ୍ ପାଚେରିର ଉଚ୍ଚତା ବଢ଼ାଇବା ପାଇଁ ଜେଲ୍ ଡିଜି ନିଷ୍ପତ୍ତି ନେଇଛନ୍ତି। ତେଣୁ ଖୁବ୍‌ଶୀଘ୍ର ଜେଲ୍ ପାଚେରିର ଉଚ୍ଚତା ବଢ଼ାଯିବା ସହ ତାରବାଡ଼ ମଧ୍ୟ ଦିଆଯିବ ବୋଲି ନିର୍ଦ୍ଦେଶ ଦେଇଛି। ଆହୁରି ମଧ୍ୟ କ୍ୟାମେରା ଲଗାଯିବା ସହ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ ବୋଲି ଜଣାପଡ଼ିଛି।

## ଭବାନୀପାଟଣା କାରାଗାରରୁ ଦୁଇ ବିଚାରାଧୀନ କଏଦୀ ଫେରାର

ଭବାନୀପାଟଣା, ୭ ।୪ (ସମିସ): ରବିବାର ସକାଳେ ଭବାନୀପାଟଣା ଜିଲ୍ଲା ମୁଖ୍ୟ କାରାଗାରରୁ ଦୁଇ କଏଦୀ ଫେରାର୍ ହୋଇଯାଇଛନ୍ତି। ଜେଲର ପାଚେରୀ ଡେଇଁ କଏଦୀଦ୍ୱୟ ଚମ୍ପଟ ମାରିଥିବା ଜଣାଯାଇଛି। ଫେରାର୍ କଏଦୀଦ୍ୱୟ ହେଲେ, ସିକନ୍ଦର ଜାଲ ଏବଂ ନୀଳମଣି ବିଭାର। ଦୁଇଜଣ ଯାକ ପୋକ୍ସୋ ମାମଲାରେ ଗିରଫ ହୋଇ ଆସିଥିଲେ। ଜଣେ ଫେବୃଆରୀ ମାସରେ ଆଉ ଜଣେ ମାର୍ଚ୍ଚରେ ଜେଲକୁ ଆସିଥିଲେ। ଜେଲ୍ କର୍ତ୍ତୃପକ୍ଷ ଏନେଇ ଟାଉନ୍ ଥାନାରେ ଏକ ଏତଲା ଦେଇଛନ୍ତି।



**ଛାତ୍ରଛାତ୍ରୀଙ୍କଠାରୁ ଆଦାୟ ୨୪ ଲକ୍ଷ ହଡପ**

## ଫାର୍ମାସୀ କଲେଜ ପ୍ରଫେସର୍ ଗିରଫ

**ବ୍ରହ୍ମପୁର, ୭ ।୪(ସମିସ):** ଛାତ୍ରଛାତ୍ରୀଙ୍କଠାରୁ ଟ୍ୟୁସନ୍ ଫି' ବାବଦକୁ ଆଦାୟ ହୋଇଥିବା ୨୪ଲକ୍ଷରୁ ଅଧିକ ଟଙ୍କା ହଡ଼ପ କରିବା ଅଭିଯୋଗରେ ଗିରଫ ହୋଇଛନ୍ତି ମହୁଡ଼ା ଫାର୍ମାସି କଲେଜର ଆସୋସିଏଟ୍ ପ୍ରଫେସର୍ ପ୍ରଶାନ୍ତ କୁମାର ପଣ୍ଡା। ସୂଚନାନୁସାରେ, ଦିଗପହଣ୍ଡି ଥାନା ଅନ୍ତର୍ଗତ ମହୁଡ଼ାଠାରେ ଥିବା କଲେଜ ଅଫ୍ ଫାର୍ମାସିଟୁଆଲ ସାଇନ୍ସେସରେ ପ୍ରଶାନ୍ତ କୁମାର ପଣ୍ଡା ଆସୋସିଏଟ୍ ପ୍ରଫେସର ଭାବେ କାମ କରୁଥିଲେ। ୨୦୨୧ରୁ ୨୦୨୨ମଧ୍ୟରେ ସେ କଲେଜରେ ପଢୁଥିବା ପ୍ରାୟ ୧୦୦ଜଣ ବି.ଫାର୍ମା ଛାତ୍ରଛାତ୍ରୀଙ୍କଠାରୁ ଟ୍ୟୁସନ୍ ଫି' ବାବଦ ୨୪ ଲକ୍ଷ ୭୨ ହଜାର ଟଙ୍କା ଆଦାୟ କରିଥିଲେ। ହେଲେ ସେହି ଟଙ୍କାକୁ ସେ କଲେଜ ଆକାଉଣ୍ଟରେ ଡିପୋଜିଟ କରିନଥିଲେ। ୨୦୨୨ ଏପ୍ରିଲରେ ଶ୍ରୀ ପଣ୍ଡା ୮ ଦିନ ପାଇଁ ଛୁଟିରେ ଯାଇଥିଲେ। ହେଲେ ତା' ପରେ ଆଉ କଲେଜରେ ଯୋଗ ଦେଇନଥିଲେ। ଏହାପରେ କଲେଜ କର୍ତ୍ତୃପକ୍ଷ ଯାଞ୍ଚ କରି ୨୪ଲକ୍ଷ ୭୨ ହଜାର ଟଙ୍କା ହଡ଼ପ କରାଯାଇଥିବା ଜାଣିବାକୁ ପାଇଥିଲେ। ଛାତ୍ରଛାତ୍ରୀମାନେ ତାଙ୍କୁ ବିଶ୍ୱାସ କରି ଟଙ୍କା ଦେଇଥିବା ବେଳେ ସେ ଟଙ୍କା କଲେଜରେ ଜମା ନକରି ତାହାକୁ ହଡ଼ପ କରି ନିଜ ପାଖରେ ରଖି ଦେଇଥିଲେ। ଘଟଣା ସମ୍ପର୍କରେ ଆଜକୁ ୩ ଦିନ ତଳେ କଲେଜର ଅଧ୍ୟକ୍ଷ ପ୍ରଫେସର୍ ସୁବ୍ରତ ସେନ ଦିଗପହଣ୍ଡି ଥାନାରେ ଅଭିଯୋଗ କରିଥିଲେ।

## ବିନାନୁମତିରେ ଏନ୍‌ସିଇଆର୍‌ଟି ବିଷୟବସ୍ତୁ ଛାପିଲେ ହେବ ମାମଲା

**ଭୁବନେଶ୍ୱର, ୭ ।୪(ସମିସ):** ବିନା ଅନୁମତିରେ ଛାପି ପାରିବେନି ନ୍ୟାସନାଲ୍ କାଉନସିଲ ଅଫ୍ ଏଜୁକେସନାଲ୍ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ(ଏନ୍‌ସିଇଆର୍‌ଟି) ବହିର ବିଷୟବସ୍ତୁ। ନଚେତ୍ କପି-ରାଇଟ୍ ନିୟମରେ ମାମଲା ରୁଜୁ କରାଯିବ। ଏନେଇ ରବିବାର ଏନ୍‌ସିଇଆର୍‌ଟି ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରି କଠୋର ଚେତାବନୀ ଦିଆଯାଇଛି। ସୂଚନାନୁଯାୟୀ, ଏନ୍‌ସିଇଆର୍‌ଟି ପ୍ରସ୍ତୁତ କରିଥିବା ପାଠ୍ୟକ୍ରମକୁ ବିନା ଅନୁମତିରେ କିଛି ପ୍ରକାଶନୀ ସଂସ୍ଥା ପ୍ରସ୍ତୁତ କରୁଛନ୍ତି। ୱେବ୍‌ସାଇଟ୍‌ରେ ଉପଲବ୍ଧ ବିଷୟବସ୍ତୁକୁ ନେଇ ନିଜ ପ୍ରକାଶନୀ ସଂସ୍ଥା ନାମରେ ଛାପୁଛନ୍ତି। ଏହାକୁ ବଜାରରେ ବିକ୍ରି ମଧ୍ୟ କରୁଛନ୍ତି। ଏନ୍‌ସିଇଆର୍‌ଟି ନିକଟରେ ଏନେଇ ଅଭିଯୋଗ ହେବାପରେ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଛି। ଆଗକୁ ଏପରି ମାମଲା ରୋକିବାକୁ ଏନ୍‌ସିଇଆର୍‌ଟି ପକ୍ଷରୁ ପଦକ୍ଷେପ ନିଆଯାଇଛି। ଏନ୍‌ସିଇଆର୍‌ଟି ପାଠ୍ୟକ୍ରମର ସମ୍ପୂର୍ଣ୍ଣ ବା ଆଂଶିକ ବିଷୟବସ୍ତୁ ପ୍ରକାଶିତ କରିଥିବା କୌଣସି ପ୍ରକାଶନୀ ସଂସ୍ଥାର ପୁସ୍ତକ ନ କିଣିବାକୁ ସାଧାରଣ ଲୋକଙ୍କୁ ଅନୁରୋଧ କରାଯାଇଛି। ଏହାସହ ଏପରି ପୁସ୍ତକ ବିକ୍ରି ହେଉଥିବା ନେଇ ଜାଣିଲେ pd.ncert@nic.in ମେଲ୍ ଆଇଡିରେ ଜଣାଇବାକୁ କୁହାଯାଇଛି।

# ଅବଶିଷ୍ଟାଂଶ...

### ନରପିଶାଚ...

ଶେଷ ଥର ପାଇଁ ଦେଖା ଯାଇଥିଲା। ପୁଲିସ ଘରେ ପହଞ୍ଚିବା ପରେ ମେଟସନ ବିଭ୍ରାନ୍ତିକର ମନ୍ତବ୍ୟ ଦେଇଥିଲା। ପତ୍ନୀ ଖଟ ତଳେ ଲୁଚିଥାଇପାରନ୍ତି ବୋଲି କହିଥିଲା। ଘରୁ ଦୁର୍ଗନ୍ଧ ଆସିବା ପରେ ପୁଲିସ ତାକୁ ଗିରଫ କରିଥିଲା। ଏହାର ୮ ଦିନ ପରେ ୨୦୨୩ ମାର୍ଚ୍ଚ ୨୫ରେ ହାଲିଙ୍କ ଶବଖଣ୍ଡ (୨୨୪ ଖଣ୍ଡ) ନିକଟସ୍ଥ ନଦୀରୁ ମିଳିଥିଲା। ଗୋଟିଏ ବ୍ୟାଗ୍‌ରେ ହାତ ଏବଂ ଅନ୍ୟଟିରେ ମୁଣ୍ଡ ରହିଥିଲା। ତେବେ ହାଲିଙ୍କ ମୁଣ୍ଡରେ ଚୁଟି ନ ଥିଲା। ଏ ପର୍ଯ୍ୟନ୍ତ ଅନେକ ଶବ ଖଣ୍ଡ ମିଳିନାହିଁ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

### ତିନି ଚତୁର୍ଥାଂଶ...

ବିଜୁ ପଟ୍ଟନାୟକ ଏକ ସମୟରେ ୧୧ଟଙ୍କାରୁ ୨୫ ଟଙ୍କାକୁ ଦୈନିକ ମଜୁରୀ ବୃଦ୍ଧି ପାଇଁ ଐତିହାସିକ ନିଷ୍ପତ୍ତି ନେଇଥିଲେ। ଏବେ ମଧ୍ୟ ନବୀନ ପଟ୍ଟନାୟକ ସର୍ବାଧିକ ୧୦୦ଟଙ୍କା ମଜୁରୀ ବୃଦ୍ଧି କରି ରେକର୍ଡ କରିଛନ୍ତି। ସରକାରଙ୍କ ବିଭିନ୍ନ ବିଭାଗ ୧୦୦ ଟଙ୍କ ମଜୁରୀ ବୃଦ୍ଧି ସପକ୍ଷରେ ନ ଥିଲେ। କାରଣ ୧୦୦ଟଙ୍କା ମଜୁରୀ ବୃଦ୍ଧି କଲେ ରାଜ୍ୟ ସରକାରଙ୍କ ଉପରେ ବାର୍ଷିକ ୫ରୁ ୬ହଜାର କୋଟି ଟଙ୍କାର ଅଧିକ ବୋଝ ପଡିବ ବୋଲି ଆକଳନ କରାଯାଇଥିଲା ; କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ଯୁକ୍ତିଥିଲା ଯେଉଁ ଶ୍ରମିକମାନେ ରାଜ୍ୟ ବିକାଶର ମୁଖ୍ୟ ବିନ୍ଧାଣୀ । ସେମାନଙ୍କ ପାଇଁ ୫/୬ ହଜାର କୋଟିର ବୋଝ ନେବାକୁ ସରକାର ପ୍ରସ୍ତୁତ। ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରି ୩୫୦ଟଙ୍କାରୁ ମଜୁରୀ ୪୫୦ଟଙ୍କାକୁ ବୃଦ୍ଧି କରିଛନ୍ତି। ରାଜ୍ୟରେ ଅନେକ କାମ ହୋଇଛି, ମାତ୍ର ଆହୁରି ବହୁତ କିଛି କରିବାକୁ ବାକି ଅଛି। ଏଥର ସରକାରକୁ ଆସିଲେ ସେ ସବୁ ପୂରଣ କରାଯିବ ବୋଲି କହିଛନ୍ତି ଶ୍ରୀ ପାଣ୍ଡିଆନ।

ସେ ପୁଣି କହିଛନ୍ତି ଯେ ବିଏସ୍‌କେୱାଇ ହେଉଛି ଗରିବ ଲୋକଙ୍କ ବଡ ସ୍ୱପ୍ନ। ଆଜି ବସ୍ତିରେ ରହୁଥିବା ଲୋକଟିଏ କର୍ପୋରେଟ୍ ହସ୍ପିଟାଲରେ ଚିକିତ୍ସା ପାଇପାରୁଛି। ଗ୍ରାମାଞ୍ଚଳରେ ରହୁଥିବା ୯୦ ପ୍ରତିଶତ ଲୋକ ବିଏସ୍‌କେୱାଇ କାର୍ଡ ପାଇଛନ୍ତି। ଗରିବ ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ କରି ଲୋକଙ୍କ ସ୍ୱପ୍ନ ପୂରଣ କରିଛନ୍ତି ନବୀନ ପଟ୍ଟନାୟକ। ଦେଶର ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ସମସ୍ତ ସରକାରୀ ବିଦ୍ୟାଳୟରେ କଳାପଟା ସ୍ଥାନରେ ସ୍ମାର୍ଟ ଏଲ୍‌ଇଡି ବୋର୍ଡ ଲଗାଇଛନ୍ତି। ଓଡ଼ିଶା ହେଉଛି ଦେଶରେ ଏକମାତ୍ର ରାଜ୍ୟ ଯେଉଁଠି ସରକାର ନିଜ ଦାୟିତ୍ୱରେ ବିଦେଶକୁ ବିମାନ ଚଳାଉଛନ୍ତି। କାରଣ ମୁଖ୍ୟମନ୍ତ୍ରୀ ଚାହାନ୍ତି ଦୁବାଇ ଓ ସାଉଦୀ ଭଳି ବାହାର ଦେଶରେ ଥିବା ଶ୍ରମିକ କିଭଳି କମ ପଇସାରେ ଘରକୁ ଯା ଆସ କରିପାରିବେ। ନିଜ ଘରକୁ ଆସି ପିତା ମାତାଙ୍କ ସେବା କରିପାରିବେ। ସେଥିପାଇଁ ବିମାନ ଭଡା ମଧ୍ୟ କମ ରଖାଯାଇଛି। ସେଥିପାଇଁ ବିଦେଶରେ ରହୁଥିବା ଶ୍ରମିକଟି ୫ ବର୍ଷରେ ଥରେ ଘରକୁ ଆସିବା ବଦଳରେ ଅନ୍ତତଃ ବର୍ଷକୁ ଥରେ ଘରକୁ ଆସିପାରୁଛି। କେବଳ ସେତିକି ନୁହେଁ ଗ୍ରାମାଞ୍ଚଳରୁ ଶ୍ରମିକଙ୍କ ଯାତାୟତ ସୁବିଧା ପାଇଁ ରାଜ୍ୟସରକାର ଲକ୍ଷ୍ମୀ ବସ ଯୋଜନା କରିଛନ୍ତି। ଏବେ ୮୦ପ୍ରତିଶତ ପଞ୍ଚାୟତରେ ଏହି ସୁବିଧା ମିଳୁଛି। ଦୁଇବର୍ଷ କୋଭିଡ ସତ୍ତ୍ୱେ ରାଜ୍ୟର ବିକାଶ ଶିଖର ଛୁଇଁଛି। ୨୦୧୯ରୁ ୨୦୨୪ ମଧ୍ୟରେ ବହୁ ବିକାଶମୂଳକ କାର୍ଯ୍ୟ ହାତକୁ ନିଆଯାଇଛି। ରାଜ୍ୟରେ ଏବେ ୧୦ହଜାରରୁ ଅଧିକ ମନ୍ଦିରର ରୂପାନ୍ତରଣ କାର୍ଯ୍ୟ ଜାରି ରହିଛି। ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀଭାବେ ଦାୟିତ୍ୱ ନେଲାବେଳକୁ ମହାନଦୀ ଉପରେ ମାତ୍ର ଗୋଟିଏ ପୋଲ ଥିଲା। ଏବେ ୬ରୁ ୭ଟି ପୋଲ ନିର୍ମାଣ ହେଲାଣି। କୋରାପୁଟ, ମୟୂରଭଞ୍ଜ, ଫୁଲବାଣୀ ଭଳି ସ୍ଥାନରେ ମେଡିକାଲ କଲେଜ ସ୍ଥାନ ହେଲାଣି। କଟକର ରୂପରେଖ ବଦଳିଯାଇଛି। କଟକକୁ ଦେଖିଲେ ସ୍ୱପ୍ନଭଳି ଲାଗୁଛି। ସମଲେଶ୍ୱରୀ ମନ୍ଦିରର ରୂପାନ୍ତରଣ ଏଭଳି ହୋଇଛି ଯେ, ନିଜେ ସମ୍ବଲପୁରବାସୀ ତାକୁ ବିଶ୍ୱାସ କରିପାରୁନାହାନ୍ତି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କେମିତି ହୋଇଛି ବୋଲି ପ୍ରଶ୍ନ କରିବା ସହ କେହି କେବେ ଏଭଳି ହୋଇପାରିବ ବୋଲି ଭାବିଥିଲା କି ବୋଲି ପ୍ରଶ୍ନ କରିଥିଲେ ଶ୍ରୀ ପାଣ୍ଡିଆନ। ଏ ସବୁ ଶ୍ରମିକମାନଙ୍କ ପାଇଁ ହିଁ ସମ୍ଭବ ହୋଇପାରିଛି ବୋଲି ସେ କହିଛନ୍ତି। ବିଜୁ ଶ୍ରମିକ ସାମ୍ମୁଖ୍ୟର ଏହି ରାଜ୍ୟସ୍ତରୀୟ ସମ୍ମିଳନୀରେ ବୈଷୟିକ ଶିକ୍ଷାମନ୍ତ୍ରୀ ପ୍ରୀତିରଞ୍ଜନ ଘଡେଇ, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ବିଜୁ ଶ୍ରମିକ ସାମ୍ମୁଖ୍ୟର ମହାସଚିବ ତଥା କଟକ ମେୟର ସୁବାସ ସିଂ, ଉପସଭାନେତ୍ରୀ ମୋନିଦୀପା ସର୍ଖେଲ, ଭୁବନେଶ୍ୱର ଲୋକସଭା ଆସନରୁ ବିଜେଡି ପ୍ରାର୍ଥୀ ମନ୍ମଥ ରାଉତରାୟ ଓ ବିଜୁ ଶ୍ରମିକ ସାମୁଖ୍ୟର ଜିଲ୍ଲାସ୍ତରୀୟ କର୍ମକର୍ତ୍ତା କନଭେନସନରେ ଯୋଗ ଦେଇଥିଲେ।

### ଶଙ୍ଖ ଫୁଙ୍କିଲେ...

ପ୍ରତାପ ଜେନା, ସାଂସଦ ଡଃ ସସ୍ମିତ ପାତ୍ର, କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା ସ୍ୱାଗତ କରିଛନ୍ତି। ଆଜି ଗଣେଶ୍ୱର ଓ ତାଙ୍କ ସହଯୋଗୀ କଂଗ୍ରେସ କର୍ମୀଙ୍କ ଯୋଗଦାନ ଫଳରେ କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୁତ ହେବ ବୋଲି ବିଜେଡି ନେତାମାନେ ପ୍ରକାଶ କରିଛନ୍ତି।

ବିଜେଡିରେ ଯୋଗ ଦେବା ଅବସରରେ ଗଣେଶ୍ୱର ବେହେରା କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତଙ୍କ ପାଇଁ ନିରବଚ୍ଛିନ୍ନ ଯୋଜନା କରିଚାଲିଛନ୍ତି। ଓଡ଼ିଶା ଓ କେନ୍ଦ୍ରାପଡ଼ାର ବିକାଶ ପାଇଁ ସେ କାମ କରିବେ। ପ୍ରତିଭାଧାରୀଙ୍କୁ ମୁଖ୍ୟମନ୍ତ୍ରୀ ସବୁବେଳେ ସୁଯୋଗ ଦେଇଛନ୍ତି। ତାଙ୍କର ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଛନ୍ତି। ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ତାଙ୍କୁ ଯାହା ଦାୟିତ୍ୱ ଦେବେ ତାକୁ ସେ ସୂଚାରୁ ରୂପେ ତୁଲାଇବେ ଓ ଦଳରେ ତାଙ୍କୁ ଏବଂ ତାଙ୍କ ସହ ଯୋଗ ଦେଇଥିବା ସମସ୍ତ କଂଗ୍ରେସ କର୍ମୀଙ୍କୁ ଗ୍ରହଣ କରିଥିବାରୁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜଣାଇଛନ୍ତି ଗଣେଶ୍ୱର।

ଏହି ମିଶ୍ରଣ ପର୍ବରେ ଟାଉନ କଂଗ୍ରେସ ସଭାପତି ରାଜେଶ ମହାନ୍ତି, ବ୍ଲକ କଂଗ୍ରେସ ସଭାପତି ଚିତ୍ରସେନ ପରିଡା, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ପରଫେଜ ଅଖତାର, ଜିଲ୍ଲା ମହିଳା କଂଗ୍ରେସ ସଭାପତି ଜିନତ ପ୍ରିୟଦର୍ଶିନୀ ରାଉତ, ଜିଲ୍ଲା କିଷାନ କଂଗ୍ରେସ ସଭାପତି ନାରାୟଣ ପରିଡା, ପୂର୍ବତନ ସରପଞ୍ଚ ପ୍ରଭାତ କୁମାର ଉଠାଣସିଂହ, ଜୋନ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଜେନା, ଜିଲ୍ଲା କଂଗ୍ରେସ ଉପସଭାପତି ସମରେନ୍ଦ୍ର ପୃଷ୍ଟି, ହିମାଂଶୁ ବେହେରା, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଆଶୀଷ ମେକାପ, ମୀର ମୁଶୀର, ଅଭିଷେକ ବିଶ୍ୱାଳ, କଂଗ୍ରେସ ଜୋନ ସଭାପତି ପୀତବାସ ବେହେରା, ଜ୍ୟୋତିରଂଜନ ପ୍ରଧାନ, ଅଜୟ ପ୍ରଧାନ, ଜିଲ୍ଲା ଓବିସି କଂଗ୍ରେସ ସଭାପତି ଲକ୍ଷ୍ମୀଧର ପଲାଇ, ସରପଞ୍ଚ ସୁଭାନି ସାହୁ, ଚିତ୍ତରଂଜନ ଜେନା, ଅନନ୍ତ କୁମାର ମଲ୍ଲିକ, ସମିତିସଭ୍ୟ ଚନ୍ଦ୍ରମଣି ବେହେରା, ଶିବଶେଖର ସାହାଣୀ, କଂଗ୍ରେସ ନେତା ସନ୍ତୋଷ ପାଣିଗ୍ରାହୀ, ମହମ୍ମଦ ଅମୀର, କଳାକାର ମଲ୍ଲିକ, ବସନ୍ତ ରାଉତ, ରୁଦ୍ର ନାରାୟଣ ଦାସ, ଧନେଶ୍ୱର ପ୍ରଧାନ, ବୈକୁଣ୍ଠ ନାଥ ସେନାପତି, ଏକାଦଶୀ ମଲ୍ଲିକ, ଗଦାଧର ମଲ୍ଲିକ, ଏସ୍ ଚନ୍ଦ୍ର ବିଶ୍ୱାଳ, ଦୀପକ କୁମାର ମଲ୍ଲିକ, ହୃଦାନନ୍ଦ ନାୟକ, ଆନନ୍ଦ ପ୍ରସାଦ ଦାସ, ବାବାଜୀ ମଲ୍ଲିକ ଓ ବସନ୍ତ ଦାସଙ୍କ ସହ ଶତାଧିକ କଂଗ୍ରେସ କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ। ଶେଷରେ ବିଜେଡି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

### ନବୀନ ନିବାସରେ...

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟ, ନୀତି, ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ବିଜେଡିରେ ସାମିଲ ହୋଇଛନ୍ତି। ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ତରଫରୁ ମୁଁ ତାଙ୍କୁ ଦଳରେ ସ୍ୱାଗତ କରୁଛି ଓ ତାଙ୍କର ଯୋଗଦାନ ଦଳ ପାଇଁ ଉପଯୋଗୀ ହେବ ବୋଲି ଶ୍ରୀ ମଙ୍ଗରାଜ କହିଛନ୍ତି।

ଏହି ଅବସରରେ ଡ଼ ସାମନ୍ତସିଂହାର କହିଛନ୍ତି ଯେ ଗତ ୧୦ ବର୍ଷ ଧରି ମୁଁ ରାଜ୍ୟ ବିଜେପିରେ ପୂର୍ଣ୍ଣ ନିଷ୍ଠାର ସହ କାମ କରିଛି; କିନ୍ତୁ ପ୍ରତିବଦ୍ଧତାର ସହ କାମ କରିବା ସତ୍ତ୍ୱେ ବି ମୁଁ ବିଜେପି ନେତୃତ୍ୱଙ୍କ ଆସ୍ଥାଭାଜନ ହୋଇପାରିଲି ନାହିଁ। ବିଜେପିରେ ରହି ଓଡ଼ିଶାବାସୀଙ୍କ ସେବା କରିବା ସମ୍ଭବ ନୁହେଁ। ସେଥିପାଇଁ ମୁଁ ବିଜେପିରୁ ଇସ୍ତଫା ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ ଯାତ୍ରାରେ ସାମିଲ ହେବା ପାଇଁ ନିଷ୍ପତ୍ତି ନେଇଛି। ପରିବର୍ତ୍ତନ ପାଇଁ ଆଗକୁ ବଢ଼ିବାକୁ ହେବ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟଧାରା ମୋତେ ସର୍ବଦା ପ୍ରଭାବିତ କରିଥିଲା। ରାଜ୍ୟରେ ଚାଲିଥିବା ଅଭୂତପୂର୍ବ ୫-ଟି ରୂପାନ୍ତରଣରେ ଅନୁପ୍ରାଣିତ ହୋଇ ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ସାମିଲ ହୋଇଛି। ଓଡ଼ିଶାର ଅସ୍ମିତା ପାଇଁ, ଓଡ଼ିଆ ଜାତିକୁ ବିଶ୍ୱ ଦରବାରରେ ସ୍ୱତନ୍ତ୍ର ପରିଚୟ ଦେବା ପାଇଁ ମୁଖ୍ୟମନ୍ତ୍ରୀ ଯେପରି ଅହରହ ପରିଶ୍ରମ କରୁଛନ୍ତି ସେଥିରେ ମୁଁ ଗୁଣ୍ଡୁଚି ମୂଷା ଭଳି ଦାୟିତ୍ୱ ନିର୍ବାହ କରିବାକୁ ଚାହୁଁଛି। ଦଳ ମୋତେ ଯେଉଁ ଦାୟିତ୍ୱ ଦେବ ତାହା ନିଷ୍ଠାର ସହ ପାଳନ କରିବା ଲାଗି ପ୍ରତିଶ୍ରୁତିବଦ୍ଧ। ଓଡ଼ିଶାବାସୀଙ୍କ ସେବା ପାଇଁ ବିଜୁ ଜନତା ଦଳ ମୋତେ ସୁଯୋଗ ଦେବା ମୋ ପାଇଁ ଗର୍ବର ବିଷୟ। ମୁଖ୍ୟମନ୍ତ୍ରୀଙ୍କ ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା ଗଠନରେ ମୁଁ ଦାୟିତ୍ୱ ସମ୍ପାଦନ କରିବାରେ ଅବହେଳା କରିବି ନାହିଁ । ମୋତେ ଖୋଲା ହୃଦୟରେ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍, ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ କୃତଜ୍ଞତା ଜ୍ଞାପନ କରୁଛି।

ଏହି ଅବସରରେ ରାଜ୍ୟସଭା ସାଂସଦ ଡ଼ ପାତ୍ର ଓ ପୂର୍ବତନ ସାଂସଦ ରବୀନ୍ଦ୍ର ଜେନା କହିଥିଲେ ଯେ ଡ଼ ସାମନ୍ତସିଂହାଙ୍କ ପରି ଜଣେ ଆଗଧାଡ଼ିର ନେତ୍ରୀ ନବୀନ ଓଡ଼ିଶା, ସଶକ୍ତ ଓଡ଼ିଶା ଗଠନରେ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ। ତାଙ୍କର ଅଭିଜ୍ଞତା ବିଜେଡିର ସଂଗଠନକୁ ସୁଦୃଢ଼ କରିବାରେ ସହାୟକ ହେବ । କାର୍ଯ୍ୟକ୍ରମ ଶେଷରେ ବିଜେଡି ମୁଖପାତ୍ର ଡ଼ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

### 'ବର୍ଜ୍ୟ' ଗୋଟାଉଛି...

ଦାବି କରିଛନ୍ତି। କେବଳ ସେତିକି ନୁହେଁ; ମହାକାଳପଡ଼ା ଆସନରେ ଟିକଟକୁ ନେଇ ସାଂସଦ ପ୍ରାର୍ଥୀ ବୈଜୟନ୍ତ ପଣ୍ଡା, ଖୋର୍ଦ୍ଧା ଓ ଜୟଦେବ ଆସନକୁ ନେଇ ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ବିରୋଧରେ 'ଡିଲ' ଅଭିଯୋଗ ଆଣିଛନ୍ତି ଦଳୀୟ କର୍ମୀ। ଟିକଟ ବଣ୍ଟନରେ ପାତରଅନ୍ତର, ପ୍ରିୟାପ୍ରୀତି ତୋଷଣ ଅଭିଯୋଗ କରିଛନ୍ତି। ଏପରିକି ଗତ ୧୦ ବର୍ଷ ହେଲା ସଙ୍ଗଠନ ସମ୍ଭାଳିଥିବା ନେତାମାନେ ଟିକଟ ନ ମିଳିଲେ ସ୍ୱାଧୀନ ପ୍ରାର୍ଥୀ ହେବାକୁ ଚେତାବନୀ ମଧ୍ୟ ଦେଇଛନ୍ତି ।

ଏକ ପକ୍ଷରେ କର୍ମୀଙ୍କ ଅସନ୍ତୋଷ ଚରମ ସ୍ଥିତିରେ ପହଞ୍ଚିଥିବାବେଳେ ଦଳୀୟ ନେତାମାନଙ୍କ ଅସନ୍ତୋଷ ବିଦ୍ରୋହର ରୂପ ନେଇଛି । ରାଜ୍ୟ ବିଜେପିର ବହୁ ଟାଣୁଆ ନେତା ଜଣକ ପରେ ଜଣେ ଦଳରୁ ଇସ୍ତଫା ଦେବାର ଧାରା ଅଟକିବାର ନାଁ ଧରୁନାହିଁ । ବିଜେପି ଛାଡ଼ି ଏହି ନେତାମାନେ ବିଜେଡିରେ ଯୋଗ ଦେଉଛନ୍ତି । ଦଳ ତ୍ୟାଗ ସମୟରେ ପ୍ରାୟ ସମସ୍ତ ନେତା ରାଜ୍ୟ ବିଜେପି ନେତୃତ୍ୱର ଅପାରଗତା, ଦଳୀୟ ନେତାଙ୍କୁ ଉପେକ୍ଷା ଓ ଦଳରେ ମହିଳାଙ୍କୁ ଅସମ୍ମାନ ପ୍ରସଙ୍ଗ ଉଠାଇଛନ୍ତି । ଦଳର ଦୁଇ ରାଜ୍ୟ ଉପସଭାପତି ତଥା ଫାୟାରବ୍ରାଣ୍ଡ ନେତା ଭୃଗୁ ବକ୍ସିପାତ୍ର ଓ ଲେଖାଶ୍ରୀ ସାମନ୍ତସିଂହାର ବିଜେପିକୁ ବାୟବାୟ କହିଛନ୍ତି । ନୟାଗଡ଼ର ଟାଣୁଆ ନେତ୍ରୀ ତଥା ଗତ ବିଧାନସଭାରେ ପ୍ରାର୍ଥୀ ଇରାନୀ ରାୟ, ଦଳର ମୁଖପାତ୍ର ସୋନାଲି ସାହୁ, କଟକ ଜିଲ୍ଲା ସଭାପତି ପ୍ରକାଶ ବେହେରା, ନୀଳଗିରି ବିଧାୟକ ସୁକାନ୍ତ ନାୟକ, ବରଗଡ଼ ଜିଲ୍ଲା ଉପସଭାପତି ସୁଶାନ୍ତ ମିଶ୍ର, ଦୁଇ ଅଭିଜ୍ଞ ତଥା ବରିଷ୍ଠ ନେତା ବସ୍ତାର ପୂର୍ବତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଓ ଅବିଭକ୍ତ ଢେଙ୍କାନାଳ ଜିଲ୍ଲାର ବରିଷ୍ଠ ନେତା ତଥା ପୂର୍ବତନ ମୁଖ୍ୟ ସଚେତକ ରବି ପାଣି ବିଜେପି ପରିତ୍ୟାଗ କରିଛନ୍ତି । ଦଳରେ ସୃଷ୍ଟି ହୋଇଥିବା ଏହି ସ୍ଥିତି ରାଜ୍ୟ ନେତୃତ୍ୱକୁ ପ୍ରାୟତଃ ମୂକ କରି ଦେଇଛି । ରାଜ୍ୟ ସଭାପତିଙ୍କଠାରୁ ଆରମ୍ଭ କରି ତଥାକଥିତ ବଡ଼ ନେତାମାନେ ଯଥାସମ୍ଭବ ନିରବ ରହିବାକୁ ଉଦ୍ୟମ କରୁଛନ୍ତି। ରାଜ୍ୟର ପ୍ରାୟ ସମସ୍ତ ଅଞ୍ଚଳରେ ଟିକଟକୁ ନେଇ କର୍ମୀଙ୍କ ଉଗ୍ରରୂପକୁ ସାମ୍ନା କରିବାକୁ ଦଳୀୟ ନେତା ସାହସ କରିପାରୁ ନାହାନ୍ତି । କାର୍ଯ୍ୟାଳୟରେ ବଡ଼ ନେତାମାନଙ୍କର ଦେଖା ମିଳୁନାହିଁ । ଏହି ପରିପ୍ରେକ୍ଷୀରେ ଆଗାମୀ ଦିନରେ ଅଧିକ ସଂଖ୍ୟକ ଟିକଟ ଆଶାୟୀ ଓ ବିଦ୍ରୋହୀସ୍ୱାଧୀନ ଲଢ଼ିବାକୁ ସଜବାଜ ହେବା ରାଜ୍ୟ ନେତୃତ୍ୱଙ୍କ ପାଇଁ ମୁଣ୍ଡବିନ୍ଧା କାରଣ ପାଲଟିଛି ।


**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.

**Ph.: 9437015112**

**AFFIDAVIT**

I,RENUKA BARIK D/O - kunti Barik Residing At/po - kesinga word no 11 (Budhadangar pada) Kalahandi 766012 Odisha have changed my name to REBATI BARIK vide affidavite dated.28/3/2024 Before the executive magistrate, kesinga dist - Kalahandi Odisha,Henceforth I shall be known as **REBATI BARIK** For all purposes.

**AFFIDAVIT**

By virtue of an affidavit sworn before the Executive Magistrate, Puri. dated 20.03.2024 I Ajaya Barik, S/o- Nakul Barik, Vill- Chamarkera, Po- Basudevpur, Ps/Puri- Sadar, Dist.- Puri, Odisha declare that I have changed my surname from Kalu Barik to Ajaya Barik. Henceforth I shall be known as Ajaya Barik for all purposes.

**Sd/- Ajaya Barik**

इसरो isro

भारत सरकार - अंतरिक्ष विभाग / GOVERNMENT OF INDIA - DEPARTMENT OF SPACE
निर्माण एवं अनुरक्षण समूह, एसडीएससी-शार / CONSTRUCTION AND MAINTENANCE GROUP, SDSC-SHAR
श्रीहरिकोटा / नेल्लूर (जिला), आं.प्र. / SRIHARIKOTA - 524124

**संक्षिप्त ई–निविदा सूचना / Brief E-TENDER NOTICE**

ई–निविदा सूचना सं. / e- Tender Notice No.CMG/C/CON248701 — तिथि/ Date. 03.04.2024

भारत के राष्ट्रपति की ओर से "चांदीपुर, उड़ीसा में पर्यावरणीय एवं अंतरिक्ष विज्ञान अनुसंधान सुविधा (ए एस आर एफ) का निर्माण–सिविल एवं जन स्वास्थ्य कार्य।" (₹566 लाख), के लिए ई–निविदा के माध्यम से मद दर निविदाएं आमंत्रित की जाती हैं।निविदा दस्तावेज 22.04.2024 को 14:30 बजे तक डाउनलोड किए जा सकते हैं। विस्तृत सूचना हेतु इच्छुक निविदाकार हमारी वेबसाइट www.isro.gov.in या www.tenderwizard.com/ISRO पर जाएं।

On behalf of President of India, Item Rate tenders are invited through e-tendering for **"Construction of Atmospheric & Space Science Research Facility (ASRF) Building at Chandipur, Odisha - Civil & PH works."** (₹566 Lakhs); Tender documents can be downloaded up to 22.04.2024, 14:30 hrs. Interested tenderers may visit www.isro.gov.in or www.tenderwizard.com/ISRO for details.

हस्ताक्षरित- समूह प्रधान, सीएमजी / एसडीएससी शार / Sd/- GROUP HEAD, CMG / SDSC SHAR

# ଘୁନଘୁଟିପଡ଼ା ବିସ୍ଥାପିତଙ୍କୁ ଭେଟିଲେ ପ୍ରଣବ ପ୍ରକାଶ

**ସମ୍ବଲପୁର, ୭।୪(ସମିସ)**

ସମ୍ବଲପୁର ଜିଲ୍ଲାପାଳ ଅଫିସ ସମ୍ମୁଖରେ ଆନ୍ଦୋଳନରତ ଘୁନଘୁଟିପଡ଼ା ବାସିନ୍ଦାଙ୍କୁ ଆଜି ସନ୍ଧ୍ୟାରେ ରାଜ୍ୟ ସାଂଗଠନିକ ସମ୍ପାଦକ ତଥା ସମ୍ବଲପୁର ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଭେଟି ଆଲୋଚନା କରିଥିଲେ। ସେମାନଙ୍କ ଦୁଃଖ ବୁଝିଥିଲେ। ଆନ୍ଦୋଳନକାରୀମାନଙ୍କ ସହ ଘଟିଥିବା ଘଟଣା ଓ କଟିଯାଇଥିବା ଦୁଃଖଦ ସମୟ ବଖାଣିଥିଲେ। ସମସ୍ତ କଥା ଶୁଣି ବିଧାୟକ ବବି ସମସ୍ତ ସୁବିଧା ହୋଇଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବହୁତ ଦିନ ଧରି ପିଲାଛୁଆଙ୍କୁ ଧରି ଆନ୍ଦୋଳନ କରୁଛନ୍ତି। ଏବେ ନିର୍ବାଚନ ଚାଲିଥିବାରୁ କୌଣସି ନୂତନ କାମ ହୋଇପାରିବ ନାହିଁ। ଆପଣମାନେ କିଛି ସମୟ ଦିଅନ୍ତୁ। ନିର୍ବାଚନ ପରେ ସବୁ ସୁବିଧା ହୋଇଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାସହ ଆପଣମାନେ ଦେଇଥିବା ଅଭିଯୋଗ ପତ୍ରକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜେ ଗୁରୁତର ସହ ନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି ବୋଲି କହିଥିଲେ। ହେଲେ ଆନ୍ଦୋଳନକାରୀମାନେ ଆନ୍ଦୋଳନରୁ ଓହରି ନଥିଲେ। ଆସନ୍ତାକାଲି ସାଧାରଣ ବୈଠକ ପରେ ନିଷ୍ପତ୍ତି ନିଆଯିବ ବୋଲି ସେମାନେ କହିଥିଲେ।

ସୂଚନାଯୋଗ୍ୟ, ସମଲେଇ ପ୍ରକଳ୍ପରେ ବିସ୍ଥାପିତ ଘୁନଘୁଟିପଡ଼ାବାସୀଙ୍କ ସମସ୍ୟା ଲାଗିରହିଛି। କ୍ଷତିପୂରଣ ଓ ବିସ୍ଥାପିତ ନିୟମ ଅନୁସାରେ କେତେକ ପରିବାରକୁ ବାଦ୍ ଦିଆଯାଇଥିବାରୁ ସେମାନେ ବାଧ ହୋଇ ଆନ୍ଦୋଳନମୁହାଁ ହୋଇଛନ୍ତି। ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ପ୍ରାୟ ୮୯ଦିନର ଆନ୍ଦୋଳନ ପରେ ସମସ୍ୟାର ସମାଧାନ ନ ହେବାରୁ ସେମାନେ ଶେଷରେ ଜିଲ୍ଲାପାଳଙ୍କ ଅଫିସ୍ ପରିସରକୁ ପଶି ଆନ୍ଦୋଳନରେ ବସିଛନ୍ତି। ପିଲାଛୁଆମାନଙ୍କୁ ନେଇ ମହିଳା ଓ ପୁରୁଷମାନେ ଦିନରାତି ଆନ୍ଦୋଳନ କରିଆସୁଛନ୍ତି। ପ୍ରଶାସନିକ ସ୍ତରରେ ଅନେକ ଥର ଆଲୋଚନା କରାଯାଇଛି ହେଲେ ସଫଳ ହୋଇପାରି ନାହିଁ। ସେମାନଙ୍କ ଅଭିଯୋଗ ଅନୁସାରେ, ସମଲେଇ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ହୋଇଥିବା ୨୪୪ପରିବାରକୁ ସରକାରୀ ନିୟମ ଅନୁସାରେ ଧାର୍ଯ୍ୟ କ୍ଷତିପୂରଣ ସହ ୬୪୦ବର୍ଗଫୁଟ୍ ଜମି ପ୍ରଦାନ କରାଯାଇଛି। ତେବେ କ୍ଷତିପୂରଣ ପ୍ରଦାନରେ ପାତରଅନ୍ତର କରାଯାଇଛି ଏବଂ କେତେକ ପରିବାରକୁ ବାଦ୍ ଦିଆଯାଇଥିବା ଅଭିଯୋଗରେ ଜାନୁଆରୀ ୧୦ତାରିଖରୁ ସେମାନେ ଆନ୍ଦୋଳନ କରିଆସୁଛନ୍ତି। ୧୦ଲକ୍ଷ ଟଙ୍କା କ୍ଷତିପୂରଣ, ମାସିକ ୧୨ହଜାର ଟଙ୍କା ପ୍ରଦାନ, ଘର ସାମଗ୍ରୀ ପରିବହନ ବାବଦକୁ ୧ଲକ୍ଷ ଟଙ୍କା ପ୍ରଦାନ ଓ ଘୁନଘୁଟିପଡ଼ାର ବାଦ୍ ପଡ଼ିଥିବା ୨୮ ପରିବାରକୁ କ୍ଷତିପୂରଣ ପ୍ରଦାନ କରିବାକୁ ଆନ୍ଦୋଳନକାରୀଙ୍କ ଦାବି ରହିଛି। ଦଳିତ ପରିବାରଙ୍କୁ ଗୃହ ନିର୍ମାଣ ସହାୟତା ରାଶି ୩ଲକ୍ଷ ଦିଆଯାଇଥିବା ବେଳେ ଅନ୍ୟମାନଙ୍କୁ ୨୦ଲକ୍ଷ ଟଙ୍କା ଦିଆଯାଇଛି। ପୁଣି ଦଳିତ ପରିବାରକୁ ସାମଗ୍ରୀ ନେବାଆଣିବା ନିମନ୍ତେ ପରିବହନ ଖର୍ଚ୍ଚ ୧୦ହଜାର ଟଙ୍କା ଦିଆଯାଇଥିବା ବେଳେ ଅନ୍ୟମାନଙ୍କୁ ୧ ଲକ୍ଷ ଟଙ୍କା ଦିଆଯାଇ ପାତରଅନ୍ତର କରାଯାଇଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ସେହିପରି କେତେକ ପରିବାରକୁ ୬ମାସର ଘରଭଡ଼ା ବାବଦକୁ ମାତ୍ର ୧୫ହଜାର ଓ ଅନ୍ୟମାନଙ୍କୁ ୧ଲକ୍ଷ ୪୪ ହଜାର ଟଙ୍କା ଦିଆଯାଇଛି। ଥଇଥାନ ବେଳେ କେତେକଙ୍କୁ ୬୪୦ବର୍ଗଫୁଟ୍ ଓ ଅନ୍ୟ କେତେକଙ୍କୁ ୧୨୦୦ବର୍ଗଫୁଟ୍ ଯୋଗାଇ ଦିଆଯାଇଛି। ଏପରି ପାତରଅନ୍ତର ଅଭିଯୋଗରେ ଘୁନଘୁଟିପଡ଼ାବାସୀ ଆନ୍ଦୋଳନ ଜାରି ରଖିଛନ୍ତି। ନେତାଙ୍କ ଠାରୁ ଅଧିକାରୀ ପର୍ଯ୍ୟନ୍ତ ଭେଟି ଦାବି ପୂରଣ ନେଇ ପ୍ରତିଶ୍ରୁତି ଦେଇସାରିଛନ୍ତି। ହେଲେ ଦୁଇମାସରୁ ଅଧିକ ସମୟ ବିତିବା ପରେ ମଧ ସେମାନଙ୍କ ଦାବି ପୂରଣ ହୋଇପାରି ନାହିଁ।



**ସମାଧାନର ପ୍ରତିଶ୍ରୁତି, ଆନ୍ଦୋଳନକାରୀ ନେବେ ନିଷ୍ପତ୍ତି**

## ବବିଙ୍କ ବିଜୟ ପାଇଁ ଦୀପ ପ୍ରଜ୍ୱଳନ



**ସମ୍ବଲପୁର, ୭।୪(ସମିସ):** ବିଜୁ ମହିଳା ଜନତା ଦଳ ଓ ସମ୍ବଲପୁର ମହାନଗର ସ୍ୱୟଂ ସହାୟିକା ଗୋଷ୍ଠୀ ସମନ୍ୱୟ ସମିତି ପକ୍ଷରୁ ମହିଳା ନେତ୍ରୀ ଓ ସାଙ୍ଗଠିକା ମାନେ ଏକତ୍ରିତ ହୋଇ ମାଁ ସମଲେଶ୍ୱରୀଙ୍କ ନିକଟରେ ପୂଜାଅର୍ଚ୍ଚନା କରିଛନ୍ତି। ଆଗାମୀ ସାଧାରଣ ନିର୍ବାଚନରେ ଓଡ଼ିଶାର ସର୍ବପ୍ରିୟ ନେତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିବା ବିଜୁ ଜନତା ଦଳ ତରଫରୁ ସମ୍ବଲପୁର ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସଙ୍କ ବିପୁଳ ବିଜୟ ମହିଳାମାନେ ଦ୍ୱୀପ ଜାଳିଥିଲେ। ସମ୍ବଲପୁର ମହାନଗର ସ୍ୱୟଂ ସହାୟିକା ଗୋଷ୍ଠି ସମନ୍ୱୟ ସମିତିର ସଭାନେତ୍ରୀ ସବିତା ପଣ୍ଡାଙ୍କ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହିଳା ବିଜେଡି ରାଜ୍ୟ ସମ୍ପାଦିକା ମିତାଲି ସାହୁ, ମହିଳା ବିଜେଡି ଜିଲ୍ଲା ଉପସଭାନେତ୍ରୀ ସୁବର୍ଣ୍ଣମୟୀ ନାୟକ, ରାଖୀ ମୁଣ୍ଡା, ବୀଣାପାଣି ଦାଶ, ପ୍ରତିମା ସାହୁ, ସୌଭାଗିନୀ ସାହୁ, ସନ୍ତୋଷିନୀ ମୁଣ୍ଡା, ନୀଳିମା ଭୋଇ, ଜୁଲି ମହାପାତ୍ର, କଳ୍ପନା ସରାଫ, ପୁଷ୍ପା ବରାଡ଼, ରଞ୍ଜିତା ବରାଡ଼, ସବିତା ବେହେରା, କବିତା ଦାସ, ବି.ମିନାକ୍ଷୀ, ବି.ତୁଳସୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ବରିଷ୍ଠ ବିଜେଡି ନେତା, ପୂର୍ବତନ ସମ୍ବଲପୁର ଜିଲ୍ଲା ବିଜେଡି ସଭାପତି ସିଦ୍ଧାର୍ଥ ଦାସଙ୍କ ନେତୃତ୍ୱ ନେଇଥିଲେ।

## ଶ୍ରୀମଦ୍ ଭାଗବତ କଥାମୃତ ମହୋତ୍ସବ ଉଦ୍ଯାପିତ



**ପାଇକମାଲ, ୭।୪(ସମିସ):** ପାଇକମାଲ ନୃସିଂହନାଥ ଧର୍ମଶାଳାରେ ସାତ ଦିନ ଧରି ଚାଲିଥିବା ଶ୍ରୀମଦଭାଗବତ କଥା ଅମୃତ ମହୋତ୍ସବ ଉଦ୍ଯାପିତ ହୋଇଯାଇଛି। ଏଥିରେ କଥା ପ୍ରବଚକ ଭାବରେ ବୃନ୍ଦାବନରୁ ମହାମଣ୍ଡଳେଶ୍ୱର ମହନ୍ତ ସଚ୍ଚିଦାନନ୍ଦ ଶାସ୍ତ୍ରୀ ଜି ମହାରାଜ ଆସି ସାତ ଦିନ ଯାକ ଭାଗବତ ପୂରାଣ କଥା ଅତିସୁନ୍ଦର ଭାବରେ ପରିବେଷଣ କରିଥିଲେ। ସାତଦିନ ପ୍ରତି ସନ୍ଧ୍ୟା ୫ଟା ରୁ ୮ଟା ଯାଏଁ ଭାଗବତ କଥା ହେଉ ଥିବା ବେଳେ ରାତ୍ର ୮ଟାରେ ଅନ୍ନ ଭୋଗ ହଜାର ହଜାର ଶ୍ରୋତାମାନଙ୍କୁ ବଣ୍ଟନ କରାଯାଇ ଥିଲା। ରାମକୁମାର ଗୁପ୍ତା, ପତ୍ନୀ ବିମଳା ଦେବୀ, କରିଥିବା ବେଳେ ଚମ୍ପାଲାଲ ଗୁପ୍ତା, ପତ୍ନୀ ପାୟଲ ଦେବୀ, ଅନିଲଗୁପ୍ତା, ପତ୍ନୀ ସୋନୀ ଦେବୀ, ମୁକେଶ ଗୁପ୍ତା, ପତ୍ନୀ ରାନୀ ଦେବୀ ଓ ନୀତେଶ ଗୁପ୍ତା, ତାଙ୍କର ପତ୍ନୀ ପୁଜା ଦେବୀ ଚାରି ଯୋଡି ସପତ୍ନୀକ କର୍ତ୍ତା ଭାବରେ ଯୋଗଦାନ କରି ନିଜର କର୍ତ୍ତବ୍ୟ ନିଭାଇ ଥିଲେ। ପଣ୍ଡିତ ଆକାଶ ପାଠକ, ବଳରାମ ଶାସ୍ତ୍ରୀ, ହରିଚରଣ ଦାଶ ଏବଂ ପ୍ରେମାନନ୍ଦ ଦେବତା ସବୁଦିନ ପୁଜା ପାଠ ସହ ରବିବାର ୧୨ଟାରେ ଯଜ୍ଞ ପୂର୍ଣ୍ଣାହୁତି କରି ଥିଲେ। ଅପରାହ୍ନରେ ଏନେଇ ଏକସଭା ଚମ୍ପାଲାଲ ଗୁପ୍ତାଙ୍କ ନେତୃତ୍ୱ ରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସବିତା ଜିନ୍ଦଲ, ଅଶୋକ ଅଗ୍ରୱାଲ, ବିଷ୍ଣୁ ଅଗ୍ରୱାଲ, ଜଗଦୀଶ ଅଗ୍ରୱାଲ, ଅନିଲ ଅଗ୍ରୱାଲ ( ଲାଲା ) ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ।

## କୁଲ୍‌ତା ସମାଜର ବାର୍ଷିକ ସଭା

**ଝାରସୁଗୁଡ଼ା, ୭।୪(ସମିସ):** ଝାରସୁଗୁଡ଼ା ଜିଲ୍ଲା ଅନ୍ତର୍ଗତ ହଂସାମୁରା କଟାପାଲି ଗ୍ରାମରେ କୁଲତା ସମାଜର ବାର୍ଷିକ ସଭା ଅନୁଷ୍ଠିତ ହୋଇଯାଇଛି। କୁଲତା ସମାଜର ଇଷ୍ଟ ଦେବୀ ଶ୍ରୀ ରଣେଶ୍ୱର ରାମଚଣ୍ଡୀଙ୍କ ପାରମ୍ପରିକ ପୂଜାକୁ ପୂଜକ ସଦାନନ୍ଦ ପ୍ରଧାନ ଓ ରତ୍ନାକର ପ୍ରଧାନ କରିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସମାଜର ବୟୋଜ୍ୟେଷ ବ୍ୟକ୍ତି ଶାନ୍ତି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି କୈଳାସ ବଡ଼େଇ ସମାଜର ଏକତା ଓ ସଂହତି ରକ୍ଷା ଉପରେ ଗୁରୁତ୍ୱ ଦେଇ ହଂସା ମୁରାକଟାପାଲି ଗ୍ରାମର ସମସ୍ତ କୁଲତା ପରିବାର ଆଗାମୀ ଦିନରେ ଏକତାବଦ୍ଧ ଭାବରେ ଚଳି ସମାଜର ସର୍ବାଙ୍ଗୀନ ବିକାଶ ଦିଗରେ କାର୍ଯ୍ୟ କରିବାକୁ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଝାରସୁଗୁଡା ଜିଲ୍ଲାର କୁଲତା ସମାଜର ଯୁବ ସଂଗଠକ ପ୍ରଦୀପ ପ୍ରଧାନ ସ୍ୱାଗତ ଭାଷଣ ଦେବା ସହ ମଞ୍ଚ ସଞ୍ଚାଳନ କରିଥିଲେ। ଶେଷରେ କ୍ଷିତେଶ୍ୱର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହିସଭାକୁ ସଫଳ କରିବାରେ ସର୍ବଶ୍ରୀ ପ୍ରଦୀପ ଭୋଇ, ଉଦନ୍ତ ସାହୁ, ଅକ୍ଷୟ ପ୍ରଧାନ, ବ୍ରଜମୋହନ ପ୍ରଧାନ ବେଣୁଧର ଭୋଇ ସହଯୋଗ କରିଥିଲେ।



## ଖଣ୍ଡହତା ପ୍ରିମିୟର ଲିଗ୍ କ୍ରିକେଟ
## ଗ୍ରୀନ ଗ୍ୟାଲେକ୍ସି ଟିମ୍ ଚାମ୍ପିଅନ

**ବରଗଡ଼, ୭।୪ (ସମିସ):** ବରଗଡ଼ ସଦର ବ୍ଲକ ଖଣ୍ଡହତା ପୁରୁଷୋତ୍ତମ ଖେଳ ପଡ଼ିଆଠାରେ ଖଣ୍ଡହତା ପ୍ରିମିୟର ଲିଗ୍ କ୍ରିକେଟ ପ୍ରତିଯୋଗିତାର ଫାଇନାଲ ମୁକାବିଲା ରବିବାର ଅନୁଷ୍ଠିତ ହୋଇଯାଇଛି। ତିନି ଦିନ ଧରି ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଲାୟନ୍ସ ଷ୍ଟାର, ପାୱାର ହିଟର, ଗ୍ରୀନ ଗେଲେକ୍ସି ଖଣ୍ଡହତା ୱାରିଆର ପ୍ରମୁଖ ଚାରୋଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳରେ ପାୱାର ହିଟର ଦଳକୁ ଗ୍ରୀନ ଗେଲେକ୍ସି ୧୩ ରନରେ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ବରଗଡ଼ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଚାମ୍ପିଅନ ଦଳକୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଡଗାଁ କୃଷିସେବା ସମବାୟ ସମିତି ଅଧ୍ୟକ୍ଷ ଅଶ୍ୱିନୀ ତ୍ରିପାଠୀ ଓ ପୂର୍ବତନ ସରପଞ୍ଚ କ୍ଷୀରୋଦ୍ର ସାହୁ ଯୋଗ ଦେଇ ଉପ ବିଜେତା ଦଳକୁ ପୁରସ୍କୃତ କରିଥିଲେ।

## ଡେରାପଥର ଗ୍ରାମରେ କଂଗ୍ରେସର ନିର୍ବାଚନୀ ବୈଠକ

**ଦେବଗଡ଼, ୭।୪ (ସମିସ):** ବାରକୋଟ ବ୍ଲକ ରାଇତାବାହାଲ ପଞ୍ଚାୟତ ଡେରାପଥର ଗ୍ରାମରେ କଂଗ୍ରେସ ପକ୍ଷରୁ ଏକ ନିର୍ବାଚନୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ସେମ୍ ହେମ୍ବ୍ରମଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିର୍ବାଚନ ପୂର୍ବରୁ ଦଳକୁ ଅଧିକ ସୁସଂଗଠିତ କରିବା ପାଇଁ ଉପସ୍ଥିତ କର୍ମୀମାନଙ୍କୁ ଆହ୍ୱାନ କରିଥିଲେ। ଅଲେଖ ନାୟକ, ଦେବେନ୍ଦ୍ର ଗଡ଼ନାୟକ, ରମେଶ ପାତ୍ର, ନାଥକୃଷ୍ଣ ଜାଲ, ଶ୍ରୀତମ ସାହୁ, କୁନା କୁମୁରା, ଚିତ୍ରସେନ ଦେହୁରୀ, ସୁବାସ ଚନ୍ଦ୍ର ଦେହୁରୀ, ଯଦୁମଣି ଦେହୁରୀଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ଚବିଶ ପ୍ରହର ନାମଯଜ୍ଞ ଉଦ୍ଯାପିତ



**ବ୍ରଜରାଜନଗର, ୭।୪(ସମିସ):** ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ଲୋଇସିଙ୍ଗ ଗ୍ରାମପଞ୍ଚାୟତ ବାରଖଣ୍ଡିଆ ଗ୍ରାମରେ ବୁଧବାର ଠାରୁ ଆରମ୍ଭ ହୋଇଥିବା ଶ୍ରୀଚବିଶ ପ୍ରହର ଅଖଣ୍ଡ ଅହୋରାତ୍ର ନାମଯଜ୍ଞ ରବିବାର ନଗର ଭ୍ରମଣ, ଦଧିଭଞ୍ଜନ ସହ ମହାସମାରୋହରେ ଉଦଯାପିତ ହୋଇଯାଇଛି। ନାମଯଜ୍ଞ ପାଇଁ ବୁଧବାର ୧୫୧ କଳସ ଶୋଭାଯାତ୍ରା ପରେ ଅଧିବାସ ସହିତ ଅଖଣ୍ଡ ନାମଯଜ୍ଞ ଶୁଭାରମ୍ଭ କରାଯାଇଥିଲା। ଗୁରୁବାର, ଶୁକ୍ରବାର ଓ ଶନିବାର ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ନାମଗୁଞ୍ଜନ କରାଯାଇଥିବା ବେଳେ ବୁଧବାର ପୂର୍ଣ୍ଣାହୁତି, ନଗର ଭ୍ରମଣ, ଦଧିଭଞ୍ଜନ ପରେ ନାମଯଜ୍ଞର ସମାପ୍ତ ହୋଇଥିଲା। ବାରଖଣ୍ଡିଆ ଗ୍ରାମରେ ଅନୁଷ୍ଠିତ ହୋଇଥିବା ଏହି ନାମଯଜ୍ଞରେ ଚତୁର୍ଭୁଜ ରାଉତ ସପତ୍ନୀକ କର୍ତ୍ତାକାର୍ଯ୍ୟ ସମ୍ପାଦନ କରିଥିବା ବେଳେ ସହଦେବ ମିଶ୍ର ପୂଜକ ଭାବରେ ଯୋଗଦେଇ ପୂଜାର୍ଚ୍ଚନା କରିଥିଲେ। ଅନୁଷ୍ଠିତ ଏହି ନାମଯଜ୍ଞର ବିଭିନ୍ନ ସଂକୀର୍ତ୍ତନମଣ୍ଡଳୀଙ୍କ ଦ୍ୱାରା ନଗର ଭ୍ରମଣ କରାଯାଇଥିବା ବେଳେ ନାମଯଜ୍ଞର ପୂର୍ଣ୍ଣାହୁତି, ନଗରଭ୍ରମଣ ଓ ଦଧିଭଞ୍ଜନରେ ଆଖପାଖ ଅଞ୍ଚଳର ହଜାରହଜାର ଭକ୍ତ ସାମିଲ ହୋଇ ଆଶୀର୍ବାଦ ଲାଭ କରିଥିଲା। ଆୟୋଜକ ବାରଖଣ୍ଡିଆ ଗ୍ରାମବାସୀଙ୍କ ତରଫରୁ ସମସ୍ତ ଭକ୍ତବୃନ୍ଦଙ୍କ ପାଇଁ ନାମଯଜ୍ଞ ପ୍ରାରମ୍ଭରୁ ସମାପନ ଦିବସ ପର୍ଯ୍ୟନ୍ତ ପ୍ରସାଦ ବଣ୍ଟନ କରାଯାଇଥିଲା। ୧୫୧ କଳସ ବିସର୍ଜନ ସହିତ ବାରଖଣ୍ଡିଆର ୧୬ତମ ଶ୍ରୀ ଶ୍ରୀ ଚବିଶ ପ୍ରହର ନାମଯଜ୍ଞ ଉଦ୍ଯାପିତ ହୋଇଥିଲା।

## ଭ୍ୟାନିଟ୍ ଛଡ଼ାଇ ନେଇଥିବା ଚୋର ଗିରଫ

**ଝାରସୁଗୁଡ଼ା, ୭।୪ (ସମିସ):** ଝାରସୁଗୁଡ଼ା ରେଳ ଷ୍ଟେସନର ପ୍ଲାର୍ଟଫର୍ମ ନମ୍ବର ୨ରେ ଜଣେ ମହିଳା ଯାତ୍ରୀଙ୍କ ଭ୍ୟାନିଟ୍ ବ୍ୟାଗ ଛଡ଼ାଇ ନେଇ ଫେରରା ହୋଇଯାଉଥିବା ଚୋରକୁ କାବୁକଲା ରେଳବାଇ ପୁଲିସ। ଗିରଫ ହୋଇଥିବା ବ୍ୟକ୍ତ ଜଣକ ଝାରସୁଗୁଡ଼ା ସଦର ଥାନା ଅନ୍ତର୍ଗତ କବରସ୍ଥାନପଡ଼ାର ଜୁମନ ହୁସେନ୍ (୨୯) ବୋଲି ଜଣାପଡ଼ିଛି। ଜୁମନ ମହିଳାଙ୍କ ଭ୍ୟାନିଟ୍ ଧରି ଫରୋର ହେଉଥିବାବେଳେ ରେଳବାଇ ପୁଲିସ ସନ୍ଦେହ କରି ଜୁମନକୁ କଡ଼ାକଡ଼ି ଭାବରେ ପଚରାଉଚୁରା କରିବାରୁ ସେ ଟ୍ରେନରୁ ବ୍ୟାଗ ଛିନତାଇ କରିଥିବା ସ୍ୱୀକାର କରିଥିଲା। ରେଳବାଇ ପୁଲିସ ଜୁମନ ହୁସେନକୁ ଗିରଫ କରି କୋର୍ଟଚାଲାଣ କରିଛି।



## ମାହେଶ୍ୱରୀ ନର୍ସିଂ କଲେଜରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ




**ବରଗଡ଼, ୭।୪(ସମିସ):** ମାହେଶ୍ୱରୀ ନର୍ସିଂ କଲେଜରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମାହେଶ୍ୱରୀ ନର୍ସିଂ କଲେଜ ତରଫରୁ ଏକ ସ୍ୱାସ୍ଥ୍ୟ ସଚେତନତା ରାଲି ଆୟୋଜିତ ହୋଇଥିଲା। ଏହି ରାଲିରେ ମାହେଶ୍ୱରୀ ନର୍ସିଂ କଲେଜର ନିର୍ଦ୍ଦେଶକ ଫକିର କର୍ଣ୍ଣ, ପ୍ରିନ୍ସିପାଲ ସୁନିତାରାଣୀ ବାଗ, ଡାକ୍ତର ଅରୁପାନନ୍ଦ ସାହୁଙ୍କ ସମେତ ଛାତ୍ରଛାତ୍ରୀ ତଥା ସମସ୍ତ କର୍ମଚାରୀ ସାମିଲ ହୋଇଥିଲେ। ନିଶାମଣୀ ହାଇସ୍କୁଲ ପଡ଼ିଆରୁ ଏହି ରାଲି ବାହାରି ସହର ପରିକ୍ରମା କରି ଥିବାବେଳେ ଆଜି ଦିବସର ଥିମ୍ 'ମୋ ସ୍ୱାସ୍ଥ୍ୟ ମୋ ଅଧିକାର'କୁ ନେଇ ଜନସାଧାରଣଙ୍କୁ ସଚେତନତା କରାଯାଇଥିଲା।

# ବିଜେପି ବିଧାୟକ ପ୍ରାର୍ଥୀଙ୍କୁ ତୀବ୍ର ବିରୋଧ

**ବରଗଡ଼, ୭।୪(ସମିସ)**

ବରଗଡ଼ ଜିଲ୍ଲା ପଦ୍ମପୁର ଉପଖଣ୍ଡ ବହୁଚର୍ଚ୍ଚିତ ପୁଜାରିପାଲି ଅଙ୍ଗନଦୀ ବନ୍ଧ ଯୋଜନା ସପକ୍ଷରେ ଜନମତ ନେଇ ସଂଗ୍ରାମ କରୁଥିବା ବର୍ତ୍ତମାନର ଭାରତୀୟ ଜନତା ପାର୍ଟିର ବିଧାୟକ ପ୍ରାର୍ଥୀ ଗୋବର୍ଦ୍ଧନ ଭୋଏକୁ ଉକ୍ତ ଅଞ୍ଚଳରେ ପ୍ରଚାରକୁ ତୀବ୍ର ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଛି। ଅଙ୍ଗନଦୀ ବନ୍ଧ ପ୍ରତିରୋଧ କମିଟିର ଆହ୍ୱାନ କ୍ରମେ ଲଖମରା, ଚରଦାପାଲି, ସରେଇକେଲା, ଜଗଦଳପୁର, ବାଦିକଟା ଆଦି ପଞ୍ଚାୟତର ପ୍ରାୟ ୨୮ ଖଣ୍ଡ ମୌଜାର ଏକ ବୈଠକ ଲଖମରା ଠାରେ ଅନୁଷ୍ଠିତ ହୋଇଥିଲା। ଗୋବର୍ଦ୍ଧନ ଭୋଏ ଦୀର୍ଘ ଦିନ ହେବ ଉକ୍ତ ପଞ୍ଚାୟତବାସୀଙ୍କୁ ମାନସିକସ୍ତରରେ ଆଘାତ ଦେଇଛି। ଲୋକମାନେ ନିଜର ଭିଟାମାଟି ପାଇଁ ସବୁବେଳେ ଆନ୍ଦୋଳନରେ ଲାଗି ରହୁଥିଲେ। ଅର୍ଥହାନୀ, ମାନସିକ ଚିନ୍ତା, ପାରିବାରିକ ସମସ୍ୟାରେ ଜନସାଧାରଣର ଅତିଷ୍ଠ ହୋଇଥିଲେ। ସେଥିପାଇଁ ବୈଠକରେ କୌଣସି ପ୍ରକାର ସହଯୋଗ ନ କରିବାକୁ ମତ ପ୍ରକାଶ ପାଇଥିଲା। ଏପରିକି ତାର ସପକ୍ଷରେ ତଥାକଥିତ ବୁଦ୍ଧି ଅଞ୍ଚଳର କୌଣସି ବ୍ୟକ୍ତି ସହଯୋଗ କଲେ, ଗ୍ରାମବାସୀ ପକ୍ଷରୁ ଉଚିତ ବିଚାର କରିବେ ବୋଲି ଚେତାବନୀ ଦିଆଯାଇଛି। ଅଞ୍ଚଳ ଭୋଟର ଭାଜପା ବିରୋଧୀ ନୁହନ୍ତି, ବରଂ ଅଙ୍ଗନଦୀ ବନ୍ଧର ସପକ୍ଷବାଦୀ ପ୍ରାର୍ଥୀଙ୍କୁ ବିରୋଧ କରେ। ଅଞ୍ଚଳର ଜନସାଧାରଣଙ୍କ ଜୀବନ ଜୀବିକା ପ୍ରତି ଆଘାତ ଦେଇଥିବା ପ୍ରାର୍ଥୀଙ୍କୁ ଭୋଟ ନ ଦେବାକୁ ୨୮ଟି ଗ୍ରାମରେ ପ୍ରବଳ ପ୍ରଚାର କରାଯିବାକୁ ପ୍ରସ୍ତାବ ଗୃହୀତ ହୋଇଛି। ଅଙ୍ଗ ନଦୀ ବନ୍ଧ ପ୍ରତିରୋଧ କମିଟିର ସଭାପତି ବିଜୟ ସାହୁ, ସମ୍ପାଦକ କେଶବ ସାହୁ, ମଧୁସୂଦନ ଦାସ, ଲଳିତ ପ୍ରଧାନ, ନବଘନ ସାହୁ, ଚନ୍ଦୁଲାଲ ପ୍ରଧାନ, କୃଷ୍ଣଚନ୍ଦ୍ର ପଣ୍ଡା, ସପ୍ତଲାଲ ଝଗରା, ସୀତାନାଥ ସାହୁ, ପ୍ରଭାତ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି କ୍ଷୋଭ ପ୍ରକାଶ କରିଥିଲେ।



ସମ୍ବଲପୁର ଲୋକସଭା ଆସନ

# ପ୍ରଣବ ପ୍ରକାଶଙ୍କ ନିର୍ବାଚନୀ ସଭା ତୁଳନାରେ ଧର୍ମେନ୍ଦ୍ରଙ୍କ ସଭା ଫିକା

**ଦେବଗଡ଼, ୭।୪(ସମିସ):** ଆଗାମୀ ସାଧାରଣ ନିର୍ବାଚନରେ ସମ୍ବଲପୁର ଲୋକସଭା ଆସନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବିଜେଡି ଓ ବିଜେପିର ଦୁଇ ହେଭିୱେଟ୍ ନେତା ପ୍ରଣବ ପ୍ରକାଶ ଦାସ ଓ ଧର୍ମେନ୍ଦ୍ର ପ୍ରଧାନଙ୍କ ଦେବଗଡ଼ ବିଧାନସଭା ଆସନରେ ପ୍ରଥମ ନିର୍ବାଚନୀ ସଭା ଇତି ମଧ୍ୟରେ ଶେଷ ହୋଇଛି। ଗତ ୫ ତାରିଖ ଦିନ ବିଜେଡିର ସମ୍ବଲପୁର ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶଙ୍କ ଦେବଗଡ଼ ବିଧାନସଭା କ୍ଷେତ୍ରରେ ନିଜର ପ୍ରଥମ ନିର୍ବାଚନୀ ସଭାରେ ଯୋଗ ଦେଇ ବିଜେପିର ହେବିୱେଟ ପ୍ରାର୍ଥୀଙ୍କ ନାମ ନ ନେଇ କେନ୍ଦ୍ରୀୟ ନେତା ଓଡ଼ିଶାକୁ ବିନ୍ଦୁ ଭାବୁଥିବା ବେଳେ ବିଜେଡି ଓଡ଼ିଶାକୁ ସିନ୍ଧୁ ବୋଲି ଭାବିଥାଏ ବୋଲି ପ୍ରକାଶ କରିଥିଲେ। ସେହିପରି ଦେବଗଡ଼ ଜିଲ୍ଲାବାସୀଙ୍କୁ ମିଛ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଥିବା ଡବଲ ଇଞ୍ଜିନ ସରକାରକୁ ଲୋକେ ଉଚିତ ଜବାବ ଦେବେ ବୋଲି ପ୍ରକାଶ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାଢେ ଚାରି କୋଟି ଓଡ଼ିଆଙ୍କୁ ନିଜ ପରିବାର ଭାବେ ବିବେଚନା କରି ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଜନକଲ୍ୟାଣ ଯୋଜନା କରିବା ସହ ପଶ୍ଚିମ ଓଡ଼ିଶାର ପ୍ରତ୍ୟକ ଧାର୍ମିକସ୍ଥଳୀ ହେଉକି ପର୍ଯ୍ୟଟନସ୍ଥଳୀ ଏସବୁର ବିକାଶ ପାଇଁ ଅହରହ ପ୍ରୟାସ ଜାରି ରଖିଥିବାରୁ ଜନସାଧାରଣ ଏହାର ଉଚିତ ମୂଲ୍ୟାଙ୍କନ କରି ଉଚିତ ପ୍ରାର୍ଥୀଙ୍କୁ ବାଛିବେ ବୋଲି ପ୍ରକାଶ କରିଥିଲେ। ପ୍ରଣବ ପ୍ରକାଶଙ୍କ ନିର୍ବାଚନୀ ସଭା ପ୍ରବଳ ଖରା ସତ୍ତ୍ୱେ ପ୍ରାୟ ୧୫ ହଜାର ପୁରୁଷ ଓ ମହିଳା ବଡ଼ ବଗିଚା ପଡ଼ିଆରେ ଏକତ୍ରିତ ହୋଇ ପ୍ରଣବଙ୍କୁ ବିଜୟ ଆଶୀର୍ବାଦ ଦେଇଥଲେ। କିନ୍ତୁ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦେବଗଡ଼ ବିଧାନସଭା ମଣ୍ଡଳୀରେ ପ୍ରଥମ ନିର୍ବାଚନୀ ପ୍ରଚାର ବେଳେ ଅନୁକୂଳ ପାଗ ସତ୍ତ୍ୱେ ତିଳେଇବଣି ବ୍ଲକ ବଣିଆକିଲିଣ୍ଡା ପଞ୍ଚାୟତ ଅନ୍ତର୍ଗତ ନିକ୍ତିମାଳ ଗ୍ରାମସ୍ଥିତ ସିଦ୍ଧେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ ପ୍ରାୟ ୨ହଜାର ଦଳୀୟ କର୍ମୀ ଓ ସମର୍ଥକ ଉପସ୍ଥିତ ଥିଲେ। ମନ୍ତ୍ରୀ ଶ୍ରୀ ପ୍ରଧାନ ବିଗତ ନିର୍ବାଚନରେ ଦେବଗଡ଼ବାସୀଙ୍କୁ ଦେଇଥିବା ସମସ୍ତ ପ୍ରତିଶ୍ରୁତି ପୂରଣ କରି ନ ଥିବାରୁ କ୍ଷମା କରିବାକୁ ଉପସ୍ଥିତ ଜନ ସାଧାରଣଙ୍କୁ ନିବେଦନ କରିଥିଲେ। ଉଭୟ ନେତାଙ୍କ ପ୍ରଚାର ସଭାକୁ ତୁଳନା କଲେ ପ୍ରଣବ ପ୍ରକାଶଙ୍କ ନିର୍ବାଚନୀ ସଭା ଆଗରେ ଧର୍ମେନ୍ଦ୍ରଙ୍କ ନିର୍ବାଚନୀ ସଭା ଫିକା ଥିବା ସାଧାରଣରେ ଆଲୋଚନା ହେଉଥିବା ଦେଖିବାକୁ ମିଳିଛି।

ଖସୁଛି ଜଳସ୍ତର

# ଆସନ୍ତା ୫ ବର୍ଷରେ ପଡ଼ିବ ହାହାକାର

**ଝାରସୁଗୁଡ଼ା, ୭।୪(ସମିସ)**

ବର୍ଷକୁ ବର୍ଷ ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଜଳସ୍ତର ଖସିବାରେ ଲାଗିଛି। ଲୋକେ ପିଇବା ପାଣି ଟିକିଏ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷକୁ ମାତ୍ର ୪ ମାସ ଲୋକଙ୍କ କୂଅରେ ପାଣି ରହୁଥିବାବେଳେ ଏହି ଅଞ୍ଚଳର ବନ୍ଧ ପୋଖରୀ ଅବସ୍ଥା ମଧ୍ୟ ସଂଙ୍କଟାପନ୍ନ ରହିଛି। ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଦିନକୁ ଦିନ ଜଙ୍ଗଲ ନଷ୍ଟ ହେବାରେ ଲାଗିଥିବାବେଳେ ଦୃତ ଶିଳ୍ପାୟନ ପାଇଁ ଅନେକ ପାରମ୍ପରିକ ଜଳସ୍ରୋତଗୁଡ଼ିକ ସମାପ୍ତ ହେବାରେ ଲାଗିଛି। ବିଶେଷ ଭାବରେ କୋଲାବିରା, ଝାରସୁଗୁଡ଼ା ଓ ଲଖନପୁର ବ୍ଲକରେ ଅନେକ ବଡ଼ବଡ଼ ଶିଳ୍ପ ସଂସ୍ଥା ରହିଥିବାବେଳେ ଅନେକ ଖଣି ଖାଦାନ ରହିଛି। ଖଣିମାନଙ୍କ ଦ୍ୱାରା ଜଳସ୍ତର ନିମ୍ନଗାମୀ ହବାରେ ଲାଗିଛି। ଖଣିମାନଙ୍କରେ ବ୍ଲାଷ୍ଟିଂ ଯୋଗୁ ଭୂତଳ ଜଳସ୍ରୋତର ପଥ ପରିବର୍ତ୍ତନ ହେଉଛି ବା ସବୁଦିନ ପାଇଁ ଜଳସ୍ତର ତଳକୁ ଖସି ଯାଉଛି। ଏହି ବ୍ଲାଷ୍ଟିଂ ଶକ୍ତିଶାଳୀ ଥିବାରୁ ନିକଟରେଥିବା ବେଲପାହାଡ଼ ସହରରେ ଦୈନିକ ମୃଦୁ ଭୂମୀକମ୍ପ ଆସିବା ସହିତ ଲୋକଙ୍କର ଘରଫାଟି ଆଁ କଲାଣି। କେବଳ ସେତିକି ନୁହଁ ଏହି ଶକ୍ତିଶାଳୀ ବ୍ଲାଷ୍ଟିଂ ଦ୍ୱାରା ଲୋକଙ୍କର ବ୍ୟକ୍ତିଗତ କୂଅ ମଧ୍ୟ ଭୂଷୁଡ଼ି ପଡ଼ିଥିବା ବାରମ୍ବାର ଅଭିଯୋଗ



ହେଉଛି। ଏହା ଦ୍ୱାରା ଅଞ୍ଚଳର ଜଳସ୍ତର ପ୍ରତ୍ୟେକ ଦିନ ଏକ ମିଲିମିଟର କମୁଥିବାର ଲୋକେ ଅଭିଯୋଗ କରୁଛନ୍ତି। ଡିପବୋର ମଧ୍ୟ ଶହଶହ ଫୁଟ ଖୋଳିଲେ ମଧ୍ୟ ଆଉ ପାଣି ମିଳୁ ନଥବା ଅଭିଯୋଗ ହେଇଛି। ତେବେ ଆସନ୍ତା ପାଞ୍ଚବର୍ଷ ଏହି ଅଞ୍ଚଳର ଜଳସ୍ତର ହଜାରହଜାର ଫୁଟ ତଳକୁ ଖସିଯିବ ବୋଲି ସ୍ଥାନୀୟ ପରିବେଶବିତ୍‌ମାନେ ମତଦେଇଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ହୀରାକୁଦ ଜଳ ଭଣ୍ଡାରରୁ ସମଗ୍ର ଜିଲ୍ଲାପାଇଁ ପାନୀୟ ଜଳ ବ୍ୟବସ୍ଥା କରାଯାଉଛି। ଚଳିତ ବର୍ଷ ଘରେଘରେ ପାନୀୟ ଜଳ ପହଞ୍ଚାଇବାର ଜିଲ୍ଲା ପ୍ରଶାସନ ରଖିଛି। କେତେକ ସ୍ଥାନରେ ଏହି ପିଇବା ପାଣି ପହଞ୍ଚି ସାରିଛି। କିନ୍ତୁ ଅଞ୍ଚଳରୁ ଜଳସ୍ତର କମିବା ଦ୍ୱାରା ଅନେକ ଚାଷ ଉପରେ ଓ ପରିବେଶ ଉପରେ ସିଧାସଳଖ ପ୍ରଭାବ ପଡ଼ିବ ଏଥିରେ କିଛି ଦ୍ୱିମତ ନାହିଁ। ଏବେଠାରୁ ଝାରସୁଗୁଡ଼ା ଜିଲ୍ଲାରେ ଭୂତଳ ଜଳସ୍ତର ବଢ଼ାଇବା ପାଇଁ ତୃଣମୂଳସ୍ତରରେ ପ୍ରୟାସ ନକଲେ ଆଗାମୀ ଦିନରେ ଝାରସୁଗୁଡ଼ା ଜିଲ୍ଲା ମରୁଭୂମୀରେ ପରିଣତ ହେବ ଏଥିରେ ଦ୍ୱିମତ ନାହିଁ।

### ସେମାନେ ଯାହା କହନ୍ତି

ଦୃତ ଶିଳ୍ପାୟନ ପାଇଁ ଦିନକୁ ଦିନ ଜଳସ୍ତର କମିବାରେ ଲାଗିଛି। ଏମିତିହେଲେ ଆଗାମୀ ଦିନରେ ପାନୀୟ ଜଳ ସମସ୍ୟା ବହୁ ମାତ୍ରାରେ ବଢ଼ିବ। ଜଳସ୍ତର କମିବା ଦ୍ୱାରା ମୃର୍ତ୍ତିକା ଉପରେ ମଧ୍ୟ ଅନେକ ପ୍ରଭାବ ପକେଇବ। ଏହାର ପ୍ରତିକାର ଆବଶ୍ୟକ।

**ବସନ୍ତ ସାହୁ**
**ପୂର୍ବତନ ଉପ ସଭାପତି, ଝାରସୁଗୁଡ଼ା ଓକିଲ ସଂଘ**

ଆମେ ଦେଖିଲା ଦିନଠାରୁ ଜଳସ୍ତର ଏଭଳି ମାତ୍ରାରେ କେଭେ କମୁ ନଥିଲା। କୂଅରେ ଖରାଦିନ ପୂର୍ବରୁ ପାଣି ରହୁନାହିଁ ଦିନକୁ ଦିନ ଜଳାଶୟଗୁଡ଼ିକ ମଧ୍ୟ ଶୁଖି ଯାଉଛି। ଝାରସୁଗୁଡ଼ା ଜିଲ୍ଲାରେ ଏଭଳି ପରିସ୍ଥିତି ଆଗରୁ ଆମେ କେବେ ଦେଖିନଥିଲୁ।

**କହ୍ନେଇ ଚରଣ ସେଠ**
**କାଉନସିଲର, ବେଲପାହାଡ଼**

ଅଞ୍ଚଳରେ ବ୍ଲାଷ୍ଟିଂ ଯୋଗୁଁ କୂଅଗୁଡ଼ିକ ପୋତିହେଉଥିବାବେଳେ ଡିପ୍‌ବୋରଗୁଡ଼ିକ ମଧ୍ୟ ତାର ଜଳସ୍ତର ହରାଉଛି। ଏହାର ପ୍ରତିକାର କରିବା ନିତ୍ୟାନ୍ତ ଆବଶ୍ୟକ। ଏମିତି ଯଦି ଚାଲେ ତେବେ ଆସନ୍ତା ୫ ବର୍ଷ ମଧ୍ୟରେ ଜଳସ୍ତର ସମ୍ପୂର୍ଣ୍ଣ ଭାବରେ ତଳକୁ ଖସିଯିବ। ଏଣୁ ବିଭିନ୍ନ ଖଣିରେ ବ୍ଲାଷ୍ଟିଙ୍ଗକୁ ବନ୍ଦ କରିବା ଆବଶ୍ୟକ।

**ଜିତେନ୍ଦ୍ର ପ୍ରଧାନ**
**ପିପିଲିମାଲ**

## ଟ୍ରକ୍‌ରୁ ଡକାୟତି କରି ୨ ଗିରଫ; ମାରଣାସ୍ତ୍ର ଜବତ

**ଝାରସୁଗୁଡ଼ା, ୭।୪(ସମିସ):** ଝାରସୁଗୁଡ଼ା ଥାନା ଅନ୍ତର୍ଗତ ବଢ଼େଇମୁଣ୍ଡା ରାସ୍ତାରେ ଶନିବାର ବିଳମ୍ବିତ ରାତିରେ ଚାଲୁଥିବା ଭାରିଯାନ ଗୁଡ଼ିକର ଡ୍ରାଇଭରଙ୍କୁ ବିଭିନ୍ନ ମାରଣାସ୍ତ୍ର ଦେଖାଇ ଡ଼କାୟତି ଉଦ୍ୟମ କରୁଥିବା ଦୁଇ ଜଣଙ୍କୁ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଆନ୍ଧ୍ରପ୍ରଦେଶ ନେଲୋର ଜିଲ୍ଲାର ଦାସୁ ରେଡ୍ଡୀ (୩୪) ଓ ଅରୁଣ କୁମାର ରେଡ୍ଡୀ (୨୯)। ସୂଚନା ଅନୁସାରେ ଦାସୁ ଓ ଅରୁଣ ଛୁରି ଓ ଖଣ୍ଡା ଭଳି ମାରଣାସ୍ତ୍ର ଧରି ଶନିବାର ମଧ୍ୟରାତ୍ର ୨ଟା ୪୦ ମିନିଟରେ ବଢ଼େଇମୁଣ୍ଡା ରାସ୍ତାରେ ବିଭନ୍ନ ଭାରିଯାନମାନଙ୍କୁ ଅଟକାଇ ଡ୍ରାଇଭରଙ୍କୁ ଖଣ୍ଡା ଛୁରି ଦେଖାଇ ଟ୍ରକ ଡ୍ରାଇଭରମାନଙ୍କଠାରୁ ଲୁଟପାଟ କରୁଥିବା ଖବର ପିସିଆରକୁ ମିଳିଥିଲା। ପିସିଆରରେ ଥିବା ଏଏସଆଇ ଏ.କେ.ବି ବେହେରା ଓ ତାଙ୍କ ଦଳ ବଢ଼େଇମୁଣ୍ଡାଠାରେ ପହଞ୍ଚିଥିଲେ। ପୁଲିସକୁ ଦେଖି ଦୁଇ ଦୁର୍ବୃତ୍ତ ଘଟଣାସ୍ଥଳରୁ ଏକ ବାଇକ ଯୋଗେ ଫେରାର ହେବାକୁ ଚେଷ୍ଟା କରିଥିଲେ। ଅଭିଯୁକ୍ତ ଦ୍ୱୟଙ୍କୁ ବାଲିଜୁରି ରେଳବାଇ ଫାଟକ ନିକଟରେ ପୁଲିସ ସେମାନଙ୍କୁ ଧରିବା ସହ ସେମାନଙ୍କଠାରୁ ୫୯୦୦ ଟଙ୍କା, ଛୁରି ଓ ଖଣ୍ଡା ଜବତ କରିଛି।

## ଗୋମାଂସ ବିକ୍ରି, ଅଭିଯୁକ୍ତକୁ ପୁଲିସ ଜିମା ଦେଲେ ବଜରଙ୍ଗ ସଦସ୍ୟ

**ବ୍ରଜରାଜନଗର, ୭।୪(ସମିସ):** ବ୍ରଜରାଜନଗର ଥାନା ଗାନ୍ଧିଛକ ଫାଣ୍ଡି ଅନ୍ତର୍ଗତ କୁସୁମମୁଣ୍ଡାରେ ଗୋ ମାଂସ ବିକ୍ରି ହେଉଥିବା ନେଇ ବଜରଙ୍ଗ ଦଳର ସଦସ୍ୟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ କୁସୁମମୁଣ୍ଡା ରୋହିଦାସ ପଡ଼ାରେ ଗୋ ମାଂସ ବିକ୍ରି ହେଉଥିବା ନେଇ ବଜରଙ୍ଗ ଦଳ ସଦସ୍ୟ ସୁଧାଂଶୁ ମାଝୀଙ୍କୁ ରବିବାର ସକାଳେ ସେହି ପଡ଼ାର ଦଳର କର୍ମୀ ସୂଚନା ଦେଇଥିଲେ। ଖବର ପାଇ ବଜରଙ୍ଗ ଦଳର ଅନ୍ୟ ସଦସ୍ୟ ମନିଶ ମହାନ୍ତି, ହିତେଶ ନାଏକ, ଦିବ୍ୟ ରଞ୍ଜନ ବେହେରା ପ୍ରମୁଖ କୁସୁମମୁଣ୍ଡା ରୋହିଦାସ ପଡ଼ାରେ ପହଞ୍ଚି ଘଟଣାସ୍ଥଳରେ ଗୋମାଂସ ବିକୁଥିବା ପ୍ରେମସାଗର ରୋହିଦାସଙ୍କୁ ପଚାରିଥିଲେ। ପ୍ରେମସାଗର କହିଥିଲେ ଯେ ତାଙ୍କ ପଡ଼ାର ରାଜା ରୋହିଦାସ, ପ୍ରଦୀପ ରୋହିଦାସ, ଜିତୁ ରୋହିଦାସ ତାଙ୍କୁ ଗୋମାଂସ ବିକ୍ରି କରିବାକୁ ଦେଇଛନ୍ତି। ସେଠାରେ ପାଖାପାଖି ୨୦ କିଲୋଗ୍ରାମ ଗୋମାଂସ ଥିଲା। ବଜରଙ୍ଗ ଦଳର କର୍ମୀ ପ୍ରେମସାଗରଙ୍କୁ ସାଙ୍ଗରେ ଆଣି ପୁଲିସ ଜିମା ଦେଇଥିଲେ। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଦେବଗଡ଼ରେ ଧର୍ମେନ୍ଦ୍ରଙ୍କ ନିର୍ବାଚନୀ ସଭା



**ଦେବଗଡ଼, ୭।୪(ସମିସ):** ସମ୍ବଲପୁର ଲୋକସଭା ଆସନ ପାଇଁ ବିଜେପି ପ୍ରାର୍ଥୀ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଦେବଗଡ଼ ବିଧାନସଭା ମଣ୍ଡଳୀରେ ତାଙ୍କ ପ୍ରଥମ ନିର୍ବାଚନୀ ପ୍ରଚାର ଆରମ୍ଭ କରିଛନ୍ତି। ଆଜି ପୂର୍ବାହ୍ନରେ ଶ୍ରୀ ପ୍ରଧାନ ଦେବଗଡ଼ ବିଜେପି କାର୍ଯ୍ୟାଳୟରେ ଏକ ସାଙ୍ଗଠନିକ ବୈଠକରେ ଯୋଗ ଦେଇ ଦଳୀୟ କର୍ମୀଙ୍କ ସହ ଆଲୋଚନା କରିବା ସହ ନିର୍ବାଚନରେ ଗଡ଼ ଦାଖଲ ପାଇଁ ଦଳୀୟ ପଦାଧିକାରୀ ଓ କର୍ମୀଙ୍କୁ ମନ୍ତ୍ର ଦେଇଥିଲେ। ଦଳୀୟକର୍ମୀମାନେ ଏକ ବାଇକ ଶୋଭାଯାତ୍ରାରେ ନଗର ପରିକ୍ରମା କରିବା ସହ ତିଳେଇବଣି ବ୍ଲକ ବଣିଆକିଲିଣ୍ଡା ପଞ୍ଚାୟତ ନିକ୍ତିମାଳ ଗ୍ରାମସ୍ଥିତ ସିଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକ ସାଧାରଣ ସଭା ଆୟୋଜନ କରାଯାଇଥିଲା। ସିଦ୍ଧେଶ୍ୱର ମନ୍ଦିର ପରିଚାଳନା କମିଟି ସଭାପତି ଚନ୍ଦ୍ରଶେଖର ପ୍ରଧାନଙ୍କ ସଭାପତିତ୍ୱ ରେ ଆୟୋଜିତ ସଭାରେ ଜିଲ୍ଲା ବିଜେପି ସଭାପତି ଅରୁଣ କୁମାର ସାହୁ, ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ସାଂସଦ ନୀତେଶ ଗଙ୍ଗଦେବ ଙ୍କ ପ୍ରତିନିଧି ଯୋଗେଶ ପ୍ରଧାନ, ପୂର୍ବତନ ନଗରପାଳ ପ୍ରଣବ କୁମାର ପ୍ରଧାନ, ଇଂ ସୁଜିତ କୁମାର ପ୍ରଧାନ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ରଞ୍ଜିତ ପଟେଲ, ସାଂସଦଙ୍କ ଭାଇ ରୋହିତ ଗଙ୍ଗଦେବ, ବିଜେପିର ପୌର ପରିଷଦ ଅଧ୍ୟକ୍ଷା ପ୍ରାର୍ଥୀନୀ ମାଧବୀ ଦେବୀଙ୍କ ସମେତ ବହୁ ଦଳୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

## ବେଲପାହାଡ଼ରେ ଅନ୍ତର୍ଜାତୀୟ କ୍ରୀଡ଼ା ଦିବସ ପାଳିତ

**ଝାରସୁଗୁଡ଼ା, ୭।୪(ସମିସ):** ଫିଜିକାଲ ଏଜୁକେଶନ ଫାଉଣ୍ଡେସନ ଅଫ ଇଣ୍ଡିଆ ଦ୍ୱାରା ବେଲପାହାଡ଼ରେ ଶନିବାର ୧୧ତମ ଅନ୍ତର୍ଜାତୀୟ କ୍ରୀଡ଼ା ଦିବସ 'କ୍ରୀଡ଼ା ପାଇଁ ବିକାଶ ଓ ଶାନ୍ତି' ପାଳନ କରାଯାଇଛି। ଫିଜିକାଲ ଏଜୁକେଶନ ଫାଉଣ୍ଡେସନ ଅଫ ଇଣ୍ଡିଆର ଝାରସୁଗୁଡା ଜିଲ୍ଲାର ସଦସ୍ୟ ତଥା ବେଲପାହାଡ଼ ଇଂଲିଶ ମିଡିୟମ ବିଦ୍ୟାଳୟର ଶାରିରୀକ ଶିକ୍ଷା ଶିକ୍ଷକ ହମିଦ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଜାହାଜପଡ଼ାର କଳିଙ୍ଗ ୟୁଥ ଆସୋସିଏସନରେ ଅନୁଷ୍ଠିତ ହୋଇଯାଇଛି। ୨୦୧୩ରେ ମିଳିତ ଜାତିସଂଘର ସାଧାରଣସଭାରେ ନିଆଯାଇଥିବା ନିଷ୍ପତ୍ତି ଅନୁସାରେ ପ୍ରତିବର୍ଷ ୬ ଏପ୍ରିଲକୁ ଅନ୍ତର୍ଜାତୀୟ କ୍ରୀଡ଼ା ଦିବସ ରୁପେ ପାଳନ କରାଯାଏ। ଚଳିତ ବର୍ଷର ପ୍ରସଙ୍ଗ ହେଉଛି ପ୍ରୋତ୍ସାହିତ ଶାନ୍ତିମୟ ଓ ସମାବେଶୀ ସମାଜ ପାଇଁ କ୍ରୀଡ଼ା ଓ ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଲା ଗୋଟିଏ ସୁସ୍ଥ ସମାଜ ଗଠନରେ କ୍ରୀଡ଼ାର ଭୂମିକା ଓ ପ୍ରତିବଦ୍ଧତାର ଏକ ପ୍ରତୀକାତ୍ମକ ରୂପରେଖା। କାର୍ଯ୍ୟକ୍ରମରେ ଶାରିରିକ ଶିକ୍ଷା ଶିକ୍ଷକ ଅଭିଲାଷ ସାହୁ, କ୍ରୀଡ଼ା ସଂଗଠକ ରମଣୀ ମାଝି, ରାମ ସେହ୍ରିଆ, ଜାତୀୟ ଫୁଟବଲ ରେଫରୀ କିଷନ ଦାସ ଏବଂ ଅନେକ କ୍ରୀଡ଼ାବିତ ଅଂଶଗ୍ରହଣ କରିଥିଲେ। ଫେପିର ସଦସ୍ୟ ହମିଦ କୁମାର ମହାପାତ୍ର ସମସ୍ତଙ୍କୁ ଶପଥ ପାଠ କରେଇ ଥିଲେ।

## ହାତଗଣତି ସମର୍ଥକରେ ବିଜେପି ବିଧାୟକ ପ୍ରାର୍ଥୀଙ୍କ ରୋଡ୍ ଶୋ

**ବ୍ରଜରାଜନଗର, ୭।୪ (ସମିସ):** ବ୍ରଜରାଜନଗର ବିଧାନସଭା ବିଜେପି ପ୍ରାର୍ଥୀ ସୁରେଶ ପୂଜାରୀ ନିଜ ସମର୍ଥକଙ୍କୁ ନେଇ ଗାନ୍ଧୀ ଛକ ତ୍ରିନାଥ ମନ୍ଦିରଠାରୁ ଏକ ବାଇକ୍ ଶୋଭାଯାତ୍ରାରେ ଆସି ମାଁ ରାମଚଣ୍ଡୀ ମନ୍ଦିର ଦର୍ଶନ କରିଛନ୍ତି। ସାଂସଦ ଶ୍ରୀ ପୂଜାରୀ ଗାନ୍ଧିଛକରେ ପହଞ୍ଚିବା ପାଇଁ ପ୍ରାୟ ଦୁଇ ଘଣ୍ଟା ବିଳମ୍ବ କରିଥିଲେ। ତାଙ୍କର ସମର୍ଥକ ଶ୍ରୀ ପୂଜାରୀଙ୍କୁ ଗାନ୍ଧୀଛକରେ ଅପେକ୍ଷା କରିଥିଲେ ହେଁ ବିଳମ୍ବ ହେବାରୁ ଅନେକ ସମର୍ଥକ ଧୀରେ ଧୀରେ ଗାନ୍ଧୀଛକଠାରୁ ପଳେଇଥିଲେ। ତିନି ଶହରୁ ଅଧିକ ବାଇକ୍‌ରେ ରୋଡ଼ ସୋ କରିବାକୁ ଯୋଜନା କରିଥିବା ସୁରେଶ ପହଞ୍ଚିବା ସମୟରେ ବାଇକ ସଂଖ୍ୟା ଶହେରୁ ତଳକୁ ଖସି ଯାଇଥିଲା। ଫଳରେ ରୋଡ଼ ସୋରେ ଏତେ କମ ସଂଖ୍ୟାରେ ବାଇକ ଏବଂ ସମର୍ଥକ ଦେଖି ସୁରେଶ ନିରାଶ ହୋଇଥିଲେ।



## ଦିଲ୍ଲୀରୁ ଅପହୃତା ନାବାଳିକା ଦେବଗଡ଼ରୁ ଉଦ୍ଧାର; ଅଭିଯୁକ୍ତ ଗିରଫ

**ଦେବଗଡ଼, ୭।୪(ସମିସ):** ଗତ ମାର୍ଚ୍ଚ ୧୬ ତାରିଖ ଦିନ ଦକ୍ଷିଣ ପଶ୍ଚିମ ଦିଲ୍ଲୀ ଅନ୍ତର୍ଗତ କପସେହେରା ଥାନାଞ୍ଚଳରୁ ଜଣେ ୧୫ ବର୍ଷୀୟା ନାବାଳିକା ଅପହରଣ ମାମଲାରେ ଦିଲ୍ଲୀ ପୁଲିସ ଆଜି ଦେବଗଡ଼ ଥାନା ଅନ୍ତର୍ଗତ ସୁଗୁଡା ଗ୍ରାମରୁ ଉଭୟ ଅପହୃତା ଓ ଅଭିଯୁକ୍ତକୁ ଠାବକରି ଦିଲ୍ଲୀ ନେଇ ଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାଇ ଗତ ମାର୍ଚ୍ଚ ୧୬ ତାରିଖ ଦିନ ଦକ୍ଷିଣ ପଶ୍ଚିମ ଦିଲ୍ଲୀରୁ ଜଣେ ୧୫ ବର୍ଷୀୟା ନାବାଳିକାକୁ ବିହାର ସମସ୍ତିପୁର ଅଞ୍ଚଳର ବିକାଶ ଯାଦବ ଓରଫ ଆକାଶ ରାୟ ଅପହରଣ କରିନେଇଥିବା ନେଇ ନାବାଳିକା ପରିବାର କପସେହେରା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଦିଲ୍ଲୀ ପୁଲିସ ଏକ ଅପହରଣ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ଅଭିଯୁକ୍ତ ଦେବଗଡ଼ ଥାନାଞ୍ଚଳରେ ଥିବା ଜାଣିପାରି ଆଜି ଦିଲ୍ଲୀ ପୁଲିସର ଏଏସଆଇ ଅଜିତ ସିଂ, ହେଡ କନଷ୍ଟେବଳ ଅମିତ କୁମାର ଓ ମହିଳା କନଷ୍ଟେବଳ ସୁନିତା କୁମାରୀଙ୍କ ଟିମ ଦେବଗଡ଼ ଆସି ଦେବଗଡ଼ ଥାନା ପୁଲିସ ସହାୟତାରେ ସୁଗୁଡାରୁ ଅଭିଯୁକ୍ତକୁ କାବୁ କରିବା ସହ ଅପହୃତା ନାବାଳିକାକୁ ଉଦ୍ଧାର କରି ଦିଲ୍ଲୀ ଫେରି ଯାଇଛନ୍ତି।



## ରାଜପୁର ହାଇସ୍କୁଲ ୧୯୭୯ ବ୍ୟାଚ୍ ବନ୍ଧୁମିଳନ

**ଝାରସୁଗୁଡ଼ା/ବ୍ରଜରାଜନଗର, ୭।୪(ସମିସ):** ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକର ରାଜପୁର ଗାଁରେ ୧୯୬୪ ମସିହାରେ ସ୍ଥାପିତ ନେହେରୁ ସ୍ମୃତି



ସରକାରୀ ଉଚ୍ଚ ବିଦ୍ୟାଳୟରୁ ୧୯୭୯ ମସିହାରେ ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ସହପାଠୀମାନଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ପୂର୍ବାହ୍ନରେ ଲୋଇସିଂ ପଞ୍ଚାୟତ ଫଲସାବନା କଲ୍ୟାଣମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ରାଜପୁର ହାଇସ୍କୁଲ ଛାଡ଼ିବାର ଦୀର୍ଘ ୪୫ ବର୍ଷ ପରେ ଅନୁଷ୍ଠିତ ହୋଇଥିବା ଏହି ବିରଳ ଭେଟଘାଟ୍ କାର୍ଯ୍ୟକ୍ରମରେ ୩୨ ଜଣ ତତ୍କାଳୀନ ଛାତ୍ରଛାତ୍ରୀ ନିଜନିଜ ଜୀବନ ସାଥିଙ୍କ ସହିତ ଏକାଠି ହୋଇଥିଲେ। କୃଷି, ବ୍ୟବସାୟ, ଚାକିରୀ, ସମାଜସେବା ଓ ସାମ୍ବାଦିକତା ଭଳି ବିଭିନ୍ନ ପେଷା ମାଧ୍ୟମରେ ପରିବାର ଓ ସମାଜ ପାଇଁ ନିଷ୍ଠାପର ସେବା ଦେଇ ଜୀବନର ଷାଠିଏଟି ବସନ୍ତ ଅତିକ୍ରମ କରିଥିବା ବନ୍ଧୁଗଣ କାର୍ଯ୍ୟକ୍ରମରେ ମିଳିତ ହେବା ସହ ହାଇସ୍କୁଲ ସମୟର ଅଫେରା ଅତୀତ ସ୍ମୃତିକୁ ମନେପକାଇ ସମସ୍ତେ ଭାବବିହ୍ୱଳ ହୋଇଯାଇଥିଲେ। ଏ ଅବସରରେ ତତ୍କାଳୀନ ଇଂରାଜୀ ଶିକ୍ଷକ ହିମାଂଶୁ ମୋହନ ମିଶ୍ର ଓ ସଂସ୍କୃତ ଶିକ୍ଷକ ଶୁଭାଚନ୍ଦ୍ର ଭୋଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଗତ କିଛି ବର୍ଷ ମଧ୍ୟରେ ଦେହାନ୍ତ ହୋଇଥିବା ସହପାଠୀ ଭଗବାନ ପଧାନ, ଗଜପତି ପଧାନ, ଟଙ୍କଧର ମାଝୀ ଓ ପ୍ରସନ୍ନ ପାତ୍ରଙ୍କ ପ୍ରତି ବନ୍ଧୁମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶେଷରେ ପରସ୍ପର ମଧ୍ୟରେ ପାରିବାରିକ ଭାବ ବିନିମୟ ଓ ଖୁସିଗପ ସହ ସମସ୍ତେ ସାମୂହିକ ଭୋଜନ କରିଥିଲେ। ଶରତ ସିଂହଦେଓ, ରାଧାକାନ୍ତ ପାଣିଗ୍ରାହୀ, ମହିନ ବାରିକ, ଶରତ ବାରିକ, ପାମେଶ୍ୱର ପଧାନ ଓ ମେଘନାଦ ମେହେରଙ୍କ ମିଳିତ ତତ୍ତ୍ୱାବଧାନରେ ଆୟୋଜିତ ଏହି ଭେଟଘାଟ୍ କାର୍ଯ୍ୟକ୍ରମରେ ସୁଷମା ହୋତା, ତୋଷମତି ଚୌଧୁରୀ, ଶାନ୍ତିଲତା ସେଠ, କୁଞ୍ଜବନ ପ୍ରଧାନ, ମନୋଜ ପଣ୍ଡା, ପ୍ରଫୁଲ୍ଲ ପାଟଯୋଶୀ ଓ ସୁକାନ୍ତ ପାଟଯୋଶୀଙ୍କ ସମେତ ୭୦ ଜଣ ଯୋଗଦେଇଥିଲେ।

# ଦେଢ଼ ବର୍ଷ ପରେ 'ମିଶନ ଆଶ୍ରା'ରୁ ଘରକୁ ଫେରିଲେ ଛତିଶଗଡ଼ର ଅନିତା

**ଝାରସୁଗୁଡ଼ା, ୭।୪(ସମିସ)**




ପିପୁଲସ ଫୋରୁମ ଜିଲ୍ଲା ଖଣିଜ ପାଣ୍ଠି ଏବଂ ଜିଲ୍ଲା ପ୍ରଶାସନ ସହାୟତାରେ ପରିଚାଳିତ ଝାରସୁଗୁଡା ଏଚ.କଟାପାଲିଠାରେ ଥିବା 'ମିଶନ ଆଶ୍ରା'ରେ ଦେଢ଼ ବର୍ଷଧରି ଚିକିତ୍ସିତ ହେଉଥିବା ମାନସିକ ଭିନ୍ନକ୍ଷମ ମହିଳା ଅନିତା ସାହୁ (ରବିବାଇ ସାହୁ) ସୁସ୍ଥ ହୋଇ ଆଜି ତାଙ୍କ ନିଜ ପରିବାର ଲୋକଙ୍କ ସହିତ ଘରକୁ ଫେରିଛନ୍ତି। ଦେଢ଼ ବର୍ଷତଳେ ଏହି ମାନସିକ ଭିନ୍ନକ୍ଷମ ମହିଳା ନିଖୋଜ ହୋଇ ଲାଇକେରା ଅଞ୍ଚଳରେ ବୁଲୁଥିବାବେଳେ ଲାଇକେରା ଥାନା ପୁଲିସ ତାଙ୍କୁ ଉଦ୍ଧାରକରୀ 'ମିଶନ ଆଶ୍ରାକୁ ହସ୍ତାନ୍ତର କରିଥିଲେ। ଅନୀତା ସାହୁ ଚିକିତ୍ସା ପରେ ସୁସ୍ଥ ହେବାରୁ ତାରା ଘରର ସମ୍ପୂର୍ଣ୍ଣ ଠିକଣା କେନ୍ଦ୍ରର ପରାମର୍ଶ ଦାତାଙ୍କୁ ଦେଇଥିଲେ। ଦୀର୍ଘ ୫ରୁ ୬ ମାସ ଧରି ମିଶନ ଆଶ୍ରାର ପରାମର୍ଶ ଦାତାମାନେ ଏହି ଠିକଣାକୁ ଖୋଜିବାକୁ ଲାଗି ପଡ଼ିଥିଲେ। ଭାଗ୍ୟବଶତଃ ଗତକାଲି ଛତିଶଗଡ଼ ରାଜ୍ୟ ଚମ୍ପା ଜିଲାର ଶକ୍ତି ପୁଲିସ ଷ୍ଟେସନ ଓ ସେଠାକାର ସରପଞ୍ଚ ଏହି ଠିକଣାର ସତ୍ୟାସତ୍ୟ ଅନୁଧ୍ୟାନ କରାଯାଇ ତାଙ୍କ ପରିବାରଙ୍କୁ ଅନୀତା ସମ୍ପର୍କରେ ଜାଣଇ ଦିଆ ଯାଇଥିଲା। ଖବର ପାଇ ରବିବାର ଅନୀତାଙ୍କ ସ୍ୱାମୀ ଏବଂ ପୁଅ ମିଶନ ଆଶ୍ରାରେ ପହଞ୍ଚି ତାଙ୍କ ସ୍ତ୍ରୀଙ୍କୁ ଫେରାଇ ନେବାକୁ ଚାହିଁଥିଲେ। ଦୀର୍ଘ ଦେଢ଼ବର୍ଷ ଏଠାରେ ରହି ଏକ ପରିବାର ପରିବାର ଭଳି ସ୍ନେହ ପାଇ ଥିବା ଅନୀତାର ବିଦାୟ ବଳେ ଅନ୍ୟ ଅନ୍ତେବାସୀ ଭାବପ୍ରବଣ ହୋଇଥିଲେ। ଅନୀତାର ପରିବାର ଲୋକ ଅନୀତାକୁ ପାଇ ବହୁତ ଖୁସି ପ୍ରକାଶ କରିଥିଲେ ଏବଂ ମିଶନ ଆଶ୍ରାକୁ ଧନ୍ୟବାଦ ଜଣାଇଥିଲେ। ଅନୀତାର ଏହି ଗୃହ ପ୍ରତ୍ୟାବର୍ତ୍ତନ କାଯ୍ୟକ୍ରମ ବେଳେ ଶିକ୍ଷାବିତ୍ ତଥା ସମାଜସେବୀ କବିତା ପଣ୍ଡା, ଅଧ୍ୟାପିକ ତଥା କବୟିତ୍ରୀ ମନ୍ଦାକିନୀ ସତପଥୀ ଉପସ୍ଥିତ ରହି ଓଡ଼ିଶାର ଆରାଧ୍ୟ ଦେବତା ଶ୍ରୀ ଜଗନ୍ନାଥଙ୍କ ମୂର୍ତ୍ତୀ ଉପହାର ସ୍ୱରୂପ ପ୍ରଦାନ କରି ସେମାନଙ୍କୁ ଜଗନ୍ନାଥ ସଂସ୍କୃତି ବିଷୟରେ ଆଲୋକପାତ କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ମିଶର ଆଶ୍ରାରେ ଅନ୍ତେବାସୀମାନଙ୍କୁ ଚିକିତ୍ସା ସହିତ ଯୋଗ, ପ୍ରାଣାୟାମ ଏବଂ ବିଭିନ୍ନ ପ୍ରକାର ଧନ୍ଦାମୂଳକ ଶିକ୍ଷା ଦିଅଯାଇଥାଏ। ଯାହା କି ଏହା ଭବିଷ୍ୟତରେ ସେମାନେ ଉନ୍ନତି କରି ନିଜନିଜର କର୍ମପନ୍ଥା ଅବଲମ୍ବନ କରି ଜୀବିକା ନିର୍ବାହ କରି ପାରିବେ। ପିପୁଲସ ଫୋରମ୍ ଦ୍ୱାରା ଝାରସୁଗୁଡ଼ା ଜିଲ୍ଲାରେ ମାନସିକ ରୋଗୀମାନଙ୍କ ପାଇଁ ପୁରୁଷ ଓ ମହିଳା ମାନଙ୍କ ୬ଟି କେନ୍ଦ୍ର ଏବଂ ନିଶା ନିବାରଣ କେନ୍ଦ୍ର ଏବଂ ବୃଦ୍ଧାଶ୍ରମ ପରିଚାଳିତ ହେଉଛି। ଯାହା କି ସମସ୍ତ କେନ୍ଦ୍ରରେ ପ୍ରାୟତଃ ୪୯୬ ଜଣ ଅନ୍ତେବାସୀ ଚିକିତ୍ସିତ ହେଉଛନ୍ତି। ପରିଶେଷରେ ଛତିଶଗଡ଼ରୁ ଆସିଥିବା ଅନୀତାଙ୍କ ଘରଲୋକେ ମିଶନ ଆଶ୍ରାର ଏପରି କାର୍ଯ୍ୟକ୍ରମ ପାଇଁ ପ୍ରଶଂଶା କରିଥିଲେ।

## ପଶ୍ଚିମ ଓଡ଼ିଶାର ଶକ୍ତିପୀଠ ସନ୍ଦର୍ଭରେ ଆଲୋଚନାଚକ୍ର



**ଦେବଗଡ଼, ୭।୪(ସମିସ):** ମହର୍ଷି ବ୍ୟାସଦେବ ରାଷ୍ଟ୍ରୀୟ ପ୍ରାଚ୍ୟ ବିଦ୍ୟା ପ୍ରତିଷ୍ଠାନ ପକ୍ଷରୁ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ଉତ୍କଳପୀଠ ସହଯୋଗରେ 'ଶ୍ରୀ ଜଗନ୍ନାଥ ଓ ପଶ୍ଚିମ ଓଡ଼ିଶାର ଶକ୍ତିପୀଠ ସମ୍ପର୍କରେ ସ୍ଥାନୀୟ ସେଣ୍ଟର ଫର୍ କଲ୍‌ଚର ପ୍ରେକ୍ଷାଳୟଠାରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଛି। ଡ. ଉମାକାନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥିଭାବେ ତିରୁପତି ସଂସ୍କୃତ ରାଷ୍ଟ୍ରୀୟ ବିଶ୍ୱ ବିଦ୍ୟାଳୟର ପୂର୍ବତନ କୁଳପତି ତଥା ଜଗନ୍ନାଥ ସଂସ୍କୃତିର ବିଶିଷ୍ଟ ଭାଷ୍ୟକାର ପ୍ରଫେସର ଡ. ହରେକୃଷ୍ଣ ଶତପଥୀ, ସମ୍ମାନିତ ଅତିଥିଭାବେ ତିରୁପତି ବିଶ୍ୱବିଦ୍ୟାଳୟର ଉତ୍କଳପୀଠ ନିର୍ଦ୍ଦେଶକ ଡ. ଜ୍ଞାନରଞ୍ଜନ ପଣ୍ଡା, ପ୍ରତିଷ୍ଠାନର ସମ୍ପାଦକ ଚନ୍ଦ୍ରଧ୍ୱଜ ମାଝୀ, ସ୍ୱତନ୍ତ୍ର ଅତିଥିଭାବେ ଡ. ବୁଦ୍ଧେଶ୍ୱର ଷଡ଼ଙ୍ଗୀ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମରେ ସ୍ୱାମୀ ଶିବାନନ୍ଦ ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ପଣ୍ଡିତ ରୋହିତ କୁମାର ଦାସ ମଞ୍ଚ ପରିଚାଳନା କରିଥିବାବେଳେ ପଣ୍ଡିତ ଦ୍ୱିତୀକୃଷ୍ଣ ପାଣିଗ୍ରାହୀ ବେଦ ପାଠ କରିଥିଲେ। ସେହିପରି ପଣ୍ଡିତ ସଞ୍ଜୀତ ଶତପଥୀ ଛାତ୍ରୀ ବିପସ୍ୱିନୀ ଘଡ଼େଇ ଓ ସ୍ୱୀଟି ପ୍ରଧାନ ମଙ୍ଗଳାଚରଣ ଜଗନ୍ନାଥାଷ୍ଟକ ପାଠ କରିଥିଲେ। ସ୍ୱାମୀ ଶିବାନନ୍ଦ ସଂସ୍କୃତ ବିଦ୍ୟାଳୟର ତନୋଜ କୁମାର ମହାପାତ୍ର ଓ ସତୀଶ କୁମାର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ମହାନଦୀ ସମ୍ପର୍କରେ ସାରଗର୍ଭକ କର୍ମଶାଳା

# 'ମହାନଦୀର ଚରିତ୍ରରେ ପରିବର୍ତ୍ତନ ଚିନ୍ତାଜନକ'

**ସୋନପୁର, ୭।୪(ସମିସ)**

ଓଡ଼ିଶାର ଜୀବନରେଖା ମହାନଦୀର ଚରିତ୍ରରେ ବ୍ୟାପକ ପରିବର୍ତ୍ତନ ହୋଇଛି। ମହାନଦୀର ପରିବର୍ତ୍ତନ ହାର ଓ ବ୍ୟାପକତା ଆହୁରି ବଢ଼ିବଢ଼ି ଚାଲିଛି ବୋଲି ସୋନପୁରଠାରେ ଅନୁଷ୍ଠିତ ଏକ କର୍ମଶାଳାରେ ମତପ୍ରକାଶ ପାଇଛି। ନଦୀର ଚରିତ୍ରରେ ଘଟୁଥିବା ପରିବର୍ତ୍ତନ ତଥା ଅନ୍ୟ ସାମାଜିକ ଓ ରାଜନୈତିକ କାରଣ ଯୋଗୁଁ ନଦୀ ନିଜେ ବିପଦଗ୍ରସ୍ତ ହେବା ସହିତ ଏହା ସହିତ ଜଡ଼ିତ ଅନେକ ଜନସମୁଦାୟର ଜୀବନ ଓ ଜୀବିକା ପ୍ରଭାବିତ ହୋଇଛି। ସୋନପୁର ସହିତ ମହାନଦୀର ଅତି ଅନ୍ତରଙ୍ଗ ସମ୍ପର୍କ ରହିଛି ଏବଂ ସେହି ସମ୍ପର୍କ ଅତି ବ୍ୟାପକ ଓ ନଦୀ ସହିତ ସୋନପୁରିଆଙ୍କ ଜୀବନ-ଜୀବିକା ଯୋଡ଼ି ହୋଇ ରହିଛି। ନଦୀର ଚରିତ୍ରରେ ବିଭିନ୍ନ ପରିବର୍ତ୍ତନ ଅନେକ କ୍ଷେତ୍ରରେ ବାରି ହୋଇଯାଉଛି ବୋଲି କର୍ମଶାଳାରେ ଆଲୋଚନା ହୋଇଥିଲା। ଜୀବନ ଓ ଜୀବିକା, ଚଳଣି, ସଂସ୍କୃତି, ସଭ୍ୟତା ଏବଂ ବିପର୍ଯ୍ୟୟ ଆଦି ପ୍ରସଙ୍ଗ ସହିତ ପ୍ରଦୂଷଣ, ନଦୀ ପରିଚାଳନା ତଥା ଅଧିକାର ଉପରେ ଆଲୋଚନା ହୋଇଥିଲା। ନଦୀରେ ବ୍ଲାଷ୍ଟିଂ ଓ ବିଷ ପ୍ରୟୋଗ କରି ଅବାଧ ମାଛ ମରା କାରଣରୁ ପରିବେଶ ଓ ଜୀବିକାର ଅପୂରଣୀୟ କ୍ଷତି ବିଷୟରେ ବିଷଦ ଚର୍ଚ୍ଚା ହୋଇଥିଲା।




## ନଦୀ ବଞ୍ଚାଇବାକୁ ବ୍ଲାଷ୍ଟିଂ ସମ୍ପୂର୍ଣ୍ଣ ବନ୍ଦ ଆବଶ୍ୟକ

କର୍ମଶାଳାରେ ଅନେକ ପ୍ରମୁଖ ପ୍ରସଙ୍ଗ ସହିତ ପ୍ରଭାବିତ ହୋଇଥିବା ଜନସମୁଦାୟଙ୍କ ବିଷୟରେ ଆଲୋଚନା ତଥା ସମ୍ଭାବ୍ୟ ପ୍ରତିକାର ଓ ନଦୀ ସଂରକ୍ଷଣ ବ୍ୟବସ୍ଥା ଉପରେ ମଧ ଆଲୋଚନା ହୋଇଥିଲା। ସଭ୍ୟତା ଓ ବିକାଶ ସହିତ ନଦୀର ନିବିଡ଼ ସମ୍ପର୍କ ଥିବା ସତ୍ତ୍ୱେ ନଦୀ ସହ ସମ୍ପର୍କକୁ ନେଇ ବିଶେଷ ନୀତି ଓ ବ୍ୟବସ୍ଥା ଏପର୍ଯ୍ୟନ୍ତ ନାହିଁ ବୋଲି ମତପ୍ରକାଶ ପାଇଥିଲା। ନଦୀର ପରିଚାଳନା ତଥା ନଦୀ ସମ୍ପର୍କିତ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ସ୍ଥାନୀୟ ଲୋକଙ୍କର ତଥା ପଞ୍ଚାୟତ ଭଳି ସ୍ଥାନୀୟ ସଂସ୍ଥାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବା ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା। ସୋନପୁରର ଇଙ୍କଫେଷ୍ଟ ଓ ପୁରୀର ଜନମଙ୍ଗଳ ମହିଳା ସମିତି ଦ୍ୱାରା ଆୟୋଜିତ ଏହି କର୍ମଶାଳା ସୋନପୁର ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ୍ ଗତିକୃଷ୍ଣ ମିଶ୍ରଙ୍କ ପରିଚାଳନାରେ ଆରମ୍ଭ ହୋଇଥିବା ପ୍ରଥମ ଅଧିବେଶନରେ ଇଙ୍କଫେଷ୍ଟର ସଭାପତି ସ୍ୱାଧୀନ ମେହେର ସ୍ୱାଗତ କରିବା ପରେ ଜନମଙ୍ଗଳ ମହିଳା ସମିତିର ସଚିବ ସନ୍ଦୀପ ପଟ୍ଟନାୟକ କର୍ମଶାଳାର ଉଦ୍ଦେଶ୍ୟ କହିଥିଲେ। ବିମଳ ପାଣ୍ଡିଆ ମହାନଦୀର ଚରିତ୍ରକୁ ନେଇ ପ୍ରାରମ୍ଭିକ ଉପସ୍ଥାପନା ରଖିଥିଲେ। ଗୌରୀଶ୍ୟାମ ପଣ୍ଡା ସୋନପୁର ସହିତ ମହାନଦୀର ସମ୍ପର୍କକୁ ଉପସ୍ଥାପନା କରିଥିଲେ। ଏହାପରେ ବିଶିଷ୍ଟ ସାମାଜିକ କର୍ମୀ ଘାସିରାମ ପଣ୍ଡାଙ୍କ ପରିଚାଳନାରେ ଅନୁଷ୍ଠିତ ଖୋଲା ଅଧିବେଶନରେ ସୋନପୁର ଏବଂ ବୌଦ୍ଧ ଜିଲ୍ଲାର ବିଭିନ୍ନ ବର୍ଗରୁ ଆସିଥିବା ବ୍ୟକ୍ତିମାନେ ନିଜନିଜର ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ଦେବାଶିଷ ପାଣ୍ଡିଆ, ଅଧିବକ୍ତା ତଥା ସଂସ୍କୃତି କର୍ମୀ ଶ୍ୟାମ ଓଁ ପ୍ରସାଦ ମିଶ୍ର, ବେଣୁଧର ପ୍ରଧାନ, କୈବର୍ତ୍ତ ଓ ଝରା ସମ୍ପ୍ରଦାୟ ପ୍ରତିନିଧି, ଚାଷୀ ପ୍ରତିନିଧି, ପଞ୍ଚାୟତ ପ୍ରତିନିଧି, ସାମ୍ବାଦିକ ଓ ବିଭିନ୍ନ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା ଯୋଗ ଦେଇଥିଲେ।

# ଲାଗିଛି ଟ୍ରାନ୍ସଫର୍ମର ଏବଂ ଘରେ ବସିଛି ମିଟର

## ୩ମାସ ହେବ ଅନ୍ଧାରରେ ଗ୍ରାମବାସୀ

**ଶଗଡ଼ା, ୭।୪(ସମିସ):** ସରକାର ପ୍ରତ୍ୟେକ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ କରିବାକୁ ଅନେକ ଯୋଜନା କରି କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଆଜି ମଧ କଣ୍ଟାମାଳ ବ୍ଲକର ଉପାନ୍ତ ଅଞ୍ଚଳର ଅନେକ ଗ୍ରାମକୁ ବିଦ୍ୟୁତ ସଂଯୋଗ ହୋଇପାରି ନାହିଁ। ୪୨ଡିଗ୍ରୀ ଥିବା ପ୍ରଚଣ୍ଡ ଖରାରେ ଲୋକେ ବିଦ୍ୟୁତ ନ ଥିବା ଯୋଗୁଁ ଘର ଭିତରେ ବହୁ ଅସୁବିଧାର ସହିତ ଜୀବନଯାପନ କରୁଛନ୍ତି। ସୂଚନା ଅନୁସାରେ କଣ୍ଟାମାଳ ବ୍ଲକ ବରଗାଁ ପଞ୍ଚାୟତ ଅନ୍ତର୍ଗତ ବରଗାଁ ନୂଆପଡ଼ା, ସାହାଜପିଟା, ପାର୍ବତୀପୁର ଆଦି ଗ୍ରାମରେ ବର୍ତ୍ତମାନ ସୁଦ୍ଧା ବିଦ୍ୟୁତ୍ ସଂଯୋଗ କରାଯାଇନାହିଁ। ଉକ୍ତ ଗ୍ରାମର ପ୍ରତ୍ୟେକ ଘରେ ମିଟର ଲଗାଯିବା ସହ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଲାଗିଛି। ଏପରିକି ବିଦ୍ୟୁତ୍ ତାର ମଧ ସଂଯୋଗ ହୋଇଛି। ହେଲେ ୩ମାସ ବିତି ଯାଇଥିଲେ ସୁଦ୍ଧା ଉକ୍ତ ଗ୍ରାମକୁ ବିଦ୍ୟୁତ ଯୋଗାଣ ଦିଆ ଯାଇନାହିଁ। ଯାହାଫଳରେ ଗ୍ରାମବାସୀ ପ୍ରଚଣ୍ଡ ଖରା ସତ୍ତ୍ୱେ ଦିନ ହେଉ କି ରାତି ଘର ଭିତରେ ତତଲା କଡ଼େଇରେ ସିଝିଲା ଭଳି ରହୁଛନ୍ତି। ଦିନରେ ଗରମ ଓ ଗୁଳୁଗୁଳି ସହ ରାତିରେ ଅସହ୍ୟ ଗରମ ଯୋଗୁଁ ଲୋକେ ତ୍ରାହିତ୍ରାହି ଡାକୁଛନ୍ତି। ଇତି ମଧ୍ୟରେ ଅନେକ ଥର ବିଦ୍ୟୁତ ବିଭାଗ ନିକଟରେ ଗ୍ରାମବାସୀ ଅଭିଯୋଗ କରିଥିଲେ ମଧ ବର୍ତ୍ତମାନ ସୁଦ୍ଧା ଉକ୍ତ ଗ୍ରାମଗୁଡ଼ିକରେ ବିଦ୍ୟୁତ୍ ସଂଯୋଗ ହୋଇପାରି ନାହିଁ। ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ବିଦ୍ୟୁତ୍ ବିଭାଗ ଉକ୍ତ ଗ୍ରାମଗୁଡ଼ିକରେ ବିଦ୍ୟୁତ ଯୋଗାଣ ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି।



## ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ୨ ଗିରଫ

**ତରଭା, ୭।୪(ସମିସ):** ଗଞ୍ଜେଇ ଚୋରା ଚାଲାଣରେ ଯୁବକମାନେ ସମ୍ପୃକ୍ତ ରହୁଥିବା ଅନେକ ଘଟଣା ଲୋକଲୋଚନକୁ ଆସେ; ହେଲେ ଜଣେ ୮୦ ବର୍ଷର ବୃଦ୍ଧ ଏଭଳି ଘଟଣାରେ ଗିରଫ ହେବା ତରଭା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଶୁକ୍ରବାର ଅପରାହ୍ନରେ ଆଇଆଇସି ଅନିତା କିଡୋଙ୍କ ନିର୍ଦ୍ଦେଶରେ ତରଭା ଥାନା ସବ୍‌ଇନ୍ସପେକ୍ଟର ଲମ୍ବୋଦର ଡାଙ୍ଗ, ହାବିଲଦାର କରୁଣାକର ମାଝୀ, କନଷ୍ଟେବଲ ନାରାୟଣ ଭୋଇ ପ୍ରମୁଖ ପାଟ୍ରୋଲିଂ କରୁଥିବା ବେଳେ ବ୍ରାହ୍ମଣୀ ଛକରେ ଏକ ବାଇକ୍ (ଓଡି ୨୭ ସି ୨୧୧୫) ଅଟକାଇ ଯାଞ୍ଚ କରିବାରୁ ୫କେଜି ୧୦୦ଗ୍ରାମ ଗଞ୍ଜେଇ ବାହାରିଥିଲା। ବାଇକ ଆରୋହୀ ମନମୁଣ୍ଡା ଥାନା ଅଧୀନ ଗୁଡୁଲିଆ ଗ୍ରାମର ପୂର୍ଣ୍ଣଚନ୍ଦ୍ର ସିଂ (୬୦) ଓ ଡାଙ୍ଗମୁଣ୍ଡା ଗ୍ରାମର ଶ୍ରଦ୍ଧାକର କ୍ଷେତି (୮୦)ଙ୍କୁ ଗଞ୍ଜେଇ ଚୋରାଚାଲାଣ ଅଭିଯୋଗରେ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଥିବା ଆଇଆଇସି ଶ୍ରୀମତୀ କିଡୋ ସୂଚନା ଦେଇଛନ୍ତି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

## ଟିଟିଲାଗଡ଼ ପୁଲିସ୍ ଦ୍ୱାରା ଫ୍ଲାଗ୍‌ମାର୍ଚ୍ଚ

**ଟିଟିଲାଗଡ଼, ୭।୪(ସମିସ):** ଆଜି ଟିଟିଲାଗଡ଼ ପୁଲିସ୍ ଦ୍ୱାରା ଟିଟିଲାଗଡ଼ ସହରରେ ଫ୍ଲାଗ ମାର୍ଚ୍ଚ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନକୁ କିଭଳି ଶାନ୍ତି ଶୃଙ୍ଖଳାରେ ପାଳନ କରାଯିବ ଓ ଜନସାଧାରଣ କେମିତି ଭୟମୁକ୍ତ ହୋଇ ନିଜ ପ୍ରତିନିଧି ଚୟନ କରିବେ ଏହି ବାର୍ତ୍ତା ନେଇ ଆଜି ଟିଟିଲାଗଡ଼ ପୁଲିସ୍ ସହରରେ ଫ୍ଲାଗ୍ ମାର୍ଚ୍ଚ କରିଛି। ଟିଟିଲାଗଡ଼ ପୁଲିସ୍‌ଷ୍ଟେସନରୁ ସଦଳବଳ ପୁଲିସ୍ ବାହାରି ସହର ସାରା ବୁଲିଥିଲେ।

## ୬ ଦିନ ହେଲା ପାନୀୟ ଜଳ ଯୋଗାଣ ଠପ୍

**ଦେଓଗାଁ, ୭।୪(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଲଣ୍ଡାପଥର ପଞ୍ଚାୟତ ଅଧୀନସ୍ଥ ରୁଗୁଡିପାଲି ଗ୍ରାମରେ ଆଜକୁ ଛଅ ଦିନ ହେଲା ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଠପ୍ ହୋଇପଡ଼ିଛି। ସରକାର ଜିଲ୍ଲାପାଳ ଓ ବିଡିଓଙ୍କୁ ଗ୍ରାମାଞ୍ଚଳରେ ପିଇବା ପାଣି ସମସ୍ୟା ଦିଗରେ ଗ୍ରୀଷ୍ମ ଋତୁ ପ୍ରାରମ୍ଭରୁ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଉକ୍ତ ବ୍ଲକରେ ପ୍ରଶାସନର ଖାମଖିଆଲି ମନୋଭାବ ଓ ଅପାରଗତା ଯୋଗୁଁ ଅନେକ ଗାଁରେ ପାନୀୟ ଜଳରୁ ଲୋକେ ବଞ୍ଚିତ ହେବାସହ ନାହିଁ ନ ଥିବା ହଇରାଣ ହେଉଥିବା ଅଭିଯୋଗ ହେଉଛି। ରାଜ୍ୟ ସରକାର ବସୁଧା ଯୋଜନା ମାଧ୍ୟମରେ ପ୍ରତ୍ୟେକ ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ କିଛି ସ୍ୱାର୍ଥାନ୍ଧ ଅଧିକାରୀଙ୍କ ବୈମାତୃକ ମନୋଭାବ ଯୋଗୁଁ ଏହି ଜନହିତକର ବସୁଧା ଯୋଜନା ଫେଲ ମାରୁଛି। ସମ୍ପୃକ୍ତ ବିଭାଗ ଯନ୍ତ୍ରୀ ମୃତ୍ୟୁଞ୍ଜୟ ରାଉତଙ୍କୁ ପଚାରିବାରୁ ଯେଉଁସ୍ଥାନରେ ପୁରୁଣା ପାଇପ ରହିଛି ସେଠାରେ ପାଣି ସମସ୍ୟା ଦେଖା ଦେଉଛି ବୋଲି କହିବାସହ ଅଭିଯୋଗ ପାଇ ନ ଥିଲେ ପଦକ୍ଷେପ ନେବୁ ବୋଲି କହିଥିଲେ। ଏ ଦିଗରେ ଜିଲ୍ଲାପାଳ ଦୃଷ୍ଟି ଦେଇ ତୁରନ୍ତ ପଦକ୍ଷେପ ନେବାକୁ ଗ୍ରାମର ହୁତାସନ ପାତ୍ର, ଦଣ୍ଡଧାରୀ ବେହେରା, ରମାକାନ୍ତ ଦଣ୍ଡସେନା, ଭରତ ପାତ୍ର, ଉତ୍ତମ ଗୁରାଣ୍ଡି, କରୁଣା ନନ୍ଦ, ଦୁର୍ଗା ଅମାତ, ଡମ୍ବରୁଧର ଡାଙ୍ଗ, ଗଦାଧର ଡାଙ୍ଗ, ସାଧୁ ଭୋଇ, ସୂର୍ଯ୍ୟକାନ୍ତ ପଧାନ ତଥା ଗ୍ରାମବାସୀ ନିବେଦନ କରିଛନ୍ତି।

## ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଅବସରପ୍ରାପ୍ତ କର୍ମଚାରୀ ସଂଘର ସାଧାରଣ ସଭା

**ବଲାଙ୍ଗିର, ୭।୪(ସମିସ):** ସ୍ଥାନୀୟ ସାମ୍ବାଦିକ ଭବନରେ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଅବସରପ୍ରାପ୍ତ କର୍ମଚାରୀ ସଂଘ, ବଲାଙ୍ଗିର ଜୋନ୍ ର ସାଧାରଣ ସଭା ବିରଞ୍ଚି ମେହେରଙ୍କ ସଭପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସର୍ବ ଭାରତୀୟ ଏନ୍‌ଏଫ୍‌ଆର୍ ଆର୍‌ଆର୍ ବିଏସ୍‌ର ସହକାରୀ ସାଧାରଣ ସମ୍ପାଦକ ଶରତ୍ କୁମାର ହୋତା, ଦ୍ୱାରିକାନାଥ ପଟେଲ ସମ୍ପାଦକ, ଯୁଗଳ କିଶୋର ପଟେଲ କମ୍ପ୍ୟୁଟର ବେତନ ବୃଦ୍ଧି, ଗ୍ରାଚୁଇଟି ଓ ଅନ୍ୟାନ୍ୟ ଦାବି ବିଷୟରେ ବୁଝାଇଥିଲେ। କେଦାରମିଶ୍ର ଅତିଥିଭାବରେ ଯୋଗଦେଇ ନିଜର ମତାମତ ରଖିଥିଲେ। କିଶୋର କୁମାର ପୁରୋହିତ ଓ ବ୍ରଜବନ୍ଧୁ ସାଏ ପରିଚାଳନା କରିଥିଲେ। ସୁଶୀଲ କୁମାର ଚୋପଦାର ଧନ୍ୟବାଦ ଅର୍ପଣ କରିଥିଲେ।

## ସୁରେନ୍ଦ୍ର ସିଂ ଭୋଇଙ୍କୁ ବଲାଙ୍ଗିରରେ ସ୍ୱାଗତ

**ବଲାଙ୍ଗିର, ୭।୪(ସମିସ):** ବଲାଙ୍ଗିର ଜିଲ୍ଲାର ସାଂସଦ ପ୍ରାର୍ଥୀ ଭାବରେ ବିଜୁ ଜନତା ଦଳ ଚୟନ କରିଥିବା ବରିଷ୍ଠ ନେତା ସୁରେନ୍ଦ୍ର ସିଂ ଭୋଇଙ୍କୁ ବଲାଙ୍ଗିରରେ ବିଜୁ ଜନତା ଦଳ ତରଫରୁ ସ୍ୱାଗତ କରାଯାଇଛି। ଭୁବନେଶ୍ୱରରୁ ବଲାଙ୍ଗିରରେ ପହଞ୍ଚିବା ପରେ ପୁଇଁତଲାରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ବିଜେଡି ଲୋଇସିଂହା ବିଧାୟକ ପ୍ରାର୍ଥୀ ନିହଆର ବେହେରା, ପୁଇଁତଲା ବ୍ଲକ ଅଧ୍ୟକ୍ଷ ସରୋଜ ପ୍ରଧାନ ତାଙ୍କୁ ସ୍ୱାଗତ କରିଥିଲେ। ସେହିଭଳି ବଲାଙ୍ଗିରରେ ତାଙ୍କୁ ବିଜୁ ଜନତା ଦଳ ତରଫରୁ ସ୍ୱାଗତ କରିଥିଲେ ବଲାଙ୍ଗିର ବିଧାୟକ ପ୍ରାର୍ଥୀ କଳିକେଶ ନାରାୟଣ ସିଂ ଦେଓ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ବିଜୁ ଜନତା ଦଳରେ ମିଶିଥିବା କହିଥିଲେ। ଦଳ ତାଙ୍କ ଉପରେ



ବିଶ୍ୱାସ କରି ଯେଉଁ ଦାୟିତ୍ୱ ପ୍ରଦାନ କରିଛି ତାକୁ କର୍ତ୍ତବ୍ୟନିଷ୍ଠ ହୋଇ ସମ୍ପାଦନ କରିବା ସହିତ ଦଳକୁ ବିଜୟୀ କରିବା ପାଇଁ ଲାଗିବେ ବୋଲି କହିଥିଲେ। ବଲାଙ୍ଗିରରେ ସୁରେନ୍ଦ୍ର ସିଂ ଭୋଇଙ୍କୁ ସ୍ୱାଗତ କରିବାବେଳେ ବିପୁଳ ପରିମାଣରେ ବିଜୁ ଜନତା ଦଳର କର୍ମୀମାନେ ଉପସ୍ଥିତ ଥିଲେ।

## ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଦହି ପଣା ବଣ୍ଟନ



**ବଲାଙ୍ଗିର, ୭।୪(ସମିସ):** ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନ ଏକ ଛୋଟ ପ୍ରୟାସ ଆରମ୍ଭ କରିଛି। ସଂଗଠନ ତରଫରୁ ଆଜି ସ୍ଥାନୀୟ କଚେରି ଛକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଦହିପାଣି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା।ଏହି କାର୍ଯ୍ୟକ୍ରମରେ ତିନି ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ଦହିପାଣି ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନର ସୁମିତ ମିଶ୍ର, ଗୋବିନ୍ଦ ଚନ୍ଦ୍ର ଶତପଥୀ, ସନ୍ତୋଷ ପଟ୍ଟନାୟକ, ଜିତୁ ସାହୁ, ଲିଙ୍କନ ସେଠ, ଟୁଲୁ ସାହୁ, ନିତ୍ୟାନନ୍ଦ ଷଡ଼ଙ୍ଗୀ, ଉତ୍ତମ ନନ୍ଦ, ସୁରେନ୍ଦ୍ର ସେଠ, ରୂପକ ପ୍ରଧାନ, ଧନଞ୍ଜୟ ପାଣିଗ୍ରାହୀ, ପ୍ରଦୀପ ଜୁଏଡ, ସଞ୍ଜୟ ସାହୁ, ପିଙ୍କୁ ପୁଟେଲ, ସରୋଜ ଜାଲ, ଅନିତା ମିଶ୍ର, ଶ୍ୱେତା ସାହୁ, ଚିନ୍ମୟୀ ବୀର ପ୍ରମୁଖ ଓ ଅନ୍ୟାନ୍ୟ ସଦସ୍ୟ ମିଶି ପରିଚାଳନା କରିଥିଲେ। ଅଂଶୁମାନ ମିଶ୍ର ଓ ଶ୍ରେୟାଂଶୀ ପ୍ରିୟଦର୍ଶିନୀ ଚିଣ୍ଡା ବିଶେଷ ସହଯୋଗ କରିଥିଲେ।

## 'ମୋ ସ୍ୱାସ୍ଥ୍ୟ ମୋ ଅଧିକାର' କାର୍ଯ୍ୟକ୍ରମ

**ବଲାଙ୍ଗିର, ୭।୪(ସମିସ):** ସ୍ଥାନୀୟ ଗୋଁଣ୍ଡୱାନା ଭବନ ଠାରେ ଆଦିବାସୀ କର୍ମଚାରୀ ସଂଘ, ବଲାଙ୍ଗିର ଆନୁକୂଲ୍ୟରେ ବିଶ୍ୱସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ୧୯୪୭ ମସିହା ଏପ୍ରିଲ ୭ ତାରିଖରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପ୍ରତିଷ୍ଠା ହୋଇଥିଲା। ଚଳିତ ବର୍ଷର ବାର୍ତ୍ତା 'ମୋ ସ୍ୱାସ୍ଥ୍ୟ, ମୋ ଅଧିକାର'ର ଗୁରୁତ୍ୱ ଉପରେ ଅଲୋଚନା ହୋଇଥିଲା। ଅଂଶୁଘାତକୁ ପ୍ରତିରୋଧ କରିବା ପାଇଁ ବାହାରକୁ ଗଲେ ମୁଣ୍ଡରେ ଓଦା ଗାମୁଛା, ହାତରେ ଛତା, ପାଣି ବୋତଲ, ପାଦରେ ଚପଲ ଓ ଆଖିରେ କଳା ଚଷମା ପିନ୍ଧିବା ସହିତ ପେଟପୁରା ଖାଦ୍ୟ, ଯଥେଷ୍ଟ ପାଣି, ଓଆରଏସ ପଣା, ସରବତ, ଲୁଣ ମିଶା ତୋରାଣି ପିଇବା ପାଇଁ ବକ୍ତାମାନେ ପରାମର୍ଶ ଦୋଇଥିଲେ। ଏହି ସଚେତନତା ସଭାରେ ସଭାପତି ସୁରେନ୍ଦ୍ର ଭୋଇ ଅଧକ୍ଷତା କରିଥିବାବେଳେ, ଉପଦେଷ୍ଟା ପ୍ରଦୀପ କୁମାର ମଲ୍ଲିକ ମୁଖ୍ୟ ଅତିଥି, ସହ ସମ୍ପାଦକ ମୀନକେତନ ମାଝୀ ମୁଖ୍ୟବକ୍ତା, ଉପଦେଷ୍ଟା ଦହିତ ଧରୁଆ, ସାମ୍ବାଦିକ କୁନା ବାଗ, ବିଜୟ ଚନ୍ଦ୍ର ବାରିକ, ବାସୁଦେବ ମୁଗ୍ରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବାବେଳେ ସମ୍ପାଦକ ଗଣେଶ ମାଝୀ ସଭା ପରିଚାଳନା କରିଥିଲେ।




## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମ

**ଡୁଙ୍ଗୁରିପାଲି, ୭।୪(ସମିସ):** ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ଶିଶୁ ବିଦ୍ୟାମନ୍ଦିରରେ 'ଘର ହିଁ ବିଦ୍ୟାଳୟ'କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିଶୁ ବିଦ୍ୟାମନ୍ଦିର ପ୍ରଧାନଆଚାର୍ଯ୍ୟ ବିଭୂତି ଭୂଷଣ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଭିଭାବିକା ବନିତା ଭୋଇ ଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଗୁରୁମା' ରାଧାରାଣୀ ତ୍ରିପାଠୀ ଘର ହିଁ ବିଦ୍ୟାଳୟର ଉଦ୍ଦେଶ୍ୟ ପୂର୍ବକ ଶିଶୁମାନଙ୍କ ବିକାଶରେ ଅଭିଭାବକଙ୍କ ଭୂମିକା ରହିଛି ବୋଲି ମତପ୍ରକାଶ କରିଥିଲେ। ଗୁରୁମା' ବାସନ୍ତୀ ବାରିକ ଶିଶୁମାନଙ୍କ ଶିକ୍ଷା ଉପରେ ଆଲୋକପାତ କରିଥିଲେ। ପରେ ରମେଶ ଚନ୍ଦ୍ର ଗଡ଼ତ୍ୟା ଅଙ୍କ ଜ୍ଞାନ ବିଷୟରେ ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମରେ ପ୍ରଶାନ୍ତ ସାହା, ମନୋଜ ସେଠ, ଅଶ୍ୱିନୀ ନାଏକ ଓ ଶାନ୍ତନୁ କୁମାର ସାହୁ ସହଯୋଗ କରିଥିଲେ।



## ଶତାଧିକ ଯୁବକଙ୍କ ବିଜେଡିରେ ଯୋଗଦାନ



**ଟିଟିଲାଗଡ଼, ୭।୪(ସମିସ):** ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ଟିଟିଲାଗଡ଼ ଗସ୍ତରେ ଆସି ତାଙ୍କ ନେତୃତ୍ୱରେ ଆଜି ଟିଟିଲାଗଡ଼ ବ୍ଲକର ବିଜେପୁର ପଞ୍ଚାୟତ ଅଞ୍ଚଳର ଶତାଧିକ ଆଦିବାସୀ ଜନତାଙ୍କୁ ବିଜେଡିରେ ସାମିଲ କରିଥିଲେ। ଏ ମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନହିତକର କାର୍ଯ୍ୟରେ ପ୍ରଭାବିତ ହୋଇ ସାଂସଦଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି।

## ଦେଓଗାଁ ଓ ଭୂତିଆରବାହାଲରେ ପୁଲିସ୍‌ର ଫ୍ଲାଗ୍‌ମାର୍ଚ୍ଚ

**ଦେଓଗାଁ, ୭।୪(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଅଧୀନ ଦେଓଗାଁ ମୁଖ୍ୟାଳୟ ଓ ସଦର ବ୍ଲକର ଭୁଆରବାହାଲ ଗାଁରେ ପୁଲିସ ପ୍ରଶାସନ ପକ୍ଷରୁ ଚଳିତ ନିର୍ବାଚନକୁ ଦୃଷ୍ଟିରେ ରଖି ଶାନ୍ତି ଶୃଙ୍ଖଳାପାଇଁ ରବିବାର ଫ୍ଲାଗ ମାର୍ଚ୍ଚ କରାଯାଇଛି। ବଲାଙ୍ଗିର ଏସ୍‌ଡିପିଓ ପ୍ରକାଶ କୁମାର ସାହୁଙ୍କ ନେତୃତ୍ୱରେ ଦେଓଗାଁ ଥାନାଧିକାରୀ ହରିବନ୍ଧୁ ଗଡ଼ତ୍ୟା, ତୁଷୁରା ଥାନାଧିକାରୀ ସଞ୍ଜୀବ ପଧାନଙ୍କ ସମେତ ଦୁଇ ପ୍ଲାଟୁନ ପୁଲିସ ଫୋର୍ସ ଦେଓଗାଁ ଓ କଛାରପାଲି ଗ୍ରାମ ପରିକ୍ରମା କରିବାପରେ ଭୁତିଆରବାହାଲ ଗ୍ରାମ ପରିକ୍ରମା କରିଥିଲେ।



# ଆଦର୍ଶ ଗ୍ରାମରେ ଫେଲ୍ ମାରିଛି ସ୍ୱଚ୍ଛ ଭାରତ ମିଶନ

## ନାହିଁ ଆବର୍ଜନା କୁଣ୍ଡ, ହଜିଗଲା ଗାଁ କଲ୍ୟାଣ ସମିତି

**ଶଗଡ଼ା, ୭।୪(ସମିସ)**

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଶିମିଳିପଦର ପଞ୍ଚାୟତ ଅନ୍ତର୍ଗତ ଗବଜୋର ଗ୍ରାମ ଅବସ୍ଥିତ। ହସ୍ତତନ୍ତ କ୍ଷେତ୍ରରେ ବୁଣାକାରମାନଙ୍କ ଉଚ୍ଚକୋଟୀର ଶାଢ଼ୀ କାରୁକାର୍ଯ୍ୟରେ ଗ୍ରାମର ନାମ ଜିଲ୍ଲାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହିତ ଆଦର୍ଶ ଗ୍ରାମ ଭାବେ ପରିଚିତ। ଏହି ଗ୍ରାମରେ ପ୍ରାୟ ୧୫୦୦ ଲୋକ ବସବାସ କରନ୍ତି ଏବଂ ଅଧିକାଂଶ ବୁଣାକାର ସମ୍ପ୍ରଦାୟ ପରିବାର। ଗ୍ରାମବାସୀଙ୍କ କହିବା ଅନୁସାରେ କେତେକ ଲୋକ ନିଜ ଘରର ମଇଳା ଆଣି ଗାଁ ମୁଣ୍ଡରେ ଫିଙ୍ଗି ଦେଇଥିବା ସହ ଘରର ଦୁର୍ଗନ୍ଧ ପାଣି ଛାଡ଼ିବା ସହ ମଇଳା ପାଣି ଗ୍ରାମର ମୁଖ୍ୟରାସ୍ତା ଦେଇ ବାହାରକୁ ଛାଡୁଛନ୍ତି। ଏପରିକି ଗ୍ରାମବାସୀ ବାରଣ କରିବା ସତ୍ତ୍ୱେ ମଧ ଏହି ଲୋକମାନେ ଗ୍ରାମବାସୀଙ୍କ କଥାକୁ ଖାତିର କରୁ ନ ଥିବା ଚର୍ଚ୍ଚା ହେଉଛି। ଗ୍ରାମରେ ଆବର୍ଜନା କୁଣ୍ଡ ରଖି ଅଳିଆ ସବୁ ସେ ଭିତରେ ପକାଇବାର ବ୍ୟବସ୍ଥା ଥିବାବେଳେ ଉକ୍ତ ଗ୍ରାମରେ କିନ୍ତୁ ଆବର୍ଜନା କୁଣ୍ଡ ତିଆରି କରାଯାଇ ନାହିଁ। ଯାହାଫଳରେ ଲୋକେ ବାଧ ହୋଇ ଏଣେ ତେଣେ ଅଳିଆ ସବୁ ପକାଉଛନ୍ତି। ଅନେକ ଜାଗାରେ କୁଢ଼କୁଢ଼ ଅଳିଆ ଆବର୍ଜନା ସଫା ହେଉ ନଥିବା ଯୋଗୁଁ ଦୁର୍ଗନ୍ଧ ହେବା ସହ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଏପରିକି ଗାଁ ମୁଣ୍ଡକୁ ଗଲେ ଦୁର୍ଗନ୍ଧ ବାସ୍ନାରେ ନାକ ଫାଟି ଯାଉଛି। ଅନେକ ସଂକ୍ରାମକ ରୋଗ ହେବାର ଆଶଙ୍କା ମଧ ରହିଛି। ଗାଁ ମୁଣ୍ଡରେ ଏଭଳି ଅଳିଆକୁ ଦେଖି ଗବଜୋର ଭଳି ଗାଁ ନିଜର ସୌନ୍ଦର୍ଯ୍ୟ ହରାଉଥିବା ଜଣାପଡ଼ିଛି। ପ୍ରଶାସନ ପ୍ରତ୍ୟେକ ଗ୍ରାମକୁ ସଫା ରଖିବା ପାଇଁ ଗାଁ କଲ୍ୟାଣ ସମିତି ଗଠନ କରି ପ୍ରତି ବର୍ଷ ହଜାରହଜାର ଟଙ୍କାର ଅନୁଦାନ ପ୍ରଦାନ କରୁଛନ୍ତି। ଏହି ଅର୍ଥ ଠିକ ଭାବରେ ବ୍ୟବହାର ହେଉ ନ ଥିବା ମନେହୁଏ। କିନ୍ତୁ ଏହି ଗାଁରେ ସବୁ ପଦକ୍ଷେପ ବାଟବଣା ହେଉଥିବା ଅଭିଯୋଗ ହୋଇଛି। ଏଦିଗରେ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।



**୨୦୨୪ ଲୋକସଭା ନିର୍ବାଚନ: ସ୍ଥିତି ଓ ସମ୍ଭାବନା**

**ମଣିପୁର: ଆସନ ସଂଖ୍ୟା ୦୨**

ପ୍ରମୁଖ ଦଳ: ବିଜେପି, କଂଗ୍ରେସ, ନାଗା ପିପୁଲ୍ସ ଫ୍ରଣ୍ଟ, ମଣିପୁର ଡେମୋକ୍ରାଟିକ୍ ପିପୁଲ୍ସ ଫ୍ରଣ୍ଟ, ମଣିପୁର ନ୍ୟାସନାଲ ଡେମୋକ୍ରାଟିକ୍ ଫ୍ରଣ୍ଟ ଏବଂ ମଣିପୁର ପିପୁଲ୍ସ ପାର୍ଟି

# ବଞ୍ଚିବାକୁ ରାହା ନାହିଁ; ନିର୍ବାଚନକୁ ପଚାରେ କିଏ ?

୨୦୨୪ ସାଧାରଣ ନିର୍ବାଚନକୁ ନେଇ ଏବେ ସାରା ଦେଶରେ ବଢ଼ିଛି ଉତ୍କଣ୍ଠା । ଏକ ଦଶନ୍ଧି ଧରି ଦୁଇଟି ପର୍ଯ୍ୟାୟରେ କ୍ଷମତାସୀନ ହୋଇଥିବା ବିଜେପି ପୁଣି କ୍ଷମତା ଦଖଲ କରି ନିଜର ରାଜନୈତିକ ଅଭିସନ୍ଧ ପୂରଣ କରିବାକୁ ଅଣ୍ଟା ଭିଡିଥିଲା ବେଳେ କଂଗ୍ରେସ ନେତୃତ୍ୱରେ ବିରୋଧୀ ବିଜେପିକୁ ହଟାଇ ଦେଶର ରାଜନୈତିକ ଦୃଶ୍ୟପଟରେ ପରିବର୍ତ୍ତନ ଆଣିବାକୁ ଅଣ୍ଟା ଭିଡିଛନ୍ତି । ଏହି କ୍ରମରେ ବ୍ୟକ୍ତିଗତ ଆଦର୍ଶ ଏବଂ ନୀତିକୁ ନେଇ ରାଜନୀତିରେ ରୁଚି ରଖିଥିବା ରାଜନେତାଙ୍କ ଠାରୁ ଆରମ୍ଭ କରି ସାଧାରଣ ଜନତା ନିଜ ନିଜ ଦଳକୁ ବିଜୟୀ କରିବା ଲାଗି ରାତି ଦିନ ଏକାକାର କରିଦେଇଛନ୍ତି । ଯାହାକୁ ନେଇ କନ୍ୟାକୁମାରୀ ଠାରୁ କାଶ୍ମୀର ଯାଏଁ ଏବେ ସବୁ ଆଡେ କେବଳ ରାଜନୈତିକ ଚର୍ଚ୍ଚା ହିଁ ଚର୍ଚ୍ଚା । କିନ୍ତୁ ଏହି କ୍ରମରୁ ବାଦ୍ ପଡ଼ିଛି ଦେଶର ଉତ୍ତରପୂର୍ବାଞ୍ଚଳର ଅନ୍ୟତମ ରାଜ୍ୟ ମଣିପୁର । ଯେଉଁଠି ଦୀର୍ଘ ବର୍ଷେ ପରେ ବି ସ୍ଥିତି ବଦଳିପାରି ନାହିଁ। ଜାତିଆଣ ଭେଦଭାବକୁ ନେଇ ଏଠାରେ ଗତ ବର୍ଷ ମେ 'ରେ ଆରମ୍ଭ ହୋଇଥିବା ହିଂସା, ଦଙ୍ଗା ଆଜି ମଧ୍ୟ ଥମିନାହିଁ। ବିଗତ ୧୧ ମାସ ମଧ୍ୟରେ ସାରା ମଣିପୁରରେ ଦଙ୍ଗା , ହଙ୍ଗାମାରେ ୨୦୦ ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇସାରିଥିଲା ବେଳେ ଏକ ଲକ୍ଷରୁ ଅଧିକ ଲୋକ ବାସହରା ହୋଇ ଏବେ ମଧ୍ୟ ସୁରକ୍ଷା ଶିବିରରେ ଜୀବନ କାଟୁଛନ୍ତି । ହତ୍ୟା, ଲୁଣ୍ଠନ, ଦୁଷ୍କର୍ମ ଏବଂ ଅତ୍ୟାଚାରରୁ ସାଧାରଣ ଲୋକଙ୍କୁ ମୁକ୍ତି ମିଳିପାରି ନାହିଁ। ଏହାସତ୍ତ୍ୱେ ବି ଏଠାରେ ସାଧାରଣ ନିର୍ବାଚନ ହେବାକୁ ଯାଉଛି । ମଣିପୁରର ଲୋକସଭା ଆସନ ସଂଖ୍ୟା ୨ ରହିଥିବା ବେଳେ ଆଭ୍ୟନ୍ତରୀଣ ମଣିପୁର ଏବଂ ବାହ୍ୟ ମଣିପୁରର ଦୁଇଟି ଆସନ ପାଇଁ ଦୁଇଟି ପର୍ଯ୍ୟାୟରେ ମତଦାନ ହେବ । ଏପ୍ରିଲ ୧୯ ରେ ପ୍ରଥମ ପର୍ଯ୍ୟାୟରେ ଆଭ୍ୟନ୍ତରୀଣ ମଣିପୁର ଏବଂ ଏପ୍ରିଲ ୨୬ରେ ଦ୍ୱିତୀୟ ପର୍ଯ୍ୟାୟରେ ବାହ୍ୟ ମଣିପୁର ଲୋକସଭା ଆସନ ପାଇଁ ମତଦାନ ହେବ । ଏଥିପାଇଁ ପ୍ରାରମ୍ଭିକ ପ୍ରସ୍ତୁତି ଆରମ୍ଭ ହୋଇଯାଇଥିଲେ ହେଁ ନିର୍ବାଚନକୁ ନେଇ ସାଧାରଣ ଭୋଟରଙ୍କ ନିକଟରେ କୌଣସି ଉତ୍ସାହ ନାହିଁ। ଯେଉଁଠି ବଞ୍ଚିବାକୁ ରାହା ମିଳୁନାହିଁ ସେଠାରେ ମତଦାନ କରି ସେମାନଙ୍କୁ ଆଉ ଅଧିକ କ'ଣ ବା ମିଳିବ ବୋଲି ଏବେ ସ୍ଥାନୀୟ ଲୋକଙ୍କ ମନରେ ପ୍ରଶ୍ନ ଉଙ୍କି ମାରୁଛି । ଜାତୀୟସ୍ତରରେ ରାଜନୈତିକ ଦଳ ବିଭିନ୍ନ ବିଷୟକୁ ପ୍ରସଙ୍ଗ କରି ନିର୍ବାଚନ ଲଢ଼ିବା ସହିତ ଭୋଟରମାନଙ୍କୁ ନିଜ ପ୍ରତି ଆକୃଷ୍ଟ କରିବାକୁ ଦିନ ରାତି ଏକ କରିଦେଇଛନ୍ତି । କିନ୍ତୁ ମଣିପୁରରେ ଜୀବନ ବଞ୍ଚାଇବା ଏବଂ ସମାଜିକ ଶାନ୍ତି, ସୌହାର୍ଦ୍ଦ୍ୟ ଫେରାଇ ଆଣି ଲୋକଙ୍କୁ ସମାଜିକ ସୁରକ୍ଷା ଦେବା ପ୍ରସଙ୍ଗ ଠାରୁ ଆଉ ବଡ଼ ପ୍ରସଙ୍ଗ କିଛି ନାହିଁ ବୋଲି ଏଠାକାର ବାସିନ୍ଦା ହୃଦୟଙ୍ଗମ କରୁଛନ୍ତି ।





ଯାହାକୁ ନେଇ ଚଳିତ ନିର୍ବାଚନ ପାଇଁ ନା ସାଧାରଣ ଭୋଟର , ନା ରାଜନେତା କାହାରି ମନରେ ସେଭଳି ଉତ୍ସାହ ଦେଖିବାକୁ ମିଳୁନାହିଁ। ପ୍ରାୟ ଏକ ବର୍ଷ ଧରି ହିଂସା,ଦଙ୍ଗାରେ ପ୍ରପୀଡ଼ିତ ମଣିପୁରବାସୀ ସେମାନଙ୍କ ଜୀବନଜୀବିକା ହରାଇ ବସିଥିଲା ବେଳେ ଗତ ଫେବୃଆରୀ ୮ରେ କେନ୍ଦ୍ର ସରକାର ମ୍ୟାଁମାର ସୀମାକୁ ବନ୍ଦ କରିଦେବା ବିଷୟ ରାଜ୍ୟବାସୀଙ୍କ ପାଇଁ ଆହୁରି ସମସ୍ୟାବହୁଳ ହୋଇପଡ଼ିଛି । ବର୍ଷ ବର୍ଷ ଧରି ମ୍ୟାଁମାର ସହ ରହିଆସିଥିବା 'ଫ୍ରି ମୁଭମେଣ୍ଟ ରେଜିମ୍ (ଏଫଏମଆର) ସୁବିଧା ଯୋଗୁଁ ଏଠାକାର ବହୁ ଜିଲ୍ଲାର ସୀମାନ୍ତବାସୀ ଉଭୟ ପଟରେ କିଛି ବ୍ୟବସାୟ କରି ପେଟ ପୋଷୁଥିଲେ । କିନ୍ତୁ ତାହା ମଧ୍ୟ ବନ୍ଦ ହୋଇଗଲା । ତେଣୁ ପ୍ରତିଦିନ ପେଟ ପାଇଁ ଚିନ୍ତା କରୁଥିବା ମଣିପୁରବାସୀ ମତଦାନ କଥା କ'ଣ ଚିନ୍ତା କରିବେ ବୋଲି ଏବେ ସ୍ଥାନୀୟ ବାସିନ୍ଦାଙ୍କ ମନରେ ପ୍ରଶ୍ନ ଉଠିଛି ।

**ରିଲିଫ୍ କ୍ୟାମ୍ପରେ ଥାଇ ମତଦାନ କରିବେ ୨୫ ହଜାର ଭୋଟର**

ତେବେ ମତଦାନ ପାଇଁ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସବିଶେଷ ବ୍ୟବସ୍ଥା ଗ୍ରହଣ କରାଯାଇଛି । ରାଜ୍ୟର ବିଭିନ୍ନ ସ୍ଥାନରେ ହଜାର ହଜାର ହିଂସା ପ୍ରପୀଡ଼ିତ ଲୋକ ଏବେ ରିଲିଫ କ୍ୟାମ୍ପରେ ଜୀବନ ବିତାଉ ଥିବା ବେଳେ ପ୍ରାୟ ୨୫ ହଜାରରୁ ଅଧିକ ଲୋକ ଏହି କ୍ୟାମ୍ପରେ ଥାଇ ମତଦାନ କରିବେ ବୋଲି ଜଣାପଡ଼ିଛି ।

ରାଜ୍ୟର ଦୁଇଟି ଲୋକସଭା ନିର୍ବାଚନ କ୍ଷେତ୍ର ମଧ୍ୟରୁ ୨୦୧୯ରେ ଆଭ୍ୟନ୍ତରୀଣ ମଣିପୁର ଆସନ ପାଇଁ ମୋଟ ୯ ଲକ୍ଷ ୩୭ ହଜାର ୪୬୪ ମତଦାନ ହୋଇଥିଲା । ଏଠାରେ ବିଜେପି ପ୍ରାର୍ଥୀ ଡ. ରାଜକୁମାର ରଞ୍ଜନ ସିଂ କଂଗ୍ରେସ ପ୍ରାର୍ଥୀ ଓନାମ ନବ କିଶୋର ସିଂଙ୍କୁ ପ୍ରାୟ ୧୭ ହଜାରରୁ ଅଧିକ ଭୋଟରେ ପରାସ୍ତ କରି ବିଜୟୀ ହୋଇଥିଲେ । ସେହିପରି ବାହ୍ୟ ମଣିପୁର ଲୋକସଭା ଆସନରେ ନାଗା ପିପୁଲ୍ସ ଫ୍ରଣ୍ଟ ନେତା ଡ.ଲୋରୋ ଏସ ଫୋଜ୍ ବିଜୟୀ ହୋଇଥିଲେ । ମଣିପୁରରେ ମୁଖ୍ୟତଃ ବିଜେପି, କଂଗ୍ରେସ, ନାଗା ପିପୁଲ୍ସ ଫ୍ରଣ୍ଟ, ମଣିପୁର ଡେମୋକ୍ରାଟିକ୍ ପିପୁଲ୍ସ ଫ୍ରଣ୍ଟ, ମଣିପୁର ନ୍ୟାସନାଲ ଡେମୋକ୍ରାଟିକ୍ ଫ୍ରଣ୍ଟ ଏବଂ ମଣିପୁର ପିପୁଲ୍ସ ପାର୍ଟି ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ ହେଁ ଏବେ ବିଜେପି କ୍ଷମତା ରହିଛି । କିନ୍ତୁ ସାଂପ୍ରତିକ ହିଂସା ଏବଂ ଦଙ୍ଗାକୁ ନେଇ ଏବେ ସବୁ ଦଳ ସାଧାରଣ ଲୋକଙ୍କ ଆକ୍ରୋଶରେ ରହିଛନ୍ତି । ରାଜ୍ୟର ଦୁଇ ମୁଖ୍ୟ ସଂପ୍ରଦାୟ ମେଇତି ଏବଂ କୁକିଙ୍କ ବ୍ୟତୀତ ଅନ୍ୟ ବହୁ ଆଦିବାସୀ ସଂପ୍ରଦାୟର ଭୋଟ ପ୍ରତି ଦଳ ପାଇଁ ମହତ୍ତ୍ୱପୂର୍ଣ୍ଣ ରହିଥିଲେ ହେଁ ସାଂପ୍ରତିକ ସ୍ଥିତିକୁ ନେଇ କେଉଁ ଦଳର ସ୍ଥିତି କିଭଳି ରହିବ ତାହା ଆକଳନ କରିବା ଏବେ କଷ୍ଟକର ହୋଇପଡ଼ିଛି ।

## ୧୧ ରାଜ୍ୟର ମତଦାନ ହାର ଜାତୀୟ ହାରଠାରୁ କମ୍

୨୦୧୯ ଲୋକସଭା ନିର୍ବାଚନରେ ଜାତୀୟ ମତଦାନ ହାର ୬୭.୪୦ ପ୍ରତିଶତ ରହିଥିଲା ବେଳେ ୧୧ଟି ରାଜ୍ୟରେ ମତଦାନ ହାର ଜାତୀୟ ହାରଠାରୁ କମ୍ ରହିଥିଲା । ସେହି ରାଜ୍ୟଗୁଡ଼ିକ ହେଲେ- ବିହାର, ଉତ୍ତରପ୍ରଦେଶ, ଦିଲ୍ଲୀ, ମହାରାଷ୍ଟ୍ର, ଉତ୍ତରାଖଣ୍ଡ, ତେଲେଙ୍ଗାନା, ଗୁଜରାଟ, ପଞ୍ଜାବ, ରାଜସ୍ଥାନ, ଜମ୍ମୁ-କଶ୍ମୀର ଓ ଝାଡଖଣ୍ଡ । ମତଦାନ ହାର ଜାତୀୟ ମତଦାନ ହାରଠାରୁ କମ୍ ରହିଥିବା ଏହି ରାଜ୍ୟଗୁଡ଼ିକରେ କିପରି ଅଧିକ ସଂଖ୍ୟାରେ ଭୋଟର ଭୋଟ ଦେବାକୁ ଆଗ୍ରହୀ ହେବେ ସେଥିପାଇଁ ନିର୍ବାଚନ କମିଶନ ପ୍ରୟାସ କରୁଛନ୍ତି । ଭୋଟ ଦାନ ହାର ବଢ଼ାଇବା ଯେଉଁ ପଦକ୍ଷେପ ବିଷୟରେ ଚିନ୍ତା କରାଯାଇଛି ତାହା ହେଲା- ଭୋଟର ତାଲିକାରୁ ଅଯୋଗ୍ୟ ଭୋଟରଙ୍କୁ ବାଦ ଦିଆଯିବ, ୪୫୦୦ ସ୍ୱଚ୍ଛ ଅଟୋ ଉପଯୋଗ କରି ଭୋଟଦାନର ମହତ୍ତ୍ୱ ସମ୍ପର୍କରେ ଭୋଟରଙ୍କୁ ସଚେତନ କରାଯିବ ଓ ଭୋଟରଙ୍କ ମୋବାଇଲ ଫୋନକୁ ଧାଡିର ଲମ୍ବ ବିଷୟରେ ସୂଚନା ପ୍ରେରଣ କରାଯିବ । ଭୋଟ ଦାନ କେନ୍ଦ୍ରରେ ଧାଡ଼ି ସମ୍ଭାଳିବାକୁ ସ୍ଥାନୀୟ ଯୁବକଙ୍କୁ ନିୟୋଜିତ କରାଯିବ । ସହରାଞ୍ଚଳର ଭୋଟର ଭୋଟଦାନ ପ୍ରତି ଅନାଗ୍ରହୀ ହେଉଥିବାରୁ ଓ ଗ୍ରାମାଞ୍ଚଳର ଭୋଟର କର୍ମସଂସ୍ଥାନ ଅନ୍ୱେଷଣରେ ବାହାର ରାଜ୍ୟକୁ ଯାଉଥିବା କାରଣରୁ ଭୋଟ ଦାନ ହାର କମୁଛି । ଉତ୍ତରପ୍ରଦେଶର ୧୫ଟି, ବିହାରର ୧୨ଟି ଓ ମହାରାଷ୍ଟ୍ରର ୮ ଟି ଲୋକସଭା ନିର୍ବାଚନମଣ୍ଡଳୀରେ ଭୋଟଦାନ ହାର ଜାତୀୟ ହାରଠାରୁ କମ୍ ରହିଛି । ମତଦାନ ହାର ସବୁଠାରୁ କମ୍ ରହିଥିବା ୫୦ ଲୋକସଭା ନିର୍ବାଚନମଣ୍ଡଳୀ ମଧ୍ୟରେ ରହିଛି ନଗରାଞ୍ଚଳର ୧୭ ଟି ନିର୍ବାଚନମଣ୍ଡଳୀ । ତେଲେଙ୍ଗାନାର ୧୭ ଲୋକସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ୪ଟି-ହାଇଦ୍ରାବାଦ, ସିକନ୍ଦରାବାଦ, ମାଲକାଜଗିରି ଓ ଝେଭିଲା ଲୋକସଭା ନିର୍ବାଚନମଣ୍ଡଳୀ ମତଦାନ ହାର ସବୁଠାରୁ କମ୍ ରହିଥିବା ୫୦ ଲୋକସଭା ନିର୍ବାଚନମଣ୍ଡଳୀ ମଧ୍ୟରେ ରହିଛି । ହାଇଦ୍ରାବାଦ, ସିକନ୍ଦରାବାଦ ମତଦାନ ହାର ସବୁଠାରୁ କମ୍ ରହିଥିବା ୧୦ ଲୋକସଭା ନିର୍ବାଚନମଣ୍ଡଳୀ ମଧ୍ୟରେ ରହିଛି । ୨୦୧୯ ରେ ହାଇଦ୍ରାବାଦର ମନଦାନ ହାର ୪୪.୮%ଥିଲା ଯାହା ଯାହା ଦେଶର ଚତୁର୍ଥ ନିମ୍ନତମ । ସିକିନ୍ଦରାବାଦର ମନଦାନ ହାର ୪୬.୫%ଥିଲା ଯାହା ଯାହା ଦେଶର ସପ୍ତମ ନିମ୍ନତମ । ମାଲକାଜଗିରି ନିର୍ବାଚନମଣ୍ଡଳୀ ମତଦାନ ହାର ୪୯.୬% ଯାହା ଦେଶର ଦ୍ୱାଦଶ ନିମ୍ନତମ । ସେହିଭଳି ଝେଭିଲା ଲୋକସଭା ନିର୍ବାଚନମଣ୍ଡଳୀ ମତଦାନ ହାର ୫୩.୨% ଯାହା ଦେଶର ପଞ୍ଚବିଂଶ ନିମ୍ନତମ ।



**ରାହୁଲଙ୍କୁ ପ୍ରଶାନ୍ତ କିଶୋରଙ୍କ ପରାମର୍ଶ**

## ନିର୍ବାଚନ ହାରିଲେ ଇସ୍ତଫା ଦିଅନ୍ତୁ

ରାଜନୈତିକ ବିଶାରଦ ଏବଂ ନିର୍ବାଚନ ରଣନୀତିଜ୍ଞ ପ୍ରଶାନ୍ତ କିଶୋର ଆଗାମୀ ନିର୍ବାଚନକୁ ନେଇ ବିଭିନ୍ନ ଦିଗରେ ଆକଳନ କରିବା ସହିତ ପରୋକ୍ଷରେ ବିଜେପିର ବିଜୟକୁ ସୂଚିତ କରିଛନ୍ତି । ଅନ୍ୟପକ୍ଷରେ କଂଗ୍ରେସର ପରାଜୟ ଆକଳନକୁ ନେଇ ସେ ରାହୁଲ ଗାନ୍ଧୀଙ୍କ ପ୍ରତି ପରାମର୍ଶ ଜାରି କରିଛନ୍ତି । ସେ କହିଛନ୍ତି ଯେ, ଯଦି ଲୋକସଭା ନିର୍ବାଚନରେ କଂଗ୍ରେସ ଆଶାନୁରୂପ ପ୍ରଦର୍ଶନ କରି ନ ପାରେ ତେବେ ରାହୁଲ ଇସ୍ତଫା ଦେବାକୁ ବିଚାର କରିବା ଉଚିତ । ଗଣମାଧ୍ୟମ ସହ ଏକ ସାକ୍ଷାତକାରରେ ସେ କହିଛନ୍ତି ଯେ, ରାହୁଲ ଗାନ୍ଧୀ ତାଙ୍କ ବିଚାରଧାରାରେ ଦଳ ପରିଚାଳିତ କରୁଛନ୍ତି । ହେଲେ ସବୁ ସମୟରେ ଦଳୀୟ ନେତୃତ୍ୱକୁ ନେଇ ସମସ୍ୟା ଲାଗି ରହିଛି । ଦଳୀୟ ସାଂଗଠନିକ କାର୍ଯ୍ୟ ହେଉ କି ଚିନ୍ତାଧାରା, ଗତ ୧୦ ବର୍ଷ ମଧ୍ୟରେ ସେ ସବୁଥିରେ ଅସମର୍ଥ ହୋଇଥିଲେ ମଧ୍ୟ ପଛକୁ ହଟିଯିବାକୁ କିମ୍ବା ଅନ୍ୟ କାହା ହାତରେ ଦଳର ନେତୃତ୍ୱ ଦେବାକୁ ଚାହିଁ ନାହାନ୍ତି । ତାଙ୍କ ମତରେ ଏହା ମଧ୍ୟ ଗଣତାନ୍ତ୍ରିକ ବିରୋଧୀ ବୋଲି ସେ କହିଛନ୍ତି । ଏକଦା କଂଗ୍ରେସ ଦଳ ପାଇଁ ପୁନରୁଦ୍ଧାର ଯୋଜନା ପ୍ରସ୍ତୁତ କରିଥିବା କିଶୋର କହିଛନ୍ତି, ତାଙ୍କ ରଣନୀତିକୁ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ମଧ୍ୟ ଦଳରେ ସଙ୍କଟ ଦେଖାଯାଇଥିଲା । ତାଙ୍କର ବିଚାରଧାରା ଏବଂ ପରାମର୍ଶକୁ କାର୍ଯ୍ୟକାରୀ କରିବାକୁ ଦଳ ମଧ୍ୟରେ ଦ୍ୱନ୍ଦ୍ୱ ଦେଖାଯିବାରୁ ସେ ଦଳରୁ ଓହରି ଯାଇଥିଲେ ବୋଲି କହିଛନ୍ତି । କଂଗ୍ରେସକୁ ବିଗତ ୧୦ ବର୍ଷ ମଧ୍ୟରେ କୌଣସି ସଫଳତା ମିଳି ନାହିଁ। ଯଦି ବିନା ସଫଳତାରେ ଜଣେ କାର୍ଯ୍ୟ କରିପାରନ୍ତି ସେତେବେଳେ ସେହି ବ୍ୟକ୍ତିଙ୍କ ପାଇଁ ବିରତି ନେବାରେ କୌଣସି କ୍ଷତି ନାହିଁ ବୋଲି ରାହୁଲଙ୍କ ଉଦ୍ଦେଶ୍ୟରେ ପ୍ରଶାନ୍ତ କହିଛନ୍ତି । କ୍ରମାଗତ ବିଫଳ ହୋଇ ଚାଲିଥିବା ନେତା ଅନ୍ୟ କାହାରି ହାତରେ ଅନ୍ୟୂନ ପାଞ୍ଚ ବର୍ଷ ପାଇଁ କାର୍ଯ୍ୟ କରିବାକୁ ଦେବା ଉଚିତ ବୋଲି ସେ କହିଛନ୍ତି । ରାଜୀବ ଗାନ୍ଧୀଙ୍କ ନିଧନ ପରେ ରାଜନୀତିରୁ ଦୂରେଇ ରହିବାକୁ ସୋନିଆ ଗାନ୍ଧିଙ୍କ ନିଷ୍ପତ୍ତିକୁ ମନେ ପକାଇ ରାହୁଲଙ୍କ ଉଦ୍ଦେଶ୍ୟରେ ସେ କହିଛନ୍ତି ଯେ, ତାଙ୍କ ମାଆ ମଧ୍ୟ ଏଭଳି କରିବାକୁ ପଛାଇ ନଥିଲେ । ସେତେବେଳେ ସୋନିଆ ଦଳୀୟ ଦାୟିତ୍ୱ ପିଭି ନରସିଂହ ରାଓଙ୍କୁ ଦେଇଥିଲେ । ବିଶ୍ୱସ୍ତରରେ ସଫଳ ନେତାମାନଙ୍କ ଉଦାହରଣ ଦେଇ ସେ କହିଛନ୍ତି ଯେ,ରାଜନୀତିରେ ଯେଉଁମାନେ ସଫଳ ହୋଇଛନ୍ତି ସେମାନେ ସଦାସର୍ବଦା ସେମାନଙ୍କ ଭିତରେ ରହିଥିବା ଅଭାବ କିମ୍ବା ନକରାତ୍ମକ ଦିଗକୁ ତର୍ଜମା କରିଥାଆନ୍ତି । ପରେ ବିଚାର ବିମର୍ଷ କରି ତାହାର ନିରାକରଣ ମଧ୍ୟ କରାଇଥାଆନ୍ତି ।

କିନ୍ତୁ ରାହୁଲଙ୍କ କ୍ଷେତ୍ରରେ ତାହା କେବେ ବି ଦେଖିବାକୁ ମିଳିନାହିଁ । ସେ ସବୁ ଜାଣିଛନ୍ତି ଏବଂ ସବୁକିଛି କରିପାରିବେ ବୋଲି ଅନୁଭବ କରନ୍ତି । ଯଦି କେହି ବ୍ୟକ୍ତି ନିଜ ପାଇଁ ସହଯୋଗ କିମ୍ବା ସହାୟତାର ଆବଶ୍ୟକତା କ'ଣ ରହିଛି ତାହାକୁ ବୁଝିବାକୁ ଅକ୍ଷମ ହୁଅନ୍ତି ତେବେ ତାଙ୍କୁ କିଏ ବା କାହିଁକି ସହାୟତା କରିବ ବୋଲି ପ୍ରଶାନ୍ତ ପ୍ରଶ୍ନ କରିଛନ୍ତି । ରାହୁଲ ଭାବନ୍ତି ଯେ, ତାଙ୍କ ପାଇଁ ଜଣେ ବ୍ୟକ୍ତିଙ୍କ ସହାୟତାର ଆବଶ୍ୟକତା ରହିଛି । କିନ୍ତୁ ସେ ଯାହା ଚାହାନ୍ତି ତାହାକୁ ବିନା ଆପତ୍ତିରେ ଯେଭଳି କାର୍ଯ୍ୟକାରୀ କରାଯିବ ଏହା ମଧ୍ୟ ଚାହାନ୍ତି । ଯାହାକି କେବେ ସମ୍ଭବ ହୋଇପାରି ନାହିଁ।



## ନେହରୁ, ଇନ୍ଦିରା ଓ ମୋଦୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଆଜିକାଲି ଦୁଇ ଭୂତପୂର୍ବ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁ ଓ ଇନ୍ଦିରା ଗାନ୍ଧୀଙ୍କ ସହ ତୁଳନା କରାଯାଉଛି । ଭିନ୍ନ ଭିନ୍ନ ପିଢ଼ିର ଏହି ତିନି ପ୍ରଧାନମନ୍ତ୍ରୀଙ୍କୁ ତୁଳନା କରାଯିବାର କାରଣ ହେଉଛି, ସମଗ୍ର ଭାରତରେ ସେମାନଙ୍କ ରାଜନୈତିକ ପତିଆରା ଓ ପ୍ରଭାବ, ନିଜ ଦଳ ଉପରେ ସେମାନଙ୍କ ପୂର୍ଣ୍ଣ ନିୟନ୍ତ୍ରଣ ଓ ଲୋକପ୍ରିୟତା ଏବଂ ସର୍ବୋପରି ନିଜ ଦଳକୁ ଏକାକୀ ଜିତାଇବାର ସେମାନଙ୍କ ସାମର୍ଥ୍ୟ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଦେଶର ସବୁଠାରୁ ଅଧିକ ଲୋକପ୍ରିୟ ଜନନେତା । ଏବେ ଭାରତର ଜନସଂଖ୍ୟାର ୫୮.୨୨% ନାଗରିକ ହେଉଛନ୍ତି ବିଜେପି ନେତୃତ୍ୱରେ ପରିଚାଳିତ ଏନଡିଏର ଶାସନାଧୀନ । ବିଭିନ୍ନ ରାଜ୍ୟର ବିଜେପି ସରକାର ଏବେ ୫୩% ଭାରତୀୟଙ୍କୁ ଶାସନ କରୁଛନ୍ତି । ଜନସଂଖ୍ୟାର ୫.୪୧%ଙ୍କୁ ଶାସନ କରୁଛନ୍ତି ଏନଡିଏର ଅନ୍ୟ ଅଂଶୀଦାର ବା ସହଯୋଗୀ ଦଳ ।

କେନ୍ଦ୍ରରେ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ଥାଇ ସରକାର ଚଳାଇବା ଓ ୫୨.୮୧% ନାଗରିକ ରହୁଥିବା ରାଜ୍ୟଗୁଡ଼ିକରେ ଶାସନ କ୍ଷମତା ପାଇବା ନିଶ୍ଚୟ ଏକ ବିରାଟ ସଫଳତା । ବିଜେପିର ଏହି ସଫଳତା କେବଳ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପାଇଁ- ଏହା ସ୍ୱୀକାର୍ଯ୍ୟ । ଦିନେ ମୋଦୀ ଥିଲେ ବିଜେପିର, ଆଜି ବିଜେପି ହେଉଛି ମୋଦୀଙ୍କର । ନେହରୁ ଓ ଇନ୍ଦିରାଙ୍କ ଭଳି ମୋଦୀ କୌଣସି ବୁନିଆଦୀର ସାହାରାରେ ଏହି ଉଚ୍ଚତାକୁ ଉଠିନାହାନ୍ତି । ଜବାହରଲାଲ ନେହରୁ ଥିଲେ ବିଖ୍ୟାତ ଆଇନଜ୍ଞ, ବରିଷ୍ଠ କଂଗ୍ରେସ ନେତା ମୋତିଲାଲ ନେହରୁଙ୍କ ପୁତ୍ର । ଜବାହର କେମ୍ବ୍ରିଜରେ ଶିକ୍ଷାଲାଭ କରିଥିଲେ । ଇନ୍ଦିରା ଥିଲେ ଜବାହରଲାଲଙ୍କ କନ୍ୟା । ମୋଦୀ କିନ୍ତୁ ରାସ୍ତା କଡ଼ରେ ଚାହା ଦୋକାନ ଚଳାଉଥିବା ଜଣେ ଅତିସାଧାରଣ ବ୍ୟକ୍ତିଙ୍କ ସନ୍ତାନ । ସେ ନିଜ ପ୍ରତିଭା, ପ୍ରଚେଷ୍ଟା, ଆତ୍ମବିଶ୍ୱାସ, ସାଧୁତା ଓ କର୍ମପ୍ରବଣତାକୁ ସାଥୀରେ ନେଇ ତୃଣମୂଳ ସ୍ତରରୁ ଉଠି ଜନନେତା, ପ୍ରଧାନମନ୍ତ୍ରୀ, ବିଜେପର ମୁଖ୍ୟ ଭୋଟ ସଂଗ୍ରାହକ ଓ ବିଶ୍ୱର ଅନ୍ୟତମ ସଫଳ ନେତା ହୋଇଛନ୍ତି । ୧୯୫୭ ଲୋକସଭା ନିର୍ବାଚନରେ ନେହରୁଙ୍କ ନେତୃତ୍ୱରେ କଂଗ୍ରେସ ଦଳ ମୋଟ ୪୯୪ ଆସନରୁ ୩୭୧ଟି ଜିତିଥିଲା । ସେହି ନିର୍ବାଚନରେ କଂଗ୍ରେସ ପାଇଥିଲା ୪୭.୮%ଚଭୋଟ । ୧୯୭୧ ଲୋକସଭା ନିର୍ବାଚନରେ ଇନ୍ଦିରାଙ୍କ ନେତୃତ୍ୱରେ କଂଗ୍ରେସ ଦଳ ମୋଟ ୫୧୮ ଆସନରୁ ଜିତିଥିଲା ୩୫୨ ଆସନ । ସେହି ନିର୍ବାଚନରେ କଂଗ୍ରେସ ପାଇଥିଲା୪୩.୭% ଭୋଟ । ୨୦୧୪ ଲୋକସଭା ନିର୍ବାଚନରେ ମୋଦୀଙ୍କ ନେତୃତ୍ୱରେ ବିଜେପି ପାଇଥିଲା ଏକକ ସଂଖ୍ୟାଗରିଷ୍ଠତା । ମୋଦୀଙ୍କ ୨୦୧୪ ବିଜୟ ଏଥିପାଇଁ ମହତ୍ତ୍ୱପୂର୍ଣ୍ଣ ଯେ ୧୯୮୪ ପରଠାରୁ ଅନୁଷ୍ଠିତ ଲୋକସଭା ନିର୍ବାଚନଗୁଡ଼ିକରେ । କୌଣସି ଦଳ ଏକକ ସଂଖ୍ୟାଗରିଷ୍ଠତା ପାଇବାକୁ ସକ୍ଷମ ହୋଇ ନଥିଲା ଓ ମେଣ୍ଟ ସରକାରର ଯୁଗ ଚାଲିଥିଲା । ମୋଦୀଙ୍କ ବିଜୟ ମେଣ୍ଟ ସରକାରର ଯୁଗାବସାନ ଘଟାଇଥିଲା । ତେବେ ନିର୍ବାଚନୀ ସଫଳତା ଦୃଷ୍ଟିରୁ ନେହରୁ ଓ ଇନ୍ଦିରାଙ୍କୁ ମୋଦୀ ଟପିପାରି ନାହାନ୍ତି । ୨୦୧୪ରେ ମାତ୍ର ୩୧% ଭୋଟ ପାଇ ବିଜେପି ୨୮୨ ଆସନ ପାଇଥିଲା । କୌଣସି ଦଳ ଏତେ କମ୍ ହାର ଭୋଟ ପାଇ ଏକକ ସଂଖ୍ୟାଗରିଷ୍ଠତା ହାସଲ କରିପାରିବା ପ୍ରଥମ ଥିଲା ଓ ଅଛି । ୧୯୬୭ ଲୋକସଭା ନିର୍ବାଚନରେ କଂଗ୍ରେସ ଦଳ ୪୦.୮% ଭୋଟ ପାଇ ମୋଟ ୫୨୦ ଆସନରୁ ୨୮୩ଟିରେ ଜିତି ଏକକ ସଂଖ୍ୟାଗରିଷ୍ଠତା ହାସଲ କରିଥିଲା । ୧୯୭୭ରେ ଇନ୍ଦିରାଙ୍କ ନେତୃତ୍ୱରେ ସାଧାରଣ ନିର୍ବାଚନ ଲଢ଼ି କଂଗ୍ରେସ ହାରିଥିଲା; କିନ୍ତୁ ପାଇଥିଲା ୩୪.୫୨% ଭୋଟ । ଅର୍ଥାତ ଜରୁରୀ ଅବସ୍ଥା ପରବର୍ତ୍ତୀ ଇନ୍ଦିରା ବିରୋଧୀ ଲହର ବେଳେ ଇନ୍ଦିରା ଗାନ୍ଧୀ ଓ ତାଙ୍କ ପୁତ୍ର ସଞ୍ଜୟ ଗାନ୍ଧୀ ହାରିଥିବା ସତ୍ତ୍ୱେ କଂଗ୍ରେସର ଭୋଟ ହାର ଯାହା ଥିଲା ତାହା ମୋଦୀଙ୍କର ୨୦୧୪ ଭୋଟ ହାରଠାରୁ ପ୍ରାୟ ୫% ଅଧିକ । ବିଜେପି ୨୦୧୪ ଲୋକସଭା ନିର୍ବାଚନରେ ଦିଲ୍ଲୀ ଓ ବିହାରର ପ୍ରାୟ ସମସ୍ତ ଆସନ ଜିତିଥିବା ସତ୍ତ୍ୱେ ସେ ଦୁଇ ରାଜ୍ୟରେ ଅଳ୍ପ କିଛି ମାସ ପରେ ହୋଇଥିବା ବିଧାନସଭା ନିର୍ବାଚନ ହାରିଥିଲା । ପଞ୍ଜାବରେ ମଧ୍ୟ ବିଜେପି ମେଣ୍ଟ ହାରିଥିଲା । ୨୦୧୯ରେ ମୋଦୀଙ୍କ ନେତୃତ୍ୱରେ ବିଜେପି ୩୭.୩୬ % ଭୋଟ ଓ ୩୦୩ ଲୋକସଭା ଆସନ ଜିତି ଦ୍ୱିତୀୟ ବାର ଏକକ ସଂଖ୍ୟାଗରିଷ୍ଠତା ପାଇଛି । ଏହି ସଂଖ୍ୟାବଳରେ ପ୍ରଧାନମନ୍ତ୍ରୀ ମୋଦୀ ଜମ୍ମୁ-କଶ୍ମୀର ପାଇଁ ଉଦ୍ଦିଷ୍ଟ ସମ୍ବିଧାନର ୩୭୦ ଧାରା ଉଚ୍ଛେଦ କରି ସେ ରାଜ୍ୟକୁ ଭାଗଭାଗ କରିଛନ୍ତି । ତିନି ତଲାକ ସମ୍ପର୍କିତ ଆଇନ ଆଣି ମୁସଲିମଙ୍କ ବ୍ୟକ୍ତଗତ ଆଇନକୁ ନିଷ୍ପ୍ରଭ କରିଛନ୍ତି ।

କେବଳ ଜାତୀୟ ରାଜନୀତି ନୁହେଁ ; ବୈଶ୍ୱିକ ରାଜନୀତିରେ ମଧ୍ୟ ମୋଦୀ ତାଙ୍କ ଶାସନକାଳରେ ନିଜର ପ୍ରଭାବ ବିସ୍ତାର ସହ ଭାରତର ପ୍ରତିପତ୍ତିକୁ ବଢାଇବା ାରେ ସକ୍ଷମ ହୋଇଛନ୍ତି । ବିଶେଷକରି ଆମେରିକା ଏବଂ ରୁଷିଆ ଭଳି ବିଶ୍ୱର ଦୁଇ ମହାଶକ୍ତି ସହ ଭାରତ କୂଟନୀତିକ ସମ୍ପର୍କକୁ ସୁଦୃଢ କରିବା ଏବଂ ଅନ୍ୟ ପାଶ୍ଚାତ୍ୟ ରାଷ୍ଟ୍ରଙ୍କ ସହ ବ୍ୟବସାୟିକ ଓ ବାଣିଜ୍ୟିକ ସମ୍ପର୍କ ବଢାଇବା ଦିଗରେ ମୋଦୀ ସକ୍ଷମ ହୋଇଛନ୍ତି । ଅନ୍ୟପକ୍ଷରେ ଆରବ ରାଷ୍ଟ୍ରମାନଙ୍କ ସହ ମୋଦୀଙ୍କ ନେତୃତ୍ୱରେ ଭାରତର ସମ୍ପର୍କ ବୃଦ୍ଧି ମୋଦୀଙ୍କ ବୈଦେଶିକ ନୀତିକୁ ଏକ ନୂଆ ରୂପ ଦେଇଛି, ଯାହାକୁ ଦେଶବାସୀ ହୃଦୟଙ୍ଗମ କରିପାରିଛନ୍ତି । ତେଣୁ ଜାତୀୟ ଏବଂ ଆନ୍ତର୍ଜାତିକ ସ୍ତରରେ ମୋଦୀଙ୍କ ଲୋକପ୍ରିୟତା ଆହୁରି ବୃଦ୍ଧିମନ୍ତ ହେବା ସହିତ ସେ ଅନ୍ୟ ଦୁଇ ଦିଂବଗତ ପ୍ରଧାନମନ୍ତ୍ରୀଙ୍କ ତୁଳନାରେ ବି ନିଜକୁ ଉଚ୍ଚ ସ୍ଥାନ ଦେଇପାରିଛନ୍ତି । ତେଣୁ ଏହାର ପ୍ରଭାବ ମଧ୍ୟ ଆଗାମୀ ନିର୍ବାଚନରେ ଭୋଟରମାନଙ୍କ କ୍ଷେତ୍ରରେ ପଡ଼ିବ ବୋଲି ରାଜନୈତିକ ପଣ୍ଡିତମାନେ ଆକଳନ କରୁଛନ୍ତି ।







## ଆଜି ଆସିଥିଲେ...

# କଥାଶିଳ୍ପୀ ରାଜକିଶୋର ପଟ୍ଟନାୟକ



ଓଡ଼ିଆ ସାହିତ୍ୟର ଅନ୍ୟତମ ପ୍ରତିଷ୍ଠିତ କଥାଶିଳ୍ପୀ ଥିଲେ ରାଜକିଶୋର ପଟ୍ଟନାୟକ। ଜୀବନର ବିବିଧ ରୂପକୁ ରୂପାୟନ କରିବା କ୍ଷେତ୍ରରେ ତାଙ୍କ ଗଳ୍ପଗୁଡ଼ିକର ଭୂମିକା ବିଶେଷ ସ୍ମରଣୀୟ। ସେ ଏକାଧାରରେ ଅନନ୍ୟ ସାରସ୍ୱତ ସ୍ରଷ୍ଟା, ସତ୍ୟନିଷ୍ଠ ସାମ୍ବାଦିକ, ସମ୍ପାଦକ, ଦକ୍ଷ ଆଇନଜ୍ଞ, ସଫଳ କ୍ରୀଡ଼ାବିତ୍, ପ୍ରକାଶକ ତଥା ସମାଜସେବୀ ଭାବେ ଖ୍ୟାତି ଅର୍ଜନ କରିଛନ୍ତି।

୧୯୧୭ ମସିହା ଆଜିର ଦିନରେ ସେ କଲିକତାର ଗ୍ରେ ଷ୍ଟ୍ରିଟ୍‌ରେ ଜନ୍ମ ହୋଇଥିଲେ। ତାଙ୍କ ପିତା ଶ୍ରୀବସ୍ତ ପଟ୍ଟନାୟକ ଥିଲେ ଜଣେ ସରକାରୀ କର୍ମଚାରୀ। ତାଙ୍କ ପୈତୃକ ଗ୍ରାମ ଥିଲା ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ନିକଟସ୍ଥ ରସୁଲୁକୁଣ୍ଡା । ସେ ଜଣେ ମେଧାବୀ ଛାତ୍ର ଓ ଉତ୍ତମ ଖେଳାଳି ଥିଲେ । ସେ ରେଭେନ୍ସା ମହାବିଦ୍ୟାଳୟରୁ ବିଜ୍ଞାନରେ ସ୍ନାତକ ପାସ୍ କରି ଆଇନ ପଢ଼ିଥିଲେ। ସାଇକଲ ରେସିଂରେ ସେ ଚାମ୍ପିଅନ ହୋଇଥିଲେ ଓ ତାଙ୍କର ଏକ ରେକର୍ଡ ୪୦ ବର୍ଷ ଧରି ବଳବତ୍ତର ରହିଥିଲା। ୧୯୩୪ ମସିହାରେ ରାଜକିଶୋରଙ୍କର ସାରସ୍ୱତ ଜୀବନ ଆରମ୍ଭ ହୋଇଥିଲା । ସେ ସମୟରେ ସେ ନିଜର ପ୍ରଥମ ଉପନ୍ୟାସ ଲେଖିଥିଲେ, କିନ୍ତୁ ତାହା ଅସମ୍ପୂର୍ଣ୍ଣ ରହିଥିଲା । ୧୯୩୭ ମସିହାରେ ରେଭେନ୍ସାରେ ପଢୁଥିବା ସମୟରେ ସେ 'ନବଭାରତ' ପତ୍ରିକାରେ ଧାରାବାହିକ ଭାବରେ 'ମୋ ଚିଠି ଫାଇଲ' ଶୀର୍ଷକରେ ଲେଖାଲେଖି ଆରମ୍ଭ କରିଥିଲେ। ସେ ଲେଖାସବୁ ପରବର୍ତ୍ତୀ ସମୟରେ 'ପଞ୍ଜୁରୀ ପକ୍ଷୀ' ନାମରେ ପ୍ରକାଶ ପାଇଥିଲା। 'ପ୍ରେମର ନିୟତି', 'ସିନ୍ଦୂରଗାର', 'ବିରହିଣୀ', 'ଭସା ମେଘ', 'ଚଲାବାଟ', 'ପ୍ରୀତିର ବଣିକ', 'ପ୍ରେମିକର ଡାଏରି' ଆଦି ତାଙ୍କର କେତେକ ପ୍ରସିଦ୍ଧ ଉପନ୍ୟାସ। ୧୯୪୦ ମସିହାରୁ କଟକରେ ସେ ଓକିଲାତି କରୁଥିଲେ । କିଛିଦିନ ଆଇନ ପାଠର ଅଧ୍ୟାପନା ମଧ୍ୟ କରିଥିଲେ। ସାମ୍ବାଦିକତା ରାଜକିଶୋରଙ୍କ ଜୀବନର ଅନ୍ୟ ଏକ ବଳିଷ୍ଠ ଦିଗନ୍ତ ଭାବେ ପ୍ରତିଭାତ। 'ସ୍କ୍ରୁଟିନି', 'ପାଠଚକ୍ର', 'ଦୈନିକ', 'ଆମର ଆଇନ', 'କଟକ ଲ ନୋଟ୍‌ସ' ଆଦି ପତ୍ରପତ୍ରିକା ତାଙ୍କ ସଂପାଦନାରେ ପ୍ରକାଶ ପାଉଥିଲା। ସାହିତ୍ୟ କ୍ଷେତ୍ରରେ ସରକାରଙ୍କ ହସ୍ତକ୍ଷେପର ସେ ପ୍ରବଳ ବିରୋଧୀ ଥିଲେ। ସରକାରୀ ପରିଚାଳନାରେ ଓଡ଼ିଶା ସାହିତ୍ୟ ଏକାଡେମୀ ଗଠନର ସେ ତୀବ୍ର ବିରୋଧ କରିଥିଲେ। ୧୯୯୭ ମସିହା ମାର୍ଚ୍ଚ ୧ ତାରିଖରେ ଏହି ମହାନ୍ ସାରସ୍ୱତ ସାଧକଙ୍କର ପରଲୋକ ଘଟିଥିଲା। ଜୀବନ ଜଞ୍ଜାଳ ମଧ୍ୟରେ ସେ ଯେଉଁ ଗଳ୍ପ ଓ ଉପନ୍ୟାସଗୁଡ଼ିକ ରଚନା କରି ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି, ତାହା ଚିରଭାସ୍ୱର ହୋଇ ରହିବ।

# ମହାକାଶରେ ଶ୍ରଦ୍ଧାଞ୍ଜଳି



ଆଜିକାଲି ମୃତକଙ୍କୁ ବେଶ୍ ନିଆରା ଢଙ୍ଗରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଉଛି। ଏହି କ୍ରମରେ ଇଂଲଣ୍ଡର ଜଣେ ମହିଳାଙ୍କୁ ମହାକାଶରେ ଶ୍ରଦ୍ଧାଞ୍ଜଳି ଦିଆଯିବା ଘଟଣା ଚର୍ଚ୍ଚାର ଖୋରାକ ପାଲଟିଛି। ଏଲିଜାବେଥ୍ ଗ୍ରାସିଆ ନାମ୍ନୀ ଏହି ମହିଳାଙ୍କୁ ମହାକାଶରେ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି। କେବଳ ତାଙ୍କୁ ନୁହେଁ, ତାଙ୍କ ପୋଷା ବିଲେଇର ଅସ୍ଥି ପାଉଁଶ ମଧ୍ୟ ମହାକାଶରେ ପହଞ୍ଚିଛି। ଭ୍ରମଣ ସଉକ ରଖିଥିବା ଏଲିଜାବେଥ୍‌ଙ୍କର ୭୦ ବର୍ଷ ବୟସରେ ହୃଦ୍‌ରୋଗରେ ମୃତ୍ୟୁ ହୋଇଥିଲା। ଜୀବିତାବସ୍ଥାରେ ସେ ତାଙ୍କ ସ୍ୱାମୀ ଜନ୍‌ଙ୍କ ସହ ବିଶ୍ୱର ବିଭିନ୍ନ ସ୍ଥାନ ବୁଲିଥିଲେ। କିନ୍ତୁ ତାଙ୍କର ମହାକାଶ ଯାତ୍ରା ଇଚ୍ଛା ପୂର୍ଣ୍ଣ ହୋଇ ପାରି ନ ଥିଲା। ଯଦିଓ ସେ ବଞ୍ଚିଥିବାବେଳେ ମହାକାଶକୁ ଯାଇପାରିଲେ ନାହିଁ, ତଥାପି ତାଙ୍କ ଅସ୍ଥି ପାଉଁଶକୁ ସେଠାକୁ ପଠାଯାଇ ତାଙ୍କ ଇଚ୍ଛା ପୂରଣ କରାଯାଇଛି। ଅବଶ୍ୟ ଏ ଲାଗି ଏଲିଜାବେଥ୍ ମୃତ୍ୟୁ ପୂର୍ବରୁ ସମସ୍ତ ବ୍ୟବସ୍ଥା କରିଥିଲେ। ସେ ଜାଣିବାକୁ ପାଇଥିଲେ ଯେ, ଅରା ଫ୍ଲାଇଟ୍ସ ନାମକ ଏକ କମ୍ପାନି ଲୋକଙ୍କ ସ୍ମୃତି ମହାକାଶରେ ପ୍ରଦାନ କରିଥାଏ। ଏହାପରେ ସେ ଏହି କମ୍ପାନି ସହ ଆଲୋଚନା କରି ତାଙ୍କର ମୃତ୍ୟୁ ପରେ ଅସ୍ଥି ପାଉଁଶକୁ ମହାକାଶରେ ଛାଡ଼ିବାର ଇଚ୍ଛା କରିଥିଲେ। ଶେଷରେ ଏଲିଜାବେଥ୍‌ଙ୍କ ମୃତ୍ୟୁ ପରେ ଏକ ବିଶେଷଜ୍ଞ ଦଳ ତାଙ୍କର ଅସ୍ଥି ପାଉଁଶକୁ ଷ୍ଟ୍ରାଟୋଫେରିକ୍ ବେଲୁନ୍ ମାଧ୍ୟମରେ ଏକ ଜାହାଜ ଦ୍ୱାରା ପୃଥିବୀପୃଷ୍ଠରୁ ଏକ ଲକ୍ଷ ଫୁଟ୍ ଉପରକୁ ପଠାଇଥିଲେ। ଅସ୍ଥି ପାଉଁଶ ସହ ତାଙ୍କର ଏକ ଫଟୋକୁ ମଧ୍ୟ ମହାକାଶକୁ ପଠାଯାଇଥିଲା। ଏହି ପୂରା ଦୃଶ୍ୟକୁ କ୍ୟାମେରାରେ କଏଦ କରାଯାଇଥିଲା। ୨୦୨୩ ମସିହା ଜାନୁଆରୀରେ ଅରା ଫ୍ଲାଇଟ୍ସ ଏଭଳି ନିଆରା ଢଙ୍ଗରେ ଏଲିଜାବେଥ୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲା। ଏ ଲାଗି ୩.୧୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ଅନ୍ୟପଟେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ପରେ ଅରା ଫ୍ଲାଇଟ୍ସ ପକ୍ଷରୁ ଏନେଇ ଏକ ପ୍ରମାଣପତ୍ର ଏଲିଜାବେଥ୍‌ଙ୍କ ପରିବାରକୁ ପ୍ରଦାନ କରିଥିଲା।

## ଆଜିର ଦିନରେ

- ୧୮୫୭- ମହାନ୍ କ୍ରାନ୍ତିକାରୀ ମଙ୍ଗଳ ପାଣ୍ଡେଙ୍କୁ ଫାଶୀ ଦିଆଯାଇଥିଲା।
- ୧୮୯୪-ବନ୍ଦେ ମାତରମ୍ ସଙ୍ଗୀତର ରଚୟିତା ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କର କଲିକତାରେ ଦେହାନ୍ତ।
- ୧୯୫୦-ଭାରତ-ପାକିସ୍ତାନ ମଧ୍ୟରେ ଲିଆକତ-ନେହରୁ ବୁଝାମଣା।
- ୧୯୬୪-ନାସା ପ୍ରଥମ ଥର ମାନବବିହୀନ ମହାକାଶଯାନ ଜେମିନି-୧ ଲଞ୍ଚ୍ କଲା।
- ୧୯୭୩-ସ୍ପେନ୍‌ର ପ୍ରସିଦ୍ଧ ଚିତ୍ରକର ପାବଲୋ ପିକାସୋଙ୍କ ବିୟୋଗ।
- ୨୦୧୩- ବ୍ରିଟେନର ପୂର୍ବତନ ପ୍ରଧାନମନ୍ତ୍ରୀ ମାର୍ଗାରେଟ୍ ଥାଚରଙ୍କ ପରଲୋକ।

# 'ବାହୁବଳୀ-୨'ର ରେକର୍ଡ ଭାଙ୍ଗିବ 'ପୁଷ୍ପା-୨'



ଚଳିତବର୍ଷ ଅଗଷ୍ଟ ୧୫ରେ ପରଦାକୁ ଆସିବ ସାଉଥ୍‌ର ଲୋକପ୍ରିୟ ଅଭିନେତା ଅଲ୍ଲୁ ଅର୍ଜୁନ୍‌ଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ପୁଷ୍ପା: ଦ ରୁଲ୍'। 'ପୁଷ୍ପା: ଦ ରାଇଜ୍'ର ଅଭୂତପୂର୍ବ ସଫଳତା ପରେ ଏବେ 'ପୁଷ୍ପା: ଦ ରୁଲ୍'କୁ ନେଇ ଏହାର ନିର୍ମାତା ବେଶ୍ ଆଶାବାଦୀ ଅଛନ୍ତି। ପ୍ରଥମ ଭାଗର କାହାଣୀ, ଗୀତ ଓ ଡାଏଲଗ ଲୋକପ୍ରିୟ ହୋଇଥିବା ବେଳେ ଦ୍ୱିତୀୟ ଭାଗକୁ ବ୍ଲକବଷ୍ଟର୍ କରିବାକୁ ଯୋଜନା କରିଛନ୍ତି ଏହାର ନିର୍ମାତା। ଅନ୍ୟପକ୍ଷରେ ଏହିଦିନ ଅଜୟଦେବଗନ୍‌ଙ୍କ ଫିଲ୍ମ 'ସିଂଘମ୍ ଏଗେନ୍' ମଧ୍ୟ ରିଲିଜ୍ ହେବ। ଏଥିରୁ ଅଲ୍ଲୁ ଓ ଅଜୟଙ୍କ ମଧ୍ୟରେ କଡ଼ା ଟକ୍କର ହେବ ବୋଲି ଏକପ୍ରକାର ସ୍ପଷ୍ଟ ହୋଇଛି। 'ପୁଷ୍ପା-୨'କୁ ନେଇ ଦର୍ଶକେ ମଧ୍ୟ ବେଶ୍ ଉତ୍ସାହିତ ଅଛନ୍ତି। ବିଶେଷକରି ହିନ୍ଦୀ ବେଲ୍‌ଟର ଦର୍ଶକେ ଏହାକୁ ଅପେକ୍ଷା କରିଛନ୍ତି। ଅଲ୍ଲୁଙ୍କ ଜନ୍ମଦିନ(ଏପ୍ରିଲ୍ ୮ ତାରିଖ)ରେ ଫିଲ୍ମର ପ୍ରଥମ ଝଲକ୍ ଦର୍ଶକେ ପାଇପାରିବେ ବୋଲି କୁହାଯାଉଛି। ଫିଲ୍ମର ସୁଟିଂ ସରିସାଇଛି। ଏବେ ପୋଷ୍ଟ ପ୍ରଡକ୍ସନ୍ କାମ ଚାଲିଛି। ତେବେ 'ପୁଷ୍ପା-୨'ର କ୍ରେଜ୍ ଦେଖି ଏହା 'ବାହୁବଳୀ-୨'ର ରେକର୍ଡ କାଟିପାରେ ବୋଲି ଚର୍ଚ୍ଚା ହେବାକୁ ଲାଗିଲାଣି। 'ବାହୁବଳୀ-୨' ହିନ୍ଦୀ ଭର୍ସନ୍‌ରେ ସାନଦାର୍ ବିଜିନେସ୍ କରିଥିଲା। ଏହା ୫୧୧ କୋଟି ଆୟ କରିଥିଲା। ଏହା ଏକମାତ୍ର ସାଉଥ୍ ଫିଲ୍ମ ଯାହା ହିନ୍ଦୀ ଡବ୍ ହୋଇ ୫୦୦ କୋଟି ଆୟ କରିଥିଲା। ତେବେ 'ପୁଷ୍ପା-୨' ହିନ୍ଦୀ ବେଲ୍‌ଟରେ ୬୦୦ କୋଟିରୁ ଅଧିକ ଆୟ କରିବ ବୋଲି ଆକଳନ କରାଯାଉଛି।

## ଆଜିର ରାଶିଫଳ

- **ମେଷ:** ମନୋରଞ୍ଜନରେ ସମୟ ଅତିବାହିତ ହେବ। ସମ୍ପର୍କୀୟଙ୍କ ସହଯୋଗରୁ ଚାକିରି ମିଳିବ। ବ୍ୟବସାୟ ଆଗକୁ ବଢ଼ାଇବେ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଧନପ୍ରାପ୍ତି ଯୋଗ ଅଛି।
- **ବୃଷ:** ବିନମ୍ରତା ସହ କଥାବାର୍ତ୍ତା କରନ୍ତୁ। ପିଲାଙ୍କ ସହ ସମୟ ଅତିବାହିତ କରିବେ। କ୍ଷୁଦ୍ର ଉଦ୍ୟୋଗୀଙ୍କୁ ଲାଭ ମିଳିବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।
- **ମିଥୁନ:** ଅଟକି ରହିଥିବା କାର୍ଯ୍ୟ ପୁଣି ଥରେ ଆରମ୍ଭ କରିବେ। ପ୍ରେମିକ-ପ୍ରେମିକାଙ୍କୁ ଦିନଟି ଶୁଭଫଳ ପ୍ରଦାନ କରିବ। ଭାବପ୍ରବଣ ହୋଇ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ଯାତ୍ରା ଯୋଗ ଅଛି।
- **କର୍କଟ:** ତରବରିଆ ଭାବେ ନିବେଶ କରନ୍ତୁ ନାହିଁ। ଜୀବନସାଥୀଙ୍କଠାରୁ ଭଲ ଖବର ପାଇବେ। ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ଅଯଥା କାମରେ ସମୟ ନଷ୍ଟ କରନ୍ତୁନି।
- **ସିଂହ:** ଚିନ୍ତା ଦୂର ହେବ। ଯେକୌଣସି ପରିସ୍ଥିତିରେ ଧୈର୍ଯ୍ୟ ହରାନ୍ତୁନି। ଅଫିସ୍‌ରେ ସହକର୍ମୀଙ୍କ ସହିତ ମନୋମାଳିନ୍ୟ ଦେଖା ଦେବ। ପିଲାଙ୍କ ପଢ଼ାପାଇଁ ବ୍ୟସ୍ତ ବିବ୍ରତ ହେବେ। ସମାଜସେବାରେ ସମୟ ଦେବେ।
- **କନ୍ୟା:** ବନ୍ଧୁଙ୍କ ଦ୍ୱାରା ଆୟର ମାର୍ଗ ଉନ୍ମୁକ୍ତ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ନିଜ ପାଇଁ ସମୟ ବାହାର କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।
- **ତୁଳା:** ଯୋଜନା ମୁତାବକ କାର୍ଯ୍ୟ କରନ୍ତୁ। ପଡ଼ୋଶୀଙ୍କଠାରୁ ବିବାଦରୁ ଦୂରେଇ ରୁହନ୍ତୁ। ଭାଇ,ଭଉଣୀଙ୍କ ସହଯୋଗ ମିଳିବ। ନିବେଶରୁ ଲାଭ ମିଳିବ। ଉଚ୍ଚଶିକ୍ଷା ପାଇଁ ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ।
- **ବିଛା:** ପୈତୃକ ବ୍ୟବସାୟରେ ପରିବର୍ତ୍ତନ ଆଣିବେ। ବିବାହକୁ ନେଇ ଶୁଭ ଖବର ମିଳିବ। ବିଳମ୍ବରେ କାର୍ଯ୍ୟ ଆରମ୍ଭ କରିବେ। ଜୀବନସାଥୀଙ୍କ ମନଦୁଃଖ ହେବ। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ।
- **ଧନୁ:** ଦିନଟି ହସଖୁସିରେ ଅତିବାହିତ ହେବ। ପୁରୁଣା ବନ୍ଧୁଙ୍କ ସହ ଭେଟ ହେବ। ଶାରୀରିକ ପୀଡ଼ା ଅନୁଭବ କରିବେ। ସୃଜନାତ୍ମକ କାମ ପ୍ରତି ରୁଚି ବଢ଼ିବ। ଅବିବାହିତାଙ୍କ ବିବାହରେ ସମସ୍ୟା ଉପୁଜିବ।
- **ମକର:** ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ସ୍ୱଭାବରେ ପରିବର୍ତ୍ତନ ଆସିବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ବୃଦ୍ଧି ପାଇବ। ଛାତ୍ରଛାତ୍ରୀ ଖେଳକୁଦରେ ସୁନାମ ଅର୍ଜନ କରିବେ।
- **କୁମ୍ଭ:** କର୍ମଚଞ୍ଚଳ ହେବେ। ଯାନବାହନ କିଣିବା ଯୋଗ ଅଛି। ଶତ୍ରୁଙ୍କଠାରୁ ଦୂରେଇ ରୁହନ୍ତୁ। ଠକାମିର ଶିକାର ହେବେ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସାହାଯ୍ୟ ମିଳିବ। ଆତ୍ମବିଶ୍ୱାସ ହରାନ୍ତୁନି।
- **ମୀନ:** ରାଜନୀତିରେ ଯୋଗଦେବେ। ଜୀବନସାଥୀଙ୍କୁ ମନକଥା କହିବେ। ଇଚ୍ଛା ପୂରଣ ହେବ। ନୂଆ ଚାକିରି ମିଳିବ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାମୁକ୍ତ ରହିବେ।

# ପାଦ ଅଙ୍ଗୁଳିରେ କଳାଫିତା



ଆଜିକାଲି ଉଭୟ ମହିଳା-ପୁରୁଷ ଗୋଡ଼ରେ କଳା ଫିତା ବାନ୍ଧୁଥିବା ଦେଖିବାକୁ ମିଳୁଛି। କେତେଜଣ ପାଦ ଅଙ୍ଗୁଳିରେ ମଧ୍ୟ କଳାଫିତା ବାନ୍ଧୁଛନ୍ତି। ଜ୍ୟୋତିଷ ଶାସ୍ତ୍ରରେ, ପାଦରେ ଅଙ୍ଗୁଳିରେ କଳାଫିତା ବାନ୍ଧିବାର ଅନେକ ଲାଭ ଥିବା କୁହାଯାଇଛି।

- କୁହାଯାଏ ଅଙ୍ଗୁଳିରେ କଳାଫିତା ବାନ୍ଧିବା ଦ୍ୱାରା ନକାରାତ୍ମକ ଶକ୍ତି ତଥା ଖରାପ ନଜରରୁ ରକ୍ଷା କରିବାରେ ସାହାଯ୍ୟ କରେ।
- ପାଦ ଅଙ୍ଗୁଳିରେ ଏହାକୁ ବାନ୍ଧିବା ଦ୍ୱାରା ସ୍ୱାସ୍ଥ୍ୟ ଭଲ ରହେ।
- ଜୀବନରେ ସକାରାତ୍ମକ ଶକ୍ତି ବଜାୟ ରହେ।
- ପାଦ ଅଙ୍ଗୁଳିରେ କଳାଫିତା ବାନ୍ଧିବା ଦ୍ୱାରା ଘର, ପରିବାର ଏବଂ ଜୀବନରେ ସୁଖଶାନ୍ତି ଆସେ।
- ଏଭଳି କରିବା ଦ୍ୱାରା କୁଣ୍ଡଳିରୁ ଶନିଙ୍କ ଦଶା ମଜଭୁତ ହୁଏ। ତା'ସହ ଶନି ଦୋଷରୁ ମୁକ୍ତି ମିଳିଥାଏ।

## ଗୀତାବାଣୀ

**ଅଜ୍ଞଶ୍ଚାଶ୍ରଦ୍ଦଧାନଶ୍ଚ ସଂଶୟାତ୍ମା ବିନଶ୍ୟତି।
ନାୟଂ ଲୋକୋଽସ୍ତି ନ ପରୋ
ନ ସୁଖଂ ସଂଶୟାତ୍ମନଃ ॥୪୦॥**



ବିବେକହୀନ ଓ ଶ୍ରଦ୍ଧାବିହୀନ ସଂଶୟାତ୍ମା ମନୁଷ୍ୟର ପତନ ହୁଏ। ଏପରି ସଂଶୟାତ୍ମା ମନୁଷ୍ୟ ପାଇଁ ଇହଲୋକ ହିତକର ହୁଏ ନାହିଁ, ପରଲୋକ ହିତକର ହୁଏ ନାହିଁ ଓ ସୁଖ ମଧ୍ୟ ନାହିଁ।

(ଚତୁର୍ଥୋଽଧ୍ୟାୟ ଶ୍ଲୋକ -୪୦)

# ସ୍ୱସ୍ତି

## ଭକ୍ତି ଓ ସଂଯମର
# ମାସ ଚୈତ୍ର



### ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ

ଏହି ମାସରେ ସୂର୍ଯ୍ୟ ଉଦୟ ପୂର୍ବରୁ ଉଠି ଥଣ୍ଡା ପାଣିରେ ସ୍ନାନ କରିବା ଉଚିତ। ଏହାପରେ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରି ଦିନ ତମାମ ଥରେ ଖାଦ୍ୟ ଗ୍ରହଣ କରିବା ଆବଶ୍ୟକ। ଏଭଳି କରିବା ଦ୍ୱାରା ରୋଗରୁ ରକ୍ଷା ମିଳିବା ସହ ଆୟୁ ବୃଦ୍ଧି ହେଉଥିବା ବିଶ୍ୱାସ ଅଛି। ଏହି କଥା ପୁରାଣ ସମେତ ଆୟୁର୍ବେଦ ଗ୍ରନ୍ଥରେ ଉଲ୍ଲେଖ ରହିଛି।

### ଭଗବାନ ବିଷ୍ଣୁଙ୍କ ପ୍ରଥମ ଅବତାର

ପୌରାଣିକ ମାନ୍ୟତାନୁସାରେ, ଚୈତ୍ର ଶୁକ୍ଳ ପ୍ରତିପଦାରୁ ହିଁ ବ୍ରହ୍ମା ସୃଷ୍ଟିର ରଚନା କରିଥିଲେ। ଏହାକୁ ରାଷ୍ଟ୍ରୀୟ ନବବର୍ଷ ଭାବେ ପାଳନ କରାଯାଏ। ଅନ୍ୟପକ୍ଷରେ ଏହି ମାସରେ ଭଗବାନ ବିଷ୍ଣୁ ଦଶାବତାର ମଧ୍ୟରୁ ପ୍ରଥମେ ମତ୍ସ୍ୟ ଅବତାର ନେଇଥିଲେ। ମତ୍ସ୍ୟ ଅବତାର ଗ୍ରହଣ କରି ପ୍ରଳୟକାଳରେ ଜଳରେ ମନୁଙ୍କ ନୌକାକୁ ସୁରକ୍ଷିତ ସ୍ଥାନରେ ପହଞ୍ଚାଇ ଥିଲେ। ପ୍ରଳୟକାଳ ଶେଷ ହେବା ପରେ ମନୁଙ୍କଠାରୁ ହିଁ ନୂଆ ସୃଷ୍ଟିର ରଚନା ହେଲା।

### ମଧୁ ଅମାବାସ୍ୟା

ଚୈତ୍ର କୃଷ୍ଣ ପକ୍ଷରେ ପଡୁଥିବା ଅମାବାସ୍ୟାକୁ 'ଚୈତ୍ର ଅମାବାସ୍ୟା' ବା ମଧୁ ଅମାବାସ୍ୟା କୁହାଯାଏ। ହିନ୍ଦୁ ଧର୍ମରେ ଅମାବାସ୍ୟାର ବିଶେଷ ମହତ୍ତ୍ୱ ଥିବା ବେଳେ ଏହିଦିନ ସ୍ନାନ, ଦାନ ତଥା ଅନ୍ୟାନ୍ୟ ଧାର୍ମିକ କାର୍ଯ୍ୟ କରାଯାଏ। ଏହିଦିନ ପିତୃପୁରୁଷଙ୍କ ମୋକ୍ଷପ୍ରାପ୍ତି ପାଇଁ ପୂଜା ତଥା ବ୍ରତ ରଖିବା ବିଧି ଅଛି। ତା'ସହ ଗରିବଙ୍କୁ ଅନ୍ନଦାନ କରାଇଲେ ଉତ୍ତମ ଫଳ ପ୍ରାପ୍ତି ହୁଏ।

**ହିନ୍ଦୁ ଧର୍ମରେ ଚୈତ୍ର ମାସର ବିଶେଷ ମହତ୍ତ୍ୱ ଅଛି। ଏହି ମାସକୁ ଭକ୍ତି ଓ ସଂଯମର ମାସ ବୋଲି କୁହାଯାଏ। କାରଣ ଏହି ମାସରେ ଅନେକ ବ୍ରତ ଓ ପୂଜାପର୍ବ ପାଳନ କରାଯାଇଥାଏ।**

### କ'ଣ କରଣୀୟ

- ମହାଭାରତ ଅନୁସାରେ ଏହି ମାସରେ ଗୋଟିଏ ଥର ଖାଦ୍ୟ ଗ୍ରହଣ କରିବା ଉଚିତ।
- ନିୟମିତ ଭାବେ ଭଗବାନ ବିଷ୍ଣୁ ଏବଂ ସୂର୍ଯ୍ୟଙ୍କ ଉପାସନା ସାଙ୍ଗକୁ ବ୍ରତ ରଖିବା ଦରକାର।
- ସୂର୍ଯ୍ୟୋଦୟ ପୂର୍ବରୁ ଉଠି ଧ୍ୟାନ ଓ ଯୋଗ କରିବା ଆବଶ୍ୟକ। ଏପରି କରିବା ଦ୍ୱାରା ମଣିଷ ଚିନ୍ତାମୁକ୍ତ ଓ ସୁସ୍ଥ ରହେ।
- ଗଛଲତାରେ ପାଣି ଦେବା ସହ ଲାଲ୍ ଫଳ ଦାନ କରିବା ଉଚିତ।
- ଏହି ମାସରେ ନିମ୍ବ ପିତା ଖାଇବା ଭଲ।

# ସୂର୍ଯ୍ୟଙ୍କ ସହ ଶୁକ୍ରଙ୍କ ମିଳନ

## ଚମକିବ ତିନି ରାଶିଙ୍କ ଭାଗ୍ୟ



ଜ୍ୟୋତିଷ ଶାସ୍ତ୍ର ଅନୁସାରେ ପ୍ରତ୍ୟେକ ଗ୍ରହଙ୍କ ପରିବର୍ତ୍ତନ ଖୁବ୍ ଗୁରୁତ୍ୱ ବହନ କରେ। ଏହାର ପ୍ରଭାବ ୧୨ଟି ରାଶି ଉପରେ ପଡ଼ିଥାଏ। କେଉଁ ରାଶି ଉପରେ ଶୁଭ ତ ଆଉ କାହା ଉପରେ ଅଶୁଭ। ଏ ଦୃଷ୍ଟିରୁ ଏପ୍ରିଲ ମାସରେ ଅନେକ ଗ୍ରହ ସେମାନଙ୍କ ସ୍ଥିତି ପରିବର୍ତ୍ତନ କରିବେ। ତେବେ ଏପ୍ରିଲ ୧୩ରେ ଗ୍ରହ ରାଜ ସୂର୍ଯ୍ୟ ମେଷ ରାଶିରେ ପ୍ରବେଶ କରୁଥିବା ବେଳେ ଏପ୍ରିଲ ୨୪ରେ ସୁଖ ସୁବିଧାର ଦାତା ଶୁକ୍ର ଗ୍ରହ ମଧ୍ୟ ମେଷ ରାଶିକୁ ପ୍ରବେଶ କରିବେ। ଏହାର ଫଳସ୍ୱରୂପ ସୂର୍ଯ୍ୟ ଓ ଶୁକ୍ରଙ୍କ ମିଳନ ଘଟିବ। ଏହି ମିଳନ ତିନି ରାଶି ପାଇଁ ଶୁଭଫଳ ପ୍ରଦାନ କରିବ।

- **ସିଂହ:** କାର୍ଯ୍ୟରେ ସମସ୍ତ ବାଧା ଦୂର ହେବ ଏବଂ ସଫଳତା ପ୍ରାପ୍ତି ହେବ। ଅଟକି ରହିଥିବା କାର୍ଯ୍ୟ ଶେଷ ହେବ। ନୂଆ ଯାନବାହନ କ୍ରୟ କରିବା ଯୋଗ ଅଛି। ବିଦେଶ ଯାତ୍ରା କରିପାରନ୍ତି।
- **ତୁଳା:** ବୈବାହିକ ସମସ୍ୟା ଦୂର ହେବ। ପାରିବାରିକ ଜୀବନ ସୁଖମୟ ହେବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିବ। ବ୍ୟବସାୟୀଙ୍କ ପାଇଁ ଭଲ ସମୟ। କର୍ମଜୀବୀଙ୍କୁ ଶୁଭ ସମାଚାର ପ୍ରାପ୍ତି ହେବ।
- **ଧନୁ:** ସୁଖ ସୁବିଧା ପ୍ରାପ୍ତ ହେବ। ଚାକିରି ସମସ୍ୟା ଦୂର ହେବ। ସନ୍ତାନ ସୁଖ ପ୍ରାପ୍ତ ହେବ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। କାର୍ଯ୍ୟକ୍ଷେତ୍ରରେ ପ୍ରଶଂସିତ ହେବେ।

### ହକି ଟେଷ୍ଟ ସିରିଜ: ୪-୨ ଗୋଲରେ ଜିତିଲା ଅଷ୍ଟ୍ରେଲିଆ

# ଭାରତର କ୍ରମାଗତ ଦ୍ୱିତୀୟ ପରାଜୟ

ପର୍ଥ,୭ ।୪(ଏଜେନ୍ସି)



ଅଷ୍ଟ୍ରେଲିଆ ଗସ୍ତରେ ଯାଇଥିବା ହରମନପ୍ରୀତ ସିଂହଙ୍କ ନେତୃତ୍ୱାଧୀନ ଭାରତୀୟ ହକି ଦଳ କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଛି। ସ୍ଥାନୀୟ ପର୍ଥ ହକି ଷ୍ଟାଡିୟମରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୪-୨ ଗୋଲରେ ଭାରତକୁ ପରାସ୍ତ କରିଛି। ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଅଷ୍ଟ୍ରେଲିଆ ୨-୦ରେ ଅଗ୍ରଣୀ ହାସଲ କରିଛି। ବୁଧବାର ଏହି ଗ୍ରାଉଣ୍ଡରେ ତୃତୀୟ ଟେଷ୍ଟ ମ୍ୟାଚ୍ ଖେଳାଯିବ। ପୂର୍ବରୁ ଶନିବାର ଅନୁଷ୍ଠିତ ପ୍ରଥମ ମୁକାବିଲାରେ ଭାରତ ୧-୫ ଗୋଲରେ ଘରୋଇ ଦଳଠାରୁ ପରାସ୍ତ ହୋଇଥିଲା। ଘରୋଇ ପରିବେଶରୁ ଅଷ୍ଟ୍ରେଲିଆ ଫାଇଦା ଉଠାଇବାରେ ସଫଳ ହୋଇଛି। ଏହି ହାଇପ୍ରୋଫାଇଲ ସିରିଜକୁ ପର୍ଥ ଇଣ୍ଟରନ୍ୟାସାନାଲ ଫେଷ୍ଟିଭାଲ ଅଫ୍ ହକି ରଖାଯାଇଛି।

## ହେୱାର୍ଡଙ୍କ ଡବଲ୍ ଗୋଲ

ପ୍ରଥମ ଭଳି ଦ୍ୱିତୀୟ ମ୍ୟାଚ୍ ଏକ ପାଖିଆ ଥିଲା। ଭାରତ ପାଇଁ ଯୁଗରାଜ ସିଂ ୯ମ ଓ ହରମନପ୍ରୀତ ୩୦ତମ ମିନିଟ୍‌ରେ ଗୋଲ ଦେଇଥିଲେ। ଦୁଇଟି ଯାକ ଗୋଲ ପେନାଲ୍ଟି କର୍ଣ୍ଣର ମାଧ୍ୟମରେ ଦିଆଯାଇଥିଲା। ଅଷ୍ଟ୍ରେଲିଆ ଲାଗି ଜେରେମି ହେୱାର୍ଡ ପେନାଲ୍ଟି କର୍ଣ୍ଣର ଜରିଆରେ ଷଷ୍ଠ ଓ ୩୪ତମ ମିନିଟ୍‌ରେ ଦୁଇଟି ଗୋଲ ଦେଇଥିଲେ। ସେହିପରି ୪୨ତମ ମିନିଟ୍‌ରେ ଜ୍ୟାକବ ଆଣ୍ଡରସନ ଓ ୪୫ତମ ମିନିଟ୍‌ରେ ନାଥନ୍ ଇଫ୍ରାଉମ୍ସ ଗୋଲ ସ୍କୋର କରିଥିଲେ। ମ୍ୟାଚ୍ ଆରମ୍ଭରୁ ଦୁଇ ଦଳ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ। ଏଫ୍‌ଆଇଏଚ୍ ମାନ୍ୟତାରେ ଭାରତ ୫ମ ସ୍ଥାନରେ ରହିଥିବା ବେଳେ ଅଷ୍ଟ୍ରେଲିଆ ଗୋଟିଏ ସ୍ଥାନ ଉପରେ ଅର୍ଥାତ ଚତୁର୍ଥ ସ୍ଥାନରେ ରହିଛି। ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା ଭାରତ କିନ୍ତୁ ୨-୧ ଗୋଲରେ ଆଗରେ ରହିଥିଲା। କିନ୍ତୁ ପରେ ଭାରତ ଏହି ଅଗ୍ରଣୀକୁ ବଜାୟ ରଖିପାରି ନଥିଲା। ତୃତୀୟ କ୍ୱାର୍ଟରରେ ଭାରତୀୟ ରକ୍ଷଣଭାଗର ଦୁର୍ବଳତାର ଫାଇଦା ଉଠାଇ ଗୋଟିଏ ପରେ ଗୋଟିଏ ଗୋଲ ଦେଇଥିଲା। ଭାରତର ଦୁଇଟି ଯାକ ଗୋଲ ପେନାଲ୍ଟି କର୍ଣ୍ଣର ମାଧ୍ୟମରେ ହୋଇଥିଲା। ମଧ୍ୟଭାଗରେ ଭାରତୀୟ ଉପ- ଅଧିନାୟକ ହାର୍ଦ୍ଦିକ ସିଂ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ଭାରତୀୟ ଖେଳାଳିଙ୍କ କ୍ରମାଗତ ଆକ୍ରମଣ କରିଥିଲେ ମଧ୍ୟ ଅଷ୍ଟ୍ରେଲିଆ ଡିଫେନ୍ସକୁ ଭେଦ କରିପରା ନଥିଲା ଓ ଅଧିକ ସୁଯୋଗ ସୃଷ୍ଟି କରିପାରି ନଥିଲା।

ମୋଟ ଉପରେ ଅଷ୍ଟ୍ରେଲିଆ ଏହି ମୁକାବିଲାରେ ପ୍ରଭାବ ବିସ୍ତାର କରି ଖେଳିଥିଲା। ଆସନ୍ତା ଜୁଲାଇ- ଅଗଷ୍ଟରେ ଆୟୋଜନ ହେବାକୁ ଥିବା ପ୍ୟାରିସ ଅଲିମ୍ପିକ୍ସ ପାଇଁ ଦୁଇ ଦଳ ପ୍ରସ୍ତୁତି ତଥା ଅଭ୍ୟାସ ପାଇଁ ଏହି ସିରିଜ ଖେଳୁଛନ୍ତି। ସିରିଜର ଚତୁର୍ଥ ଓ ପଞ୍ଚମ ମ୍ୟାଚ୍ ଯଥାକ୍ରମେ ଆସନ୍ତା ୧୨ ଓ ୧୩ ତାରିଖରେ ଖେଳାଯିବ। ଭାରତର ପ୍ରଦର୍ଶନରେ କୋଚ୍ କ୍ରେଗ୍ ଫୁଲଟନ ନୈରାଶ୍ୟ ଜାହିର କରିଛନ୍ତି। ଭାରତର ଅଗ୍ରଭାଗ ଖେଳାଳିମାନେ ପୂର୍ବତ୍ରୁଟିକୁ ଦୋହରାଇଥିଲେ। ସେହିପରି ରକ୍ଷଣଭାଗରେ ମଧ୍ୟ ଭାରତର ଦୁର୍ବଳତା ପଦାରେ ପଡିଛି। ଭାରତକୁ ତୃତୀୟ ମ୍ୟାଚ୍‌ରେ ପ୍ରଦର୍ଶନରେ ଉନ୍ନତି ଆଣିବାକୁ ହେବ ଓ ସିରିଜକୁ ବଞ୍ଚାଇବାକୁ ସଫଳ ହେବ ବୋଲି ଆଶା କରାଯାଉଛି।

# ବଟ୍ଲରର: ୧୦୦ତମ ମ୍ୟାଚ୍‌ରେ ଶତକ



**ଜୟପୁର, ୭।୪(ଏଜେନ୍ସି):** ଏଠାରେ ଶନିବାର ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ସହ ଘରୋଇ ରାଜସ୍ଥାନ ରୟାଲ୍ସ ଚଳିତ ଆଇପିଏଲ୍‌ର ୧୯ତମ ଲିଗ୍ ମ୍ୟାଚ୍‌ରେ ମୁହାଁମୁହିଁ ହୋଇଥିଲେ। ଏହି ମ୍ୟାଚ୍‌ରେ ବିରାଟ କୋହଲି ଆଇପିଏଲ୍‌ର ୮ମ ଶତକ ହାସଲ କରିବା ପରେ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୩ ୱିକେଟ ହରାଇ କରିଥିଲା ୧୮୩ ରନ୍। କୋହଲି ୭୨ ବଲ୍‌ରେ ୧୧୩ ରନ୍ କରି ଅପରାଜିତ ରହିଥିଲେ। ଆଇପିଏଲ୍‌ରେ ଏହା କୋହଲିଙ୍କର ଥିଲା ୮ମ ଶତକ ଓ ଏଥିଲାଗି ସେ ୬୭ଟି ବଲ୍‌ର ସହାୟତା ନେଇଥିଲେ। ଏହା ଫଳରେ ସେ ଆଇପିଏଲ୍‌ରେ ମନ୍ଥରତମ ଶତକ ହାସଲ କରିବାରେ ମନୀଷ ପାଣ୍ଡେଙ୍କ ନାମରେ ଥିବା ରେକର୍ଡ ସହ ସମକକ୍ଷ ହୋଇଥିଲେ। କୋହଲି ମଧ୍ୟ ଏହି ମ୍ୟାଚ୍‌ରେ ଟି-୨୦ ଫର୍ମାଟରେ ୭,୫୦୦ ରନ୍ ପୂରଣ କରିଥିଲେ। କିନ୍ତୁ କୋହଲିଙ୍କର ଏତେ ସବୁ ରେକର୍ଡ ସତ୍ତ୍ୱେ ରାଜସ୍ଥାନ ରୟାଲ୍ସ ୬ ୱିକେଟରେ ଏହି ମ୍ୟାଚ୍‌କୁ ଜିତିନେଇଥିଲା। ବିଜୟର ଶ୍ରେୟ ଯାଇଥିଲା ରାଜସ୍ଥାନ ଓପନର ତଥା ଇଂଲଣ୍ଡ ସୀମିତ ଓଭର କ୍ରିକେଟ ଦଳର ଅଧିନାୟକ ଜୋଶ ବଟ୍ଲରଙ୍କୁ। ବଟ୍ଲର ମାତ୍ର ୫୮ଟି ବଲ୍ ଖେଳି ଅପରାଜିତ ୧୦୦ ରନ୍ କରି ଦଳକୁ ଏହି ମ୍ୟାଚ୍ ଜିତାଇଥିଲେ। ଏହା ମଧ୍ୟ ତାଙ୍କ ଲାଗି ଡବଲ ଖୁସି ଆଣିଦେଇଛି। ଏହି ମୁକାବିଲାଟି ଥିଲା ବଟ୍ଲରଙ୍କ ଆଇପିଏଲ୍ କ୍ୟାରିୟରର ୧୦୦ତମ ମ୍ୟାଚ୍। ଏଥିରେ ସେ ଅପରାଜିତ ଶତକ ହାସଲ କରି ନିଜ ଦଳକୁ ଜିତାଇବା ସହ ସ୍ମରଣୀୟ ପାଳି ଖେଳିଛନ୍ତି। ପୂର୍ବରୁ ଲକ୍ଷ୍ନୌ ସୁପର ଜାଏଣ୍ଟର ଅଧିନାୟକ ଲୋକେଶ ରାହୁଲ ପ୍ରଥମ ଖେଳାଳି ଭାବେ ଆଇପିଏଲ୍‌ର ୧୦୦ତମ ମ୍ୟାଚ୍‌ରେ ଶତକ ହାସଲ କରିଥିଲେ। ବିଶ୍ୱର ଏହି ଶ୍ରେଷ୍ଠ ଟୁର୍ଣ୍ଣାମେଣ୍ଟରେ କୋହଲି ୮ମ ଶତକ ହାସଲ କରିଥିଲେ। କିନ୍ତୁ କୋହଲି ଶତକ ହାସଲ କରିବା ପରେ ତାଙ୍କ ଦଳ ତୃତୀୟଥର ଲାଗି ପରାଜିତ ହୋଇଥିଲା। ଚଳିତ ସଂସ୍କରଣରେ ବଟ୍ଲର ସେପରି କିଛି ବଡ଼ ସ୍କୋର କରି ନଥିଲାବେଳେ ଚତୁର୍ଥ ମୁକାବିଲାରେ ଶତକ ହାସଲ କରି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଅଧିନାୟକ ସଞ୍ଜୁ ସାମସନ ମଧ୍ୟ ୬୯ ରନ୍‌ର ଏକ ଭଲ ପାଳି ଖେଳିଥିଲେ। ଏହା ଫଳରେ ରାଜସ୍ଥାନ ରୟାଲ୍ସ ତାହାର ପ୍ରଥମ ୪ଟି ଲିଗ୍ ମ୍ୟାଚ୍‌ରୁ ୪ଟିରେ ବିଜୟ ହାସଲ କରି ପଏଣ୍ଟ ସାରଣୀର ପ୍ରଥମ ସ୍ଥାନକୁ ଉନ୍ନୀତ ହୋଇଥିଲେ।

### ଜାପାନିଜ ଫର୍ମୁଲା-୧ ଗ୍ରାଁ ପ୍ରି

# ଭର୍ଷ୍ଟାପେନ୍ ଚାମ୍ପିଅନ



ସୁଜୁକା,୭ ।୪(ଏଜେନ୍ସି)

ନେଦରଲାଣ୍ଡସ ଓ ବେଲଜିୟମର ଫର୍ମୁଲା-୧ ରେସିଂ ଡ୍ରାଇଭର ରେଡ୍‌ବୁଲ୍‌ର ମ୍ୟାକ୍ସ ଭର୍ଷ୍ଟାପେନ୍ ଏଥର ଜାପାନିଜ ଫର୍ମୁଲା-୧ ଗ୍ରାଁ ପ୍ରିରେ ବାଜି ମାରିଛନ୍ତି। ରବିବାର ସୁଜୁକା ଅନ୍ତର୍ଜାତୀୟ ରେସିଂ କୋସ୍‌ର୍ରେ ଅନୁଷ୍ଠିତ ଫାଇନାଲ ରେସ୍‌ରେ ଭର୍ଷ୍ଟାପେନ୍ ୧: ୫୪: ୨୩.୫୬୬ ସେକେଣ୍ଡ ସମୟ ନେଇ ୨୬ ପଏଣ୍ଟ ହାସଲ କରିବା ସହ ଶୀର୍ଷରେ ରହି ଟାଇଟଲ ହାସଲ କରିଛନ୍ତି। ଏଥିସହ ଚଳିତ ସିଜନରେ ସେ ୪ଟି ରେସ୍‌ରୁ ୩ଟିରେ ଚାମ୍ପିଅନ ହୋଇଛନ୍ତି। ସେହିପରି ରେଡ୍‌ବୁଲ୍‌ର ଅନ୍ୟତମ ଡ୍ରାଇଭର ସର୍ଗିଓ ପେରେଜ୍ ୧୨. ୫୩୫ ସେକେଣ୍ଡ ସମୟ ଅଧିକ ନେଇ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଫେରାରିର କାର୍ଲୋସ ସେଞ୍ଜ୍ ୨୦. ୮୬୬ ସେକେଣ୍ଡ ସମୟ ଅଧିକ ନେଇ ତୃତୀୟ ସ୍ଥାନରେ ରହିଛନ୍ତି। ଅଭିଜ୍ଞ ଫର୍ଣ୍ଣାଣ୍ଡୋ ଆଲୋନ୍ସୋ ଷଷ୍ଠ ଓ ମର୍ସିଡିଜ୍‌ର ତାରକା ଲୁଇସ୍ ହାମିଲଟନ ୯ମ ସ୍ଥାନରେ ରହିଛନ୍ତି। ଭର୍ଷ୍ଟାପେନ୍ ସହଜରେ ରେସ୍‌ରେ ବାଜି ମାରିଥିଲେ। ଡାନିଏଲ ରିକାର୍ଡୋ ଓ ଆଲେକ୍ସ ଆଲବୋନଙ୍କ କାର୍ ମଧ୍ୟରେ ଧକ୍କା ହେବାରୁ ରେସ୍ ବାଧାପ୍ରାପ୍ତ ହୋଇଥିଲା। ଦୁର୍ଘଟଣା ପରେ ଦୁଇ ଡ୍ରାଇଭର ସେଠାରୁ ଚାଲିଯାଇଥିଲେ। ଅବସରରୁ ପ୍ରତ୍ୟାବର୍ତ୍ତନ କରିବା ପରେ ଭର୍ଷ୍ଟାପେନଙ୍କ ପ୍ରଦର୍ଶନରେ ଉନ୍ନତି ଆସିଛି।

### ମାରାକେକ୍ ଓପନ୍ ଟେନିସ

# ଯୁଗଳ ସେମିରେ ହାରିଲେ ଭାମ୍ବ୍ରୀ

**ମାରାକେକ୍,୭ ।୪(ଏଜେନ୍ସି):** ଉତ୍ତର ଆଫ୍ରିକୀୟ ଦେଶ ମରକ୍କୋ ମାରାକେକ୍‌ଠାରେ ଚାଲିଥିବା ଏଟିପି ୨୫୦ ଟେନିସ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ତାରକା ୟୁକି ଭାମ୍ବ୍ରୀ ପୁରୁଷ ଯୁଗଳ ଶ ସେମିଫାଇନାଲରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଅଣସିଡ୍ ଯୋଡି ଭାମ୍ବ୍ରୀ ଓ ତାଙ୍କ ଫ୍ରେଞ୍ଚ୍ ସାଥୀ ଆଲବାନୋ ଓଲିଭେଟି ସେମିରେ ସଂଘର୍ଷ କରି ୫-୭, ୬-୩, ୭-୧୦ ସେଟ୍‌ରେ ଦ୍ୱିତୀୟ ସିଡ୍ ଅଷ୍ଟ୍ରିଆ ଯୋଡି ଲୁକାସ ମିଡଲର ଓ ଆଲେକଜାଣ୍ଡର ଏରଲେରଙ୍କ ଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ପୂର୍ବରୁ କ୍ୱାର୍ଟର ଫାଇନାଲରେ ଏହି ଇଣ୍ଡୋ- ଫ୍ରେଞ୍ଚ୍ ଯୋଡି ତୃତୀୟ ସିଡ୍ ଯୋଡି ନିକୋଲାସ ବାରିଏଣ୍ଟୋସ ଓ ରାଫାଏଲ ମାତୋସଙ୍କୁ ପରାସ୍ତ କରି ସେମିକୁ ଉଠିଥିଲେ। ୩୧ ବର୍ଷୀୟ ଭାମ୍ବ୍ରୀ ଏବେ ବିଶ୍ୱ ଯୁଗଳ ମାନ୍ୟତାର ୬୨ତମ ସ୍ଥାନରେ ରହିଛନ୍ତି। ଭାମ୍ବ୍ରୀ ଓ ବୋପାନ୍ନା ପ୍ୟାରିସ ଅଲିମ୍ପିକ୍ସରେ ସାଥି ହୋଇ ଖେଳିବେ।



### କେଡି ପିଲାଇ ସ୍ମାରକୀ ସ୍କୁଲ ଓପନ ଚେସ୍

# ଟାଇଟଲ ଜିତିଲେ ମନସିଜ ସାମଲ



ଭୁବନେଶ୍ୱର, ୭।୪ (ସମିସ)

ଚନ୍ଦ୍ରଶେଖରପୁର ଡିଏଭି ପବ୍ଲିକ୍ ସ୍କୁଲର ମନସିଜ ସାମଲ ତୃତୀୟ କେଡି ପିଲାଇ ସ୍ମାରକୀ ଓପନ ଚେସ୍ ଟୁର୍ଣ୍ଣାମେଣ୍ଟରେ ଟାଇଟଲ ବିଜୟୀ ହୋଇଛନ୍ତି। ଓଡ଼ିଶା ରାଜ୍ୟ ସ୍କୁଲ ଚେସ ସଂଘ ଦ୍ୱାରା କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ରବିବାର ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ମନସିଜ ୫ ରାଉଣ୍ଡରୁ ୫ ପଏଣ୍ଟ ପାଇ ଏକାକୀ ପ୍ରଥମ ସ୍ଥାନରେ ରହିଥିଲେ। ତାଙ୍କ ପଛକୁ ୪ ଜଣ ଖେଳାଳି ସମାନ ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ସେମାନଙ୍କ ମଧ୍ୟରୁ ବୁକୋଲଜ୍‌ରେ ସାଇ ଇଣ୍ଟରନ୍ୟାସନାଲ ସ୍କୁଲ୍‌ର ସାହାନା ଲେଙ୍କା ଦ୍ୱିତୀୟ, ବ୍ରହ୍ମେଶ୍ୱର ହାଇସ୍କୁଲ୍‌ର ଅଞ୍ଜଳି ମିଶ୍ର ତୃତୀୟ, ଚନ୍ଦ୍ରଶେଖରପୁର ଡିଏଭିର ଓମ୍ ସ୍ୱରୂପ ପତି ଚତୁର୍ଥ ଓ ଭୁବନେଶ୍ୱର ଷ୍ଟିୱାର୍ଟ ସ୍କୁଲ୍‌ର ରୁଦ୍ରପ୍ରତାପ ମିଶ୍ର ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ଏମାନଙ୍କ ପଛକୁ ଆଉ ୫ଜଣ ଖେଳାଳି ୩.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମେଧା ତାଲିକାରେ ସ୍ଥାନ ପାଇଛନ୍ତି। ସେମାନଙ୍କ ମଧ୍ୟରୁ ନୟାପଲ୍ଲୀ ନାରାୟଣ ସ୍କୁଲ୍‌ର ଆୟବନ୍ତ ମହାନ୍ତି, ଚନ୍ଦ୍ରଶେଖରପୁର ଡିଏଭିର ଶ୍ରୀମାନ ଦାଶ, ସାମନ୍ତରାପୁର ସେଣ୍ଟ ଜାଭିୟରର ଆର୍ଯ୍ୟଂଶ ମିଶ୍ର, କଟକ ମେଡିକାର ଡିଏଭି ପବ୍ଲିକ୍ ସ୍କୁଲ୍‌ର ସାଇ ରଞ୍ଜନ ମିଶ୍ର ଓ ପୋଖରିପୁଟ ଡିଏଭିର ଅନୁଭବ ଦାଶ ଯଥାକ୍ରମେ ୬ଷ୍ଠରୁ ଦଶମ ସ୍ଥାନ ଅଧିକାର କରିଛନ୍ତି। ଏହି ପ୍ରତିଯୋଗିତାକୁ କେଶୁରା ରୟାଲ ପବ୍ଲିକ୍ ସ୍କୁଲ୍‌ର ଅଧ୍ୟକ୍ଷ ସର୍ବେଶ୍ୱର ସାମଲ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲାବେଳେ ଏସ୍‌ଡିଏମ୍ ସଫ୍ଟୱେର ସଲ୍ୟୁସନ୍ସର ଏମ୍‌ଡି ଦୀପଶିଖା ଦେ ଓ ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

# କୋପା ଡେଲ୍ ରେ': ଆଥଲେଟିକ୍ ବିଲବାଓ ଜିତିଲା ୪୨ତମ ଟାଇଟଲ



ସେଭିଲା,୭ ।୪(ଏଜେନ୍ସି)

ସ୍ପାନିଶ ଫୁଟବଲର ଅନ୍ୟତମ ସମ୍ମାନଜନକ ନକ୍‌ଆଉଟ ଫୁଟବଲ ପ୍ରତିଯୋଗିତା 'କୋପା ଡେଲ ରେ' ଉଦ୍‌ଯାପିତ ହୋଇଛି। ସ୍ପେନର ଜଣାଶୁଣା କ୍ଲବ ଆଥଲେଟିକ୍ ବିଲବାଓ ଏଥର ବାଜି ମାରିଛି। ସେଭିଲାରେ ଅନୁଷ୍ଠିତ ଫାଇନାଲ ମୁକବିଲରେ ଆଥଲେଟିକ୍ ବିଲବାଓ ମାଲୋର୍କାଙ୍କୁ ପେନାଲ୍ଟି ସୁଟ୍ ଆଉଟ୍‌ରେ ୪-୨ ଗୋଲରେ ପରାସ୍ତ କରି ୨୪ ଥର ପାଇଁ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଛି। ୧୯୮୪ ପରେ ବିଲ୍‌ବାଓ ପ୍ରଥମଥର ପାଇଁ ଏହି ଟୁର୍ଣ୍ଣାମେଣ୍ଟରେ ଟାଇଟଲ ଜିତିଛି। ନିର୍ଦ୍ଧାରିତ ସମୟ ଓ ଅତିରିକ୍ତ ସମୟ ଶେଷ ସୁଦ୍ଧା ମ୍ୟାଚ୍ ୧-୧ ଗୋଲରେ ଅମୀମାଂସିତ ରହିଥିଲା। ଫଳରେ ପେନାଲ୍ଟି ସୁଟ୍ ଆଉଟ୍‌ର ସହାୟତା ନିଆଯାଇଥିଲା। ଏହି ଲିଗ୍‌ରେ ବାର୍ସିଲୋନ ୩୧ଥର ଚାମ୍ପିଅନ ହୋଇ ସଫଳତମ ଦଳ ବିବେଚିତ ହେଉଛି। ୨୪ଥର ଟାଇଟଲ ଜିତି ବିଲବାଓ ଦ୍ୱିତୀୟ ସ୍ଥାନରେ ରହିଛି। ମ୍ୟାଚ୍‌ରେ ୨୧ତମ ମିନିଟ୍‌ରେ ଡାନି ରୋଡ୍ରିଗୁଏଜ୍ ଗୋଲ ଦେଇ ମାଲୋର୍କାଙ୍କୁ ଅଗ୍ରଣୀ କରାଇଥିଲେ। ତେବେ ୫୦ତମ ମିନିଟ୍‌ରେ ବିଲବାଓର ଓହିହାନ ସାନସେଟ ଗୋଲ ଦେଇ ମ୍ୟାଚ୍‌କୁ ୧-୧ ବରାବର ସ୍ଥିତିକୁ ଆଣିଥିଲେ। କୋପା ଡେଲ୍ ରେ ସ୍ପେନର ସବୁଠାରୁ ପୁରୁଣା ଘରୋଇ ଫୁଟବଲ ଟୁର୍ଣ୍ଣାମେଣ୍ଟ ବିବେଚିତ ହେଉଛି। ୧୯୦୩ରେ ପ୍ରଥମଥର ପାଇଁ ଏହି ଟୁର୍ଣ୍ଣାମେଣ୍ଟର ଶୁଭାରମ୍ଭ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ସ୍ପେନ୍‌ର ସବୁ ପେସାଦାର ଫୁଟବଲ ସାମିଲ ହେବାର ସୁଯୋଗ ପାଇଥାନ୍ତି। ଏବର୍ଷ ମୋଟ୍ ୧୨୬ଟି ଦଳ ଅଂଶଗ୍ରହଣ କରିଥିଲେ।

### ଆଇ ଲିଗ୍ ଫୁଟବଲ

# ମହମ୍ମଡାନ ସ୍ପୋର୍ଟିଂ ଚାମ୍ପିଅନ

ନୂଆଦିଲ୍ଲୀ,୭ ।୪(ଏଜେନ୍ସି)

ଭାରତୀୟ ଘରୋଇ ଫୁଟବଲ ପ୍ରତିଯୋଗିତାର ଦ୍ୱିତୀୟସ୍ତରୀୟ ଟୁର୍ଣ୍ଣାମେଣ୍ଟ ଆଇ ଲିଗ୍‌ରେ ଏଥର ମହମ୍ମଡାନ ସ୍ପୋର୍ଟିଂ କ୍ଲବ ଚାମ୍ପିଅନ ହୋଇଛି। ୧୩୩ ବର୍ଷର ପୁରୁଣା ଏହି କ୍ଲବ ୨-୧ ଗୋଲରେ ଶିଲଂ ଲାଜଂ କ୍ଲବକୁ ପରାସ୍ତ କରି ଏହି ସଫଳତା ପାଇଛି। ଲିଗରେ ମହମ୍ମଡାନ ସ୍ପୋର୍ଟିଂ ୨୩ଟି ମ୍ୟାଚ୍ ଖେଳି ୧୫ ବିଜୟ, ୭ ଡ୍ର ଓ ଗୋଟିଏ ପରାଜୟ ସହ ୫୨ ହାସଲ କରି ତାଲିକା ଶୀର୍ଷରେ ରହିବା ସହ ବାଜି ମାରିଛି। ଆଉ ଗୋଟିଏ ମ୍ୟାଚ୍ ବାକିଥିଲେ ତା'ର ଫଳାଫଳ ଅଙ୍କ ତାଲିକାକୁ ପ୍ରଭାବିତ କରିବ ନାହିଁ। ତେଣୁ ଲିଗ୍ ଶେଷ ହେବା ପୂର୍ବରୁ ମହମ୍ମଡାନ ଟାଇଟଲ ଜିତିଛି। ଶ୍ରୀନିଧି ଡେକାନ ୨୨ ମ୍ୟାଚ୍ ଖେଳି ୧୩ ବିଜୟ, ୫ ଡ୍ର ଓ ୪ ପରାଜୟ ସହ ୪୪ ଅଙ୍କ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିଛି। ସେହିପରି ରିଅଲ କଶ୍ମୀର ୨୩ ମ୍ୟାଚ୍ ଖେଳି ୧୧ ବିଜୟ, ୭ ଡ୍ର ଓ ୫ ପରାଜୟ ସହ ୪୦ ପଏଣ୍ଟ ହାସଲ କରି ତୃତୀୟ ସ୍ଥାନରେ ରହିଛି। ଏଥିସହ ମହମ୍ମଡାନ ସ୍ପୋର୍ଟିଂ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ) ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଶିଲଂ ଲାଜଂ ବିପକ୍ଷରେ ମହମ୍ମଡାନ ତରଫରୁ ପ୍ରଥମ ମିନିଟ୍‌ରେ ଆଲେକ୍ସିଜ ଗୋମେଜ ଓ ୬୨ତମ ମିନିଟ୍‌ରେ ଏଭଗେନି କୋଜଲୋଭ ଗୋଲ ସ୍କୋର କରିଥିଲେ। ସେହିପରି ୧୫ତମ ମିନିଟ୍‌ରେ ଶିଲଂ ତରଫରୁ ଡୋଗଲାସ ଟାର୍ଡିନ ପେନାଲ୍ଟି ଜରିଆରେ ଏକମାତ୍ର ଗୋଲ ଦେଇଥିଲେ।



### ରୋମାରିଓ ସେଫର୍ଡଙ୍କ ବିସ୍ଫୋରକ ବ୍ୟାଟିଂ

# ମୁମ୍ବାଇ ଇଣ୍ଡିଆନ୍ସର ପ୍ରଥମ ବିଜୟ

ମୁମ୍ବାଇ, ୭।୪(ଏଜେନ୍ସି)

ରୋମାରିଓ ସେଫର୍ଡଙ୍କ ବିସ୍ଫୋରକ ବ୍ୟାଟିଂ ଓ ବ୍ୟାଟରଙ୍କ ମିଳିତ ପ୍ରଦର୍ଶନ ବଳରେ ମୁମ୍ବାଇ ଇଣ୍ଡିଆନ୍ସ ଚଳିତ ଆଇପିଏଲ୍‌ରେ ପ୍ରଥମ ବିଜୟ ହାସଲ କରିଛି। ଏଠାରେ ରବିବାର ଖେଳାଯାଇଥିବା ୨୦ତମ ଲିଗ୍ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ୨୯ ରନ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରି ଏହି ସଫଳତା ପାଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ଇଣ୍ଡିଆନ୍ସ ୫ ୱିକେଟରେ ୨୩୪ ରନ୍‌ର ବିଶାଳ ସ୍କୋର କରିଥିଲା। ଦଳ ପକ୍ଷରୁ ପୂର୍ବତନ ଅଧିନାୟକ ରୋହିତ ଶର୍ମା ୨୭ ବଲ୍‌ରେ ୪୯, ଟିମ୍ ଡେଭିଡ୍ ୨୧ ବଲ୍‌ରେ ଅପରାଜିତ ୪୫, ଇଶାନ କିଶାନ ୨୫ ବଲ୍‌ରେ ୪୨, ହାର୍ଦ୍ଦିକ ପାଣ୍ଡ୍ୟା ୩୩ ବଲ୍‌ରେ ୩୯ ଓ ରୋମାରିଓ ସେଫର୍ଡ ୧୩ ବଲ୍‌ରେ ଅପରାଜିତ ୩୯ ରନ୍ କରିଥିଲେ। ଏହା ମଧ୍ୟରୁ ଆନ୍‌ରିଚ୍ ନୋର୍ଜେ ବୋଲିଂ କରିଥିବା ଶେଷ ଓଭରରେ ରୋମାରିଓ ୨ ଚୌକା ଓ ୪ ଛକା ସହ ୬ ବଲ୍‌ରୁ ୩୨ ରନ୍ କରିଥିଲେ। ୨୩୫ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଦିଲ୍ଲୀ କ୍ୟାପିଟାଲ୍ସ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୨୦୫ ରନ୍ କରିବାକୁ ସମର୍ଥ ହୋଇଛି। ଏହା ଫଳରେ ଦିଲ୍ଲୀ ୫ମ ମୁକାବିଲାରୁ ଚତୁର୍ଥ ପରାଜୟ ବରଣ କରିଛି। ଦିଲ୍ଲୀ ପାଳିରେ ଗୋଟିଏ ୱିକେଟ ନେବା ସହ ଅପରାଜିତ ୩୯ ରନ୍ କରିଥିବା ମୁମ୍ବାଇର ରୋମାରିଓ ସେଫର୍ଡ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।




**ଆଇପିଏଲ୍-୧୭**
**ଆଜିର ମ୍ୟାଚ୍**
**ଚେନ୍ନାଇ- କୋଲକାତା**
ସ୍ଥାନ- ଚେନ୍ନଇ, ସମୟ- ରାତି ୭.୩୦
- ପ୍ରସାରଣ -
ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓସିନେମା

### ଶ' ଓ ଷ୍ଟବ୍ସଙ୍କ ଅର୍ଦ୍ଧଶତକ ବେକାର

୨୩୫ ରନ୍‌ର ରେକର୍ଡ ଚେଜ୍‌କୁ ପିଛା କରି ଦିଲ୍ଲୀ କ୍ୟାପିଟାଲ୍ସ ଦମ୍‌ଦାର ଆରମ୍ଭ କରିଥିଲା। କିନ୍ତୁ ଡେଭିଡ ୱାର୍ଣ୍ଣର ୧୦ ରନ୍ କରି ଆଉଟ ହେବା ପରେ ଦୁଇ ଯୁବ ଖେଳାଳି ପୃଥ୍ୱୀ ଶ' ଓ ଅଭିଷେକ ପୋରେଲ ୪୯ ବଲ୍‌ରୁ ୮୮ ରନ୍ ଉଠାଇ ଦିଲ୍ଲୀକୁ ଆଶା ଦେଇଥିଲେ। ଏହି ସମୟରେ ପୃଥ୍ୱୀ ଶ' ୪୦ବଲ୍‌ରୁ ୮ ଚୌକା ଓ ୩ଛକା ସହ ୬୬, ପୋରେଲ ୩୧ ବଲ୍‌ରେ ୪୧ ଓ ଋଷଭ ପନ୍ତ ୧ ରନ୍‌ରେ ଆଉଟ ହୋଇଯାଇଥିଲେ। ଏହାର ଅର୍ଥ ଗୋଟିଏ ପଟେ ଟ୍ରିଷ୍ଟାନ ଷ୍ଟବ୍ସ ପାହାଡ ଭଳି ଛିଡ଼ା ହୋଇଥିଲାବେଳେ ଅନ୍ୟ ପଟେ ଜଣଙ୍କ ପରେ ଜଣେ ଖେଳାଳି ପାଭିଲିଅନରୁ ପିଚ୍‌କୁ ଯିବା ଆସିବା କରିଥିଲେ। କେବଳ ଷ୍ଟବ୍ସ ବିସ୍ଫୋରକ ବ୍ୟାଟିଂ କରି ୨୫ ବଲ୍‌ରୁ ୩ ଚୌକା ଓ ୭ଟି ଛକା ସହାୟତାରେ ୭୧ ରନ୍ କରି ଗୋଟିଏ ପଟେ ଅସହାୟ ଭାବେ ଅପରାଜିତ ରହିଥିଲେ। ମ୍ୟାଚ୍‌ର ଶେଷ ଓଭରରେ ଗେରାଲ୍ଡ କୋଏଜି ୩ଜଣଙ୍କୁ ଆଉଟ କରିବା ସହ ମ୍ୟାଚ୍‌ରେ ସର୍ବାଧିକ ୪ଟି ୱିକେଟ ପାଇଥିଲେ। ଯଶପ୍ରୀତ୍ ବୁମ୍‌ରା ଦୁଇ ବିପଜ୍ଜନକ ପୃଥ୍ୱୀ ଶ' ଓ ଅଭିଷେକ ପୋରେଲଙ୍କୁ ଆଉଟ କରି ଦିଲ୍ଲୀର ଆଶାକୁ ଧୂଳିସାତ କରିଦେଇଥିଲେ।

**ଆଇପିଏଲ୍; ଗୋଟିଏ ଓଭରରେ ସର୍ବାଧିକ ରନ୍**

| ରନ୍ | ବ୍ୟାଟର (ଦଳ) | ବୋଲର (ଦଳ) | ଭେନ୍ୟୁ | ବର୍ଷ |
|---|---|---|---|---|
| ୩୭ | କ୍ରିସ୍ ଗେଲ୍ (ବେଙ୍ଗାଲୁରୁ) | ପରମେଶ୍ୱରନ (କୋଚି ଟସ୍କର୍ସ) | ବେଙ୍ଗାଲୁରୁ | ୨୦୧୧ |
| ୩୭ | ରବିନ୍ଦ୍ର ଜାଡେଜା (ଚେନ୍ନାଇ) | ହର୍ଷଲ ପଟେଲ (ବେଙ୍ଗାଲୁରୁ) | ମୁମ୍ବଇ | ୨୦୨୧ |
| ୩୫ | ପ୍ୟାଟ୍ କମିନ୍ସ (କୋଲକାତା) | ଡାନିଏ୍ ସାମ୍ସ (ମୁମ୍ବାଇ) | ପୁଣେ | ୨୦୨୨ |
| ୩୩ | ସୁରେଶ ରାଇନା (ଚେନ୍ନାଇ) | ପରୱିନ୍ଦର ଆୱାନା (ପଞ୍ଜାବ) | ମୁମ୍ବଇ | ୨୦୧୪ |
| ୩୩ | ଗେଲ-ମନୋଜ (କୋଲକାତା) | ରବି ବୋପ୍ପରା (ପଞ୍ଜାବ) | କୋଲକାତା | ୨୦୧୦ |
| ୩୨ | ରୋମାରିଓ ସେଫର୍ଡ (ମୁମ୍ବାଇ) | ଆନରିଚ୍ ନୋର୍ଜେ (ଦିଲ୍ଲୀ) | ମୁମ୍ବଇ | ୨୦୨୪ |

### ପ୍ରଥମଥର ମିଳିତ ବ୍ୟାଟିଂ ସଫଳତା

ଘରୋଇ ପିଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ଇଣ୍ଡିଆନ୍ସର ପ୍ରଥମଥର ଲାଗି ବ୍ୟାଟିଂ କ୍ଲିକ୍ କରିଥିଲା। ପ୍ରଥମ ୱିକେଟ ଯୋଡ଼ିରେ ରୋହିତ ଶର୍ମା ଓ ଇଶାନ କିଶାନ ୪୨ ବଲ୍‌ରୁ ୮୦ ରନ୍ ଉଠାଇ ଭଲ ଆରମ୍ଭ ଦେଇଥିଲେ। ମାତ୍ର ଗୋଟିଏ ରନ୍ ଲାଗି ଅର୍ଦ୍ଧଶତକରୁ ବଞ୍ଚିତ ହୋଇଥିଲେ ରୋହିତ। ବାମହାତୀ ସ୍ପିନର ଅକ୍ଷର ପଟେଲ ରୋହିତଙ୍କୁ ୪୯ ରନ୍‌ରେ ବୋଲ୍ଡ କରି ଦିଲ୍ଲୀକୁ ପ୍ରଥମ ବ୍ରେକ୍‌ଥ୍ରୁ ଦେଇଥିଲେ। ସେ ୨୭ ବଲ୍ ଖେଳି ୬ ଚୌକା ଓ ୩ ଛକା ମାରିବା ସହ ଦିଲ୍ଲୀ ବିପକ୍ଷରେ ଏକ ହଜାର ରନ୍ ପୂରଣ କରିଛନ୍ତି। ଚଳିତ ଟୁର୍ଣ୍ଣାମେଣ୍ଟରେ ପ୍ରଥମ ମ୍ୟାଚ୍ ଖେଳୁଥିବା ସୂର୍ଯ୍ୟକୁମାର ଯାଦବ ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଯାଇଥିଲା। ଗୋଟିଏ ରନ୍‌ରେ ୨ଟି ଜଣଙ୍କୁ ହରାଇଥିବା ମୁମ୍ବାଇ ୪୧ ରନ୍‌ରେ ୪ଟି ୱିକେଟ ହରାଇ ମିଡଲ ଅର୍ଡରରେ ସାମୟିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଏହା ମଧ୍ୟରେ ଇଶାନ କିଶାନ ମଧ୍ୟ ସାମିଲ ଥିଲେ। ସେ ୨୩ ବଲ୍‌ରେ ୪ ଚୌକା ଓ ୨ଛକା ସହ ୪୨ ରନ୍ କରିଥିଲେ। ୧୩ ଓଭରରେ ମୁମ୍ବାଇ ୧୨୧ ରନ୍‌ରେ ୪ ୱିକେଟ ହରାଇଥିଲାବେଳେ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସହ ଟିମ୍ ଡେଭିଡ୍ ଯୋଗ ଦେଇ ଦଳର ସ୍ଥିତିକୁ ସମ୍ଭାଳିଥିଲେ। ପାଣ୍ଡ୍ୟା ଗୋଟିଏ ପଟେ ତିଷ୍ଠି ରହିଥିଲାବେଳେ ଡେଭିଡ ଦ୍ରୁତଗତିରେ ରନ୍ ସଂଗ୍ରହ କରିଥିଲେ। ପାଣ୍ଡ୍ୟା ୩୩ ବଲ୍‌ରେ ୩ ଚୌକା ଓ ୧ ଛକା ସହ ୩୯ ରନ୍‌ରେ ଆଉଟ ହେବା ପରେ ଦର୍ଶକ ତାଙ୍କୁ ପୁଣିଥରେ ଟାର୍ଗେଟ କରିଥିଲେ।

### ରଙ୍ଗ ବଦଳାଇଦେଲେ ରୋମାରିଓ, ଶେଷ ଓଭରରେ ୩୨ ରନ୍ ସଂଗ୍ରହ

ପାଣ୍ଡ୍ୟାଙ୍କ ଆଉଟ ମୁମ୍ବାଇ ଲାଗି ବରଦାନ ସାବ୍ୟସ୍ତ ହୋଇଥିଲା। ୧୮ତମ ଓଭରର ଶେଷ ବଲ୍‌ରେ ଡେଭିଡଙ୍କୁ ସାଥ୍ ଦେଇଥିଲେ ରୋମାରିଓ ସେଫର୍ଡ। ଉଭୟ ଖେଳାଳି ଆଖିବୁଜା ଆକ୍ରମଣ କରି ରନ୍ ସଂଗ୍ରହ କରିଥିଲେ। ଫଳରେ ଏମାନଙ୍କ ୬ଷ୍ଠ ୱିକେଟ ଭାଗୀଦାରିରୁ ମିଳିଥିଲା ୧୩ ବଲ୍‌ରୁ ୫୩ ରନ୍। ଏହା ମଧ୍ୟରୁ ଡେଭିଡ ୩ଟି ବଲ୍ ଖେଳିଥିଲାବେଳେ ରୋମାରିଓ ୧୦ଟି ବଲ୍ ଖେଳି ୩୯ ରନ୍‌ର ଏକ ଆକର୍ଷଣୀୟ ପାଳି ଖେଳିଥିଲେ। ଏଥିରେ ଥିଲା ୩ ଚୌକା ଓ ୪ ଛକା। ଆନରିଚ୍ ନୋର୍ଜେ ବୋଲିଂ କରିଥିବା ଶେଷ ଓଭରରେ ରୋମାରିଓ ୩୨ ରନ୍ ଉଠାଇ ମ୍ୟାଚ୍‌ର ରଙ୍ଗ ବଦଳାଇ ଦେଇଥିଲେ। ଏହି ଓଭରରେ ସେ ୨ ଚୌକା ଓ ୪ ଛକା ମାରି ଏହି ରେକର୍ଡ ରନ୍ ସଂଗ୍ରହ କରିଥିଲେ। ଡେଭିଡ ଓ ରୋମାରିଓଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ମୁମ୍ବାଇ ଶେଷ ୫ ଓଭରରେ ସଂଗ୍ରହ କରିଥିଲା ୧୧୨ ରନ୍। ଏଠାରେ ସଂଗୃହୀତ ହୋଇଥିବା ୫ ୱିକେଟରେ ୨୩୪ ରନ୍ ମଧ୍ୟ ଆଇପିଏଲ୍‌ରେ ମୁମ୍ବାଇର ତୃତୀୟ ସର୍ବାଧିକ ସ୍କୋର। ଡେଭିଡ ମାତ୍ର ୨୧ ବଲ୍ ଖେଳି ୨ ଚୌକା ଓ ୪ ଛକା ସହାୟତାରେ ଅପରାଜିତ ୪୫ ରନ୍ କରିଥିଲେ।

ଦିଲ୍ଲୀ ଦଳ କ୍ରମାଗତ ଦ୍ୱିତୀୟ ମ୍ୟାଚ୍‌ରେ ୨୦୦ରୁ ଅଧିକ ରନ୍ ବ୍ୟୟ କରିଛି। ଅକ୍ଷର ଓ ନୋର୍ଜେ ୨ଟି ଲେଖାଏଁ ୱିକେଟ ନେଇଥିଲେ ମଧ୍ୟ ଦଳର ବୋଲର ପ୍ରତିପକ୍ଷ ବ୍ୟାଟରଙ୍କୁ ନିୟନ୍ତ୍ରଣରେ ରଖିପାରି ନ ଥିଲେ। କୁଲଦୀପ ଯାଦବ ଓ ମୁକେଶ କୁମାରଙ୍କ ଅନୁପସ୍ଥିତି ଅନୁଭୂତ ହୋଇଥିଲା। ଦିଲ୍ଲୀ ଲାଗି କୁଲଦୀପ କ୍ରମାଗତ ତୃତୀୟ ମ୍ୟାଚ୍ ଖେଳି ନାହାନ୍ତି। ଏହା ଦଳକୁ ଅଡୁଆରେ ପକାଇଛି।

## ଠାକୁରଙ୍କୁ ୫ ୱିକେଟ: ଲକ୍ଷ୍ନୌ ନିକଟରୁ ଗୁଜରାଟର ପ୍ରଥମ ପରାଜୟ

ଲକ୍ଷ୍ନୌ, ୭।୪(ଏଜେନ୍ସି): ପେସ୍ ବୋଲର ଯଶ ଠାକୁର (୫/୩୦) ଓ ସ୍ପିନର କ୍ରୁନାଲ ପାଣ୍ଡ୍ୟା (୩/୧୧)ଙ୍କ ଚତୁର ବୋଲିଂ ବଳରେ ଗୁଜରାଟ ଟାଇଟାନ୍ସ ବିପକ୍ଷରେ ଲକ୍ଷ୍ନୌ ସୁପର ଜାଏଣ୍ଟସ ଆଇପିଏଲ୍‌ରେ ପ୍ରଥମ ବିଜୟ ହାସଲ କରିଛି। ଏହି ମ୍ୟାଚ୍‌ରେ ମାର୍କସ ଷ୍ଟୋଇନିସ ୫୮ ଓ ନିକୋଲସ ପୂରନଙ୍କ ଦ୍ରୁତ ୩୨ ରନ ବଳରେ ପ୍ରଥମେ ବ୍ୟାଟିଂ କରି ଲକ୍ଷ୍ନୌ ୫ ୱିକେଟରେ ୧୬୩ ରନ୍ କରିଥିଲା। ଜବାବରେ ଗୁଜରାଟ ୧୮.୫ ଓଭରରେ ମାତ୍ର ୧୩୦ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ କେହି ବଡ଼ ସ୍କୋର କରି ପାରି ନଥିଲାବେଳେ ସାଇ ସୁଦର୍ଶନ ସର୍ବାଧିକ ୩୧, ରାହୁଲ ତେୱାତିଆ ୩୦, ଅଧିନାୟକ ଶୁବମାନ ଗିଲ୍ ୧୯, ବିଜୟ ଶଙ୍କର ୧୭ ରନ୍ କରିଥିଲେ। ବିଜୟୀ ଲକ୍ଷ୍ନୌ ପକ୍ଷରୁ ସ୍ପିନରମାନେ ଚମତ୍କାର ବୋଲିଂ କରିଥିଲେ। ସେମାନଙ୍କ ମଧ୍ୟରେ କ୍ରୁନାଲ ପାଣ୍ଡ୍ୟା ୩ଟି ୱିକେଟ ନେଇଥିଲେ। କିନ୍ତୁ ଯୁବ ପେସ ବୋଲର ଯଶ ଠାକୁର ୫ଟି ୱିକେଟ ନେଇ ଦଳର ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏଠାରେ ଗୁଜରାଟ ଗୁଜରାଟ ଚଳିତ ସଂସ୍କରଣରେ ୫ମ ମ୍ୟାଚ୍‌ରୁ ତୃତୀୟ ପରାଜୟ ବରଣ କରିଛି। ଅନ୍ୟପକ୍ଷରେ ଲକ୍ଷ୍ନୌ ଚତୁର୍ଥ ମୁକାବିଲାରୁ ତୃତୀୟ ବିଜୟ ସହ ପଏଣ୍ଟ ସାରଣୀର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି।

### ସମ୍ମାନ ରଖିଲେ ଷ୍ଟୋଇନିସ

ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌ ୧୮ ରନ୍‌ରେ ଡି କକ୍ (୬) ଓ ପାଡ଼ିକଲ (୭)ଙ୍କ ୱିକେଟ ହରାଇ ବିପଦରେ ପଡ଼ିଥିଲା। ଲୋକେଶ ରାହୁଲ ଓ ମାର୍କସ ଷ୍ଟୋଇନିସ ପାଳି ସଜାଡିବାକୁ ଯାଇ ତୃତୀୟ ୱିକେଟରେ ୬୨ ବଲ୍‌ରୁ ୭୩ ରନ୍ ଉଠାଇଥିଲେ। ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରୁଥିବା ରାହୁଲଙ୍କୁ ଆଉଟ କରି ଦର୍ଶନ ଏହି ଯୋଡି ଭାଙ୍ଗିଦେଇଥିଲେ। ରାହୁଲ ୩୧ ବଲ୍‌ରେ ୩୩ ଏବଂ ଜୀବନଦାନ ପାଇଥିବା ଷ୍ଟୋଇନିସ ୪୩ ବଲ୍‌ରେ ୪ ଚୌକା ଓ ୨ ଛକା ସହ ୫୮ ରନ୍ କରି ଦଳକୁ ଏକ ସମ୍ମାନଜନକ ସ୍କୋର ଦେବାକୁ ଉଦ୍ୟମ କରିଥିଲେ। ଏମାନଙ୍କ ଆଉଟ ପରେ ଆୟୁଷ ବଦୋନୀ ୧୧ ବଲ୍‌ରେ ୨୦ ରନ୍ କରି ଆଉଟ ହୋଇଥିଲେ। କିନ୍ତୁ ନିକୋଲସ୍ ପୂରନ ଦ୍ରୁତ ରନ୍ କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ତାଙ୍କ ସଂଘର୍ଷ କରିବାକୁ ହୋଇଥିଲା। ସେ ୨୨ ବଲ୍‌ରୁ ୩ ଛକା ସହ ୩୨ ରନ୍ କରିବା ଫଳରେ ଦଳ ୧୫୦ ରନ୍ ମାର୍କ ଅତିକ୍ରମ କରିଥିଲା। ଗୁଜରାଟର ଭେଟେରାନ ବୋଲର ଉମେଶ ଯାଦବ ଓ ନବାଗତ ବୋଲର ଦର୍ଶନ ନାଲକଣ୍ଡେ ଦୁଇ ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ।

### ପଏଣ୍ଟ ସାରଣୀ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ | ରନରେଟ୍ |
|---|---|---|---|---|---|
| ରାଜସ୍ଥାନ | ୪ | ୪ | ୦ | ୮ | +୧.୨୦ |
| କୋଲକାତା | ୩ | ୩ | ୦ | ୬ | +୨.୫୧୮ |
| ଲକ୍ଷ୍ନୌ | ୪ | ୩ | ୧ | ୬ | +୦.୭୭୫ |
| ଚେନ୍ନାଇ | ୪ | ୨ | ୨ | ୪ | +୦.୫୧୭ |
| ହାଇଦ୍ରାବାଦ | ୪ | ୨ | ୨ | ୪ | +୦.୪୦୯ |
| ପଞ୍ଜାବ | ୪ | ୨ | ୨ | ୪ | -୦.୨୨୦ |
| ଗୁଜରାଟ | ୫ | ୨ | ୩ | ୪ | -୦.୭୯୭ |
| ମୁମ୍ବାଇ | ୪ | ୧ | ୩ | ୨ | -୦.୭୦୪ |
| ବେଙ୍ଗାଲୁରୁ | ୫ | ୧ | ୪ | ୨ | -୦.୮୪୩ |
| ଦିଲ୍ଲୀ | ୫ | ୧ | ୪ | ୨ | -୧.୩୭୦ |

### କମ୍ବାଟ୍ ଜାତୀୟ କୁସ୍ତି ଚାମ୍ପିଅନସିପ ଉଦ୍‌ଯାପିତ

## ଓଡ଼ିଶା ଚାମ୍ପିଅନ; ବିହାର ରନର୍ସ ଅପ୍

ପୁରୀ,୭।୪(ସମିସ)



ଶରଧାବାଲିରେ ଚାଲିଥିବା ତିନିଦିନିଆ ପ୍ରଥମ ଜାତୀୟସ୍ତରୀୟ କମ୍ବାଟ୍ କୁସ୍ତି ଚାମ୍ପିଅନସିପ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୪ଟି ରାଜ୍ୟରୁ ବିଭିନ୍ନ ବର୍ଗରେ ୪୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇ ନିଜ ନିଜ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଏଥିରେ ଓଡ଼ିଶା ଚାମ୍ପିଅନ ହୋଇଥିବା ବେଳେ ବିହାର ରନର୍ସଅପ୍ ହୋଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଅନନ୍ତ ତିଆଡ଼ି, ରାକେଶ କୁମାର ପାତ୍ର, ସିଏଫ୍‌ଆଇ ସଭାପତି ପ୍ରବୀଣ ସିଂ, ସମ୍ପାଦକ ସଞ୍ଜୟ ରାଏ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଏଥିରେ ଓଡ଼ିଶା ପ୍ରଥମ, ବିହାର ଦ୍ୱିତୀୟ ଏବଂ ହରିୟାଣା ତୃତୀୟ ସ୍ଥାନ ଅଧିକାର କରିଛି। ଓଡ଼ିଶା ୫୬ ସ୍ୱର୍ଣ୍ଣ, ୩୭ ରୌପ୍ୟ, ୧୬ଟି ବ୍ରୋଞ୍ଜ ପଦକ ଜିତିଥିବା ବେଳେ ବିହାର ୧୧ଟି ସ୍ୱର୍ଣ୍ଣ, ୧୦ଟି ରୌପ୍ୟ, ୧୪ଟି ବ୍ରୋଞ୍ଜ, ହରିୟାଣା ୧୨ ସ୍ୱର୍ଣ୍ଣ, ୧୮ ରୌପ୍ୟ, ୫ ବ୍ରୋଞ୍ଜ, ଛତିଶଗଡ଼ ୩ ସ୍ୱର୍ଣ୍ଣ, ୩ ରୌପ୍ୟ ୬ ବ୍ରୋଞ୍ଜ, କଲିକତା ୪ ସ୍ୱର୍ଣ୍ଣ, ୭ ରୌପ୍ୟ ୬ ବ୍ରୋଞ୍ଜ, ରାଜସ୍ଥାନ ୩ ସ୍ୱର୍ଣ୍ଣ, ୧ ରୌପ୍ୟ, ଗୁଜରାଟ ୧ ସ୍ୱର୍ଣ୍ଣ, ମଧ୍ୟପ୍ରଦେଶ ୨ ସ୍ୱର୍ଣ୍ଣ, ୨ ରୌପ୍ୟ, ୪ ବ୍ରୋଞ୍ଜ, ଉତ୍ତରପ୍ରଦେଶ ୪ ସ୍ୱର୍ଣ୍ଣ, ୨ ରୌପ୍ୟ, ଗୋଟିଏ ବ୍ରୋଞ୍ଜ, ଦିଲ୍ଲୀ ୪ ସ୍ୱର୍ଣ୍ଣ, ୩ ରୌପ୍ୟ, ୨ ବ୍ରୋଞ୍ଜ, ଆନ୍ଧ୍ରପ୍ରଦେଶ ୩ ସ୍ୱର୍ଣ୍ଣ, ୨ ରୌପ୍ୟ, ଗୋଟିଏ ବ୍ରୋଞ୍ଜ, ମହାରାଷ୍ଟ୍ର ୩ ସ୍ୱର୍ଣ୍ଣ, ୨ ରୌପ୍ୟ, ଗୋଟିଏ ବ୍ରୋଞ୍ଜ ଏବଂ ଝାଡ଼ଖଣ୍ଡ ଗୋଟିଏ ବ୍ରୋଞ୍ଜ ପଦକ ଜିତିଛି। ଏଥିରେ ମଞ୍ଚ ପରିଚାଳନା କରିଥିଲେ ଭବାନୀ ମିଶ୍ର ଓ ମିସ୍ ଅର୍ଚ୍ଚନା ଦାସ। ସବୁ ଖେଳାଳି, ଅଫିସିଆଲଙ୍କୁ ଧନ୍ୟବାଦ ଦେଇଥିଲେ ଶ୍ୟାମସୁନ୍ଦର ମହାପାତ୍ର।

## ଜୁଲାଇରେ ଆଇସିସି ବାର୍ଷିକ ବୈଠକ

ମୁମ୍ବାଇ, ୭।୪(ଏଜେନ୍ସି): ଅନ୍ତର୍ଜାତୀୟ କ୍ରିକେଟ କାଉନ୍ସିଲ (ଆଇସିସି)ର ବାର୍ଷିକ ବୈଠକ ଶ୍ରୀଲଙ୍କାର ରାଜଧାନୀ କଲମ୍ବୋରେ ଅନୁଷ୍ଠିତ ହେବ। ଏହି ସମ୍ମିଳନୀ ଲାଗି କୌଣସି ତାରିଖ ଘୋଷିତ ହୋଇ ନ ଥିଲେ ମଧ୍ୟ ଜୁଲାଇ ମାସ ତୃତୀୟ ସପ୍ତାହରେ ଆୟୋଜିତ ହେବାର ସୂଚନା ରହିଛି। ଆମେରିକା ଏବଂ ୱେଷ୍ଟଇଣ୍ଡିଜ୍‌ରେ ଟି-୨୦ ବିଶ୍ୱକପ୍ ଶେଷ ହେବା ପରେ ଏହି ବୈଠକ ଆୟୋଜିତ ହେବାକୁ ଯାଉଥିବାରୁ ଏହା ଗୁରୁତ୍ୱ ଅନେକ ପରିମାଣରେ ବଢ଼ିଯାଇଛି। ଆମେରିକା ଏବେ ଆଇସିସିର ମୁଣ୍ଡବ୍ୟଥାର କାରଣ ପାଲଟିଛି। ବୈଠକରେ ଆମେରିକାର ଉପରେ କଟକଣା ଲାଗିବାର ଆଶଙ୍କା ରହିଛି। ଅନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଆଇସିସି ସଭାପତି ଚୟନ। ଏବେ ସଭାପତି ଥିବା ନ୍ୟୁଜିଲାଣ୍ଡର ଗ୍ରେଗ୍ ବାର୍କଲେଙ୍କ କାର୍ଯ୍ୟକାଳ ଶେଷ ହୋଇଯାଇଛି। ତାଙ୍କ ସ୍ଥାନରେ କାହାକୁ ଏହି ପଦ ଲାଗି ଚୟନ କରାଯିବ ତାହା ଉପରେ ମଧ୍ୟ ଆଲୋଚନା ହେବ। ଏହି ପଦ ଲାଗି ବିସିସିଆଇ ସମ୍ପାଦକ ଜୟ ଶାହ ଆଶାୟୀ ଥିବା ଚର୍ଚ୍ଚା ହେଉଛି। କିନ୍ତୁ ଏଯାଏ ସେ କିଛି ଖୋଲାଖୋଲି ଆଲୋଚନା କରି ନାହାନ୍ତି କିମ୍ବା ପ୍ରସ୍ତାବ ଦେଇ ନାହାନ୍ତି। ସଭାପତିଙ୍କ କାର୍ଯ୍ୟକାଳ ୩ ବର୍ଷ ବୃଦ୍ଧି କରିବାକୁ ମଧ୍ୟ ଆଲୋଚନା ହୋଇପାରେ। କିନ୍ତୁ ସଭାପତି ଭାବେ ଜଣେ ୩ଥର ପରିବର୍ତ୍ତେ ୨ଥର କମାଇବାକୁ ହେବ ବୋଲି ଆଲୋଚନା ହେଉଛି। ଆମେରିକାରେ ହେବାକୁ ଥିବା ଟି-୨୦ ବିଶ୍ୱକପ୍ ଲାଗି ସମସ୍ତ କାର୍ଯ୍ୟ ଶେଷ ହୋଇନାହିଁ। ଫ୍ଲୋରିଡ଼ାରେ ଡ୍ରପ୍ ଇନ୍ ପିଚ୍ ତିଆରି ଚାଲିଛି। ଏହାକୁ ଷ୍ଟାଡିୟମ୍‌ରେ ଖୁବ୍ ଶୀଘ୍ର ସ୍ଥାପନ କରାଯିବ ବୋଲି ଆଇସିସି ପକ୍ଷରୁ ସୂଚନା ମିଳିଛି।

### ମଣ୍ଟେ କାର୍ଲୋ ମାଷ୍ଟର୍ସ ଟେନିସ୍

## ନାଗଲ ମୁଖ୍ୟ ଡ୍ର'ରେ ସାମିଲ



ମୋଣ୍ଟେ କାର୍ଲୋ,୭।୪(ଏଜେନ୍ସି): ଭାରତୀୟ ଶ୍ରେଷ୍ଠ ଏକକ ଟେନିସ ତାରକା ସୁମିତ ନାଗଲ ଇତିହାସ ସୃଷ୍ଟି କରିଛନ୍ତି। ଦୀର୍ଘ ୪୨ ବର୍ଷରେ ସେ ପ୍ରଥମ ଭାରତୀୟ ଟେନିସ ଖେଳାଳି ଭାବେ ମଣ୍ଟେ କାର୍ଲୋ ମାଷ୍ଟର୍ସ ଟେନିସ ଟୁର୍ଣ୍ଣାମେଣ୍ଟର ମୁଖ୍ୟ ଡ୍ର'ରେ ସାମିଲ ହୋଇଛନ୍ତି। ଏହାପୂର୍ବରୁ ୧୯୮୨ରେ ରମେଶ କ୍ରିଷ୍ଣନ୍ ଏହି ଟୁର୍ଣ୍ଣାମେଣ୍ଟର ମୁଖ୍ୟ ଡ୍ର'ରେ ସାମିଲ ହେବାର ସୁଯୋଗ ପାଇଥିଲେ। କିନ୍ତୁ ସେ ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଥିଲେ। ରବିବାର ଅନୁଷ୍ଠିତ ଅନ୍ତିମ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌ରେ ୨୬ ବର୍ଷୀୟ ନାଗଲ ତୃତୀୟ ସିଡ୍ ଖେଳାଳି ଆର୍ଜେଣ୍ଟିନାର ଫକୁଣ୍ଡୋ ଡିଆଜ ଆକୋଷ୍ଟାଙ୍କୁ ୭-୫, ୨-୬, ୬-୨ ସେଟ୍‌ରେ ପରାସ୍ତ କରି ଏହି ସଫଳତା ପାଇଛନ୍ତି। ଏହାପୂର୍ବରୁ ନାଗଲ ପ୍ରଥମ କ୍ୱାଲିଫାଇଂ ମୁକାବିଲାରେ ୮ମ ସିଡ୍ ମାନ୍ୟତା ପ୍ରାପ୍ତ ତଥା ଏଟିପି ମାନ୍ୟତାର ୬୩ତମ ସ୍ଥାନରେ ଥିବା ଇଟାଲୀର ଫ୍ଲାବିଓ କୋବୋଲିଙ୍କୁ ୬-୨, ୬-୩ ସିଧାସଳଖ ସେଟ୍‌ରେ ପରାସ୍ତ କରିଥିଲେ। ନାଗଲ ଏବେ ଏଟିପି ମାନ୍ୟତାର ୯୫ତମ ସ୍ଥାନରେ ରହିଛନ୍ତି। ଚଳିତ ବର୍ଷ ଅଷ୍ଟ୍ରେଲିଆନ ଓପନ୍ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରି ନାଗଲ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଓ ଏହାପରେ ଚେନ୍ନାଇ ଓପନ୍ ଜିତି ଏଟିପି ମାନ୍ୟତାର ଶ୍ରେଷ୍ଠ-୧୦୦ରେ ସ୍ଥାନ ହାସଲ କରିଥିଲେ।

### ଏଟିପି ମାନ୍ୟତା ଇତିହାସରେ ରେକର୍ଡ

## ବୟୋଜ୍ୟେଷ୍ଠ ନଂ୧ ଖେଳାଳି ଜୋକୋଭିଚ୍



ମୋନାକୋ,୭।୪(ଏଜେନ୍ସି): ସର୍ବିୟ ଟେନିସ ସୁପରଷ୍ଟାର ନୋଭାକ ଜୋକୋଭିଚ୍ ନିଜର ଉଜ୍ଜ୍ୱଳମୟ କ୍ୟାରିୟରରେ ଆଉ ଏକ ବଡ଼ ଉପଲବ୍ଧି ହାସଲ କରିଛନ୍ତି। ୩୬ ବର୍ଷ ବୟସରେ ସେ ଏଟିପି ମାନ୍ୟତାରେ ବୟୋଜ୍ୟୋଷ୍ଠ ଖେଳାଳି ଭାବେ ନଂ ୧ ସ୍ଥାନରେ ରହି ରେକର୍ଡ କରିବା ସହ ଇତିହାସ ସୃଷ୍ଟି କରିଛନ୍ତି। ଏହି କ୍ରମରେ ସେ ସୁଇଜରଲାଣ୍ଡ କିମ୍ବଦନ୍ତୀ ଟେନିସ ଖେଳାଳି ରୋଜର ଫେଡରରଙ୍କୁ ପଛରେ ପକାଇଛନ୍ତି। ରବିବାର ସୁଦ୍ଧା ଜୋକୋଭିଚଙ୍କ ବୟସ ୩୬ ବର୍ଷ ୩୨୧ ଦିନ ରହିଛି। ଫେଡରର ପୂର୍ବରୁ ୩୬ ବର୍ଷ ୩୨୦ ଦିନ ବୟସରେ ୨୦୧୮ ଜୁନ୍ ୨୪ ତାରିଖରେ ବୟୋଜ୍ୟୋଷ୍ଠ ଖେଳାଳି ଭାବେ ନଂ ୧ ଖେଳାଳି ବିବେଚିତ ହୋଇଥିଲେ। ୩୦ ବର୍ଷ କିମ୍ବା ତାଠାରୁ ଊର୍ଦ୍ଧ୍ୱ ବୟସରେ ମାତ୍ର ୮ଜଣ ଖେଳାଳି ଏଟିପି ମାନ୍ୟତାର ନଂ ୧ ସ୍ଥାନ ଅଧିକାର କରିଥିଲେ। ଏମାନେ ହେଲେ ଜୋକୋଭିଚ୍ (୩୬), ଫେଡରର (୩୬), ଆନ୍ଦ୍ରେ ଆଗାସି (୩୩), ରାଫେଲ ନାଦାଲ (୩୩), ଜନ୍ ନ୍ୟୁକମ୍ବ (୩୦), ଜିମ୍ମି କର୍ଣ୍ଣର୍ସ (୩୦), ଇଭାନ ଲେଣ୍ଡଲ (୩୦) ଓ ଆଣ୍ଡି ମୁରେ (୩୦)।

### ଇଣ୍ଡିଆନ ସୁପର ଲିଗ୍

## ଓଡ଼ିଶା ଏଫ୍‌ସି- ମୁମ୍ବାଇ ସିଟି ମୁକାବିଲା ଆଜି

ଭୁବନେଶ୍ୱର,୭।୪(ସମିସ)

ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ୧୦ମ ସଂସ୍କରଣରେ ସୋମବାର ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଓଡ଼ିଶା ଏଫସି ଓ ଘରୋଇ ମୁମ୍ବାଇ ସିଟି ଏଫ୍‌ସି ପରସ୍ପରକୁ ଭେଟିବେ। ମୁମ୍ବାଇ ୨୦ ମ୍ୟାଚ୍ ଖେଳି ୧୩ ବିଜୟ, ୫ ଡ୍ର ଓ ୨ ପରାଜୟ ସହ ୪୪ ପଏଣ୍ଟ ପାଇଁ ତାଲିକା ଶୀର୍ଷରେ ରହିଛି। ଅନ୍ୟପଟେ ଓଡ଼ିଶା ଏପର୍ଯ୍ୟନ୍ତ ୨୦ ମ୍ୟାଚ୍ ଖେଳି ୧୧ ବିଜୟ, ୬ ଡ୍ର ଓ ୩ ପରାଜୟ ସହ ୩୯ ଅଙ୍କ ହାସଲ କରି ତୃତୀୟ ସ୍ଥାନରେ ରହିଛି। ମୋହନବାଗାନ ସମାନ ସଂଖ୍ୟକ ମ୍ୟାଚ୍ ଖେଳି ୪୨ ପଏଣ୍ଟ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିଛି। ତେଣୁ ଓଡ଼ିଶା ଏହି ମ୍ୟାଚ୍‌ରେ ବିଜୟୀ ହୋଇ ମୁମ୍ବାଇର ନିକଟତର ହେବା ଲକ୍ଷ୍ୟରେ ରହିଛି। ଲିଗ୍ ଏବେ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିଛି। ଉଭୟ ଦଳ ଲିଗ୍ ଶିଲ୍ଡ ହାସଲ ଲକ୍ଷ୍ୟରେ ରହିଛନ୍ତି। ଫଳରେ ସ୍ଥାନୀୟ ମୁମ୍ବଇ ଫୁଟବଲ ଏରିନାରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହେବା ଆଶା କରାଯାଉଛି।

ଗତ ସେପ୍ଟେମ୍ବରରେ ଦୁଇ ଦଳ କଳିଙ୍ଗ ଷ୍ଟାଡିୟମରେ ପରସ୍ପରକୁ ଭେଟିଥିଲେ ଓ ଏହି ମ୍ୟାଚ୍ ୨-୨ ଗୋଲରେ ଅମୀମାଂସିତ ରହିଥିଲା। ମୁଖ୍ୟ ପ୍ରଶିକ୍ଷକ ସର୍ଜିଓ ଲୋବେରୋଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଏଫ୍‌ସି ଜବରଦସ୍ତ ଫର୍ମରେ ରହିଛି। କଳିଙ୍ଗ ଷ୍ଟାଡୟମରେ ଘରୋଇ ପରିବେଶରେ ଓଡ଼ିଶା ଅପରାଜେୟ ରହିଥିଲା। ଏହା ପୂର୍ବରୁ ଓଡ଼ିଶା ୩-୧ ଗୋଲରେ ପଞ୍ଜାବ ଏଫ୍‌ସିକୁ ହରାଇଥିଲା। ସେହିପରି ବେଙ୍ଗାଲୁରୁ ଏଫସି ବିପକ୍ଷରେ ଗୋଲ ଶୂନ୍ୟ ଭାବେ ମ୍ୟାଚ୍ ଡ୍ର ରଖିଥିଲା। ୩ଟି ହଳଦିଆ କାର୍ଡ ପାଇଥିବାରୁ ମରୋକ୍କୋ ମିଡ୍‌ଫିଲ୍ଡର ଅହମ୍ମଦ ଜାହୋଉ ଓଡ଼ିଶା ପାଇଁ ଏହି ମ୍ୟାଚ୍ ଖେଳିବେ ନାହିଁ। ଫଳରେ ଦଳ ସାମାନ୍ୟ ସମସ୍ୟାର ସମ୍ମୁଖୀନ ହେବ।




ମୁମ୍ବାଇ ବିପକ୍ଷରେ ଭଲ ପ୍ରଦର୍ଶନ କରିବାକୁ ଆମେ ବ୍ୟଗ୍ର ଅଛୁ ବୋଲି ଓଡ଼ିଶା ପ୍ରଶିକ୍ଷକ ଲୋବେରା କହିଛନ୍ତି। ଦଳରେ କିଛି ସମସ୍ୟା ଥିଲେ ମଧ୍ୟ ଆମେ ତାହାକୁ ପଛରେ ପକାଇ ମୁମ୍ବାଇକୁ କଡ଼ା ଚ୍ୟାଲେଞ୍ଜ ଦେବୁ ଓ ଏଥିପାଇଁ ଆମେ ପ୍ରସ୍ତୁତ ଅଛୁ। ଆମ ଖେଳାଳିମାନେ ୨୦୦ ପ୍ରତିଶତ ପ୍ରଦର୍ଶନ କରିବେ। ଆମ ଉପରେ ଚାପ ନାହିଁ। ବରଂ ଆମେ ଖେଳକୁ ଉପଭୋଗ କରୁଛୁ ବୋଲି ସେ କହିଛନ୍ତି। ଓଡ଼ିଶାର ଯୁବ ଫୁଟବଲର ଆଫାଓବା ସିଂ ମଧ୍ୟ ଦଳରେ ଭଲ ପ୍ରଦର୍ଶନ ନେଇ ଆଶାବାଦୀ ଥିବା କଥା କହିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA

## ବିପୁଳ ମଦ ଜବତ, ୩ ଗିରଫ





**ହୀରାକୁଦ, ୭।୪(ସମିସ):** ହୀରାକୁଦ ପୁଲିସ ପକ୍ଷରୁ ବ୍ୟାପକ ଧରପଗଡ଼, ଗାଡ଼ି ଯାଞ୍ଚ ହେଉଛି । ପୁଲିସ ଆଜି ଗାଡ଼ି ଯାଞ୍ଚ କଲାବେଳେ ଏକ ସ୍କୁଟି ଓଡି-୧୫-ଡି-୮୪୧୧ରୁ ବିପୁଳ ମଦ ଜବତ କରିଥିଲା । ଏଥିରେ ଅଭିଯୁକ୍ତ ତୋଫାନ ଛତ୍ରିଆ ଓ ପିଣ୍ଟୁ ଛତ୍ରିଆଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେହିପରି ଗତକାଲି ଗାଡ଼ି ଯାଞ୍ଚବେଳେ ଶିବା ଠାକୁର ଏକ ସ୍କୁଟି ଓଡି-୧୫-ଆର୍ ୧୧୨୮ ରେ ମଦ ଧରି ଯାଉଥିଲା । ପୁଲିସ ତା'ପାଖରୁ ମଦ ଜବତ କରିବା ସହ ତାକୁ ଗିରଫ କରି କୋର୍ଟ ଚାଲାଣ କରିଛି ।

## ୩ ବ୍ୟାଟେରୀ ଚୋର ଗିରଫ







**ହୀରାକୁଦ, ୭।୪(ସମିସ):** ହୀରାକୁଦ ଥାନାପଡ଼ାର ଅମର ଚୌଧୁରୀଙ୍କ ଅଟୋରିକ୍ସାର ବ୍ୟାଟେରୀ ଚୋରି ହୋଇଯାଇଥିବା ନେଇ ସେ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏହାପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା । ବ୍ୟାଟେରୀ ଚୋରି ଅଭିଯୋଗରେ ପୁଲିସ ଜାଭେଦ ଖାନ, ଏମ୍‌ଡି ନୂର୍, ଏମ୍‌ଡି ସାଦବ ଅଲିଙ୍କୁ ଗିରଫ କରି ତାଙ୍କଠାରୁ ବ୍ୟାଟେରୀ ଜବତ କରିଛି । ଆଜି ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି । ତିନିଜଣ ଯାକ ଅଭିଯୁକ୍ତ ଝାରସୁଗୁଡ଼ାର ବୋଲି ଜଣାପଡ଼ିଛି । ସେମାନେ ଅଲିନ୍ଦ୍ ଛକରେ ଥିବାବେଳେ ପୁଲିସ ସେମାନଙ୍କୁ ଗିରଫ କରିଥିଲା ।

## ବିଦେଶୀ ମଦ ଜବତ, ଜଣେ ଗିରଫ

**ବୁର୍ଲା, ୭।୪(ସମିସ):** ବୁର୍ଲା ପୁଲିସ ଗୋଶାଳା ଅଞ୍ଚଳରୁ ବିଦେଶୀ ମଦ ଜବତ କରିବା ସହ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ବୈଜାମୁଣ୍ଡାର ମଞ୍ଜିତ କୁମାର ଗୁପ୍ତା ଓରଫ ରାଞ୍ଜା(୨୫) । ସୂଚନା ଅନୁସାରେ ଅଭିଯୁକ୍ତ ଜଣକ ବେଆଇନ ବିଦେଶୀ ମଦ ବିକ୍ରି ଉଦ୍ଦେଶ୍ୟରେ ଗୋଶାଳା ଅଞ୍ଚଳରୁ ଗୋଡ଼ଭଗାକୁ ମଦ ନେଇ ଯାଉଥିବା ବୁର୍ଲା ପୁଲିସ ଖବର ପାଇଥିଲା । ଅଭିଯୁକ୍ତକୁ ଅଟକାଇ ନାକା ପୋଷ୍ଟରେ ଚେକିଂ କରିବା ପରେ ତା'ଠାରୁ ବିଭିନ୍ନ ବ୍ରାଣ୍ଡର ୨୨ଲିଟର ୫୦୦ ମିଲିଲିଟର ବେଆଇନ ବିଦେଶୀ ମଦ ବାହାରିଥିଲା । ଏହାପରେ ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ।



# ଡ.ଶ୍ୟାମସୁନ୍ଦର ଧରଙ୍କୁ ଭୂମାଶ୍ରୀ ସମ୍ମାନ

**ସମ୍ବଲପୁର, ୭।୪(ସମିସ)**

ବିଶିଷ୍ଟ ସାହିତ୍ୟିକ କ୍ଷମାସାଗର ଦାଶଙ୍କ ସ୍ମୃତିରେ ସ୍ଥାନୀୟ ପବ୍ଲିକ ଲାଇବ୍ରେରୀଠାରେ ସମ୍ବଲପୁରର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ବସୁମତୀ ସାହିତ୍ୟ ସଂସଦ ପକ୍ଷରୁ ଏକ ସଭା ଅନୁଷ୍ଠିତ ହୋଇଯାଇଛି । ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ ସଂସଦ ପକ୍ଷରୁ ସାହିତ୍ୟିକ ଡ.ଶ୍ୟାମସୁନ୍ଦର ଧରଙ୍କୁ 'ଭୂମାଶ୍ରୀ ସମ୍ମାନ' ପ୍ରଦାନ କରାଯାଇଥିଲା । ପ୍ରଫେସର କୁମୁଦ ରଞ୍ଜନ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସଂସଦର ତ୍ରୈମାସିକ ସାହିତ୍ୟ ପତ୍ରିକାର ଜାନୁଆରି-ମାର୍ଚ୍ଚ ସଂଖ୍ୟା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ପତ୍ରିକାର ସମ୍ପାଦକ କବି ସୌଭାଗ୍ୟବନ୍ତ ମହାରଣା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଂସଦର ସମ୍ପାଦକ ଡା.ଗୁଣସାଗର ଦାଶ ସଭା ସଂଯୋଜନା କରିଥିଲେ । ସାହିତ୍ୟିକ ଡ.ମନୋଜ କୁମାର ପଣ୍ଡା ସଦ୍ୟ ଉନ୍ମୋଚିତ ପତ୍ରିକାର ସମୀକ୍ଷା କରିବାକୁ ଯାଇ କହିଥିଲେ, ଏହି ସଂଖ୍ୟାରେ ଆମ ଅଞ୍ଚଳର ଦୁଇଜଣ ବରେଣ୍ୟ ସାହିତ୍ୟ ସାଧକ ଡ. ମଙ୍ଗଳୁ ଚରଣ ବିଶ୍ୱାଳ ଓ ଡ. ପଞ୍ଚାନନ ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ସେ ପତ୍ରିକାରେ ସ୍ଥାନିତ ବିଭିନ୍ନ ବିଭାଗରେ ଥିବା ସାହିତ୍ୟ ଉପରେ ଆଲୋଚନା କରି ଏହାର ଆଇଏସ୍‌ବିନ ନଂ ପାଇଁ ଚେଷ୍ଟିତ ହେବାକୁ ସଂସଦକୁ ଅନୁରୋଧ କରିଥିଲେ । ମୁଖ୍ୟ ଅତିଥି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ବିଶ୍ୱରେ ସୃଷ୍ଟି ହୋଇଥିବା ବିଭିନ୍ନ ବୈଷମ୍ୟକୁ ଏଡାଇବାର ଶକ୍ତି ସାହିତ୍ୟରେ ରହିଛି । ଗୁଣାତ୍ମକ ରଚନାମାନ ସଂଗ୍ରହ କରି ସେଗୁଡିକୁ ନିୟମିତ ଭାବରେ ପତ୍ରିକାରେ ପ୍ରକାଶ କରିବା ଏକ କଷ୍ଟକର ବ୍ୟାପାର । କିନ୍ତୁ ସାମାଜିକ ସଂସ୍କୃତି କିଭଳି ଅପସଂସ୍କୃତି ଆଡ଼କୁ ନଯିବ ସେଥିପାଇଁ ସାହିତ୍ୟିକମାନେ ସଦା ପ୍ରୟାସିତ ରହି ଆସିଛନ୍ତି ଓ ଏହାକୁ ସାହିତ୍ୟିକମାନେ ନିଜ କର୍ତ୍ତବ୍ୟ ବୋଲି ଗ୍ରହଣ କରିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ । ସଭାପତିତ୍ୱ ଅଭିଭାଷଣରେ ଡ.ପାଣିଗ୍ରାହୀ କହିଥିଲେ, ଜ୍ଞାନ ସହ ବୁଦ୍ଧିର ଉଚିତ ମିଶ୍ରଣ ନରହିଲେ ମଣିଷକୁ ଜୀବନରେ ଅନେକ ସମସ୍ୟାର ସମ୍ମୁଖିନ ହେବାକୁ ପଡେ । ଅନୁରୂପ ସମସ୍ୟା ଆଜି ବହୁତ ଓଡ଼ିଆ ସାହିତ୍ୟ ପତ୍ରିକା ପାଇଁ ରହିଛି । ଯତ୍‌ଫଳରେ ସାହିତ୍ୟ ପତ୍ରିକାମାନ ସଂଘର୍ଷର ଶିକାର ହେଉଛନ୍ତି । ସଂସଦର କୋଷାଧ୍ୟକ୍ଷ ହରିନାରାୟଣ ପଣ୍ଡା ମାନପତ୍ର ପାଠ କରିଥିବା ବେଳେ କବି ଜୟକୃଷ୍ଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।



## ଭାଗବତ ସପ୍ତାହ ପାଇଁ କଳସ ଶୋଭାଯାତ୍ରା



**ସମ୍ବଲପୁର, ୭।୪(ସମିସ):** ଆସନ୍ତାକାଲି ଠାରୁ ଦୟାମଣି ବୃଦ୍ଧାଶ୍ରମ ଠାରେ ଆରମ୍ଭ ହେବାକୁ ଥିବା ଶ୍ରୀମଦ ଭାଗବତ ସପ୍ତାହ ଜ୍ଞାନଯଜ୍ଞ ପାଇଁ ଆଜି କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଭାଗବତ ସପ୍ତାହର ବ୍ୟାସ ବୃନ୍ଦାବନ ନିବାସୀ ବାବା ହରେକୃଷ୍ଣ ଦାସ ଓ ପୂର୍ବତନ ରାଜ୍ୟ ସଭା ସାଂସଦ ସୁଶ୍ରୀ ପ୍ରମିଳା ବହିଦାରଙ୍କ ନେତୃତ୍ୱରେ ଶତାଧିକ ମହିଳା ଏକ ଶୋଭାଯାତ୍ରାରେ ଦୁର୍ଗାପାଲି ପୋଖରୀରୁ ଘଣ୍ଟ, ଶଙ୍ଖ ଓ ସଂକୀର୍ତ୍ତନ ସହ ପୂର୍ଣ୍ଣକଳସ ଧରି ପ୍ରବଚନ ସ୍ଥଳୀକୁ ଯାଇଥିଲେ । ପଣ୍ଡିତ ବଳରାମ ଶାସ୍ତ୍ରୀ ପୂଜାର୍ଚ୍ଚନା କରିଥିବା ବେଳେ ବୃଦ୍ଧାଶ୍ରମର ଉପ-ସଭାପତି ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର, ସୂର୍ଯ୍ୟ ପଣ୍ଡା, ସ୍ନିଗ୍ଧାଶ୍ରୀ ବହିଦାର, ରାଜେନ୍ଦ୍ର ମହାପାତ୍ର, ଜ୍ୟୋତ୍ସ୍ନା ବହିଦାରଙ୍କ ସମେତ ଜ୍ଞାନଯଜ୍ଞର ୭ ଜଣ କର୍ତ୍ତା ସପତ୍ନୀକ କଳସ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ । ସମ୍ବିତ କୁମାର ପଣ୍ଡା ଓ ତାଙ୍କ ଧର୍ମପତ୍ନୀ ରଶ୍ମିତା, ଅମୀୟ ପାଣୀ ଓ ଅମିତା, ଅଖିଳ ରଞ୍ଜନ ପଟ୍ଟନାୟକ ଓ ସୁନନ୍ଦା, ରବି ପଟ୍ଟନାୟକ ଓ ପୂଜା, ମନୋଜ କୁମାର ମିଶ୍ର ଓ ମମତା, ଜୟଶଙ୍କର ପଟ୍ଟନାୟକ ଓ ସଲୀଳା ଓ ନୀଳମଣି ଦାସୀ (ନେତ୍ରମଣୀ) ଏହି ଜ୍ଞାନଯଜ୍ଞରେ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି । ଆସନ୍ତାକାଲି ଅପରାହ୍ନ ୪ଟା ରୁ ୭ଟା ପର୍ଯ୍ୟନ୍ତ ଭାଗବତ କଥା ଅନୁଷ୍ଠିତ ହେବ ।

## ପୁସ୍ତକ ଉନ୍ମୋଚିତ

**ସମ୍ବଲପୁର, ୭।୪(ସମିସ):** ସିଦ୍ଧେଶ୍ୱରୀ ଧର୍ମ ସଂସଦ ପକ୍ଷରୁ ଆଜି ଅପରାହ୍ନରେ କୁଞ୍ଜେଲପଡ଼ାସିତ୍ଥ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଗୋପୀନାଥ ଷଡ଼ଙ୍ଗୀଙ୍କ ରଚିତ ପୁସ୍ତକ 'ମୋ ଜୀବନୀ'ର ପ୍ରଥମ ଖଣ୍ଡ ଉନ୍ମୋଚିତ ହୋଇଯାଇଛି । ସମ୍ବଲପୁର ପକ୍ଷରୁ ସଂସଦର ଉପସଭାପତି ଅମୀୟ କୁମାର ପାଣିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବିଶିଷ୍ଟ ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇ ପୁସ୍ତକଟିକୁ ଉନ୍ମୋଚନ କରି ଏହି ପୁସ୍ତକଟି ବହୁତ ପାଠକୀୟତା ଲାଭ କରିବ ବୋଲି କହିଥିଲେ । ସଂସଦର ସମ୍ପାଦକ ସୁଶାନ୍ତ କୁମାର ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ଶଙ୍କର୍ଷଣ ଆଚାର୍ଯ୍ୟ, ଦୁଷ୍ମନ୍ତ ସାହୁ, ସୁବର୍ଣ୍ଣ ମେହେର, ସବିତା ମିଶ୍ର, ସବିତା ଷଡ଼ଙ୍ଗୀ ପ୍ରମୁଖ ଉନ୍ମୋଚିତ ପୁସ୍ତକ ଉପରେ ଆଲୋଚନା କରିଥିଲେ । ଶେଷରେ ଗୋପୀନାଥ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ ।




## ଗୋଶାଳାରେ ବିଜେଡି ବିଧାୟକ ପ୍ରାର୍ଥୀଙ୍କୁ ଭବ୍ୟ ସ୍ୱାଗତ



**ସମ୍ବଲପୁର, ୭।୪ (ସମିସ):** ସମ୍ବଲପୁର ଜିଲ୍ଲା ରେଙ୍ଗାଲି ନିର୍ବାଚନ ମଣ୍ଡଳୀର ଗୋଶାଳା ଛକରେ ଆଜି ରେଙ୍ଗାଲିର ବିଜେଡି ବିଧାୟକ ପ୍ରାର୍ଥୀ ସୁଦର୍ଶନ ହରିପାଲଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି । ସୁଦର୍ଶନ ହରିପାଲଙ୍କ ନାମ ଘୋଷଣା ହେବାପରେ ଗୋଶାଳାରେ ବିଜେଡି କର୍ମୀଙ୍କ ମଧ୍ୟରେ ଉଲ୍ଲାସ ଖେଳିଯାଇଥିଲା । ଆଜି ସନ୍ଧ୍ୟାରେ ହଜାର ହଜାର ବିଜେଡି କର୍ମୀଙ୍କ ନେତୃତ୍ୱରେ ଗୋଶାଳା ଛକରେ ବାଣ ଫୁଟାଇ, ମିଠା ବଣ୍ଟନ କରି ହରିପାଲଙ୍କୁ ସ୍ୱାଗତ କରାଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା । କାର୍ଯ୍ୟକ୍ରମରେ ରେଙ୍ଗାଲି ବ୍ଲକ ବିଜେଡି ସଭାପତି ଅଶୋକ ଗୁରୁ, ବିଜେଡି ବରିଷ୍ଠ ନେତା ଦେବେନ୍ ପତି, ପଣ୍ଡିତ ନିରଞ୍ଜନ ଷଡ଼ଙ୍ଗୀ, ଦିଗାମ୍ବର ସିଂ, ଜିତୁ ମିଶ୍ର, ଘୁନୁ ସିଂ, ଅରବିନ୍ଦ ତ୍ରିପାଠୀ, ଅକ୍ଷୟ ସ୍ୱାଇଁ, ସୁରୁ ରାଉତ, ଜିତୁ ନନ୍ଦ, ମନ ଥପା, ପବି ସ୍ୱାଇଁ, ବୁଲୁ ଦେବତା, ଡ଼ଃ ହରୀ ନାଗ, ପ୍ରଶାନ୍ତ ସିଂ, ସୁରୁମାଲୁ, ଧରଣୀ ରଣା, ଆନନ୍ଦ ବିଶ୍ୱାଳ, ଟିଟୁ ପରିଡ଼ା, ମଣ୍ଟୁ ମହାନ୍ତି, ଅରୁଣ ରୋହିଦାସ, ସମ୍ପଦ ପ୍ରଧାନ ସମେତ ଅନେକ ବିଜେଡି କର୍ମୀ ଉପସ୍ଥିତ ଥିଲେ । ଶ୍ରୀ ହରିପାଲ ଗୋଶାଳା ଛକରେ ଥିବା ହନୁମାନ ମନ୍ଦିରକୁ ଯାଇ ଆଶୀର୍ବାଦ ଗ୍ରହଣ କରିଥିଲେ ।

## ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ



**ହୀରାକୁଦ, ୭।୪(ସମିସ):** ସ୍ଥାନୀୟ ଆର୍ଯ୍ୟ ସମାଜ ମନ୍ଦିରରେ ମହର୍ଷି ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ୨୦୦ତମ ଜୟନ୍ତୀ ଏବଂ ମନ୍ଦିରର ୬୮ ତମ ବାର୍ଷିକ ମହୋତ୍ସବ ଅନୁଷ୍ଠିତ ହୋଇଛି । ଏହି ଅବସରରେ ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ବୈଦିକ ଯଜ୍ଞ ହୋଇଥିଲା । ଏହି ଯଜ୍ଞ ସ୍ୱାମୀ ଭାଗବତାନନ୍ଦ ସରସ୍ୱତୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଏଥିରେ ସ୍ୱାମୀ ବ୍ରତାନନ୍ଦ ସରସ୍ୱତୀ (ଗୁରୁକୁଳ ଆଶ୍ରମ ଆମସେନା), ଡ. ସୁଦର୍ଶନ ଦେବାର୍ଯ୍ୟ (ଗୁରୁକୁଳ ହରିପୁର), ସ୍ୱାମୀ ବିଶୁଧାନନ୍ଦ ସରସ୍ୱତୀ, ସ୍ୱାମୀ ସୋମବେଶ, ସ୍ୱାମୀ ନାରଦାନନ୍ଦ ସରସ୍ୱତୀ, ପଣ୍ଡିତ ଦୀନମଣି ଆର୍ଯ୍ୟ ଯୋଗଦାନ କରିଥିଲେ । ଏହି ଅବସରରେ ଧ୍ୱଜା ଉତ୍ତୋଳନ, ଯଜ୍ଞ, ଭଜନ ପ୍ରବଚନ ସହ ସନ୍ଧ୍ୟା ଉପାସନା, ପୂର୍ଣ୍ଣାହୁତି, ଶାନ୍ତିପାଠ ଓ ପ୍ରସାଦ ସେବନ ହୋଇଥିଲା । ସ୍ଥାନୀୟ ମନ୍ଦିର କମିଟିର ସତ୍ୟାନନ୍ଦ ସାହୁ, ତରୁଣ ମାଝୀ, ଧନଞ୍ଜୟ ବର୍ଲା, ସୁରେଶ ମାଝୀ, ଈଶ୍ୱର ବଡ଼ପଣ୍ଡା, ଧନରାଜ୍ ଆରୋରା, ହରିଭୂଷନ୍ ସିଂ, ଅନିଲ ଅରୋରା, ବୈକୁଣ୍ଠ ସାହୁ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ।

## ବଜରଙ୍ଗ ଦଳ ପକ୍ଷରୁ ଶ୍ମଶାନଘାଟ ସଫେଇ

**ସମ୍ବଲପୁର, ୭।୪(ସମିସ):** ରବିବାର ସସମ୍ବଲପୁର ବଜରଙ୍ଗଦଳ ମହାନଗର ଶାଖା ପକ୍ଷରୁ ହୀରାକୁଦ ସ୍ତରର ଫଲସାକଟାଠାରେ ଥିବା ଶ୍ମଶାନଘାଟକୁ ସଫେଇ କରାଯାଇଥିଲା । ଦଳର ସଂଯୋଜକ ବିକାଶ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଶ୍ମଶାନର ଚାରିପାଖ ସଫାସୁତୁରା କରାଯାଇଥିଲା । ଶ୍ମଶାନ ଘାଟରେ୨ ଗୋଟି ଶବଦାହ ବ୍ୟବସ୍ଥା ଥିବାବେଳେ ଆଉ ୨ଗୋଟି ଶବଦାହ ବ୍ୟବସ୍ଥା କରିବାକୁ ଦଳ ପକ୍ଷରୁ ଦାବି ହୋଇଛି । ବିଦ୍ୟୁତ୍ ମାଧ୍ୟମରେ ଶବଦାହ ପାଇଁ ମଧ୍ୟ ଦଳ ପକ୍ଷରୁ ଦାବି ହୋଇଛି । ଏହି କାର୍ଯ୍ୟକ୍ରମରେ ବିଶ୍ୱହିନ୍ଦୁ ପରିଷଦର ଓଡ଼ିଶା ପଶ୍ଚିମ ପ୍ରାନ୍ତର ସେବା ପ୍ରମୁଖ ବିପିନ ଗଡ଼ନାୟକ, ବଜରଙ୍ଗଦଳ ସମ୍ବଲପୁର ମହାନଗର ଶାଖାର ସଭ୍ୟ ଆକାଶ ବେହେରା, ଅଭିଷେକ କଲେତ, ବିକ୍ରମ ମିର୍ଦ୍ଧା, ରିଶିକେଶ ରାମ, ସୋନୁ ବେହେରା, ବିକି ବେହେରା, ପ୍ରମୋଦ ମିର୍ଦ୍ଧା, ମନୋଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।



## ଭିମସାର ନର୍ସିଂ କଲେଜରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ

**ବୁର୍ଲା, ୭।୪(ସମିସ):** ଇଣ୍ଡିଆନ ପବ୍ଲିକ ହେଲ୍‌ଥ ଆସୋସିଏସନ ବା ଆଇପିଏଚ୍‌ଏର ଓଡ଼ିଶା ଶାଖା ପକ୍ଷରୁ ବୁର୍ଲା ଭିମାସର ନର୍ସିଂ କଲେଜ ପରିସରରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଭିମସାର ସୁପରିଟେଣ୍ଡେଣ୍ଟ ପ୍ରଫେସର ଲାଲମୋହନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରିଥିଲେ । ଏହି ଅବସରରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ନର୍ସିଂ କଲେଜର ପ୍ରିନ୍ସିପାଲ କୃତିଦୀପା ମହାନ୍ତି ପ୍ରାଚୀନ ଯୁଗରୁ ସ୍ୱାସ୍ଥ୍ୟ ବିଷୟରେ ଥିବା ଉକ୍ତି ସମ୍ପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ଆଇପିଏଚ୍‌ଏ ଓଡ଼ିଶା ଶାଖାର ସାଧାରଣ ସମ୍ପାଦକ ଡାକ୍ତର ସଞ୍ଜୀବ ମିଶ୍ର, ପ୍ରଫେସର ସୁବ୍ରତ କୁମାର ପ୍ରଧାନ, ନର୍ସିଂ କଲେଜର ପୂର୍ବତନ ଅଧ୍ୟକ୍ଷା ଲିଲାରାଣୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।



## ଫଗୁନ୍ ମିଲନ୍ କାର୍ଯ୍ୟକ୍ରମ

**ସମ୍ବଲପୁର, ୭।୬(ସମିସ):** ସମ୍ବଲପୁର ସାମ୍ବାଦିକ ଭବନଠାରେ 'ଫଗୁନ୍ ମିଲନ' କାର୍ଯ୍ୟକ୍ରମ ହୋଇଛି । ସମ୍ବଲପୁର ଜିଲ୍ଲା ସାମ୍ବାଦିକ ସଂଘ ଓ ମୋର ଭାଷାର ମହକ ସମ୍ବଲପୁରୀ ଅନୁଷ୍ଠାନ ପକ୍ଷରୁ ମିଳିତ ଭାବରେ ଆୟୋଜନ ହୋଇଥିଲା । କାର୍ଯ୍ୟକ୍ରମରେ କମଳଲୋଚନ ପଣ୍ଡା ସଭାପତିତ୍ୱ କରିଥିବାବେଳେ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ସୁବାଷ ଚନ୍ଦ୍ର ପାଣିଗ୍ରାହୀ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ । ଏହି ଅବସରରେ ତ୍ରିଲୋଚନ ତ୍ରିପାଠୀଙ୍କ ସଂଯୋଜନାରେ ଫଗୁନ୍ ଉପରେ ଆଧାରିତ କବିତା ପାଠ, ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ପରିଶେଷରେ ସମ୍ବଲପୁର ଜିଲ୍ଲା ସାଧାରଣ ସଂଘର ଜିଲ୍ଲା ସାଧାରଣ ସମ୍ପାଦକ ଶଙ୍କର ହେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ




**ସମ୍ବଲପୁର, ୭।୪(ସମିସ):** ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟରେ ଏଡ୍‌ସ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଲେଜର ଯୁବ ରେଡକ୍ରସ୍ ଓ ରେଡ୍ ରିବନ କ୍ଲବ୍ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳ ସଭାପତିତ୍ୱ କରିଥିଲାବେଳେ ପ୍ରଶାସନିକ ଅଧିକାରୀ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ମଞ୍ଚାସୀନ ଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ କାଉନସେଲର ତଥା ଆଇସିଟିସି ସୁପରଭାଇଜର ରୋଜାଲିନ ପଣ୍ଡା ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଏଡ୍‌ସ ରୋଗର କାରଣ, ଲକ୍ଷଣ, ଚିକିତ୍ସା, ନିରାକରଣ ନିମନ୍ତେ ସଚେତନତା ସୃଷ୍ଟି କରିବା ଉପରେ ଆଲୋଚନା କରିଥିଲେ । ଅନ୍ୟତମ ଆଲୋଚିକା ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡିଏସଆରସି କାଉନସେଲର ଶ୍ରାବଣୀ ପଟ୍ଟନାୟକ ଯୋଗଦେଇଥିଲେ । ଏସ୍‌ଟିଆଇ ଓ ଆର୍‌ଟିଆଇ ରୋଗର ଭୟାବହତା, ଚିକିତ୍ସା, ଲକ୍ଷଣ ଇତ୍ୟାଦି ସମ୍ପର୍କରେ ସୂଚନା ଦେଇ ସେ କହିଥିଲେ ଯେ ସେସବୁ ଆଜିର ସମୟରେ ସାଧାରଣ ରୋଗ ବିଶେଷ ହୋଇଗଲାଣି । ତେଣୁ ଲୋକଙ୍କ ମଧ୍ୟରେ ସେ ବିଷୟରେ ସଠିକ ଆଲୋଚନା ଓ ସଚେତନତା ସୃଷ୍ଟି କରିବା ଆବଶ୍ୟକତା ରହିଛି । ଏହି ଉତ୍ସବରେ କଲେଜର ଉଦ୍ଭିଦ ବିଜ୍ଞାନୀ ତଥା ଯୁବ ରେଡକ୍ରସ୍‌ର ଜିଲ୍ଲା କୋଅଡିନେଟର ପ୍ରଫେସର ପବିତ୍ର ମୋହନ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କଲେଜର ଯୁବ ରେଡକ୍ରସ୍ କାର୍ଯ୍ୟକ୍ରମ ଅଧିକାରୀ ପ୍ରଫେସର ଦୀପକ କୁମାର ଓଝା ଧନ୍ୟବାଦ ଅର୍ପଣ କରିଥିଲେ । ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଭାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକାଙ୍କ ସମେତ ଶତାଧିକ ଛାତ୍ରୀ ତଥା ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ ।


